# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୯/୨୦୧୮ (୨୦ ପୃଷ୍ଠା) | Bhubaneswar, Friday, November 9/ 2018 | ★★★★★★

୪୪ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ମହିଳା, ପୁରୁଷଙ୍କୁ ସଚେତନ କରିଛି '# ମିଟୁ': ଆୟେଶା**

'# ମିଟୁ' ଆନ୍ଦୋଳନ ମହିଳା ଓ ପୁରୁଷଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିବା ପ୍ରକାଶ କରିଛନ୍ତି ଅଭିନେତ୍ରୀ ଆୟେଶା ଚୋପ୍ରା ।

୦୯

୧୭

**ଆର୍‌ବିଆଇ ଗଭର୍ନରଙ୍କଠାରୁ କେନ୍ଦ୍ର ଅର୍ଥ ମନ୍ତ୍ରୀ ବଡ଼**

ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କଠାରୁ ଅର୍ଥମନ୍ତ୍ରୀ ବଡ଼। ତାଙ୍କ ମତକୁ ଗଭର୍ନର ସମ୍ମାନ ଦେଇ କାର୍ଯ୍ୟ କରିବାକୁ ହେବ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ କହିଛନ୍ତି।








## ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ




ପୁରୀ ଅଫିସ,୮।୧୧

ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ। କେତେବେଳେ ଭକ୍ତ ସେଲ୍‌ଫି ଉଠାଇ ପୋଷ୍ଟ କରୁଛନ୍ତି ତ ଆଉ କେତେବେଳେ ପୋଲିସ କର୍ମଚାରୀ। ଗୁରୁବାର ପୁଣି ଏକ ଭାଇରାଲ ପଦାକୁ ଆସିଛି। କେତେଜଣ ଇସ୍କନ ଭକ୍ତ କୋଇଲି ବୈକୁଣ୍ଠ, କୀର୍ତ୍ତନ ଚକଡ଼ା, ରୋଷଘର ଆଦିର ଫଟୋକୁ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ହେଲେ ହିତେଶ ସୋନାନୀ ନାମକ ଜଣେ ବ୍ୟକ୍ତିଙ୍କ ଫେସ୍‌ବୁକ ଆକାଉଣ୍ଟରେ ☞ପୃଷ୍ଠା-୪

**ବିମୁଦ୍ରୀକରଣକୁ ପୂରିଲା ୨ବର୍ଷ**
**ସରକାର-ବିରୋଧୀ ମୁହାଁମୁହିଁ**
........୧୭........

**ଆଜିର ସମ୍ପାଦକୀୟ**
**ପୁନଃ ଆହ୍ୱାନ**

**ଆଜିର ମନ୍ତବ୍ୟ**

"ବିମୁଦ୍ରୀକରଣ ହେଉଛି ସବୁଠାରୁ ବଡ଼ ବିଫଳ ଅର୍ଥନୈତିକ ଗବେଷଣା ।
– ଅଜିତ ପାୱାର, ଏନ୍‌ସିପି ନେତା

**କିଛି ତଥ୍ୟ**

ଚଳିତ ବର୍ଷ ଅକ୍ଟୋବର ୩୧ ସୁଦ୍ଧା ରପ୍ତାନିକାରୀଙ୍କ ୮୨,୭୭୫ କୋଟି ଟଙ୍କାର ଜିଏସ୍‌ଟି ରିଫଣ୍ଡ ପ୍ରଦାନ କରାଯାଇଛି।
– ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 08.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 117 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 64 | 111 | 121 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers




ବୀରେନ୍ଦ୍ର ଲାକ୍ରା

# ଭାରତୀୟ ଦଳରେ ବୀରେନ୍ଦ୍ର, ଅମିତ



ଅମିତ ରୋହିଦାସ

**ହକି ବିଶ୍ୱକପ୍**

ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ହକି ପାଇଁ ବଡ଼ ଖବର। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହକି ବିଶ୍ୱକପ ପାଇଁ ଗୁରୁବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ବୀରେନ୍ଦ୍ରଙ୍କ ପାଇଁ ଏହା ଦ୍ୱିତୀୟ ବିଶ୍ୱକପ ହେବାକୁ ଯାଉଥିବାବେଳେ ଅମିତଙ୍କ ପାଇଁ ପ୍ରଥମ ଅନୁଭୂତି ସାଉଁଟିବାର ସମୟ ଆସିଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଥିବା ୧୮ ଜଣିଆ ଦଳର ଅଧିନାୟକ ଦାୟିତ୍ୱ ମିଡ୍‌ଫିଲ୍ଡର ମନପ୍ରୀତ ସିଂଙ୍କ ଉପରେ ନ୍ୟସ୍ତ କରାଯାଇଛି। ଚିଙ୍ଗଲେନସାନା ସିଂ କାଙ୍ଗୁଜାମ୍ ଉପଅଧିନାୟକ ମନୋନୀତ ହୋଇଛନ୍ତି। ବୀରେନ୍ଦ୍ର ଓ ଅମିତ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ଓଡ଼ିଶା ହକି ମହଲରେ ସ୍ୱାଭାବିକ ଭାବେ ଆନନ୍ଦର ଲହରି ଖେଳିଯାଇଛି। ପ୍ରକାଶ ଯୋଗ୍ୟ ଯେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଏବଂ ବିଶ୍ୱକପ କ୍ୟାମ୍ପ ପାଇଁ ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇ ନ ଥିଲା। ବୀରେନ୍ଦ୍ର ଆହତ ଥିବା ଦର୍ଶା ଯାଇଥିବାବେଳେ ଅମିତଙ୍କୁ ଅଣଦେଖା କରାଯାଇଥିଲା। ଏହାକୁ ନେଇ ଧରିତ୍ରୀ ସମେତ ଓଡ଼ିଶାର ଅନେକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଅମିତ କ୍ୟାମ୍ପରେ ଟ୍ରେନିଂ ନେଉଛନ୍ତି ବୋଲି କହି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ସମସ୍ତଙ୍କୁ ବିସ୍ମିତ କରିଥିଲେ। ମାତ୍ର ଏସିଆନ ଚାମ୍ପିୟନ୍ସ ଟ୍ରଫି ଦଳରେ ତାଙ୍କୁ ସାମିଲ କରାଯାଇ ନ ଥିଲା। କେବଳ କୋର୍ ଗ୍ରୁପ ଖେଳାଳି ହିଁ ଚୂଡ଼ାନ୍ତ ଦଳରେ ☞ପୃଷ୍ଠା-୪

■ ଦାନ୍ତେୱାଡ଼ାରେ ଲାଲ୍ ଆତଙ୍କ

# ବିସ୍ଫୋରଣରେ ୫ ନିହତ

ରାୟପୁର/ମାଲକାନଗିରି, ୮।୧୧(ପି.ଟି./ଡି.ଏନ୍.ଏ.)

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାରେ ପୁଣିଥରେ ରକ୍ତର ହୋଲି ଖେଳିଛନ୍ତି ମାଓବାଦୀ। ସେମାନଙ୍କ ଆକ୍ରମଣରେ ଜଣେ ସିଆଇଏସ୍‌ଏଫ୍ ଯବାନ ଶହୀଦ ହୋଇଥିବାବେଳେ ୪ ସାଧାରଣ ନାଗରିକ ନିହତ ହୋଇଛନ୍ତି। ବିଧାନସଭା ନିର୍ବାଚନକୁ ୪ ଦିନ ବାକି ଥିବାବେଳେ ମାଓବାଦୀମାନେ ଲାଲ ଆତଙ୍କ ଖେଳାଇ ସୁରକ୍ଷା ବଳକୁ ପୁଣି ଚ୍ୟାଲେଞ୍ଜ କରିଛନ୍ତି। ୧୫ ଦିନ ମଧ୍ୟରେ ରାଜ୍ୟରେ ଏହା ହେଉଛି ତୃତୀୟ ମାଓବାଦୀ ଆକ୍ରମଣ। ଛତିଶଗଡ଼ର ମାଓବାଦୀ ପ୍ରଭାବିତ ୧୮ ବିଧାନସଭା ନିର୍ବାଚନମଣ୍ଡଳୀରେ ସୋମବାର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାନ୍ତେୱାଡ଼ାରୁ ୧୦୦ କି.ମି. ଦୂର ଜଗଦଲପୁର ଜିଲାକୁ ଶୁକ୍ରବାର ଭାଜପା ପାଇଁ ନିର୍ବାଚନ ପ୍ରଚାରରେ ଯିବେ। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ବସ୍ତର ଅଞ୍ଚଳକୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଆସୁଛନ୍ତି। ଏହାର ଅବ୍ୟବହିତ ପୂର୍ବରୁ ମାଓବାଦୀମାନେ ରାଜଧାନୀ ରାୟପୁରରୁ ୪୫୦ କି.ମି. ଦୂରରେ ଆଇଇଡି ବିସ୍ଫୋରଣ କରି ୫ ଜଣଙ୍କ ଜୀବନ ନେଇଛନ୍ତି। ମିଳିଥିବା ସୂଚନାନୁସାରେ, ☞ପୃଷ୍ଠା-୪



ମାଓବାଦୀଙ୍କ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବସ୍।

**୧୫ ଦିନରେ ତୃତୀୟ ଆକ୍ରମଣ**

- ■ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଟାର୍ଗେଟ
- ■ ଆଇଇଡି ବିସ୍ଫୋରଣରେ ଉଡିଗଲା ବସ୍
- ■ ସିଆଇଏସ୍‌ଏଫ୍ ଯବାନ ଶହୀଦ
- ■ ଅନ୍ୟ ୪ ଜଣଙ୍କ ମୃତ୍ୟୁ

# ସୁନ୍ଦରୀକୁ ନନ୍ଦନକାନନ ମନା

ଭୁବନେଶ୍ୱର,୮।୧୧(ବ୍ୟୁରୋ)

**ସିଜେଡ୍‌ଏ ଚିଠିକୁ ନେଇ ଅଡୁଆରେ ବନ ବିଭାଗ**



ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ଆସିଥିବା ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ଆସିଥିବା ବାଘୁଣୀ ସୁନ୍ଦରୀକୁ ନେଇ ବନ ବିଭାଗ ଅଡୁଆରେ ପଡ଼ିଛି। ସୁନ୍ଦରୀକୁ ଜଙ୍ଗଲ ଭିତରେ ରଖିବାରେ ବିଫଳ ହେଉଥିବା ବନ ବିଭାଗ ନନ୍ଦନକାନନରେ ରଖିବାକୁ ନିଷ୍ପତ୍ତି ନେଇଥିଲା। ହେଲେ କେନ୍ଦ୍ର ଚିଡ଼ିଆଖାନା କର୍ତ୍ତୃପକ୍ଷ(ସିଜେଡ୍‌ଏ) ବାଘୁଣୀକୁ ନନ୍ଦନକାନନକୁ ସ୍ଥାନାନ୍ତର କରିବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି। ଜାତୀୟ ଚିଡ଼ିଆଖାନା ନୀତି (ଏନ୍‌ଜେଡ୍‌ପି)ଅନୁଯାୟୀ ଅତି ସୁନ୍ଦରୀ ପରିସ୍ଥିତି ନ ଉପୁଜିଲେ ବନ୍ୟପ୍ରାଣୀଙ୍କୁ ଜଙ୍ଗଲରୁ ସିଧାସଳଖ ଚିଡ଼ିଆଖାନାକୁ ନିଆଯାଇପାରିବ ନାହିଁ। ଏ ନେଇ ସିଜେଡ୍‌ଏ ମେମ୍ବର ସେକ୍ରେଟାରି ଡି.ଏନ୍. ସିଂ ରାଜ୍ୟ ସରକାରଙ୍କ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀଙ୍କୁ ଚିଠି ଲେଖି ଜଣାଇଦେଇଛନ୍ତି। ନ୍ୟାଶନାଲ ଜୁ ପଲିସି,୧୯୯୮ ଅନୁଯାୟୀ ପିଲା ଜନ୍ମଦେବାକୁ ଥିବା କିମ୍ବା ନୂତନ ବଂଶବିସ୍ତାର ପାଇଁ ରକ୍ତଦେବା ନିମନ୍ତେ ବଣରୁ ନନ୍ଦନକାନନକୁ ବନ୍ୟପ୍ରାଣୀମାନଙ୍କୁ ନିଆଯାଇପାରିବ। ଜଣେ ବନ୍ୟପ୍ରାଣୀ କାର୍ଯ୍ୟକର୍ତ୍ତାଙ୍କ ଅଭିଯୋଗ ଆଧାରରେ ସିଜେଡ୍‌ଏ ରାଜ୍ୟ ସରକାରଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଏନ୍‌ଜେଡ୍‌ପିକୁ ଆମୂଳଚୂଳ ଅଧ୍ୟୟନକରି ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ବାଘ ବଂଶ ବୃଦ୍ଧି କରିବାକୁ ରାଜ୍ୟ ସରକାର ସୁନ୍ଦରୀକୁ ବାନ୍ଧବଗଡ଼ରୁ ଜୁନ୍ ୨୮ ତାରିଖରେ ଆଣି ଅଗଷ୍ଟରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ଛାଡିଥିଲେ। ତେବେ ସୁନ୍ଦରୀ ଅନୁଗୋଳ ଜିଲାର ☞ପୃଷ୍ଠା-୪

# ଯୁବକଙ୍କୁ ଦଳିଦେଲା ଯଶୋଦା

ବନ୍ତଳା, ୮।୧୧(ଡି.ଏନ.ଏ.)



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରିବା ପାଇଁ ଚନ୍ଦକାରୁ ଆସିଥିବା କୁମକୀ ହାତୀ ଯଶୋଦା ଆକ୍ରମଣରେ ଗୁରୁବାର ପୁରୁଣାକୋଟ ଗ୍ରାମର ସୁଦ୍ଧୁର ପ୍ରଧାନ (୪୫)ଙ୍କ ମୃତ୍ୟୁ ହୋଇଛି।

ଘଟଣାରୁ ପ୍ରକାଶ, ପୁରୁଣାକୋଟ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖ ନନ୍ଦିନୀ ନାଳ ନିକଟରେ ମାହୁନ୍ତ ଯଶୋଦାକୁ ନେଇ ବାଉଁଶ ଖାଇବା ପାଇଁ ବାନ୍ଧି ଆସିଥିଲେ। ସୁଦ୍ଧୁର ସେହି ନାଳରୁ ମାଛ ମାରିବା ପାଇଁ ଯାଇଥିବା ବେଳେ ଏକ କଦଳି ଗଛ ହାତୀକୁ ଖୁଆଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ହାତୀ ଶୁଣ୍ଢରେ ତାଙ୍କୁ କଚାଡି ଦେବାସହ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଆଇଆଇସି ବିଜୟ କୁମାର ହାଇବ୍ରୋ, ରେଞ୍ଜର ଗଜେନ୍ଦ୍ର ବେହେରା ପ୍ରମୁଖ ପହଞ୍ଚି ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ସମ୍ପର୍କୀୟ ଓ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ଗଜେନ୍ଦ୍ର ବେହେରା କହିଛନ୍ତି, ଯଶୋଦା ପାଖକୁ ଯିବା ପାଇଁ ଲୋକମାନଙ୍କୁ ପୂର୍ବରୁ ବାରଣ କରାଯାଇଥିଲା।

# ରାଜସ୍ଥାନରେ ଭାଜପା ହାରିବ

■ ଏମ୍‌ପି, ଛତିଶଗଡ଼ରେ କଡ଼ା ଟକ୍କର

ନୂଆଦିଲ୍ଲୀ,୮।୧୧

**ଇଣ୍ଡିଆ ଟୁଡେ-ପିଏସ୍‌ଇ ସର୍ଭେ**



ଅଶୋକ ଗେହଲଟ

- ■ ତେଲେଙ୍ଗାନାରେ ପୁଣି ଜିତିବେ କେସିଆର୍
- ■ ରାଜସ୍ଥାନରେ ଅଶୋକ ଗେହଲଟ୍ ପ୍ରଥମ ପସନ୍ଦ
- ■ ଶିବରାଜଙ୍କୁ ଚାହାନ୍ତି ୪୨% ମଧ୍ୟପ୍ରଦେଶ ଭୋଟର
- ■ ରମଣ ସିଂଙ୍କ ପୁନଃ କ୍ଷମତା ଦଖଲ ସମ୍ଭାବନା ୫୫%



କେ.ଚନ୍ଦ୍ରଶେଖର ରାଓ

୫ ରାଜ୍ୟରେ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ସମୀକରଣ ସେତିକି ବଦଳିବାରେ ଲାଗିଛି। ଭାଜପା ଶାସିତ ୩ ରାଜ୍ୟରେ ଏହି ଦଳର ସ୍ଥିତି ଟଳମଳ ଅବସ୍ଥାରେ। ରାଜସ୍ଥାନରେ ଭାଜପା ହାରିବ। ମଧ୍ୟପ୍ରଦେଶ (ଏମ୍‌ପି) ଏବଂ ଛତିଶଗଡ଼ରେ ଗୈରିକ ଦଳକୁ କଡ଼ା ଟକ୍କର ଦେବ କଂଗ୍ରେସ। ଇଣ୍ଡିଆ ଟୁଡେର ପଲିଟିକାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ପିଏସ୍‌ଇ) ପକ୍ଷରୁ କରାଯାଇଥିବା ସଦ୍ୟ ସର୍ଭେରେ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଗୈରିକ ଦଳର ଶିବିରରେ ନୈରାଶ୍ୟ ଖେଳିଯାଇଛି। ଏହାସତ୍ତ୍ୱେ ଭାଜପା ୩ ରାଜ୍ୟକୁ ପୁନଃ ଦଖଲ କରିବ ବୋଲି ଦୃଢ଼ୋକ୍ତି ବାଢ଼ିଛି।

ପିଏସ୍‌ଇ ପକ୍ଷରୁ ଗୁରୁବାର ପ୍ରକାଶିତ ସର୍ଭେ ରିପୋର୍ଟ ଅନୁସାରେ ମଧ୍ୟପ୍ରଦେଶରେ ଭାଜପା ପୁନଃ କ୍ଷମତାସୀନ ହେବାର ୫୨% ସମ୍ଭାବନା ରହିଛି। ଏହି ରାଜ୍ୟରେ ଭାଜପାର ୧% ଓ ବିରୋଧୀ କଂଗ୍ରେସର ୩% ଭୋଟ ହାର ବଢ଼ିବ। ସହରାଞ୍ଚଳରେ ଭାଜପାକୁ ବଡ଼ ସଫଳତା ମିଳିବ। କିନ୍ତୁ ଗ୍ରାମାଞ୍ଚଳ ଭୋଟର ଗୈରିକ ଦଳକୁ ପ୍ରତ୍ୟାଖ୍ୟାନ କରିବେ। ଏଥର କଂଗ୍ରେସ-ବିଏସ୍‌ପି ମେଣ୍ଟକୁ କିଛିମାତ୍ରାରେ ସଫଳତା ମିଳିପାରେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିଲେ ଦଳ ଆଡ଼କୁ ଅଧିକ ଯୁବ ଭୋଟର ଆକର୍ଷିତ ହୋଇଥାଆନ୍ତେ। ୪୨% ଉତ୍ତରଦାତା ଶିବରାଜ ସିଂ ଚୌହାନଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଚାହୁଁଥିବାବେଳେ ୪୦% ସରକାର ବଦଳାଇବା ସପକ୍ଷରେ ଅଛନ୍ତି। ଏମ୍‌ପି ବିଧାନସଭା ନିର୍ବାଚନରେ ବେକାରି, କୃଷି ସମସ୍ୟା, ଦରଦାମ ବୃଦ୍ଧି, ପାନୀୟ ଜଳ ଆଦି ମୁଖ୍ୟ ପ୍ରସଙ୍ଗ ବୋଲି ୨୯ ସଂସଦୀୟ ଆସନର ୧୧,୭୧୨ ମତଦାତା ଟେଲିଫୋନ୍ ସାକ୍ଷାତ୍‌କାରରେ କହିଛନ୍ତି।

ପଡ଼ୋଶୀ ଛତିଶଗଡ଼ କଥା ଦେଖିଲେ ଏଠାରେ ମୁଖ୍ୟମନ୍ତ୍ରୀ ରମଣ ସିଂ ପୁଣି କ୍ଷମତା ଦଖଲ କରିବା ସମ୍ଭାବନା ୫୫%। ଅଜିତ୍ ଯୋଗୀଙ୍କ ଜନତା କଂଗ୍ରେସ ଛତିଶଗଡ଼ ଏବଂ ବିଏସ୍‌ପି ମେଣ୍ଟ ନିର୍ବାଚନରେ ଭାଜପା ପାଇଁ ସହାୟକ ହେଉଥିବା ଭଳି ମନେହେଉଛି। କାରଣ ଏହି ମେଣ୍ଟ ୭% ଭୋଟ ପାଇବ। ☞ପୃଷ୍ଠା-୧୪



"ରାଜ୍ୟୱାରି ମେଣ୍ଟ ହେଲେ କଂଗ୍ରେସକୁ ଅନେକ ଫାଇଦା ମିଳିବ । ଏଥିସହିତ ଭାଜପାକୁ ପରାଜିତ କରିବା ସହଜ ହୋଇଯିବ ।
- ପି. ଚିଦାବରମ୍, ବରିଷ୍ଠ କଂଗ୍ରେସ ନେତା

## ସଂକ୍ଷେପରେ

### କାଲିଫର୍ନିଆରେ ଗୁଳିକାଣ୍ଡ: ୧୨ ନିହତ



**ଥାଉଜେଣ୍ଡ ଓକ୍ସ,୮।୧୧(ପି.ଟି.)-** ଆମେରିକାର କାଲିଫର୍ନିଆରେ ଏକ ମ୍ୟୁଜିକ୍ ବାର୍‌ରେ ଘଟିଛି ନରସଂହାର। ବୁଧବାର ବିଳମ୍ବିତ ରାତିରେ କଲେଜ ଛାତ୍ରୀଛାତ୍ର ଜମାଥିବା ଏହି ବାର୍‌କୁ ଜଣେ ବନ୍ଧୁକଧାରୀ ପ୍ରବେଶ କରି ଆଖିବୁଜା ଗୁଳିମାଡ଼ କରିଛନ୍ତି। ଏଥିରେ ୧୨ ଜଣ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପୋଲିସ ଅଫିସର ଅଛନ୍ତି। ଲସ୍ ଏଞ୍ଜେଲସ୍ ଉପକଣ୍ଠରେ ଥିବା ବର୍ଡରଲାଇନ୍ ବାର୍‌ରେ ଆକ୍ରମଣକାରୀଙ୍କ ମୃତଦେହ ମଧ୍ୟ ମିଳିଛି। ତେବେ ପୋଲିସ ଗୁଳିମାଡ଼ରେ ସେ ପ୍ରାଣ ହରାଇଛନ୍ତି କିମ୍ବା ନିଜେ ଗୁଳିକରି ଆତ୍ମହତ୍ୟା କରିଛନ୍ତି, ତାହା ଜଣାପଡ଼ିନାହିଁ। ଏହି ଗୁଳିକାଣ୍ଡରେ ୧୦ରୁ ଊର୍ଦ୍ଧ୍ୱ ମଧ୍ୟ ଆହତ ହୋଇଛନ୍ତି ବୋଲି ଗୁରୁବାର ପୋଲିସ ସୂଚନା ଦେଇଛି। ଏହି ଆକ୍ରମଣର ଉଦ୍ଦେଶ୍ୟ କ'ଣ ଏବଂ ଗୁଳିମାଡ଼କାରୀ କିଏ, ସେ ସମ୍ପର୍କରେ ସ୍ପଷ୍ଟ ହୋଇନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ବୁଧବାର ରାତି ପ୍ରାୟ ୧୧ଟା ୨୦ରେ ବନ୍ଧୁକଧାରୀ ଉକ୍ତ ବାର୍‌କୁ ପ୍ରବେଶ କରି ଗୁଳି ଚଳାଇଥିଲେ।

### ଆଡଭାନୀଙ୍କୁ ୯୧



**ନୂଆଦିଲ୍ଲୀ,୮।୧୧(ପି.ଟି.)-** ବର୍ଷୀୟାନ ଭାଜପା ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଗୁରୁବାର ୯୧ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଉପଲକ୍ଷେ ତାଙ୍କ ଜନ୍ମଦିନ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଅଭିନନ୍ଦନ ଜଣାଇଛନ୍ତି। ଆଡଭାନୀ କେବଳ ଭାରତର ରାଜନୀତିକୁ ପ୍ରଭାବିତ କରିଛନ୍ତି ତାହା ନୁହେଁ, ବରଂ ନିଃସ୍ୱାର୍ଥପର ଭାବେ ଭାଜପାକୁ ସଙ୍ଗଠିତ କରିଛନ୍ତି ବୋଲି ମୋଦି ଟୁଇଟ୍ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଆଡଭାନୀଙ୍କୁ ଜଣେ ମହାନ୍ ରାଜନେତା ଭାବେ ଅଭିହିତ କରି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି।

### ଜିମ୍ବାୱେରେ ବସ୍ ଦୁର୍ଘଟଣା: ୪୭ ମୃତ

**ହାରାରେ,୮।୧୧(ପି.ଟି.)-** ଜିମ୍ବାୱେ ରାଜଧାନୀ ହାରାରେ ଏବଂ ପୂର୍ବାଞ୍ଚଳ ସହ ରୁସାପେ ମଧ୍ୟରେ ଏକ ଜାତୀୟ ରାଜପଥରେ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଦୁଇଟି ବସ୍ ଧକ୍କା ହେବା ଫଳରେ ୪୭ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଦେଶର ସରକାରୀ କଳ ଦ୍ୱାରା ପରିଚାଳିତ ଖବରକାଗଜ 'ହେରାଲ୍ଡ' ରିପୋର୍ଟ ଅନୁଯାୟୀ ଦୁର୍ଘଟଣାସ୍ଥଳର ଚିତ୍ର ଅତି ଭୟଙ୍କର ଥିଲା। ପ୍ରକାଶ ଯେ, ଜିମ୍ବାୱେରେ ଟ୍ରାଫିକ୍ ସମସ୍ୟା ଯୋଗୁ ଦୁର୍ଘଟଣା ଘଟିବା ନିତିଦିନିଆ କଥା। ବର୍ଷ ବର୍ଷ ଧରି ମରାମତି ହେଉ ନ ଥିବାରୁ ରାସ୍ତା ସାରା ଖାଲ ସୃଷ୍ଟି ହୋଇଛି। ତେଣୁ ଅଧିକ ସଂଖ୍ୟାରେ ଦୁର୍ଘଟଣା ଘଟୁଛି।

### ଆଫଗାନ୍ ତାଲିବାନ ସହ ଆଲୋଚନା କରିବ ଭାରତ

**ନୂଆଦିଲ୍ଲୀ,୮।୧୧(ଆଇଏଏନ୍ଏସ୍)-** ଯୁଦ୍ଧଗ୍ରସ୍ତ ଆଫଗାନିସ୍ତାନରେ ଶାନ୍ତି ଫେରାଇ ଆଣିବା ଲାଗି ରୁଷିଆ ରାଜଧାନୀ ମସ୍କୋରେ ଏକ ବେସରକାରୀ ସ୍ତରୀୟ ଆଲୋଚନା ହେବ, ଯେଉଁଥିରେ ଆଫଗାନ୍ ତାଲିବାନ ମଧ୍ୟ ଉପସ୍ଥିତ ରହିବ। ୯ ତାରିଖରେ ହେବାକୁ ଥିବା ଉକ୍ତ ବହୁପାକ୍ଷିକ ବୈଠକରେ ଭାରତ ସାମିଲ ହେବ ବୋଲି ଗୁରୁବାର ସ୍ପଷ୍ଟ ହୋଇଛି। ଏ ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ୍ କୁମାର ସୂଚନା ଦେଇଛନ୍ତି। ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ଲାଗି ଯେଉଁସବୁ ପଦକ୍ଷେପ ଗ୍ରହଣ ହେବ, ତାହାକୁ ନୂଆଦିଲ୍ଲୀ ସମର୍ଥନ ଜଣାଇବ। ଏହାଦ୍ୱାରା ଉକ୍ତ ରାଷ୍ଟ୍ରରେ ଏକତା, ନିରାପତ୍ତା, ସ୍ଥିରତା ଓ ସମୃଦ୍ଧି ଆସିପାରିବ ବୋଲି କୁମାର କହିଛନ୍ତି।

■ ଭାରତ ଉପରେ ଡ୍ରାଗନ୍ ଆଖି

# ଲୁଟିନେବ ପ୍ରତିରକ୍ଷା ତଥ୍ୟ

**ନୂଆଦିଲ୍ଲୀ,୮।୧୧**

## ୟୁନିଟ୍ ୬୧୩୯୮ର ସାଇବର ଆକ୍ରମଣ ଷଡ଼ଯନ୍ତ୍ର



ଭାରତର ପ୍ରତିରକ୍ଷା ତଥ୍ୟ ଉପରେ ଆଖି ପକାଇଛି ଡ୍ରାଗନ୍। ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ପାଇଁ ସାଇବର୍ ତଥ୍ୟ ଚୋରି କରୁଥିବା ସେନାର ୟୁନିଟ୍ ୬୧୩୯୮ ସାଇବର ଆକ୍ରମଣ କରି ଭାରତୀୟ ସେନାର ବହୁ ଗୋପନୀୟ ତଥ୍ୟ ହାତେଇବାକୁ ଷଡ଼ଯନ୍ତ୍ର ରଚିଛି। ଏହି ବିଷୟ ଜଣାପଡ଼ିବା ପରେ ଭାରତର ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ଆଲର୍ଟ ଜାରି କରାଯାଇଛି।

ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନାନୁସାରେ ଚାଇନାର କୁଖ୍ୟାତ୍ ସାମରିକ ୟୁନିଟ ୬୧୩୯୮ ଭାରତୀୟ ପ୍ରତିରକ୍ଷା ଘାଟିଗୁଡ଼ିକ ଉପରେ କଡ଼ା ନଜର ରଖିଛି। ୬୧୩୯୮ରେ କାର୍ଯ୍ୟରତ ସାଇବର ହ୍ୟାକର୍‌ମାନେ ସାଇବର୍ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସେମାନେ ଭୂଅବସ୍ଥିତି ଗୋଇନ୍ଦା ତଥ୍ୟ ସଂଗ୍ରହ, ସାଇବର ସ୍ପେସ୍‌ରୁ ସୂଚନା ଉତ୍ସ ଟ୍ରାକିଂ ବା ଠାବ କରିବା, ଇଣ୍ଟରସେପ୍‌ଶନ (ମଝିରେ ପ୍ରତିରୋଧ କରି ଛଡ଼ାଇନେବା) ଏବଂ ବିଶ୍ୱବ୍ୟାପୀ ଡିଜିଟାଲ ଯୋଗାଯୋଗକୁ ଆୟତ୍ତ କରି ତାକୁ ବୁଝିବା ଭଳି କାମରେ ସେମାନେ ବ୍ୟସ୍ତ ଅଛନ୍ତି। ୟୁନିଟ୍ ୬୧୩୯୮ର ମୁଖ୍ୟାଳୟ ସାଂଘାଇରେ ଅବସ୍ଥିତ। ଏହାର ହ୍ୟାକରମାନେ ଚାଇନା ଗୋଇନ୍ଦା ଅଧିକାରୀଙ୍କ ସହାୟତାରେ ଗୁପ୍ତଚରଗିରି କରୁଥିବା କୁହାଯାଉଛି। ସେମାନେ ବିଦେଶୀ ଶିଳ୍ପ ଓ ସରକାରୀ ସଂସ୍ଥାଗୁଡ଼ିକର ତଥ୍ୟ ଚୋରି କରିବା ପାଇଁ ଏପିଟି ସିଷ୍ଟମ୍‌କୁ ବ୍ୟବହାର କରିଥାନ୍ତି। ୟୁନିଟ୍ ୬୧୩୯୮ ତଥ୍ୟ ଲୁଟ୍ ପାଇଁ ଆଇସ୍ ବ୍ୟାଗ୍, ହିଡେନ୍ ଲିଙ୍କ୍ସ ଏବଂ ଏପିଟି ଭଳି କେତେକ ମାଲୱେର୍ ବ୍ୟବହାର କରୁଛି। ଏଭଳି ମାଲୱେର୍ ଜରିଆରେ ସେମାନେ ଭାରତୀୟ ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଲୁଟ୍ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ଏହା ଆମ ପାଇଁ ଚିନ୍ତାର ବିଷୟ ବୋଲି ପରିଚୟ ଗୋପନ ରଖିବା ସର୍ତ୍ତରେ ଜଣେ ଭାରତୀୟ ଗୋଇନ୍ଦା ଅଧିକାରୀ ଏକ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ପିଏଲ୍ଏର ଜେନେରାଲ୍ ଷ୍ଟାଫ୍ ଡିପାର୍ଟମେଣ୍ଟକୁ ୟୁନିଟ୍ ୬୧୩୯୮ ନାମରେ ନାମିତ କରାଯାଇଛି। ଏହା ପିଏଲ୍ଏର ପ୍ରତିରକ୍ଷା ସହାୟକ ବଳ। ତେଣୁ ଏହାକୁ ପିଏଲ୍ଏଏସ୍ଏସ୍ଏଫ୍ କୁହାଯାଏ। ଏଠାରେ ଚାଇନାର ଜାତୀୟ ପ୍ରତିରକ୍ଷା ନାମରେ ସ୍ୱତନ୍ତ୍ର ଫାଇବର ଅପ୍ଟିକ୍ କମ୍ୟୁନିକେଶନ୍ ଭିତ୍ତିଭୂମି ମଧ୍ୟ ରହିଛି। ଏସବୁକୁ ବ୍ୟବହାର କରି ଚାଇନା ପୂର୍ବରୁ ମଧ୍ୟ ଆମେରିକାର କେତେକ ସମ୍ବେଦନଶୀଳ ତଥ୍ୟ ଚୋରି କରିବାରେ ସକ୍ଷମ ହୋଇଥିଲା। ଏବେ ଭାରତୀୟ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଏହି ୟୁନିଟ୍‌ର ନଜର ଥିବାରୁ ଦେଶରେ ସାଇବର ନିରାପତ୍ତାକୁ କଡ଼ାକଡ଼ି କରାଯାଇଛି।

■ ସିବିଆଇରେ ଅନ୍ତର୍କନ୍ଦଳ

# ସିଭିସିଙ୍କ ନିକଟରେ ହାଜର ବର୍ମା

**ନୂଆଦିଲ୍ଲୀ, ୮।୧୧(ପି.ଟି.)**

## ଅସ୍ଥାନା ଆଣିଥିବା ଅଭିଯୋଗ ମିଥ୍ୟା ବୋଲି କହିଲେ ସିବିଆଇ ମୁଖ୍ୟ

ଦୁଇ ମୁଖିଆଙ୍କ ମଧ୍ୟରେ ଅହମିକାର ଲଢ଼େଇ ଯୋଗୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଭିତିରି କଥା ଦାଣ୍ଡରେ ପଡ଼ି ହାଟରେ ଗଡ଼ୁଛି। ଏତିକିବେଳେ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଆଣିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଦେଇଛି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)। ଗୁରୁବାର କମିଶନର କେ.ଭି. ଚୌଧୁରୀଙ୍କ ଆଗରେ ହାଜର ହୋଇ ସଫେଇ ଦେଇଛନ୍ତି ବର୍ମା। ଅପରାହ୍ନରେ ସିଭିସି କାର୍ଯ୍ୟାଳୟରେ ପହଞ୍ଚି ଚୌଧୁରୀ ଏବଂ ଭିଜିଲାନ୍ସ କମିଶନର ଶରଦ କୁମାରଙ୍କ ନିକଟରେ ହାଜର ହେବା ପରେ ବର୍ମାଙ୍କୁ ୨ ଘଣ୍ଟା ପଚରାଉଚରା କରାଯାଇଥିଲା। କିନ୍ତୁ ତାଙ୍କ ବିରୋଧରେ ଅସ୍ଥାନା ଆଣିଥିବା ଲାଞ୍ଚ ଅଭିଯୋଗ ମିଥ୍ୟା ବୋଲି ବର୍ମା କହିଛନ୍ତି। ଅସ୍ଥାନା ମଧ୍ୟ ସିଭିସିଙ୍କୁ ଭେଟିଥିବା ଅଧିକାରୀମାନେ କହିଛନ୍ତି।





ସିବିଆଇର ନମ୍ବର ୧ ଏବଂ ୨ ଅଫିସର ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ପରେ ବିବାଦ ଘନୀଭୂତ ହେବାରୁ ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଗଲା। ଏହି ଦୁର୍ନୀତି ମାମଲାର ତଦନ୍ତ ଦୁଇସପ୍ତାହ ମଧ୍ୟରେ ଶେଷ କରିବାକୁ ଗତ ଅକ୍ଟୋବର ୨୬ରେ ସିଭିସିକୁ ନିର୍ଦ୍ଦେଶ ଦେଇଥିଲେ ଅଦାଲତ। ବିବାଦ ବଢ଼ିବାରୁ ବର୍ମା ଏବଂ ଅସ୍ଥାନାଙ୍କୁ କାର୍ଯ୍ୟରୁ ନିବୃତ୍ତ କରିବା ଲାଗି ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଛନ୍ତି କେନ୍ଦ୍ର ସରକାର। ସିବିଆଇ ମୁଖ୍ୟଙ୍କ ନାଁରେ ଅସ୍ଥାନା ଲାଞ୍ଚ ଅଭିଯୋଗ ଆଣିବା ପରେ ଏହି ମାମଲାର ତଦନ୍ତ କରିଥିବା ସିବିଆଇ ଅଧିକାରୀମାନଙ୍କୁ ନିକଟରେ ଭିଜିଲାନ୍ସ କମିଶନ ପକ୍ଷରୁ ପଚରାଉଚରା କରାଯାଇଥିଲା। ସିବିଆଇର ଇନ୍ସପେକ୍ଟର ପାହ୍ୟାଠାରୁ ଆରମ୍ଭ କରି ଏସ୍‌ପି ପର୍ଯ୍ୟନ୍ତ ଅଧିକାରୀଙ୍କ ବୟାନ ରେକର୍ଡ କରାଯାଇଥିଲା।

ପ୍ରକାଶ ଯେ, ମାଂସ ରପ୍ତାନିକାରୀ ମୋଇନ୍ କୁରେଶୀଙ୍କ ନାଁରେ ଚାଲିଥିବା ମାମଲା ଚପାଇବା ଲାଗି ବ୍ୟବସାୟୀ ସାନା ସଥୀଶ ବାବୁ ଏବଂ ମଧ୍ୟସ୍ଥ ମନୋଜ ପ୍ରସାଦ ଓ ସୋମେଶ ପ୍ରସାଦଙ୍କ ଜରିଆରେ ଅସ୍ଥାନାଙ୍କୁ ୨ କୋଟି ଟଙ୍କା ଲାଞ୍ଚ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗତ ଅକ୍ଟୋବର ୧୫ରେ ତାଙ୍କ ବିରୋଧରେ ମଧ୍ୟ ଏତଲା ଦାଏର ହୋଇଥିଲା। ତେବେ ଅଗଷ୍ଟ ୨୪ରେ ଅସ୍ଥାନା ମଧ୍ୟ ବର୍ମାଙ୍କ ନାଁରେ ସମାନ ଅଭିଯୋଗ ଆଣିଥିଲେ। ସାନାଙ୍କୁ ଜେରାରୁ ଆଶ୍ୱସ୍ତି ଦେବା ଲାଗି ବର୍ମା ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ସେ ଦର୍ଶାଇଥିଲେ। ଏଭଳି ଆରୋପ ପ୍ରତ୍ୟାରୋପ ସିବିଆଇର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମହାମେଣ୍ଟ ପାଇଁ ଅଣ୍ଟା ଭିଡ଼ିଲେ ଚନ୍ଦ୍ରାବାବୁ ନାଇଡୁ

**ବାଙ୍ଗାଲୋର/କୋଲ୍‌କାତା, ୮।୧୧(ପି.ଟି.)**

## କୁମାରସ୍ୱାମୀ, ଦେବେଗୌଡ଼ାଙ୍କ ସହ ସାକ୍ଷାତ

## ଭାଜପା-ବିରୋଧୀ ମେଣ୍ଟର ନେତୃତ୍ୱ ନେବ କଂଗ୍ରେସ



୨୦୧୯ ଲୋକ ସଭା ନିର୍ବାଚନରେ ଭାଜପାକୁ ପ୍ରତିହତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଅଣ୍ଟା ଭିଡ଼ିଲେଣି। ସମଭାବାପନ୍ନ ଦଳଗୁଡ଼ିକୁ ନେଇ ଭାଜପା-ବିରୋଧୀ ମେଣ୍ଟ କରିବା ଲାଗି ଏବେ ଅଣ୍ଟା ଭିଡ଼ିଛନ୍ତି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ। ଗୁରୁବାର ସେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କୁ ସେ ସାକ୍ଷାତ୍ କରିଛନ୍ତି। ଖୁବ୍‌ଶୀଘ୍ର ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଏକ ମହାମେଣ୍ଟ ଗଠନ ହେବ ଏବଂ କଂଗ୍ରେସ ଏହାର ନେତୃତ୍ୱ ନେବ ବୋଲି ନାଇଡୁ କହିଛନ୍ତି।

କର୍ଣ୍ଣାଟକରେ ୩ ଲୋକ ସଭା ଏବଂ ୨ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଜେଡିଏସ୍-କଂଗ୍ରେସ ମେଣ୍ଟ ଭାଜପାକୁ ବାଜିମାତ୍ ଦେବାର ଦୁଇଦିନ ପରେ ଜେଡିଏସ୍‌ର ଦୁଇ ପ୍ରମୁଖ ନେତା କୁମାରସ୍ୱାମୀ ଏବଂ ଦେବେଗୌଡ଼ାଙ୍କ ସହ ନାଇଡୁଙ୍କ ସାକ୍ଷାତ୍ ହୋଇଛି। ଏହି ବୈଠକକୁ ନେଇ ଏବେ ଜୋର୍ ଧରିଛି ଚର୍ଚ୍ଚା। ବିରୋଧୀ ମେଣ୍ଟ ଗଠନ ଲାଗି ମଞ୍ଚ ପ୍ରସ୍ତୁତ କରି ନାଇଡୁ କହିଛନ୍ତି ଯେ, ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଉପରୁ ଦେଶବାସୀଙ୍କ ଆସ୍ଥା ତୁଟିଗଲାଣି। ତେଣୁ ଖୁବ୍‌ଶୀଘ୍ର ଆଞ୍ଚଳିକ ଦଳଗୁଡ଼ିକ ହାତ ମିଳାଇବେ। ମେଣ୍ଟ ଗଠନ ଲାଗି ପ୍ରାରମ୍ଭିକ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ସବୁକିଛି ସ୍ଥିର ହୋଇଯିବା ପରେ କାର୍ଯ୍ୟକ୍ରମ ବିଷୟରେ ନିଷ୍ପତ୍ତି ଗ୍ରହଣ ହେବ ବୋଲି ନାଇଡୁ ପ୍ରକାଶ କରିଛନ୍ତି। ବିଏସ୍‌ପି ସୁପ୍ରିମୋ ମାୟାବତୀ ଏବଂ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବଙ୍କୁ ସେ ଭେଟିଛନ୍ତି। ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍‌ଙ୍କୁ ଶୁକ୍ରବାର ଭେଟିବେ ବୋଲି ନାଇଡୁ କହିଛନ୍ତି।

# ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ବିକ୍ଷୋଭ ଅଯୌକ୍ତିକ

**କୋଚି,୮।୧୧(ପି.ଟି.)**

## ସାବରିମାଳା ବିବାଦ

କେରଳର ପ୍ରସିଦ୍ଧ ସାବରିମାଳା ମନ୍ଦିରକୁ ସବୁ ବୟସର ମହିଳା ପ୍ରବେଶ କରିପାରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେବା ସତ୍ତ୍ୱେ ଦର୍ଶନ ବିବାଦ ତୁଟୁନାହିଁ। ଆୟାପ୍ପା ଭକ୍ତମାନେ ତୁମୁଳକାଣ୍ଡ ଭିଆଉଛନ୍ତି। ଅଦାଲତ କଟକଣା ହଟାଇବା ପରେ ଦୁଇଥର ମନ୍ଦିର ପହଡ଼ ଖୋଲିଥିଲେ ସୁଦ୍ଧା ମହିଳାଙ୍କୁ ଦର୍ଶନ ଅନୁମତି ମିଳୁନାହିଁ। ଏଭଳି ବିବାଦ ଲାଗିରହିଥିବାବେଳେ ଗୁରୁବାର କେରଳ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରି ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଜାରି ରହିବା ଅଯୌକ୍ତିକ ବୋଲି ଅଦାଲତ କହିଛନ୍ତି। ଜଷ୍ଟିସ୍ ସୁନୀଲ ଥୋମାସ୍ କହିଛନ୍ତି ଯେ, ସାବରିମାଳା ମନ୍ଦିରରେ ମହିଳାଙ୍କୁ ପ୍ରବେଶ କରି ନ ଦେବା ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ଅବମାନନା ସଙ୍ଗେ ସମାନ ବୋଲି ରାଜ୍ୟ ସରକାରଙ୍କ ମତକୁ ହାଇକୋର୍ଟ ସମର୍ଥନ ଜଣାଉଛନ୍ତି।

### ଜେଲରେ ସଂଘର୍ଷ: ୨୨ ମୃତ

**ଦୁଶାନ୍‌ବେ,୮।୧୧(ଏ.ଏଫ୍.ପି.)**

କାଜାକସ୍ତାନର ଦ୍ୱିତୀୟ ବୃହତ୍ତମ ସହର ଖୁଜାନ୍ଦସ୍ଥିତ କଡ଼ା ସୁରକ୍ଷା ବଳୟରେ ଥିବା ଏକ ଜେଲ୍‌ରେ ଗୁରୁବାର କଏଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୨୦ ବନ୍ଦୀ ଓ ୨ ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ଖୁଜାନ୍ଦରେ ବହୁ ସଙ୍ଗିନ ଅପରାଧରେ ସମ୍ପୃକ୍ତ ଓ ଦୀର୍ଘ ସମୟ ଧରି ଦଣ୍ଡାଦେଶ ଭୋଗୁଥିବା ଜେଲ ରହିଛି। ଜେଲରେ ଥିବା ଏକ କର୍ମଶାଳାରେ ଧାରୁଆ ଅସ୍ତ୍ର ଜବତ ହେବା ପରେ ବୁଧବାର ରାତିରେ ଦୁଇ କଏଦୀ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଠାରେ ପୂର୍ବରୁ ମଧ୍ୟ ଏକାଧିକ ଥର ଏଭଳି ସଂଘର୍ଷ ଯୋଗୁ କଏଦୀମାନେ ଚମ୍ପଟ ମାରିଥିବା ଅନେକ ନଜିର ରହିଛି।



ଫତେହ ଦିବସ (ବିଜୟ ଦିବସ) ଉପଲକ୍ଷେ ପଞ୍ଜାବର ଅମୃତସରରେ ଶିଖ୍‌ମାନେ ଘୋଡ଼ାଦୌଡ଼ ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି।

■ ଦୀପାବଳି ପାଇଁ ବଢ଼ିଲା ପ୍ରଦୂଷଣ

# ଦିଲ୍ଲୀ ଆକାଶ ଧୂଆଁମୟ

**ନୂଆଦିଲ୍ଲୀ,୮।୧୧(ପି.ଟି.)**

ଆଲୋକର ପର୍ବ ଦୀପାବଳି ପରେ ଦିଲ୍ଲୀରେ ଏବେ ବାୟୁ ପ୍ରଦୂଷଣ ଅନେକ ମାତ୍ରାରେ ବଢ଼ିଯାଇଛି। ରାଜଧାନୀ ଆକାଶରେ ବିଷ ବଳୟ ସୃଷ୍ଟି ହୋଇଛି। ଲୋକମାନେ ବାଣ ଫୁଟାଇବା ଯୋଗୁ ଚାରିଆଡ଼େ ବାୟୁମଣ୍ଡଳ ଧୂଆଁମୟ ହୋଇଯାଇଛି। ଆଗାମୀ ଦୁଇଦିନ ପର୍ଯ୍ୟନ୍ତ ଦିଲ୍ଲୀରେ ବାୟୁର ମାନ ଅତି ନିମ୍ନସ୍ତରକୁ ଚାଲିଯିବା ସମ୍ଭାବନା ରହିଛି ବୋଲି ଗୁରୁବାର ଏକ ସରକାରୀ ରିପୋର୍ଟରୁ ଜଣାପଡ଼ିଛି।



ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦୀପାବଳି ଉତ୍ସବ ପାଳନ ତଥା ବାଣ ଫୁଟାଇବା ନିମିତ୍ତ ସୁପ୍ରିମକୋର୍ଟ କଟକଣା ଲଗାଇଥିଲେ। ୨ ଘଣ୍ଟା ମଧ୍ୟରେ ବାଣ ଫୁଟାଇବାକୁ ଲୋକଙ୍କୁ ଅନୁମତି ଦେବା ସକାଶେ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତଙ୍କ କଟକଣାକୁ ବେଖାତିର କରି ଲୋକେ ବୁଧବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ବାଣ ଫୁଟାଇଲେ। ତେଣୁ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଜୟପୁର ଏବଂ ଅନ୍ୟ ପ୍ରମୁଖ ସହରରେ ଅଧରାତି ଯାଏ ବାଣ ଫୁଟିବା ଶବ୍ଦ ଶୁଣିବାକୁ ମିଳିଥିଲା। ଫଳରେ ଗୁରୁବାର ସକାଳେ ଚାରିଆଡ଼େ ଆକାଶ ଧୂଆଁମୟ ହୋଇଯାଇଥିଲା। ମୁଖ୍ୟତଃ ଦିଲ୍ଲୀର ସ୍ଥିତି ଥିଲା ଜଟିଳ। ଦିଲ୍ଲୀରେ ବାୟୁମାନ ସୂଚକାଙ୍କ (ଏକ୍ୟୁଆଇ) ୫୭୪କୁ ଖସିଆସିଛି। ଏହା 'ସିଭିୟର ପ୍ଲସ୍ ଏମର୍ଜେନ୍ସି' ଶ୍ରେଣୀ ଅନ୍ତର୍ଗତ। ବାୟୁର ମାନ ଏଭଳି ହୋଇଗଲେ ଲୋକେ ଶ୍ୱାସଜନିତ ସମସ୍ୟାରେ ପୀଡ଼ିତ ହୁଅନ୍ତି ବୋଲି ଏସ୍ଏଏଫ୍ଏଆର୍ ରିପୋର୍ଟରୁ ପ୍ରକାଶ। ଦୀପାବଳି ପାଳନ କରିବାକୁ ଯାଇ ପ୍ରଦୂଷଣ ବଢ଼ିଯାଇଥିବାରୁ ଦିଲ୍ଲୀ ବାସିନ୍ଦା ଏବଂ ସାମାଜିକ କର୍ମୀମାନେ ଗୁରୁବାର କ୍ଷୋଭ ପ୍ରକାଶ କରିଛନ୍ତି।

# ଟ୍ରମ୍ପଙ୍କୁ ନିର୍ବାଚନୀ ଝଟକା

**ୱାଶିଂଟନ,୮।୧୧(ପି.ଟି.)**

## ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଦଖଲ କଲେ ଡେମୋକ୍ରାଟ



ଆମେରିକାର ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଶାସକ ରିପବ୍ଲିକାନ୍ ପାର୍ଟିକୁ ପଛରେ ପକାଇ ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଦଖଲ କରିଛି। ୧୦୦ ଆସନ ବିଶିଷ୍ଟ ସିନେଟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦଳ ରିପବ୍ଲିକାନ୍ ପାର୍ଟି କେବଳ ସଂଖ୍ୟାଗରିଷ୍ଠତା ବଜାୟ ରଖିବାରେ ସମର୍ଥ ହୋଇଛି। ତେବେ ୪୩୫ ସଦସ୍ୟ ବିଶିଷ୍ଟ ଗୃହରେ ଡେମୋକ୍ରାଟମାନେ ୨୨୫ ଆସନ ଦଖଲ କରିଛନ୍ତି। ଫଳରେ ଟ୍ରମ୍ପଙ୍କୁ ଶକ୍ତ ଝଟକା ଲାଗିଛି। ପରାଜୟ ସତ୍ତ୍ୱେ ଟ୍ରମ୍ପ ନିର୍ବାଚନ ଫଳାଫଳକୁ ଏକ ବଡ଼ ସଫଳତା ଭାବେ ଅଭିହିତ କରିଛନ୍ତି।

୮ ବର୍ଷ ପରେ ପ୍ରଥମ ଥର ପାଇଁ ରିପବ୍ଲିକାନ୍‌ଙ୍କ ହାତମୁଠାରୁ ଚାଲିଯାଇଛି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍। ହାଉସ୍‌ରେ ରିପବ୍ଲିକାନ୍‌ଙ୍କ ସଂଖ୍ୟା ୨୩୫ ଥିବାବେଳେ ଡେମୋକ୍ରାଟ୍ ସଦସ୍ୟଙ୍କ ସଂଖ୍ୟା ୧୯୩ ଥିଲା। ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଡେମୋକ୍ରାଟ୍‌ମାନେ ଶାସକ ଦଳ ହାତରୁ ଅନ୍ୟୂନ ୨୮ ସିଟ୍ ଛଡ଼ାଇନେଇଛନ୍ତି, ଯାହାକି ସଂଖ୍ୟାଗରିଷ୍ଠତା ପାଇଁ ପର୍ଯ୍ୟାପ୍ତ। ଗତ କିଛି ସପ୍ତାହ ଧରି ଆକ୍ରମଣାତ୍ମକ ପ୍ରଚାରରେ ବ୍ୟସ୍ତ ଥିବା ରାଷ୍ଟ୍ରପତି ଟ୍ରମ୍ପ ବୁଧବାର ଡେମୋକ୍ରାଟ୍‌ମାନଙ୍କୁ ଏକ ଓଲିଭ୍ ଡାଳ ପ୍ରଦାନ କରିଛନ୍ତି । ଟ୍ରମ୍ପ କହିଛନ୍ତି, ଆମେରିକାବାସୀଙ୍କୁ ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି, ବାଣିଜ୍ୟ କ୍ଷେତ୍ରରେ ସଫଳତା ପ୍ରଦାନ ପାଇଁ ସେ ଡେମୋକ୍ରାଟିକ୍ ନେତୃବୃନ୍ଦଙ୍କ ସହ କାମ କରିବାକୁ ଆଗ୍ରହୀ। ପୂର୍ବ ରାତିରେ ରିପବ୍ଲିକାନ୍ ପାର୍ଟି ସିନେଟରେ ସଂଖ୍ୟାଗରିଷ୍ଠତା ବିସ୍ତାର ପାଇଁ ଉତ୍ତମ ପ୍ରଦର୍ଶନ କରିଛି। ଆମ ପାଇଁ ଏହା ଏକ ବଡ଼ ସଫଳତା। ଅନ୍ୟପକ୍ଷରେ ସଦ୍ୟ ରିପୋର୍ଟ ଅନୁସାରେ ସିନେଟରେ ପୂର୍ବରୁ ରିପବ୍ଲିକାନ୍ ପାର୍ଟି ହାତରେ ୫୧ ଓ ଡେମୋକ୍ରାଟିକ୍ ପାର୍ଟି ପାଖରେ ୪୬ ଆସନ ରହିଛି। ନିର୍ବାଚନ ପରେ ଟ୍ରମ୍ପ ଦେଢ଼ଘଣ୍ଟା ଧରି ଗଣମାଧ୍ୟମ ଆଗରେ ବକ୍ତବ୍ୟ ରଖିଥିଲେ। ଖବରଦାତାଙ୍କ ପ୍ରଶ୍ନରେ ସେ ବିରକ୍ତ ହୋଇ ମଝିରେ ମାଇକ୍ରୋଫୋନ୍‌ରୁ ଦୂରେଇଯାଇଥିଲେ। ଏପରିକି ସିଏନ୍ଏନ୍ ଖବରଦାତାଙ୍କ ଉପରେ ରାଗିଯାଇ ଟ୍ରମ୍ପ ତାଙ୍କୁ ଗାଳି କରିଥିଲେ। ସେ କହିଥିଲେ, ତୁମେ ସିଏନ୍ଏନ୍ ଚଳାଅ ଓ ମୋତେ ଦେଶ ଚଳାଇବାକୁ ଦିଅ।

### ଆଟର୍ନି ଜେନେରାଲ ବହିଷ୍କୃତ

**ୱାଶିଂଟନ,୮।୧୧(ପି.ଟି.)-** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଆଟର୍ନି ଜେନେରାଲ ଜେଫ୍ ସେସନ୍ସ ରୋସେନ୍‌ଷ୍ଟେଇନ୍‌ଙ୍କୁ ବହିଷ୍କାର କରିଛନ୍ତି। ଏଥିସହ ସେ ୨୦୧୬ ନିର୍ବାଚନ ବେଳେ ବିଦେଶୀ ହସ୍ତକ୍ଷେପ ନେଇ ଚାଲିଥିବା ତଦନ୍ତର ନିୟନ୍ତ୍ରଣ ନିଜ ହାତକୁ ନେଇଛନ୍ତି। ନ୍ୟାୟ ବିଭାଗର ଆଟର୍ନି ଜେନେରାଲ ଜେଫ୍ ସେସନ୍ସର ଷ୍ଟାଫ୍ ମୁଖ୍ୟ ମାଥ୍ୟୁ ଜି. ହ୍ୱିଟାକେର୍ ଏବେ ଆମେରିକାର କାର୍ଯ୍ୟକାରୀ ଆଟର୍ନି ଜେନେରାଲ ଭାବେ ଅବସ୍ଥାପିତ ହେବେ ବୋଲି ଟ୍ରମ୍ପ ଘୋଷଣା କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



PLEDGE 'PLASTIC-FREE' ODISHA
Srikumar Misra
Entrepreneur
#PlasticFreeOdisha
ଧରିତ୍ରୀ TEAM


## ସଂକ୍ଷେପରେ

### ୧୦୦ ଯୁକ୍ତ୨ ଛାତ୍ରୀଙ୍କୁ ଦିଆଯିବ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଭୁବନେଶ୍ୱର, ୮।୧୧(ବ୍ୟୁରୋ): ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯିବ। ୭୮ ଜୁନିୟର କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପାଖାପାଖି ୧୦୦ ଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଉତ୍କଳ କରାଟେ ସ୍କୁଲର ସମ୍ପାଦକଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ଜଣାଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକ କେତେକ ଜିଲାର ଜୁନିୟର କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୦୦ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବ। ଏହି ପ୍ରଶିକ୍ଷଣ ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ଦିଆଯିବ।




# ବିବାଦ ଶେଷ କରିବାକୁ କୋହଲିଙ୍କ ସଫେଇ



- ପ୍ରଶଂସକଙ୍କୁ କୋହଲିଙ୍କ ପ୍ରତ୍ୟୁତ୍ତର
- ଭାରତୀୟ ଖେଳାଳିଙ୍କୁ ଭଲ ନ ପାଇଲେ ବିଦେଶ ଯାଅ

ନୂଆଦିଲ୍ଲୀ, ୮।୧୧(ପି.ଟି.)

ନିଜ ମନ୍ତବ୍ୟ ନେଇ ବିବାଦ ଓ ଝଡ଼ ସୃଷ୍ଟି ହେବାରୁ ଭାରତୀୟ ଅଧିନାୟକ ବିରାଟ କୋହଲି ଏବେ ଭାବମୂର୍ତ୍ତି ସୁଧାରିବାକୁ ଚେଷ୍ଟା କରିଛନ୍ତି। ଏ ସଂକ୍ରାନ୍ତରେ ସେ ନିଜର ମତ ରଖି ସଫେଇ ଦେଇଛନ୍ତି ଓ ବିବାଦ ସମାପ୍ତ କରିବାକୁ ପ୍ରୟାସ କରିଛନ୍ତି।

ପ୍ରକୃତରେ ବୁଧବାର ଘଟଣା ଆରମ୍ଭ ହୋଇଥିଲା ଜଣେ ପ୍ରଶଂସକଙ୍କ କମେଣ୍ଟରୁ। ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମରେ କୋହଲି ଏକ ଭିଡିଓରେ ଜଣେ ପ୍ରଶଂସକଙ୍କ ମତ ଉପରେ ପ୍ରତିକ୍ରିୟା ରଖିଥିଲେ। ପ୍ରଶଂସକ ଜଣକ କୋହଲିଙ୍କୁ ଜଣେ ଓଭର ରେଟେଡ୍ ବା ବାସ୍ତବିକତାଠାରୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବ୍ୟାଟ୍ସମ୍ୟାନ ବୋଲି କମେଣ୍ଟରେ ଲେଖିଥିଲେ। କୋହଲିଙ୍କ ବ୍ୟାଟିଂରେ ସେଭଳି କିଛି ଖାସ୍ ନାହିଁ ବୋଲି ବ୍ୟକ୍ତିଗତ ଭାବେ ସେ ଚିନ୍ତା କରନ୍ତି ବୋଲି କହିଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଅପେକ୍ଷା ସେ ଇଂଲଣ୍ଡ ଓ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କ ବ୍ୟାଟିଂକୁ ଅଧିକ ଉପଭୋଗ କରିଥା'ନ୍ତି ବୋଲି ପ୍ରଶଂସକ ଜଣକ କମେଣ୍ଟରେ ଉଲ୍ଲେଖ କରିଥିଲେ। ତେବେ ଏହାର ଜବାବରେ ପ୍ରତିକ୍ରିୟା ରଖି କୋହଲି ବେଶ୍ ବିବାଦୀୟ ହୋଇଥିଲେ। ଆପଣ ଭାରତରେ ରହିବା ଉଚିତ ନୁହଁ ଓ ଦେଶ ଛାଡି ଚାଲିଯିବା ସହ ଅନ୍ୟସ୍ଥାନରେ ରହିବା ଦରକାର ବୋଲି କୋହଲି ଜବାବ ରଖିଥିଲେ। ଅନ୍ୟ ଦେଶର ଖେଳାଳିଙ୍କୁ ଭଲ ପାଉଥିବା ବେଳେ ଆମ ଦେଶରେ କାହିଁକି ରହୁଛ ବୋଲି କୋହଲି ସମ୍ପୃକ୍ତ ପ୍ରଶଂସକଙ୍କୁ ପ୍ରଶ୍ନ ପଚାରିଥିଲେ। ତମେ ମୋତେ ପସନ୍ଦ ନ କଲେ ମୁଁ କିଛି ଭାବୁ ନାହିଁ। କିନ୍ତୁ ତମେ ଆମ ଦେଶରେ ରହିବା ଉଚିତ ନୁହଁ । ପ୍ରଥମେ ତମେ କେଉଁଟାକୁ ପ୍ରାଥମିକତା ଦେଉଛି ତାହା ସ୍ପଷ୍ଟ କରିବା ଦରକାର ବୋଲି କୋହଲି ଜବାବରେ କହିଥିଲେ। ତେବେ ଏହା ପରେ ସୋସିଆଲ ମିଡିଆରେ କୋହଲି ଜବରଦସ୍ତ ସମାଲୋଚନା ତଥା ଟ୍ରୋଲ୍‌ର ସମ୍ମୁଖୀନ ହୋଇଥିଲେ। ଏପରିକି କୋହଲିଙ୍କ ମନ୍ତବ୍ୟକୁ କ୍ରିକେଟ ଭାଷ୍ୟକାର ହର୍ଷ ଭୋଗ୍‌ଲେ ନାପସନ୍ଦ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ କୋହଲିଙ୍କ ଏତାଦୃଶ ମନ୍ତବ୍ୟକୁ ନାପସନ୍ଦ କରିଛି। କୋହଲି ଦାୟିତ୍ୱହୀନ ମନ୍ତବ୍ୟ ଦେଇଛନ୍ତି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆଗକୁ କୋହଲି ବୁଝି ବିଚାରି ମନ୍ତବ୍ୟ ଦେବା ଉଚିତ ବୋଲି ସେ ସତର୍କ କରାଇ ଦେଇଛନ୍ତି। ତେବେ ଏହା କୋହଲିଙ୍କ ବ୍ୟକ୍ତିଗତ ମନ୍ତବ୍ୟ। ଏଥିରେ ବିସିସିଆଇର କୌଣସି ଭୂମିକା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କମେଣ୍ଟରେ ପ୍ରଶଂସକ ଜଣକ 'ଜଣେ ଭାରତୀୟ' ବୋଲି ଉଲ୍ଲେଖ କରିଥିଲେ। ଏହାକୁ ଲୋକଙ୍କ ସାମ୍ନାକୁ ଆଣିବାକୁ ପ୍ରୟାସ କରିଥିଲି। କିଏ କାହାକୁ ପସନ୍ଦ କରିବ ଓ କାହାକୁ ନ କରିବ ତାହା ତା'ର ବ୍ୟକ୍ତିଗତ ସ୍ୱାଧୀନତା। ଏହାକୁ ସେ ମଧ୍ୟ ସମ୍ମାନ କରନ୍ତି ବୋଲି କୋହଲି କହିଛନ୍ତି। ତେବେ ଏହି ଘଟଣାକୁ ଅଧିକ ଗୁରୁତ୍ୱ ନ ଦେଇ ପାର୍ବଣ ଋତୁର ଆନନ୍ଦ ନେବାକୁ କୋହଲି ସମସ୍ତଙ୍କୁ କହିଛନ୍ତି। ଅବଶ୍ୟ ଏହି ଘଟଣାରେ ବିସିସିଆଇ ଅସନ୍ତୋଷ ଜାହିର କରିବା ପରେ କୋହଲି ଏଭଳି ସଫେଇ ଦେବାକୁ ପ୍ରୟାସ କରିଛନ୍ତି ବୋଲି କୁହାଯାଉଛି।

# ୧୬ରୁ ଯୁକ୍ତ୨ ଫର୍ମ ପୂରଣ

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

୨୦୧୯ ଯୁକ୍ତ୨ ବାର୍ଷିକ ପରୀକ୍ଷା ନିମନ୍ତେ ରେଗୁଲାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ବିଭାଗର ଛାତ୍ରୀଛାତ୍ର ନିଜ କଲେଜକୁ ଯାଇ ଫର୍ମ ପୂରଣ କରିବେ। ପ୍ରାକ୍ଟିକାଲ ପେପରକୁ ଛାଡ଼ି ଫର୍ମ ପୂରଣ ପାଇଁ ସାଧାରଣ ଦେୟ ୫୨୦ ଟଙ୍କା ରହିଛି। ଏହି ଫିକୁ ଛାତ୍ରୀଛାତ୍ରମାନେ ଫର୍ମ ପୂରଣ କଲାବେଳେ କଲେଜରେ ପଇଠ କରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ବୁଧବାର ବିଜ୍ଞପ୍ତି ପ୍ରକାଶ କରିଛି।

ଫର୍ମ ପୂରଣ ୧୬ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାକ୍ଟିକାଲ ପେପର ପିଛା ଅତିରିକ୍ତ ୨୦ ଟଙ୍କା ପଇଠ କରିବାକୁ ହେବ। ଏହି ସମୟ ଭିତରେ ଯଦି କୌଣସି ଛାତ୍ରୀଛାତ୍ର ଫର୍ମ ପୂରଣ ନ କରିବେ ତେବେ ସେମାନେ ୫୦ ଟଙ୍କା ଜରିମାନା ଦେଇ ଆସନ୍ତା ୨୭ରୁ ୩୦ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ଯଦି ଉକ୍ତ ସମୟ ମଧ୍ୟରେ କୌଣସି ପିଲା ଫର୍ମ ପୂରଣ କରି ନ ପାରନ୍ତି, ତେବେ ସେମାନେ ଅତିରିକ୍ତ ୩୫୦ ଟଙ୍କା ଜରିମାନା ଦେଇ ଡିସେମ୍ବର ୧ରୁ ୪ ମଧ୍ୟରେ ଫର୍ମ ପୂରଣ କରିପାରିବେ। ସିଏଚ୍‌ଏସ୍‌ଇ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ଜୁନିୟର କଲେଜ ଅଧ୍ୟକ୍ଷ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଇଛି। ଯଦି କୌଣସି ଛାତ୍ରୀଛାତ୍ର ଫର୍ମ ପୂରଣ ନ କରନ୍ତି, ତେବେ ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ ନାହିଁ। ଏଥିପାଇଁ ସିଏଚ୍‌ଏସ୍‌ଇ ଦାୟୀ ରହିବ ନାହିଁ ବୋଲି କହିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ପ୍ରଥମ ସପ୍ତାହରେ ଯୁକ୍ତ ୨ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। କିନ୍ତୁ ଯଦି ଡିସେମ୍ବରରେ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ହୁଏ ତେବେ ମାର୍ଚ୍ଚ ମାସରେ ସାଧାରଣ ନିର୍ବାଚନ ହେବା ସମ୍ଭାବନା ଅଧିକ ରହିଛି। ଗୋଟିଏ ମାସରେ ନିର୍ବାଚନ ଏବଂ ଯୁକ୍ତ ୨ ପରୀକ୍ଷା ପରିଚାଳନାକୁ ନେଇ ଦ୍ୱନ୍ଦ୍ୱ ଉପୁଜିବା ସମ୍ଭାବନା ରହିଛି। ଏ ନେଇ ସିଏଚ୍‌ଏସ୍‌ଇର ଡେପୁଟି ପରୀକ୍ଷା ନିୟନ୍ତ୍ରଣ ପ୍ରବୋଧ କୁମାର ପଣ୍ଡା କୁହନ୍ତି, ନିର୍ବାଚନ ତାରିଖ ଘୋଷଣା ହେଲେ ସେହି ଅନୁସାରେ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ପ୍ରକାଶ କରାଯିବ।

# ଥାଇଲାଣ୍ଡ ଉପକୂଳରେ ଲଘୁଚାପ

## ଶୀତକୁ ରୋକୁଛି ପ୍ରଦୂଷଣ, ଜଳୀୟବାଷ୍ପ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ନଭେମ୍ବର ପ୍ରଥମ ସପ୍ତାହ ଟପିବାକୁ ବସିଲାଣି। ଦେହ ଥରାଇବା ଭଳି ଶୀତ ଅନୁଭୂତ ହେଉନାହିଁ। ସର୍ବନିମ୍ନ ତାପମାତ୍ରା ଆଭ୍ୟନ୍ତରୀଣ ଓଡ଼ିଶାରେ ୧୬ଡିଗ୍ରୀ ରହୁଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ୨୩ ଡିଗ୍ରୀ ମଧ୍ୟରେ ରହୁଛି। ପାହାନ୍ତିଆ ହାଲକା ଶୀତ ଲାଗୁ ଥିଲେ ମଧ୍ୟ ପ୍ରକୋପ ବଢୁନାହିଁ। ପାଣିପାଗ ବିଶେଷଜ୍ଞଙ୍କ କହିବା କଥା ହେଲା ରାଜ୍ୟରେ ଆକାଶ ଜଳୀୟବାଷ୍ପରେ ଭରି ରହୁଛି। ମେଘ ଖଣ୍ଡ ଦେଖାଦେଉଥିଲେ ମଧ୍ୟ ବର୍ଷା ହେଉ ନାହିଁ। ଏହାଛଡ଼ା ଉତ୍ତର ଭାରତରୁ ପ୍ରଦୂଷିତ ଜଳୀୟବାଷ୍ପ ବାୟୁମଣ୍ଡଳକୁ ଢାଙ୍କିଦେଉଛି। ଏଥିଯୋଗୁ ତାପମାତ୍ରା ତଳକୁ ଖସୁନାହିଁ। ଏଥିସହିତ ଥାଇଲାଣ୍ଡ ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଦେଇ ଗତିକରିବା ସମ୍ଭାବନା ରହିଛି। ଏହା ତାମିଲନାଡୁ କିମ୍ବା ଶ୍ରୀଲଙ୍କା ଆଡ଼କୁ ଯିବା ସମ୍ଭାବନା ରହିଛି। ଯଦି ଏହା ଉର୍ଦ୍ଧ୍ୱମୁହାଁ ହେବ ତେବେ ଆସନ୍ତା ୧୧ ଓ ୧୨ ତାରିଖରେ ରାଜ୍ୟରେ ପାଗ ମେଘୁଆ ରହିବ। ଜଳୀୟବାଷ୍ପ ଅପସରି ନ ଯିବା ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୩୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସର୍ବନିମ୍ନ ୧୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।


DSPL - 241



MAKE IN ODISHA Conclave
BHUBANESWAR, 11-15 NOVEMBER, 2018

Welcome
to the Make in Odisha Expo 2018
The largest ever industrial expo of the State

Inauguration by
Shri Naveen Patnaik, Chief Minister
on November 11, 2018 at 6:30 PM
followed by a scintillating cultural programme
Venue: Janata Maidan, Bhubaneswar

Come and Experience:

Odisha Theme pavilion "Deomali" — Mesmerizing projections on the geodesic dome
Virtual Reality — Witness the future Smart City and the natural beauty of Odisha
I am Odisha — Learn about the stories that are shaping Odisha's future
Kinetic Installation — Marvel at the synchronised beauty of 108 spheres
Cultural Evenings — A magical blend of Odisha's heritage and modern art forms

Partner Country: Japan
Industry Partner: FICCI

For more details, please visit:
https://mio.investodisha.gov.in/

Passes for the Expo Inaugural scheduled on November 11 can be collected on a first-come-first-serve basis upon production of valid Government ID during 1000 - 1800 hours, November 8-9, 2018 from:

IPICOL House, Rupali Chowk, Janpath, Bhubaneswar
or
OMC House, Near State Guest House, Bhubaneswar

No entry will be allowed to the venue without the passes on Nov 11
Expo entry will be free to all during Nov 12-15 (without passes) | Visiting Hours: 1100 to 2030 hrs

14005/13/0049/1819

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ପ୍ରତୀକ୍
ପରିବାରବର୍ଗ


ମାରୁତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified

## automobile SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9047

## real estate SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

4000 sft. GA plot immediate sale Surya Nagar, Unit No.- 7, Bhubaneswar. Contact Deepak: 9937329999 (Conditions apply). D-64533

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

Infocity-2 Campus frontରେ BDA yellow-zone plot sale urgent. 9938770157, 7008818182. D-64366

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

1BHK, 2BHK, 3BHK approved flats at Hitech Heaven near Gudiapokhari Square, Bhubaneswar. 9040307584, 9778832554. D-9258

Infocity-2 Campus ପାଖରେ 200' ରୋଡକୁ ଲାଗି ଘରବାରି plot ମିଳୁଅଛି। 9439864322. D-64369

Ready for booking/sale ! Duplex 1900 sqft. on land 1200 sqft. triplex 2800 sqft. on land 1200 sqft. at Saikutir, Santoshi Vihar, Canal Road, Laxmisagar, Bhubaneswar. Contact: Sabat Infrastructure Pvt. Ltd. Plot No.- 33/A, BJB Nagar. Mobile. 9861035662, 8270795532. D-58005

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

3BHK luxurious flats available for booking at BJB Nagar extension area (1.5km. from Kalpana Square) Price-65 lakhs to 72.50 lakhs. Please contact: 9439543532, 9861157958. D-9318

Bhubaneswar KIIT University Jagannath Temple ପାଖରେ road, electricity ବାଉଣ୍ଡାରି ଥାଇ ଘରବାରି plot loanରେ କିଣନ୍ତୁ। 7381338088. D-64368

ପଟିଆ KIIT ପାଖରେ 40/30" road boundary, electric ସହିତ ଗୃହୋପଯୋଗି plot sqft. 1050/- କିଣନ୍ତୁ। 8018611122. D-64635

Gharabari boundary plot infront Krupajal Engineering College Bhubaneswar. 9090899282, 8908805482. D-65053

2000 sqft. plot (10 nos.) at Sankarpur, Vipul Garden backside, Bhubaneswar ( Electricity, supply water 30'road). 7381564227.D-65054

## construction

Construct your building in finished house contact: 9937064680. D-27282

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64353

## to-let

Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

2BHK house, 2nd floor and 600 sqft. office space at District Centre, Chandrasekharpur for rent: 8637263323. D-64740

Bank/ commercial main road, Kalinganagar, BBSR G+1+2= 6000 sqft. 9438556363, 9337718848. D-9298

## healthcare

Fully refreshed/ relaxed body massage by expert therapist, Shastrinagar. 7377894773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Manson professional massage. Contact Purple Orchid. 9776598888. D-65139

All type of full body massage by expert therapist. 7609005923. D-65151

Herbal full body massage by smart/ expert therapist. Contact: 8338067247. D-65152

Newly opening ayurvedic massage smart therapist, Shree herbal. 7750020754. D-65153

Singar massage club fully relaxed by expert lady also home service available. Contact: 9937637219. D-9199

Improving your health, skin care through expert therapist, excellent offer. 9668374480. D-65154

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Experience full body massage with us by expert Enquiry: 7377048581. D-65164

Contact for massage by expert therapist, home service available. 6371297112. D-65055

Physiotherapy and herbal massage by trained ladies/ gents therapy: 7008773793. D-65056

Newly open herbal full body massage with refreshment well trained therapist. 7381239385.D-64630

## AFFIDAVIT

I, Sashikanta Samal, S/o. Hemanta Samal, At/ Po. Amrutamanohi, Kendrapara, Odisha 754218, have changed my name to Aryan Samal by affidavit No. IN-KA56759698873211M dated 25.04.2014. D-9322

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ପ୍ରଥମ ଜନ୍ମଦିନ ଶୁଭେଚ୍ଛା


(ମାରୁତି)

ଆଦିତ୍ୟନାଥ ବେହେରା
ଡେରିକି, ନାଉଗାଁ, ଜଗତ୍‌ସିଂହପୁର
ପିତା- ଭଜମନ ବେହେରା,
ମାତା- କବିତା ବେହେରା
ଶୁଭେଚ୍ଛା ସହ: ଜେଜେବାପା, ମାମୁ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୩୪

## ଜନ୍ମଦିନ ଶୁଭେଚ୍ଛା



ପ୍ରତୀକ୍ ପ୍ରୀତମ୍ ପୃଷ୍ଟି
ପ୍ଲଟ୍ ନଂ୧୧୫, ବଡ଼ଗଡ଼ ବ୍ରୀଟ୍ କଲୋନୀ
ଆଜି ତୁମର ପବିତ୍ର ସପ୍ତମ ସ୍ୱନକ୍ଷତ୍ର ଦିବସରେ ଜଗତ ଜନନୀ ମା'ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଚଲାପଥ କୁସୁମିତ, ଦୀର୍ଘାୟୁ ହେଉ। ଶୁଭେଚ୍ଛା ସହ: ଅନାମ ଚରଣ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଅଙ୍କିତ, ପୂଜା, ବୁଟୁ, ବନ୍ଧୁ ଓ ପରିବାରବର୍ଗ। ଧ-୯୨୯୬


## ପ୍ରଥମ ପୃଷ୍ଠାରୁ...

### ପୁଣି ଶ୍ରୀମନ୍ଦିର ...

ଗୁରୁବାର ଶ୍ରୀମନ୍ଦିର ଭିତରର ଏକାଧିକ ଫଟୋ ପୋଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ଏକାଧିକ ଇସ୍କନ ଭକ୍ତ ହାତରେ ମାଳି ଗଡାଉଥିବା ଫଟୋ ରହିଛି। ସେହିପରି ଶ୍ରୀମନ୍ଦିର ଭିତରେ ସେଲ୍‌ଫି ନେବାର ଫଟୋ ମଧ୍ୟ ହିତେଶଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅପ୍‌ଲୋଡ ହୋଇଛି। ଶ୍ରୀମନ୍ଦିର ଚାରିଦ୍ୱାରରେ ପୋଲିସ ମୁତୟନ ରହିଛନ୍ତି। ଭକ୍ତଙ୍କୁ ଯାଞ୍ଚ କରି ଭିତରକୁ ଛାଡୁଛନ୍ତି। ତେବେ ଏମାନେ କିପରି ମୋବାଇଲ ଭିତରକୁ ନେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଏହି ଘଟଣା ନୁହେଁ, ଏଭଳି ଘଟଣା ବାରମ୍ବାର ଘଟୁଛି। ଗତ ମାସକ ମଧ୍ୟରେ ୩ଟି ଘଟଣା ପଦାକୁ ଆସିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ କାହାର ଆନ୍ତରିକତା ନ ଥିବା ମନେହେଉଛି। ସୂଚନାଯୋଗ୍ୟ, ପୂର୍ବରୁ ବହୁବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏପରି କି ଗର୍ଭଗୃହର ଫଟୋ ମଧ୍ୟ ବାହାରେ ବୁଲୁଛି। ନିକଟରେ ଗତମାସ ୮ ତାରିଖରେ ପୁରୀ ସମୁଦ୍ରକୂଳ ଥାନାର ଜଣେ ଏଏସ୍‌ଆଇ ବାଇଶ ପାହାଚରେ ଶ୍ରାଦ୍ଧ ଦେବା ବେଳର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ଜଣାପଡିବା ପରେ ପୁରୀ ଏସ୍‌ପି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ସେହିପରି ଗତ ୪ ତାରିଖରେ ବେଙ୍ଗାଲୁରୁର ମେଘା ଲୁଥ୍ରା ନାମ୍ନୀ ଜଣେ ମହିଳାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିରର ଫଟୋ ପୋଷ୍ଟ କରାଯାଇଥିବା ପଦାକୁ ଆସିଥିଲା।

### ବିସ୍ଫୋରଣରେ ୫...

ଦାନ୍ତେୱାଡ଼ାର ବୈଲାଡିଲା ଖଣି ଅଞ୍ଚଳରେ ନିର୍ବାଚନ କାର୍ଯ୍ୟ ପାଇଁ ସିଆଇଏସ୍‌ଏଫ୍ ଟିମ୍‌କୁ ଏକ ଘରୋଇ ବସ୍ ପ୍ରଦାନ କରାଯାଇଥିଲା। ଯବାନମାନେ ମାର୍କେଟରୁ ଜିନିଷପତ୍ର କିଣି ଉକ୍ତ ବସ୍‌ରେ ଆକାଶନଗର କ୍ୟାମ୍ପକୁ ଫେରୁଥିଲେ। ସେମାନେ ବଚେଲିର ପାହାଡ଼ିଆ ଅଞ୍ଚଳ ଦେଇ ଆସୁଥିବାବେଳେ କର୍ଭ ନଂ. ୬ ନିକଟରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଥିଲେ। ଏଥିରେ ଜଣେ ସିଆଇଏସ୍‌ଏଫ୍ ହେଡ୍ କନ୍‌ଷ୍ଟେବଲ ଡି.ଇ. ମୁଖୋପାଧ୍ୟାୟ ଶହୀଦ ଓ ୨ ଆହତ ହୋଇଛନ୍ତି। ବସ୍ ଡ୍ରାଇଭର ରମେଶ ପାଟ୍‌କର, ହେଲ୍‌ପର ରମେଶ କୁମାର ସାହୁଙ୍କ ସମେତ ସୁଶିଲ ବାନାର୍ଜୀ ଓ ଜୋହନ ନାୟକ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାଓବାଦୀଙ୍କୁ ନିପାତ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ଦାନ୍ତେୱାଡ଼ା ଏସ୍‌ପି ଅଭିଷେକ ପଲ୍ଲବ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଅକ୍ଟୋବର ୩୦ରେ ଦାନ୍ତେୱାଡ଼ାର ଅରନପୁର ଅଞ୍ଚଳରେ ମାଓବାଦୀଙ୍କ ଆକ୍ରମଣରେ ଦୂରଦର୍ଶନର ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁ ନିହତ ହୋଇଥିବାବେଳେ ୩ ପୋଲିସ କର୍ମୀ ଶହୀଦ ହୋଇଥିଲେ। ଏହାର ୩ ଦିନ ପୂର୍ବରୁ ମାଓବାଦୀମାନେ ବିଜାପୁର ଜିଲାରେ ସିଆର୍‌ପିଏଫ୍‌କୁ ଟାର୍ଗେଟ କରିଥିଲେ। ଏଥିରେ ସୁରକ୍ଷା ବଳର ୪ ଯବାନ ଶହୀଦ ଓ ୨ ଆହତ ହୋଇଥିଲେ। ମାଓବାଦୀମାନେ ଭୋଟ ବର୍ଜନ ପାଇଁ ଆହ୍ୱାନ ଦେଇଥିବାବେଳେ ନିର୍ବାଚନ କରାଯାଉଥିବାରୁ ସେମାନେ ବାରମ୍ବାର ଏପରି ଟାର୍ଗେଟ କରୁଥିବା କୁହାଯାଉଛି। ଅବଶିଷ୍ଟ ୭୨ ଆସନ ପାଇଁ ଆସନ୍ତା ୨୦ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଡିସେମ୍ବର ୧୧ରେ ଭୋଟ ଗଣତି କରାଯିବ।

### ଭାରତୀୟ ଦଳରେ ...

ସ୍ଥାନ ପାଇବାର ନିୟମ ଥିବାରୁ ସମ୍ଭବତଃ ଅମିତଙ୍କ ପାଇଁ ସୁଯୋଗ ନ ଥିଲା। ପରେ ବିଶ୍ୱକପ କୋର୍ ଗ୍ରୁପ ତାଲିକାରେ ଅମିତଙ୍କୁ ସାମିଲ କରାଯାଇଥିବା ଆନୁଷ୍ଠାନିକ ଘୋଷଣା ହୋଇଥିଲା। ଇତିମଧ୍ୟରେ ବୀରେନ୍ଦ୍ର ମଧ୍ୟ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି। ଫଳ ସ୍ୱରୂପ ବିଶ୍ୱକପ ଖେଳାଳି ତାଲିକାରେ ଉଭୟ ବୀରେନ୍ଦ୍ର ଓ ଅମିତଙ୍କୁ ସାମିଲ କରାଯାଇଛି। ବୀରେନ୍ଦ୍ର ପୂର୍ବରୁ ୨୦୧୪ ହକି ବିଶ୍ୱକପ ଖେଳିଥିଲେ। ଆଗାମୀ ହକି ବିଶ୍ୱକପ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ।

### ସୁନ୍ଦରୀକୁ ନନ୍ଦନକାନନ...

ହାତୀବାରି ଅଞ୍ଚଳରେ ଦୁଇଜଣ ବ୍ୟକ୍ତିଙ୍କୁ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକମାନେ ଲଙ୍କାକାଣ୍ଡ ଭିଆଇଥିଲେ। ଲୋକମାନଙ୍କ କ୍ରୋଧକୁ ପ୍ରଶମିତ କରିବାକୁ ବନ ବିଭାଗ ନଭେମ୍ବର ୬ତାରିଖରେ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରିରାଇଗୁଡ଼ା ଏନ୍‌କ୍ଲୋଜରରେ ରଖିଛି।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୁଧାଂଶୁବାଳା ରାୟ
୧୯୪୦-୧୯୯୫
(କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା)
ସ୍ୱାମୀ: ସ୍ୱର୍ଗତ ସୁଧୀର କୁମାର ରାୟ
ବଗଲଗଡ଼
ଅମରାତ୍ମା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି:
ବନ୍ଧୁ ଓ ପରିବାରବର୍ଗ। ଧ-୬୪୯୧୦

### ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ସ୍ୱର୍ଗତ ଦିବ୍ୟନାରାୟଣ ବାବୁ
(ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ସମ୍ବଲପୁର
ଆବିର୍ଭାବ: ୦୫।୧୨।୧୯୩୭
ତିରୋଧାନ: ୦୯।୧୧।୨୦୧୫
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିରପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛି। ଶୋକସନ୍ତପ୍ତ: ସ୍ତ୍ରୀ-ସଂଯୁକ୍ତା ବାବୁ, ପୁଅ- ସୌମିକ, ପୁତ୍ରବଧୂ-ପ୍ରତୀକ୍ଷା, ଝିଅ-ସ୍ୱରଲିପି, ଜ୍ୱାଇଁ-ଆନନ୍ଦ ଚନ୍ଦ୍ର ପତି, ନାତୁଣୀ ଅନୁଷ୍କା। ଧ-୬୨୪୫୭

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସବିତା ମହାନ୍ତି
ସ୍ୱାମୀ- ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି
ସୁକିନ୍ଦା, ମାଛଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୩୦।୦୫।୧୯୫୪
ତିରୋଧାନ: (ଗୋବର୍ଦ୍ଧନ ପୂଜା) ୨୪।୧୦।୨୦୧୪
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ତୁମେ ଆମକୁ ପବିତ୍ର ଗୋବର୍ଦ୍ଧନ ପୂଜା ଦିନରେ ଛାଡି ଆରପାରିକୁ ଚାଲିଗଲ। ତୁମର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ମମତା ଓ ଭଲପାଇବା ଆମ ପାଇଁ ଚିରସ୍ମରଣୀୟ ଓ ପଥପ୍ରଦର୍ଶକ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏହା ହିଁ ଆମର କାମନା। ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି: ସ୍ୱାମୀ- ଶ୍ରୀକୃଷ୍ଣଚନ୍ଦ୍ର ମହାନ୍ତି, ପୁତ୍ର- ଶିବୁ ଓ ବୁବୁ, କନ୍ୟା- ରୁନି, ଝିଅ- ଝିଲି, ଶିଲି, ନିନି, ବୁନି, ଜ୍ୱାଇଁ- ବାପୁ, ରତନ, ବାପି, ବବ୍ଲୁ, ନାତି- ସୋମନାଥ, ନାତୁଣୀ- ଶ୍ୱେତଲିନା, ସୁଶ୍ରୀ, ଜୟଶ୍ରୀ। ଧ-୬୫୦୫୨

### ଦଶାହ ଉପଲକ୍ଷେ



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମିଶ୍ର
ତିରୋଧାନ: ୩୧।୧୦।୨୦୧୮
(କାର୍ତ୍ତିକ, କୃଷ୍ଣପକ୍ଷ, ସପ୍ତମୀ)
ଜନ୍ମସ୍ଥାନ: ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ
ବାସସ୍ଥାନ: ଶୈଳଶ୍ରୀ ବିହାର, ଭୁବନେଶ୍ୱର
ନନା, ତୁମେ ଚାଲିଯିବାର ଦଶଦିନ ହୋଇଯାଇଥିଲେ ମଧ୍ୟ ଆମ୍ଭର ବିଶ୍ୱାସ ହେଉନାହିଁ। ତୁମ ନୀତି, ଆଦର୍ଶ ଏବଂ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ଆମେ ଆଗକୁ ବଢିବାକୁ ଚେଷ୍ଟା କରୁଛୁ। ତୁମ ଆଶୀର୍ବାଦ ସର୍ବଦା ଆମ ସହିତ ରହିଥାଉ। ତୁମ୍ଭ ପବିତ୍ର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ଏବଂ ନାତୁଣୀମାନେ। ଧ-୯୨୯୩


## ୩୧ ବଖରା ପାଉଁଶ

ଭୁବନ, ୮।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଦିଘି ପଞ୍ଚାୟତ କେନ୍ଦୁଡ଼ିପି ଏବଂ ବାଲିବୋ ପଞ୍ଚାୟତ ବାଉଁଶକଣ ଗ୍ରାମରେ ଗୁରୁବାର ଭୋର୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଉଭୟ ସ୍ଥାନରେ ୩୧ ବଖରା ଛାରଖାର ହୋଇଯାଇଛି।

କେନ୍ଦୁଡ଼ିପିରେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨୦ ପରିବାର ସର୍ବସ୍ୱାନ୍ତ ହୋଇଥିବାବେଳେ ୨୮ ବଖରା ପାଉଁଶ ହୋଇଯାଇଛି। ଘରେ ମହଜୁଦ ଥିବା ଧାନ, ଚାଉଳ, ସୁନା ଅଳଙ୍କାର, ନଗଦ ଟଙ୍କା ଜଳିଯାଇଛି। ସାହିବାସୀ ଶୋଇଥିବା ବେଳେ ହଠାତ୍ ନିଆଁ ଲାଗି ଚତୁର୍ଦ୍ଦିଗକୁ ବ୍ୟାପି ଯାଇଥିଲେ। ହେଲେ ସୌଭାଗ୍ୟବଶତଃ ସମସ୍ତେ ସୁରକ୍ଷିତ ଅଛନ୍ତି। କାମାକ୍ଷାନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ସବୁକିଛି ଧ୍ୱଂସ ହୋଇଯାଇଥିଲା।

ଅଗ୍ନିକାଣ୍ଡରେ ରଞ୍ଜନ ହାତୀ, କରୁଣାକର ସ୍ୱାଇଁ, କୁଳମଣି ସ୍ୱାଇଁ, ମାଧବ ସ୍ୱାଇଁ, ଅଶୋକ ପରିଡ଼ା, କନକ ହାତୀ, ସଦାନନ୍ଦ ପରିଡ଼ା, ରିଙ୍କି ପରିଡ଼ାଙ୍କ ୨ ବଖରା ଲେଖାଏଁ ଏବଂ ଫୁଲ ସ୍ୱାଇଁ, କାହ୍ନୁଚରଣ ସ୍ୱାଇଁ, ପ୍ରତିମା ସ୍ୱାଇଁ, ଅନନ୍ତ ପରିଡ଼ା, ବିନୋଦ ପରିଡ଼ା, ବିପିନ ପରିଡ଼ା, ନୃସିଂହ ନାୟକ, ସୁରେଶ ନାୟକ, ଅଭିମନ୍ୟୁ ନାୟକ, ଉଚ୍ଛବ ହାତୀ, ଚିତ୍ରକଳା ହାତୀ, ଦମୟନ୍ତୀ ପରିଡ଼ାଙ୍କ ବଖରାଏ ଲେଖାଏଁ ଜଳିଯାଇଛି। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସୁଧାଂଶୁ ମହାନ୍ତି କର୍ମଚାରୀଙ୍କ ସହ ପହଞ୍ଚି ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇବା ସହ ପଲିଥିନ ଯୋଗାଇ ଦେଇଛନ୍ତି। ସେହିପରି ବାଉଁଶକଣ ଗ୍ରାମରେ ଅନୁରୂପ ଘଟଣାରେ ହୃଷୀକେଶ ତ୍ରିପାଠୀଙ୍କ ୩ବଖରା ଜଳିଯାଇଛି। ଭୁବନ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଷ୍ଟମ ଭାବରେ ଗୁରୁଚାନ୍ଦ୍ରି ଯୋଗ ସମସ୍ୟା ମଧ୍ୟରେ ଅର୍ଥ ସମ୍ପଦ ପ୍ରାପ୍ତି କରାଇବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ନିକଟ ସମ୍ପର୍କୀୟମାନଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ** ଶୁଭଗ୍ରହମାନଙ୍କ ଦୃଷ୍ଟିପଥରେ ଆପଣଙ୍କ ରାଶିର ଶୁଭତ୍ୱ ବୃଦ୍ଧିପାଇବା ସହ ପ୍ରତ୍ୟେକ ଅଭିଳାଷକୁ ପୂରଣ କରିବାରେ ସମର୍ଥ ହେବେ। ନିଜର ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଛି ଓ ରହିବ କିନ୍ତୁ ହଠାତ୍ କୌଣସି ଦୃଢ଼ ପଦକ୍ଷେପ ନେଲେ ଝମେଲା ବଢି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲାର ସମାଧାନ ଆଶା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ କୌଣସି ପୂର୍ବ ସ୍ଥିରୀକୃତ ନୂତନ କର୍ମାରମ୍ଭ ପାଇଁ ବାଧ ହୋଇପାରନ୍ତି। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କରିବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରେ। ପରିବହନ, ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ଦେଖାଦେବ।

**ସିଂହ** ମାନସିକ ଅସ୍ଥିରତା କାରଣରୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟା ବୃଦ୍ଧିର ପୃଷ୍ଠଭୂମି ପାଲଟିଯିବ। ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ।

**କନ୍ୟା** ଆଜିର ଗ୍ରହସମ୍ପର୍କ ପ୍ରଭାବରେ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସୀ ହୋଇଯିବ। ଦିନଟି ଯଦିଓ ପୂର୍ଣ୍ଣତଃ ମନ୍ଦ ନୁହେଁ ତଥାପି ବୁଝିବିଚାରି କାମ କରନ୍ତୁ ନଚେତ୍ ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ। ବନ୍ଧୁଙ୍କ ଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ବ୍ୟବସାୟ ଓ ନିର୍ମାଣ କାମରୁ ଲାଭବାନ୍ ହେବେ।

**ତୁଳା** ଆର୍ଥିକ ଅଭିବୃଦ୍ଧି ସହ କର୍ମକ୍ଷେତ୍ରରେ ପ୍ରତିଷ୍ଠା ଓ ସୁନାମ ଅର୍ଜନ କରିପାରିବେ। ପରୋକ୍ଷ ଶତ୍ରୁତା କାରଣରୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟିକ କିମ୍ବା ବିବାଦୀୟ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ। ଫଳରେ ଦୂରଯାତ୍ରା କରିବାକୁ ପଡିପାରେ।

**ବିଛା** ଚନ୍ଦ୍ରଙ୍କ ପ୍ରତି ରାହୁଙ୍କ ଦୃଷ୍ଟି କାରଣରୁ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପ୍ରତ୍ୟେକ ସ୍ତରରେ ମତାନ୍ତର ଘଟିବ। କଳା, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ପରିସ୍ଥିତିରେ ପଡି ବହୁତ୍ ଗୁଡିଏ ଟଙ୍କା ଖର୍ଚ୍ଚ କରିବାକୁ ବାଧ ହେବେ।

**ଧନୁ** ଅନ୍ୟମାନଙ୍କ ଘରୋଇ କଥାରେ ଆଲୋଚନା କରି ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କଲେ ଉପକୃତ ହେବେ। ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

**ମକର** ଆଜି ଆପଣଙ୍କ କୌଣସି କାମ ଅଟକିବ ନାହିଁ ଆନଷଙ୍ଗିକ ସାହାଯ୍ୟ ଲାଭକରି ସୁବିଧାରେ ହୋଇଯିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ** ଶନି ମୂଳା ନକ୍ଷତ୍ରରେ ରହିଥିବାରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**ମୀନ** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହିତ ମାନସିକ ସ୍ତରରେ ଖୁସୀ ଅନୁଭବ କରିବେ। ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠାକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଦୀର୍ଘଦିନରୁ ଚେଷ୍ଟା କରୁଥିବା ଆନୁଷ୍ଠାନିକ କାମରେ ଅବଶ୍ୟ ସଫଳତା ପାଇବେ।

କାର୍ତ୍ତିକ ଶୁକ୍ଳପକ୍ଷର ଯମ ଦ୍ୱିତୀୟା ଶୁକ୍ରବାର, ଶ୍ରୀକ୍ଷେତ୍ରେ ଯମେଶ୍ୱରଙ୍କ ଯାତ୍ରା, ନଭେମ୍ବର ୯ ତାରିଖ, ଜାତୀୟ ଆଇନ ସେବା ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୨୩ମି. ମଧ୍ୟେ ଘ୩।୪୦ମି. ଗତେ, ଘ୫।୫୨ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୨୩ମି. ଗତେ ଘ୮।୪୬ମି. ମଧ୍ୟେ, ଘ୧୧।୩୬ମି. ଗତେ ଘ୧।୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୬ମି. ଗତେ ଘ୧୧।୩୦ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଆଜି କ୍ୟାବିନେଟ୍

**ଭୁବନେଶ୍ୱର,୮।୧୧(ବ୍ୟୁରୋ):** ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅପରାହ୍ଣ ୫ଟା୪୫ ମିନିଟରେ ସଚିବାଳୟଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମୋଟ ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ତେବେ କେଉଁ ବିଭାଗର ପ୍ରସ୍ତାବକୁ ଅନୁମୋଦନ ମିଳିବ ସେ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ଏଜେଣ୍ଡାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି।

### ଓଟିଇଟି ପାଇଁ ୧୨ରୁ ଆବେଦନ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ):** ଓଡ଼ିଶା ଟିଚର୍ସ ଇଜିଲିବିଲିଟି ଟେଷ୍ଟ (ଓଟିଇଟି) ପାଇଁ ଆସନ୍ତା ୧୨ ତାରିଖରୁ ଅନ୍‌ଲାଇନ୍‌ରେ ଫର୍ମ ଆବେଦନ ଆରମ୍ଭ ହେବ। ଆବେଦନର ଶେଷ ତାରିଖ ନଭେମ୍ବର ୨୭ ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ରହିଛି। ଆଶାୟୀ ଛାତ୍ରୀଛାତ୍ରମାନେ ବୋର୍ଡ ୱେବସାଇଟ୍(www.bseodisha.ac.in)କୁ ଯାଇ ଫର୍ମ ପୂରଣ କରିପାରିବେ ବୋଲି ଗୁରୁବାର ମାଧମିକ ଶିକ୍ଷା ବୋର୍ଡ(ବିଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୨ ତାରିଖ ସକାଳ ୮ଟାରୁ ୱେବସାଇଟ୍‌ରେ ଫର୍ମ ଉପଲବ୍ଧ ହେବ। ୨୭ ତାରିଖ ପୂର୍ବାହ୍ନ ୧୧ଟା ୪୫ ମିନିଟ ଯାଏ ୱେବ୍‌ସାଇଟ୍‌ରେ ଫର୍ମ ପୂରଣ ପାଇଁ ଲିଙ୍କ ଉପଲବ୍ଧ ରହିବ। ଅନ୍‌ଲାଇନ୍‌ରେ ଫର୍ମ ଆବେଦନ କରିଥିବା ପ୍ରାର୍ଥୀ ୨୮ ତାରିଖ ସୁଦ୍ଧା ଏସ୍‌ବିଆଇ ଶାଖାରେ ପରୀକ୍ଷା ଫି ପଇଠ କରିପାରିବେ। ପ୍ରକାଶିତ ବିଜ୍ଞପ୍ତିକୁ ପଢ଼ି ଫର୍ମ ପୂରଣ କରିବାକୁ କୁହାଯାଇଛି। ଜଣେ ପିଲା ଚାହିଁଲେ ପେପର-୧ ଏବଂ ପେପର-୨ ପରୀକ୍ଷା ଦେଇପାରିବ। କିନ୍ତୁ ଏଥିପାଇଁ ସେ ଦୁଇଟି ପେପର ପାଇଁ ଉପଲବ୍ଧ ଥିବା ପୃଥକ ପୃଥକ୍ ଫର୍ମ ପୂରଣ କରିବାକୁ ପଡିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଆସନ୍ତା ୧୧ ତାରିଖରୁ ରାଜଧାନୀର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ। ଏହା ୧୫ ତାରିଖ ଯାଏ ଚାଲିବ। ଏ ନେଇ ରାଜ୍ୟ ସରକାର ପ୍ରସ୍ତୁତି ମଧ ଜୋରଦାର ଚଳାଇଛନ୍ତି। ଏହି କନ୍‌କ୍ଲେଭ ଓଡିଶାର ଶିଳ୍ପାୟନ ଯାତ୍ରାକୁ ତ୍ୱରାନ୍ୱିତ କରିବ। ଯାହାକି ପୂର୍ବରୁ କେବେ ଦେଖିବାକୁ ମିଳି ନାହିଁ। ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବ୍ୟବସାୟୀ ଗୋଷ୍ଠୀଙ୍କର ମୁଖ୍ୟଙ୍କୁ ଆମେ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରିଛୁ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଥିରେ ଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ଦେଶର ସବୁଠାରୁ ବଡ଼ ବ୍ୟବସାୟିକ ଘଟଣା ହେବ। ଏଥିରେ ଭାରତରୁ ୧୫୦ ଜଣ ଏବଂ ଦେଶ ବାହାରୁ ଏପରି କି ଆମେରିକା, ଫ୍ରାନ୍ସ ଭଳି ଦେଶରୁ ପ୍ରତିନିଧିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ବିଭାଗର ମନ୍ତ୍ରୀ ଓ ସଚିବମାନେ ବ୍ୟକ୍ତିଗତ ସ୍ତରରେ ହେବାକୁ ଥିବା ଆଲୋଚନାରେ ଅଂଶଗ୍ରହଣ କରିବେ। ଏଥିରେ ଭାବର ଆଦାନ ପ୍ରଦାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ମେକ୍ ଇନ୍ ଓଡିଶା କନ୍‌କ୍ଲେଭ ୨୦୧୮କୁ ସଫଳତାର ସହ ପରିଚାଳନା କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୫ଟି ବିଭାଗ ୪ ଦିନ ଧରି ବିଭିନ୍ନ କ୍ଷେତ୍ର ଉପରେ ଅଧିବେଶନ ଆୟୋଜନ କରୁଛନ୍ତି। ଏହି କନ୍‌କ୍ଲେଭ ବ୍ୟବସାୟୀଙ୍କୁ ସେମାନଙ୍କ ନେଟୱର୍କ ବୃଦ୍ଧି ଓ ଅଂଶୀଦାର ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ କହିଛନ୍ତି। ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ବର୍ତ୍ତମାନ ସମଗ୍ର ପୃଥିବୀ ଏକ ବିଶ୍ୱ ଗ୍ରାମରେ ପରିଣତ ହୋଇଛି। ଏହି କନ୍‌କ୍ଲେଭ କେବଳ ବଡ ବଡ ଶିଳ୍ପ ଯଥା ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ରସାୟନ ଶିଳ୍ପ କିମ୍ବା ପେଟ୍ରୋ କେମିକାଲ ଶିଳ୍ପ ମଧ୍ୟରେ ସୀମିତ ରହି ନାହିଁ। ରାଜ୍ୟର ଆର୍ଥିକ ବିକାଶ ଦିଗରେ ମଧ ଏହା ସହାୟକ ହେବ। କେବଳ ପୁଞ୍ଜିନିବେଶ ନୁହେଁ। ରାଜ୍ୟ ବିଷୟରେ ବିଶ୍ୱ ସମୁଦାୟକୁ ଅବଗତ କରାଇବା ଏହାର ଲକ୍ଷ୍ୟ ବୋଲି ସଚିବ କହିଛନ୍ତି। ଓଡିଶା ବାହାରେ ରହୁଥିବା ଲୋକମାନେ ଓଡିଶାକୁ ଭଲ ଭାବରେ ଜାଣିନାହାନ୍ତି। ସୂଚନା ପ୍ରଦାନରେ ଦୂରତ୍ୱ ରହି ଯାଇଛି। ଓଡିଶା ବିଷୟରେ ଅନେକ ଭ୍ରାନ୍ତଧାରଣା ରହିଛି। ଏହାକୁ ଦୂର କରିବାରେ ଏହି କନ୍‌କ୍ଲେଭ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।



ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଖବରଦାତା ସମ୍ମିଳନୀରେ ଅତିଥିମାନଙ୍କ ସହ ମନ୍ତ୍ରୀ ଅନନ୍ତ ଦାସ(ବାମରୁ ଦ୍ୱିତୀୟ)।

ଗତ କନ୍‌କ୍ଲେଭରେ ୨ ଲକ୍ଷ କୋଟିର ବିଭିନ୍ନ କ୍ଷେତ୍ରର ୧୨୪ଟି ପ୍ରସ୍ତାବ ଆସିଥିଲା। ସେଥିରୁ ୬୫ ପ୍ରତିଶତ ପ୍ରସ୍ତାବ କାର୍ଯ୍ୟକାରୀ ହେବା ପାଇଁ ବିଭିନ୍ନ ସ୍ତରରେ ରହିଛି। ନଭେମ୍ବର ୧୨ ତାରିଖରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ଆଲୋଚନା ଚକ୍ରରେ ବିଜ୍‌ନେସ ଲିଡରଶିପ ସମ୍ମିଟ୍‌ରେ ମୁକେଶ ଅମ୍ବାନୀ ହେବେ ମୁଖ୍ୟବକ୍ତା। ଏଥିରେ ଆଗାମୀ ପିଢିର ନେତୃତ୍ୱଙ୍କୁ ପ୍ରେରଣା ଦେବା ସକାଶେ ଶିଳ୍ପ କ୍ୟାପଟେନମାନେ ଲିଡରଶିପ ଦିଗ ଉପରେ ଆଲୋଚନା କରିବେ। ଏଥିରେ ସ୍ଥାନୀୟ ଶିଳ୍ପପତି ଓ ଉଦ୍ୟୋଗପତିଙ୍କ ସମେତ ବହୁରାଷ୍ଟ୍ରୀୟ ଓ ସ୍ଥାନୀୟ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷିତ କରିବା ପାଇଁ ରାଜ୍ୟର ସମୃଦ୍ଧ ସଂସ୍କୃତି ଐତିହ୍ୟକୁ ଦର୍ଶକମାନଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ କୋଷ୍ଟାଲ ଫନ ରନ, ହେରିଟେଜ ୱାକ, ଗଲ୍ଫ ଟୁର୍ନାମେଣ୍ଟ ଏବଂ ଆଦିବାସୀ ସଂଗ୍ରହାଳୟ ଏବଂ କଳାଭୂମି (ଓଡ଼ିଶା ହସ୍ତତନ୍ତ ସଂଗ୍ରହାଳୟ) ପରିଦର୍ଶନ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯୋଜନା କରାଯାଇଛି। ନଭେମ୍ବର ୧୨ରେ ପ୍ଲେନାରୀ ଅଧିବେଶନ ବେଳେ ଓଡିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ରାଜ୍ୟର ଇତିହାସ ଓ ସଂସ୍କୃତି ଉପରେ କଳାତ୍ମକ ଅନୁବାଦ ପ୍ରଦର୍ଶନ ହେବ। ରାଉରକେଲା ଜନ୍ମିତ ଏବଂ ଆମେରିକାର ପ୍ରଖ୍ୟାତ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ର କ୍ରଏଟିଭ ଅର୍ଥନୀତି ଉପରେ ଏକ ଟେଡ୍ ଷ୍ଟାଇଲ ଅଭିଭାଷଣ ପ୍ରଦାନ କରିବେ।

- ଉଦ୍ୟୋଗୀଙ୍କ ପାଇଁ ସୁଯୋଗ
- ବିଜ୍‌ନେସ ଲିଡରଶିପ୍‌ରେ ମୁକେଶ ଅମ୍ବାନୀ ଦେବେ ଅଭିଭାଷଣ
- ଶିଳ୍ପ ସହ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ହେବ
- ଦେଶର ହେବ ପ୍ରଥମ ବୃହତ୍ କନ୍‌କ୍ଲେଭ
- ପ୍ରଦର୍ଶିତ ହେବ ସଂସ୍କୃତି, କଳା, ପର୍ଯ୍ୟଟନ
- ପ୍ରଥମଥର ପାଇଁ ଓଡ଼ିଶା ସିଏସ୍‌ଆର୍ ପୁରସ୍କାର

ଏହାଛଡା ଷ୍ଟାର୍ଟଅପ ଟକ୍ ଏବଂ ଆକାଂକ୍ଷା ଉଦ୍ୟୋଗୀଙ୍କ ପାଇଁ ଏହା ଲକ୍ ପ୍ଲାଟଫର୍ମ ହେବ। ଏଥିରେ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ନିବେଶକ, ମେଣ୍ଟର ଓ ଉଦ୍ୟୋଗୀଙ୍କ ସହ ଆଲୋଚନା କରିବାର ସୁଯୋଗ ମିଳିବ। ଟେକ୍ ଟକ୍ କାର୍ଯ୍ୟକ୍ରମରେ ମିସ ୟେଭେତ କନୌଫ ଆମେରିକାର ପ୍ରଗତିଶୀଳ ଟେକ୍ନୋଲୋଜି ଉପରେ ଏକ ଅଭିଭାଷଣ ଦେବେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ଥର ଲାଗି ରାଜ୍ୟରେ ଓଡ଼ିଶା ସିଏସ୍‌ଆର୍ ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟର ସାମଜିକ ଓ ଆର୍ଥିକ କ୍ଷେତ୍ରର ବିକାଶ ଦିଗରେ ଓଡ଼ିଶାରେ ଥିବା କମ୍ପାନୀଗୁଡିକର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ଦିଆଯିବ। ନଭେମ୍ବର ୧୨ ତାରିଖରେ ୩ଟି ଶ୍ରେଷ୍ଠ କମ୍ପାନୀକୁ ଶ୍ରେଷ୍ଠ ଷ୍ଟଲ୍ ପାଇଁ ପୁରସ୍କୃତ କରାଯିବ। ଏଥିସହିତ ସୋସିଆଲ ମିଡିଆରେ 'ଆଇ ଆମ୍ ଓଡ଼ିଶା' ଅଭିଯାନ ସଫଳତା ପୂର୍ବକ ଶେଷ ହେବା ପରେ ଓଡିଶାଭିତ୍ତିକ ୭ ଜଣ ସଫଳ ଉଦ୍ୟୋଗୀ ସେମାନଙ୍କ କେସ୍ ଷ୍ଟଡି ପ୍ରଦାନ କରିବେ। ୩ ଜଣ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା 'ଓଡିଶା ଗୌରବ' ଭାବେ ସମ୍ମାନିତ କରାଯିବ। ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ଜାପାନ କଣ୍ଟ୍ରି ପାର୍ଟନର ରହିଛି। ନଭେମ୍ବର ୧୨ରେ ଜାପାନ କମ୍ପାନୀଗୁଡିକ ପାଇଁ ଏକ ସ୍ୱତନ୍ତ୍ର ସେମିନାର ଆୟୋଜନ କରାଯାଇଛି। ଏହି କର୍ମଶାଳାରେ ଜାପାନ କମ୍ପାନୀଗୁଡିକ ଓଡିଶାର ମାନୁଫାକ୍ଚରିଂ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ପ୍ରଦର୍ଶନ କରିବେ। ରାଜ୍ୟରେ ପ୍ରଥମ ଥର ପାଇଁ ସ୍ମାର୍ଟ ଓଡିଶା ହାକାଥନ ଆୟୋଜନ କରାଯିବ। ଏଥିପାଇଁ ୨୯୩ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେମାନଙ୍କୁ ୯୩ଟି ଟିମ୍‌ରେ ବିଭକ୍ତ କରାଯାଇଛି। ୩୬ ଘଣ୍ଟିଆ ସ୍ମାର୍ଟ ଓଡ଼ିଶା ହାକାଥନ ବିଜେତାଙ୍କୁ ନଭେମ୍ବର ୧୫ରେ ପୁରସ୍କୃତ କରାଯିବ। ଓଡ଼ିଶା ଥିମ ପାଭେଲିୟନ ହେବ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ।

■ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ବୈଠକ

## ଛାତ୍ରୀଛାତ୍ରଙ୍କ ଟିକେଟରେ ୫୦ପ୍ରତିଶତ ରିହାତି

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

କଟକସ୍ଥିତ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ସଚିବାଳୟଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଂଗ୍ରହାଳୟର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ କଟକ ସହରର ଏକ ଲୋକପ୍ରିୟ ଦର୍ଶନୀୟ ସ୍ଥାନଭାବେ ବିକଶିତ ହୋଇପାରିଛି। ସଂଗ୍ରହାଳୟକୁ ଆସୁଥିବା ଦର୍ଶକମାନଙ୍କ ସଂଖ୍ୟା ବୃଦ୍ଧି ଘଟୁଛି। ଏହି ସଂଗ୍ରହାଳୟ ଆମ ନୌବାଣିଜ୍ୟ ପରମ୍ପରାର ଗୌରବମୟ ସ୍ମୃତି ବହନ କରୁଛି। ଛାତ୍ରୀଛାତ୍ରମାନଙ୍କୁ ଏ ବାବଦରେ ସଚେତନତା କରିବା ପାଇଁ କଟକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ନୌବାଣିଜ୍ୟ ସଂଗ୍ରହାଳୟରେ ସୂଚନା ପତ୍ରିକା ବଣ୍ଟନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

**ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ପରିଦର୍ଶନ ସୁବିଧା**

ସଂଗ୍ରହାଳୟରେ ଥିବା ଏସ୍‌ଏଫ୍‌ଏକ୍ସ ଏବଂ ଆକ୍ୱାରିଅମ ପ୍ରଦର୍ଶନରେ ଆସୁଥିବା ୧୪ ବର୍ଷରୁ କମ୍ ବୟସ ଛାତ୍ରୀଛାତ୍ରଙ୍କୁ ଟିକେଟରେ ୫୦ପ୍ରତିଶତ ରିହାତି ମିଳିବ। ଏହାଛଡା ଦିବ୍ୟାଙ୍ଗମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ପରିଦର୍ଶନ ସୁବିଧା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆକ୍ୱାରିଅମ ସମ୍ପ୍ରସାରଣ ଓ ମିରର୍ ମେଜ୍ ପ୍ରତିଷ୍ଠା କରାଯିବ। ଛୁଟିଦିନଗୁଡିକରେ ନୌବାଣିଜ୍ୟ ସଂଗ୍ରହାଳୟର କର୍ମଚାରୀମାନେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ବର୍ଷକୁ ଅଧିକ ୨୧ଦିନର ଦରମା ଦିଆଯିବ। ଏହାସହ କର୍ମଚାରୀମାନଙ୍କ ଦରମା ପୁନଃନିର୍ଦ୍ଧାରଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମୁଖରେ ମହାନଦୀ ତଟର ସ୍ୱତନ୍ତ୍ର ବିକାଶ ଓ ସୌନ୍ଦର୍ଯ୍ୟ କରିବାକୁ ବୈଠକରେ ଆଲୋଚନା କରାଯାଇଛି।

## ବନ୍ଧୁକ ଦେଖାଇ ୬୧ ଲକ୍ଷ ଲୁଟ୍ ଅଭିଯୋଗ

**ବେଗୁନିଆ,୮।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଗୁରୁବାର ଦ୍ୱିପ୍ରହରରେ ଲୁଟ୍ ହୋଇଛି। ଲୁଟେରାମାନେ ୬୧ ଲକ୍ଷ ଟଙ୍କା ଲୁଟ୍ କରି ଚମ୍ପଟ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଅଭିଯୋଗକାରୀ ଶ୍ରୀକାନ୍ତ କୁମାର ସାହୁଙ୍କୁ ପଚରାଉଚରା କରିବା ସହ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଏଲ୍ ଆଣ୍ଡ ଟି ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା କଟକ ଜିଲା ବୈଦେଶ୍ୱର ଗ୍ରାମର ଶ୍ରୀକାନ୍ତ ଏବଂ ତାଙ୍କ ସହକର୍ମୀ ଲକ୍ଷ୍ମୀନାରାୟଣ ଖଟୁଆ ଖଣ୍ଡପଡ଼ା ଓ କଳାପଥର ଅଞ୍ଚଳରୁ ୬୧ ଲକ୍ଷ ୪୭ ହଜାର ୨୪୭ ଟଙ୍କା ସଂଗ୍ରହ କରି ତାହାକୁ ଜମା କରିବା ପାଇଁ ଏକ କାର (ଓଡି ୦୨ ଏଏନ ୧୬୮୧)ରେ ଖୋର୍ଦ୍ଧାସ୍ଥିତ ଏକ ବ୍ୟାଙ୍କକୁ ଯାଉଥିଲେ। ବାଘମାରୀ–କଳାପଥର ରାସ୍ତାର ବୋଲଗଡ଼ ବ୍ଲକ ଗୋଡିଆପଲ୍ଲୀ ଗ୍ରାମ ନିକଟରେ ଅପରାହ୍ନ ପ୍ରାୟ ୧ଟା ୩୦ରେ ୩ଟି ବାଇକ୍‌ରେ ମୁଖାପିନ୍ଧିଥିବା କେତେଜଣ ଦୁର୍ବୃତ୍ତ ଆସି ତାଙ୍କ କାର୍‌କୁ ଅଟକାଇଥିଲେ। ପରେ ବନ୍ଧୁକ ଦେଖାଇ ଶ୍ରୀକାନ୍ତଙ୍କଠାରୁ ସବୁ ଟଙ୍କା ଛଡ଼ାଇନେଇ ଖୋର୍ଦ୍ଧା ଅଭିମୁଖେ ପଳାଇଥିଲେ। ଖବରପାଇ ଧଳାପଥର ଫାଣ୍ଡି ଓ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରିଛି। ଏ ନେଇ ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ କିଶୋର ଦାସ କୁହନ୍ତି, ଅଭିଯୋଗକୁ ଭିତ୍ତିକରି ମାମଲା ନଂ.୧୮୩/୧୮ ରୁଜୁ କରାଯାଇ ତଦନ୍ତ ଚାଲିଛି।




CLASSIFIED DISPLAY










LOOKING FOR INVESTORS / PARTNERS / LEASE FACILITY
For running Automobile Workshop having Servicing / Painting / Welding and Repairing 5000 sqft area with Shed / Office / Staff Qtrs 3 phase Electric, own water supply.
Mob : 8114721727






ଭଗବାନଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ୍ୟ ସେହିପରି ଛୋଟ ବଡ ଭେଦ ନ ଥାଉ। ଗୋଟିଏ ଶାମୁକା ତିଆରି କଲାବେଳେ ବା ଗୋଟିଏ ସାମ୍ରାଜ୍ୟ ଗଠନ କରିବାରେ ଭଗବାନ ତାଙ୍କର ସମାନ ଦେବଶକ୍ତି ପ୍ରୟୋଗ କରନ୍ତି। ତୁମ ପକ୍ଷରେ ବି, ଜଣେ ଅକ୍ଷମ ଓ ବିଳାସୀ ରାଜା ହେବା ଅପେକ୍ଷା ଗୋଟିଏ ନିପୁଣ ମୋଚି ହେବା ମହତ୍ତର ବ୍ୟାପାର। - ଶ୍ରୀଅରବିନ୍ଦ



# ପୁନଃ ଆହ୍ୱାନ

ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଓ ତଜ୍ଜନିତ କୃଷକମାନଙ୍କ ଦୁର୍ଦ୍ଦଶା କିଛି ନୂଆ କଥା ନୁହେଁ। ରାଜ୍ୟର ତିନିଚତୁର୍ଥାଂଶ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବାବେଳେ ରାଜ୍ୟର ଅର୍ଥନୀତି ପ୍ରକାରାନ୍ତରେ ପ୍ରକୃତିର ମର୍ଜି ଓ ଦୟା ଉପରେ ନିର୍ଭର କରିଥାଏ। ବାସ୍ତବରେ ସବୁଠାରୁ ଅଧିକ ପ୍ରାକୃତିକ ଦୁର୍ବିପାକ ପୀଡ଼ିତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏପରି କ୍ୱଚିତ୍ ବର୍ଷ ଥିବ ଯେଉଁବର୍ଷ ଓଡ଼ିଶାର ଆଂଶିକ ବା ବ୍ୟାପକ ଅଂଶ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ବିଧ୍ୱସ୍ତ ହୋଇ ନ ଥିବ। ଏମିତି ବି ଅନେକ ଉଦାହରଣ ଅଛି, ଯେତେବେଳେ ଗୋଟିଏ ବର୍ଷରେ ଉଭୟ ବର୍ଷାହୀନତା ଓ ବୃଷ୍ଟିବହୁଳତା ଦ୍ୱାରା ରାଜ୍ୟ କ୍ଷତିଗ୍ରସ୍ତ ହୋଇଛି। ଚଳିତବର୍ଷ ହେଉଛି ତା'ର ଏକ ଉଦାହରଣ। ଉପକୂଳ ଓ ଦକ୍ଷିଣ ଓଡ଼ିଶା ଏବେ ବି ବାତ୍ୟା ତିତ୍‌ଲିର ପରପ୍ରଭାବରୁ ମୁକ୍ତ ହେବାକୁ ସଂଘର୍ଷ କରୁଛନ୍ତି। ଅଥଚ ରାଜ୍ୟର ଅନ୍ୟ କିଛି ଅଂଶରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି।

ଅତୀତରେ ରାଜ୍ୟ ସରକାର ବାତ୍ୟାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ଅଧିକ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରି ଜୀବନହାନିର ଆଶଙ୍କାକୁ ହ୍ରାସ କରିପାରିଥିଲେ। ଏହା ଘଟିଥିଲା ଫାଇଲିନ୍ ଓ ହୁଡ୍‌ହୁଡ୍ ସମୟରେ। ତିତ୍‌ଲି ସମୟରେ ବି ସେପରି ପଦକ୍ଷେପ ନିଆଯାଇଥିଲା। ତେବେ ମରୁଡ଼ି ସମୟରେ ଏପରି କିଛି ଆଗୁଆ ପଦକ୍ଷେପ ନେବା ସମ୍ଭବ ହୋଇପାରିନି। ମରୁଡ଼ି ପରେ ସରକାର ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେଇଥାନ୍ତି। କିନ୍ତୁ ଏହା ସେମାନଙ୍କ ଦୁଃଖ ଦୂର କରିବା ପାଇଁ ଯଥେଷ୍ଟ ହୋଇ ନ ଥାଏ। ମରୁଡ଼ି ବର୍ଷଗୁଡ଼ିକରେ ହଜାର ହଜାର କୃଷିଜୀବୀ ଘରଦ୍ୱାର ଛାଡ଼ି ବାହାର ରାଜ୍ୟକୁ ରୋଜଗାର ଉଦ୍ଦେଶ୍ୟରେ ଚାଲିଯିବାର ଦେଖାଯାଏ। ଏହି ପରିବାରଗୁଡ଼ିକ ସାଧାରଣତଃ ଏକକ ଉପାର୍ଜନକାରୀ ପରିବାର ହୋଇଥାନ୍ତି। ସରକାରଙ୍କ ସାହାଯ୍ୟ ସେମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ପଣା ପରି ହୋଇଥାଏ। ଚଳିତବର୍ଷ ସରକାର ରାଜ୍ୟର ୯ଟି ଜିଲାକୁ ମରୁଡ଼ି ପ୍ରଭାବିତ ବୋଲି ଘୋଷଣା କରିବା ଏକ ସମୟୋଚିତ ପଦକ୍ଷେପ। ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାର ୨,୩୩,୧୭୪ ହେକ୍ଟର ଧାନଜମି ମରୁଡ଼ିପୀଡ଼ିତ ବୋଲି ସରକାର ଘୋଷଣା କରିଛନ୍ତି। ଏହିସବୁ ଅଞ୍ଚଳରେ କୃଷି ଉତ୍ପାଦନରେ ୩୩ ପ୍ରତିଶତ କ୍ଷତିହେବ ବୋଲି ଆକଳନ କରାଯାଇଛି। ତେବେ ଚଳିତବର୍ଷ ମରୁଡ଼ି-ପୀଡ଼ିତ ବୋଲି ଘୋଷଣା କରାଯାଇଥିବା ଅଧିକାଂଶ ଜିଲା ରାଜ୍ୟର ସବୁଠାରୁ ଧାନ ଅମଳକାରୀ ଜିଲା ଭାବେ ପରିଚିତ। ରାଜ୍ୟର ମୋଟ ଧାନ ଅମଳର ପ୍ରାୟ ଅଧା ଭାଗ ଏହି ୯ଟି ଜିଲା ଅମଳ କରିଥାନ୍ତି। ବରଗଡ଼, କଳାହାଣ୍ଡି ଓ ବଲାଙ୍ଗୀର ହେଉଛି ସବୁଠାରୁ ଅଧିକ ଧାନ ସଂଗ୍ରହ କରାଯାଉଥିବା ତିନୋଟି ଜିଲା।

## ଆଜିର ଅର୍ଥନୀତି

ଓଡ଼ିଶାର ବାହାର ରାଜ୍ୟକୁ ଯାଉଥିବା ଅଧିକାଂଶ ଦାଦନ ଶ୍ରମିକ ହେଉଛନ୍ତି ପଶ୍ଚିମ ଓଡ଼ିଶାର। ସବୁଠାରୁ ବେଶି ଶ୍ରମିକ ଯାଇଥାନ୍ତି ବଲାଙ୍ଗୀର ଓ ନୂଆପଡ଼ା ଜିଲାରୁ। ତେଣୁ ରାଜ୍ୟ ସରକାର ମରୁଡ଼ିପୀଡ଼ିତ ଘୋଷଣା କରି ତ୍ୱରିତ ଓ ସମୟଭିତ୍ତିକ ପଦକ୍ଷେପ ନେଇଛନ୍ତି। ସରକାର ଅଣଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ଟ୬,୮୦୦, ଜଳସେଚିତ ଅଞ୍ଚଳ ପାଇଁ ଟ୧୩,୫୦୦ ଏବଂ ସବୁ ଋତୁରେ ଚାଷ ହୋଇପାରୁଥିବା ଦୋଫସଲି ଜମି ପାଇଁ ଟ୧୮,୦୦୦ କ୍ଷତିପୂରଣ ଘୋଷଣା କରିଛନ୍ତି। ୨୦୧୬ ମସିହାରେ ବି ଏପରି ପରିସ୍ଥିତି ଉପୁଜିଥିଲା। ସେତେବେଳେ ସରକାର ଊଣା-ଅଧିକେ ଅନୁରୂପ ସାହାଯ୍ୟ ଘୋଷଣା କରିଥିଲେ। କିନ୍ତୁ ତାହା ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ପଳାୟନ କରିବାରୁ ଗରିବ ଶ୍ରମଜୀବୀ ଲୋକମାନଙ୍କୁ ରୋକିପାରି ନ ଥିଲା। ଗତବର୍ଷ ସମ୍ବଲପୁର ଜିଲାର ଜୁଜୁମୁରା ଓ ଜମନ୍‌କିରା ପରି ବ୍ଲକ୍ ଅଞ୍ଚଳରେ ଏପରି ଘଟଣା କିପରି ବ୍ୟାପକ ଭାବେ ଘଟିଥିଲା, ସେ ବିଷୟରେ ଧରିତ୍ରୀରେ ରିପୋର୍ଟ ପ୍ରକାଶ ପାଇଥିଲା। ସେତେବେଳେ ସରଳ କୃଷକ ଓ ଭାଗଚାଷୀମାନେ ମଧ୍ୟସ୍ଥ ଓ ଦଲାଲମାନଙ୍କ ଦ୍ୱାରା କିପରି ଠକାମିର ଶିକାର ହୋଇଥିଲେ ତାହା ଆମେ ଦେଖିଛୁ। ମରୁଡ଼ି ବର୍ଷଗୁଡ଼ିକରେ ଅନେକ କୃଷକ ଆତ୍ମହତ୍ୟା କରିବାର ମଧ୍ୟ ରିପୋର୍ଟ ପ୍ରକାଶ ପାଇଥାଏ। ଏଥର ପୁଣି ସେପରି ଆହ୍ୱାନ ଆସିଛି। ସମଗ୍ର ପଶ୍ଚିମ ଓଡ଼ିଶା ମରୁଡ଼ି-ପୀଡ଼ିତ ହୋଇଥିବାରୁ ଏହି ଅଞ୍ଚଳଗୁଡ଼ିକରୁ ଗରିବ ଲୋକମାନେ ଦାଦନ ଖଟିବାକୁ ବାହାରକୁ ଯିବାର ସମ୍ଭାବନା ରହିଛି। ଦଲାଲ ଓ ମଧ୍ୟସ୍ଥମାନେ ଏବେ ବି ସକ୍ରିୟ ଅଛନ୍ତି। ଏହା ଏକ ଆବର୍ତ୍ତୀ (ପୁନଃ ପୁନଃ ଘଟୁଥିବା) ଆହ୍ୱାନ, ଯାହାର ମୁକାବିଲା ପାଇଁ ସରକାର ସଚେତନ ରହି ପଦକ୍ଷେପ ନେବା ଆବଶ୍ୟକ।

## ଚିରନ୍ତନୀ

ସରଳ ମତି ସହଜ ଗତି
ନ ବୁଝି ଏ ନିଦାଘ ପଥେ
ଯା'ନ୍ତି ଚଳି ବାଳୀ
କି ରୂପରାଶି ଢାଳି।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | 5 | 6 | A | | | 3 | | | | | |
| | | 3 | | 1 | | 0 | 8 | | | 5 | | | | 2 |
| | 4 | | | | B | | | 1 | 6 | D | 2 | E | | |
| | | | | | C | | | | | | | D | 7 | |
| 0 | 1 | C | 3 | | | B | 9 | | | | | | | A |
| | 6 | | | | | | 4 | | | | | | | 7 |
| | | 8 | | | | 3 | E | A | | 2 | | | | |
| B | | D | | E | | | 6 | | | | | | 5 | 9 |
| | A | | | | 5 | | | C | 9 | | | | | 6 |
| | | | 0 | 4 | 2 | 7 | | | E | | | | D | |
| | B | 9 | | 7 | 8 | | | | C | | | | | |
| | | 0 | 1 | | | 9 | 5 | | 4 | | | | | |
| | | A | C | 6 | 3 | | | E | | | B | 9 | | |
| 3 | | 1 | | | | D | A | B | | | 7 | | | 4 |
| | 5 | | | | A | | 7 | 2 | D | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | 6 | 1 | E | D | 9 | 0 | A | 4 | 5 | C | 8 | B | 7 |
| 5 | A | 1 | C | 0 | 9 | E | 7 | 2 | B | 8 | 3 | 4 | 6 | D |
| 0 | 9 | E | 6 | 2 | B | 8 | 4 | 3 | 7 | D | 1 | C | 5 | A |
| 8 | 7 | C | A | 4 | 5 | B | 1 | D | 2 | E | 6 | 0 | 3 | 9 |
| D | B | 4 | 3 | 7 | 8 | 6 | C | 5 | A | 9 | 0 | E | 1 | 2 |
| 7 | E | 3 | 0 | A | 1 | C | 6 | 4 | 5 | B | 9 | 2 | D | 8 |
| 4 | D | B | 9 | C | 2 | 0 | 3 | 1 | 6 | 7 | 8 | 5 | A | E |
| 1 | 6 | 5 | D | 3 | 4 | 2 | 8 | 7 | C | A | E | B | 9 | 0 |
| 2 | 8 | 9 | B | 5 | 7 | D | A | E | 0 | 1 | 4 | 6 | C | 3 |
| C | 0 | A | E | 8 | 6 | 5 | B | 9 | D | 3 | 2 | 7 | 4 | 1 |
| 9 | 5 | 8 | 4 | B | E | 7 | D | 0 | 3 | C | A | 1 | 2 | 6 |
| B | 3 | 2 | 8 | 1 | C | A | 9 | 6 | E | 4 | 7 | D | 0 | 5 |
| 6 | 1 | 7 | 2 | 9 | 3 | 4 | 5 | B | 8 | 0 | D | A | E | C |
| A | C | D | 5 | 6 | 0 | 1 | E | 8 | 9 | 2 | B | 3 | 7 | 4 |
| E | 4 | 0 | 7 | D | A | 3 | 2 | C | 1 | 6 | 5 | 9 | 8 | B |

ବୁଧବାର ପ୍ରଶ୍ନର ଉତ୍ତର

# ଆଇନର ଶାସନ: କିଛି କଥା, କିଛି ବ୍ୟଥା



ଗିରିଜାଶଙ୍କର ତରାସିଆ

ଦିନ ଥିଲା ଶାସକ ନିଜ ଇଚ୍ଛାରେ ଶାସନ କରୁଥିଲେ। ଏବେ କିନ୍ତୁ ଚାଲିଛି ଆଇନର ଶାସନ। ଏହାର ପରିଭାଷା ବ୍ୟାପକ ହେଲେ ମଧ୍ୟ ପରିସୀମା ଅସ୍ୱଷ୍ଟ। କାରଣ ଥିଲାବାଲା ଏବଂ ନ ଥିଲାବାଲା କ'ଣ ସତରେ ଆଇନ ଆଗରେ ସମାନ? ଏହି ପ୍ରଶ୍ନଟି ଏବେ ମୋ ମନରେ ଜଟିଳ ରୂପ ଧାରଣ କରିଛି ଓକିଲାତି ପେସାରେ ପ୍ରାୟ ତେତିଶ ବର୍ଷ ବିତାଇବା ପରେ। ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ ଷୋଳବର୍ଷ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଷ୍ଠା ଏବଂ ସାଧୁତାର ସହିତ କାର୍ଯ୍ୟ କରିବା ପରେ ଆମ୍ଭ ବିରୋଧରେ କୌଣସି ଅଭିଯୋଗ ନ ଥାଇ ବିନା ନୋଟିସରେ ଆମ୍ଭକୁ କାର୍ଯ୍ୟରୁ ଅପସାରିତ କରିବା ସହିତ ଆମ୍ଭଠାରୁ କନିଷ୍ଠ ଏବଂ ଅପେକ୍ଷାକୃତ ଅନଭିଜ୍ଞ ବ୍ୟକ୍ତିଙ୍କୁ ଆମ୍ଭ ସ୍ଥାନରେ ନିଯୁକ୍ତି ଦିଆଗଲା। କାହାକୁ ନିଯୁକ୍ତି ଦେବା ନ ଦେବା ସରକାରଙ୍କର ଇଚ୍ଛାଧୀନ ବ୍ୟାପାର। କିନ୍ତୁ ଆମ୍ଭଠାରୁ ବରିଷ୍ଠ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥିଲେ ଆମ୍ଭର ଅସନ୍ତୋଷ ରହି ନ ଥାନ୍ତା। ବରିଷ୍ଠତାକୁ ସମ୍ମାନ ନ ଦେଇ ଭାରତର ଉଚ୍ଚତମ ନ୍ୟାୟାଳୟର ତତ୍କାଳୀନ ପୂର୍ବତନ ପ୍ରଧାନ ବିଚାରପତି କନିଷ୍ଠ ବିଚାରପତିମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମକଦ୍ଦମା ବିଚାର କରିବାକୁ ସୁଯୋଗ ଦେଉଥିବାର ଅଭିଯୋଗ କରି ଉଚ୍ଚତମ ନ୍ୟାୟାଳୟର ଚାରିଜଣ ବରିଷ୍ଠ ବିଚାରପତି ଚେଲମେଶ୍ୱର, ରଞ୍ଜନ ଗୋଗୋଇ (ବର୍ତ୍ତମାନର ପ୍ରଧାନ ବିଚାରପତି), ଏମ୍.ବି. ଲୋକୁର ଏବଂ କୁରିଏନ୍ ଜୋସେଫ ୨୦୧୮ ଜାନୁୟାରୀ ୧୨ ତାରିଖରେ ଏକ ଅଭୂତପୂର୍ବ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରି ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଗଣତନ୍ତ୍ରର ସୁରକ୍ଷା ପାଇଁ ଏପରି କରିଥିବା କହିଥିଲେ।

ଆଇନ ଆଗରେ ସମସ୍ତେ ସମାନ ବୋଲି ଭାରତୀୟ ସମ୍ବିଧାନ ଘୋଷଣା କରିଥିଲେ ମଧ୍ୟ ଆଇନକୁ ଫାଙ୍କି ହଜାର ହଜାର କୋଟି ଟଙ୍କା ହଡ଼ପ କରି ବିଜୟ ମାଲ୍ୟାଙ୍କ ପରି ବ୍ୟକ୍ତି ବିଦେଶକୁ ପଳାଇଯାଇ ପାରୁଥିବା ବେଳେ ମାତ୍ର କେତେ ହଜାର ଟଙ୍କା ଋଣ ଶୁଝି ନ ପାରି ଚାଷୀଟିଏ ଆତ୍ମହତ୍ୟା କରୁଛି। ଏହାକୁ କ'ଣ ଆଇନର ସମାନତା ବୋଲି କୁହାଯିବ? ଆମେରିକା ସର୍ବୋଚ୍ଚ ନ୍ୟାୟାଳୟର ଜନୈକ ବିଚାରପତି ବ୍ରିନାନ୍ ଏକଦା ମତପୋଷଣ କରିଥିଲେ- Nothing rankles more in human heart than a brooding sense of injustice. ଆଇନର ଉତ୍ସ କୁହାଯାଉଥିବା ମାଗ୍ନାକାର୍ଟା ଚୁକ୍ତି ଇଂଲଣ୍ଡରୁ ଜନ୍ମଲାଭ କରିଥିଲା। ନ୍ୟାୟପୂର୍ଣ୍ଣ ତଥା ଶୃଙ୍ଖଳିତ ଜୀବନଯାପନ ନିମନ୍ତେ ଇଂଲଣ୍ଡର ରାଜା ଏବଂ ବ୍ୟାରନ୍‌ଙ୍କ ମଧ୍ୟରେ ତ୍ରୟୋଦଶ

### ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ

ଶତାବ୍ଦୀରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଲଣ୍ଡନର ପ୍ରସିଦ୍ଧ ଟେମ୍‌ସ ନଦୀକୂଳରେ ଅବସ୍ଥିତ ରୁନିମେଡ଼େ ମନୋରମ ଉଦ୍ୟାନରେ ୧୨୧୫ ଖ୍ରୀଷ୍ଟାବ୍ଦ ଜୁନ୍ ୧୫ ତାରିଖରେ ଇଂଲଣ୍ଡର ତତ୍କାଳୀନ ସମ୍ରାଟ ଜନ୍ ଐତିହାସିକ ମାଗ୍ନାକାର୍ଟା ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

୧୯୪୯ ମସିହା ମାର୍ଚ୍ଚରେ ବମ୍ବେ ଉଚ୍ଚ ନ୍ୟାୟାଳୟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଏନ୍.ଏଚ୍. ଭଗବତୀଙ୍କ ଅଧ୍ୟକ୍ଷତାରେ ସ୍ୱଳ୍ପ ଆୟକାରୀ ବ୍ୟକ୍ତି ତଥା ପଛୁଆବର୍ଗ ଲୋକଙ୍କୁ ଆଇନ ସହାୟତା ଯୋଗାଇଦେବା ନିମନ୍ତେ ବମ୍ବେ ସରକାର ଏକ କମିଟି ଗଠନ କଲେ। ଅନୁରୂପଭାବେ ସେହି ସମୟରେ ବଙ୍ଗଳା ସରକାର କଲିକତା ଉଚ୍ଚନ୍ୟାୟାଳୟର ତତ୍କାଳୀନ ମୁଖ୍ୟ ବିଚାରପତି ସାର୍ ଆର୍ଥର ଟ୍ରେଭୋର ହାରିସ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଉଭୟ କମିଟି ନିଜ ନିଜ ରାଜ୍ୟ ସରକାରଙ୍କୁ ସ୍ୱତନ୍ତ୍ରଭାବେ ସେମାନଙ୍କର ସୁପାରିସ ପ୍ରଦାନ କରିଥିଲେ ମଧ୍ୟ ଏହି ରିପୋର୍ଟକୁ ବିଶେଷ ଗୁରୁତ୍ୱ ଦିଆଯାଇ ନ ଥିଲା। ଭାରତୀୟ ବିଚାର ବିଭାଗର ଦୁଇଜଣ ପ୍ରଚଣ୍ଡ ପ୍ରତିଭା ଜଷ୍ଟିସ୍ ପି.ଏନ୍. ଭଗବତୀ ଏବଂ ଜଷ୍ଟିସ ଭି.ଆର୍. କ୍ରିଷ୍ଣା ଆୟାର ଭିନ୍ନ ଭିନ୍ନ ଭାବେ ଆଇନ ସହାୟତା ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସେମାନଙ୍କର ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ଭି.ଆର୍. କ୍ରିଷ୍ଣା ଆୟାର ୧୯୭୩ ମସିହାରେ କରିଥିବା ସୁପାରିସକୁ ଗ୍ରହଣ କରି ତତ୍କାଳୀନ କେନ୍ଦ୍ର ସରକାର ୧୯୭୬ ମସିହା ୪୨ତମ ସମ୍ବିଧାନ ସଂଶୋଧନରେ ଧାରା ୩୯(କ) ସଂଯୋଗ କରାଇ ଗରିବମାନଙ୍କୁ ଆଇନ ସହାୟତା ଯୋଗାଇଦେବା ପାଇଁ ବ୍ୟବସ୍ଥା କଲେ। ସର୍ବୋଚ୍ଚ ନ୍ୟାୟାଳୟର ତଦାନୀନ୍ତନ ବିଚାରପତି ଜଷ୍ଟିସ୍ ଭଗବତୀଙ୍କ ଅଧ୍ୟକ୍ଷତାରେ ୧୯୮୦ ସେପ୍ଟେମ୍ବର ୨୬ ତାରିଖରେ ଏକ କମିଟି ଗଠନ କରାଯାଇଥିଲା। ସମଗ୍ର ଦେଶରେ ମାଗଣା ଆଇନ ସହାୟତା ଏବଂ ଉପଦେଶ ଦେବା ନିମନ୍ତେ ଏହି କମିଟି ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲା। କମିଟି ସୁପାରିସ ଅନୁଯାୟୀ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଆଇନ ସହାୟତା ଏବଂ ଉପଦେଷ୍ଟା ବୋର୍ଡମାନ ଗଠନ କଲେ। ଜଷ୍ଟିସ୍ ଭଗବତୀଙ୍କ ସୁପାରିସ ଆଧାରରେ ସଂସଦରେ ଆଇନସେବା ପ୍ରାଧିକରଣ ଆଇନ ୧୯୮୭ ଗୃହୀତ ହେବା ପରେ ସେହିବର୍ଷ ଅକ୍ଟୋବର ୧୧ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ତେବେ ଏହି ଆଇନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏଥିରେ କିଛି ସଂଶୋଧନ କରାଯାଇ ପୁନଃ ମହାମହିମ ରାଷ୍ଟ୍ରପତିଙ୍କ ସ୍ୱୀକୃତି ହାସଲ କରିବା ପରେ ଏହା ୧୯୭୫ ନଭେମ୍ବର ୯ ତାରିଖରୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେଲା ଏବଂ ସେହିବର୍ଷଠାରୁ ପ୍ରତିବର୍ଷ ନଭେମ୍ବର ୯ ତାରିଖକୁ ଜାତୀୟ ଆଇନସେବା ଦିବସ ଭାବେ ପାଳନ କରାଯାଉଛି।

୧୯୮୭ ଆଇନ ସେବା ପ୍ରାଧିକରଣ ଆଇନ ଅନୁଯାୟୀ ତାଲୁକ ସ୍ତରରୁ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଏହିସବୁ ମାଗଣା ଆଇନସେବା ଯୋଗାଇଦେବା କାର୍ଯ୍ୟରେ କ'ଣ ସବୁ ସ୍ଥଳରେ ଅଭିଜ୍ଞ, ଦକ୍ଷ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଯାଉଛି? କେତେକ ସ୍ଥାନରେ ଗ୍ରାମାଞ୍ଚଳରେ ରୋଗୀଟିଏ ସରକାରୀ ଡାକ୍ତରଖାନାରୁ ମାଗଣାରେ ଔଷଧ ଆଣି ରୋଗ ଉପଶମ ନ ହେବା ଏବଂ ଥିଲାବାଲା ପଇସା ଖର୍ଚ୍ଚକରି ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିବା ପରି ମାଗଣା ଆଇନସେବା ଯୋଗାଇଦେବା ଅବସ୍ଥା ନ ହେଉ। ପରିସଂଖ୍ୟାନ ଦୃଷ୍ଟିରୁ ମାଗଣାରେ ବ୍ୟାପକ ଆଇନ ସେବା ଯୋଗାଇ ଦିଆଯାଉଛି ବୋଲି ଦାବି ନ କରି ଗୁଣାତ୍ମକ ଭାବେ ତାଲୁକ ସ୍ତରରୁ ଉଚ୍ଚତମ ନ୍ୟାୟାଳୟ ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ଦକ୍ଷ, ଅଭିଜ୍ଞ ଏବଂ ନିଷ୍ଠାବାନ୍ ଆଇନଜୀବୀଙ୍କୁ ନିୟୋଜିତ କରାଗଲେ ମାଗଣା ଆଇନସେବା ଯୋଗାଇଦେବାର ଲକ୍ଷ୍ୟ ସାଧିତ ହୋଇପାରିବ।

ଦେଶସେବା କରିବା ପାଇଁ ନିର୍ବାଚିତ ହୋଇଥିବା ସାଂସଦ ତଥା ବିଧାୟକମାନେ ଦିନ କେଇଟା ଦାୟିତ୍ୱ ତୁଲାଇବା ପରେ ଜୀବନସାରା ଅବସରକାଳୀନ ଭତ୍ତା ପାଇବାକୁ ଯୋଗ୍ୟ ହେଉଥିଲା ବେଳେ ସ୍ୱଳ୍ପ ପାରିଶ୍ରମିକରେ ଷୋଳବର୍ଷ ଧରି ସରକାରଙ୍କ ପକ୍ଷରୁ ଅଦାଲତରେ ମକଦ୍ଦମା ଲଢ଼ି ପରେ କୌଣସି ଆର୍ଥିକ ସହାୟତା ଏବଂ ପେନ୍‌ସନ୍ ପାଇବାର ସୁଯୋଗ ନ ପାଇ ରୋଗଶଯ୍ୟାରେ ପଡ଼ି ଛଟପଟ ହେଉଥିବା ଆମ୍ଭ ପରି ନାଗରିକଟିର ଦୁରବସ୍ଥା ଆଇନର ଅସମାନତାର ଶିକାର ହେଉଥିବା ହଜାର ହଜାର ଅସହାୟ ବ୍ୟକ୍ତିଙ୍କର ଏକ ଉଦାହରଣ ମାତ୍ର।

ମୋ- ୯୯୩୭୩୩୪୮୦୦

# ବିମୁଦ୍ରୀକରଣ ଓ ତା'ର ପ୍ରଭାବ



ଅରୁଣ ଜେଟ୍‌ଲୀ

ଆଜି ଆମେ ବିମୁଦ୍ରୀକରଣର ଦୁଇବର୍ଷ ପୂରଣ କରୁଛୁ। ଅର୍ଥବ୍ୟବସ୍ଥାକୁ ଔପଚାରିକ କରିବା ଦିଗରେ କେନ୍ଦ୍ର ସରକାର ନେଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୃଙ୍ଖଳା ମଧ୍ୟରୁ ବିମୁଦ୍ରୀକରଣ ଏକ ପ୍ରମୁଖ ପଦକ୍ଷେପ। ସରକାର ପ୍ରଥମେ ଭାରତ ବାହାରେ ଥିବା କଳାଧନକୁ ଟାର୍ଗେଟ୍ କରିଥିଲେ। ଜରିମାନା ଟିକସ ପଇଠ କରି ଏହିସବୁ ସମ୍ପତ୍ତିକୁ ଦେଶ ଭିତରକୁ ଆଣିବା ଲାଗି ସମ୍ପତ୍ତିଧାରକମାନଙ୍କୁ କୁହାଯାଇଥିଲା। ଯେଉଁମାନେ ଏହା କରିବାରେ ବିଫଳ ହୋଇଛନ୍ତି ସେମାନଙ୍କୁ କଳାଧନ ଆଇନ ଅଧୀନରେ ଦଣ୍ଡିତ କରାଯାଇଛି। ବିଦେଶରେ ଥିବା ଜମା ଏବଂ ସମ୍ପତ୍ତିର ବିବରଣୀ ଯାହା ସରକାରଙ୍କୁ ମିଳିଲା, ସେସବୁର ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରାଗଲା।

ରିଟର୍ନ ଦାଖଲ କରିବା ଏବଂ ଟିକସ ଆଧାରକୁ ସମ୍ପ୍ରସାରଣ କରିବାର ସୁବିଧା ପ୍ରଦାନ ଲାଗି ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ କ୍ଷେତ୍ରରେ ପ୍ରଯୁକ୍ତିର ଉପଯୋଗ କରାଗଲା। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାଦ୍ୱାରା ସମାଜର ଦୁର୍ବଳ ବର୍ଗର ଲୋକମାନେ ମଧ୍ୟ ଔପଚାରିକ ଅର୍ଥବ୍ୟବସ୍ଥାର ଅଂଶବିଶେଷ ହୋଇପାରିଲେ। ଜନଧନ ଜମାଖାତା ଦ୍ୱାରା ବହୁସଂଖ୍ୟକ ଲୋକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ ଯୋଡ଼ିହୋଇ ପାରିଲେ। ଆଧାର ଆଇନ ଦ୍ୱାରା ସରକାରଙ୍କ ସହାୟତା ବ୍ୟବସ୍ଥା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଜରିଆରେ ସିଧାସଳଖ ହିତାଧିକାରୀଙ୍କ ଜମାଖାତାକୁ ପହଞ୍ଚିପାରିଲା। ପରୋକ୍ଷ ଟିକସ କ୍ଷେତ୍ରରେ ଜିଏସ୍‌ଟି ଦ୍ୱାରା ଟିକସ ପ୍ରକ୍ରିୟା ଆହୁରି ସରଳ ହୋଇପାରିଲା। ବର୍ତ୍ତମାନ ଟିକସ ଫାଙ୍କିବା ଦିନକୁ ଦିନ ଅଧିକ କଷ୍ଟକର ହୋଇପଡୁଛି।

ଭାରତ ଏକଦା ନଗଦଭିତ୍ତିକ ଅର୍ଥବ୍ୟବସ୍ଥା ଥିଲା। ନଗଦ ଦ୍ୱାରା ସନ୍ଦେହଜନକ କାରବାର ହେଉଥିଲା। ଏହା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଏଡ଼ାଇବା ସହିତ ଅଧିଗ୍ରହୀତାଙ୍କୁ ଟିକସ ଫାଙ୍କିବାର ସୁଯୋଗ ଦେଉଥିଲା। ବିମୁଦ୍ରୀକରଣ ଦ୍ୱାରା ନଗଦଧାରୀମାନେ ବ୍ୟାଙ୍କରେ ଟଙ୍କା ଜମା କରିବା ଲାଗି ବାଧ୍ୟ ହେଲେ। ବିପୁଳ ପରିମାଣର ଟଙ୍କା ଜମା ହେଲା ଏବଂ ଜମାକାରୀଙ୍କ ପରିଚୟ ମିଳିଲା। ୧୭.୪୨ ଲକ୍ଷ ଖାତାଧାରୀଙ୍କ କାରବାର ସନ୍ଦେହଜନକ ମନେହେବାରୁ ସେମାନଙ୍କଠାରୁ ଅନଲାଇନରେ ଜବାବ ଗ୍ରହଣ କରାଗଲା। ଉଲ୍ଲଂଘନକାରୀ ଦଣ୍ଡ ଭୋଗିଲେ। ଏହି ଟଙ୍କା ମଧ୍ୟରୁ ଅଧିକାଂଶ ପରବର୍ତ୍ତୀ ନିବେଶ ଲାଗି ମ୍ୟୁଚୁଆଲ ଫଣ୍ଡରେ ଉପଯୋଗ କରାଗଲା। ଏହା ଔପଚାରିକ ବ୍ୟବସ୍ଥାର ଅଂଶବିଶେଷ ହେଲା।

ବିମୁଦ୍ରୀକରଣ ବିରୋଧରେ ଏକ ତଥ୍ୟହୀନ ଅଭିଯୋଗ କରାଗଲା ଯେ ବ୍ୟାଙ୍କରେ ସବୁତକ ନଗଦ ଟଙ୍କା ଜମାଖାତାକୁ ଆସିଗଲା। ନଗଦ ଟଙ୍କା ଜବତ କରିବା ବିମୁଦ୍ରୀକରଣର ଲକ୍ଷ୍ୟ ନ ଥିଲା। ଏହା ପଛରେ ବଡ଼ ଲକ୍ଷ୍ୟଟି ଥିଲା ସବୁ ନଗଦ ଟଙ୍କାକୁ ଔପଚାରିକ ଅର୍ଥବ୍ୟବସ୍ଥା ଅଧୀନକୁ ଆଣିବା ଏବଂ ନଗଦଧାରୀମାନଙ୍କୁ ଟିକସ ଦେବା ଲାଗି ବାଧ୍ୟ କରିବା। ଭାରତକୁ ନଗଦରୁ ଡିଜିଟାଲ କାରବାରବିଶିଷ୍ଟ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ବ୍ୟବସ୍ଥାରେ ଏପରି ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ଥିଲା। ଉଚ୍ଚ ଟିକସ ରାଜସ୍ୱ ଏବଂ ଏକ ଉଚ୍ଚ ଟିକସ ଆଧାର ଉପରେ ଏହାର ପ୍ରଭାବ ନିଶ୍ଚିତ ଭାବେ ଥିଲା। ବ୍ୟକ୍ତିଗତ ଆୟକର ସଂଗ୍ରହରେ ବିମୁଦ୍ରୀକରଣର ପ୍ରଭାବ ଅନୁଭୂତ ହୋଇଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୦୧୮-୧୯ରେ ଏହି ସଂଗ୍ରହ (୩୧।୧୦।୨୦୧୮ ସୁଦ୍ଧା) ୨୦.୨% ଅଧିକ ଥିଲା। ଏପରି କି କର୍ପୋରେଟ ଟିକସ ସଂଗ୍ରହ ମଧ୍ୟ ପୂର୍ବାପେକ୍ଷା ୧୯.୫% ଅଧିକ ଥିଲା। ବିମୁଦ୍ରୀକରଣ ପୂର୍ବ ଦୁଇବର୍ଷରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଯଥାକ୍ରମେ ୬.୬% ଏବଂ ୯% ବଢ଼ିଥିଲା। ବିମୁଦ୍ରୀକରଣ ପରବର୍ତ୍ତୀ ଦୁଇବର୍ଷରେ ଏହି ବୃଦ୍ଧି ୧୪.୫% ଏବଂ ୧୮% ରହିଛି। ସେହିପରି ୨୦୧୭-୧୮ରେ ଟିକସ ରିଟର୍ନ ସଂଖ୍ୟା ୬.୮୬ କୋଟିରେ ପହଞ୍ଚିଥିଲା, ଏହା ବିଗତ ବର୍ଷ ତୁଳନାରେ ୨୫% ଅଧିକ। ଚଳିତବର୍ଷ, ୩୧।୧୦।୨୦୧୮ ସୁଦ୍ଧା ୫.୯୯ କୋଟି ରିଟର୍ନ ଦାଖଲ ହୋଇସାରିଲାଣି, ଯାହାକି ଗତ ଆର୍ଥିକ ବର୍ଷ ତୁଳନାରେ ୫୪.୩୩% ଅଧିକ। ଚଳିତ ବର୍ଷ ଅତିରିକ୍ତ ୮୬.୩୫ ଲକ୍ଷ ଟିକସଦାତା ଯୋଡ଼ି ହୋଇଛନ୍ତି। ମେ ୨୦୧୪ରେ ବର୍ତ୍ତମାନର ସରକାର ଯେତେବେଳେ ନିର୍ବାଚିତ ହେଲେ, ଆୟକର ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ୩.୮ କୋଟି ଥିଲା। ଏ ସରକାରଙ୍କ ପ୍ରଥମ ଚାରିବର୍ଷରେ ଏହା ୬.୮୬ କୋଟିକୁ ବୃଦ୍ଧି ପାଇଛି।

ବିମୁଦ୍ରୀକରଣ ଏବଂ ଜିଏସ୍‌ଟିର କାର୍ଯ୍ୟାନ୍ୱୟନ ଦ୍ୱାରା ବ୍ୟାପକଭାବେ ନଗଦ କାରବାର ହ୍ରାସ ପାଇଛି। ଡିଜିଟାଲ କାରବାରରେ ବୃଦ୍ଧି ଘଟିଛି। ଅର୍ଥବ୍ୟବସ୍ଥାର ଏହି ଔପଚାରୀକରଣ ଫଳରେ ଟିକସଦାତାଙ୍କ ସଂଖ୍ୟାର ଆଧାର ଜିଏସଟି ଲାଗୁ ହେବା ପୂର୍ବରୁ ୬.୪ ମିଲିୟନ ଥିବା ବେଳେ ଜିଏସଟି ଲାଗୁ ହେବା ପରେ ବୃଦ୍ଧି ପାଇ ୧୨ ମିଲିୟନରେ ପହଞ୍ଚିଛି। ଏହା ଅର୍ଥବ୍ୟବସ୍ଥାରେ ପରୋକ୍ଷ ଟିକସ ବୃଦ୍ଧିକୁ ବ୍ୟାପକ କରିପାରିଛି। ଏହା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଲାଭାନ୍ୱିତ କରିଛି। କ୍ଷୁଦ୍ର ଟିକସଦାତାମାନଙ୍କୁ ୯୭,୦୦୦ କୋଟି ଟଙ୍କାର ଆୟକର ରିହାତି ଏବଂ ଜିଏସଟି ପ୍ରଦାନକାରୀମାନଙ୍କୁ ୮୦, ୦୦୦ କୋଟି ଟଙ୍କାର ରିହାତି ପ୍ରଦାନ କରିବା ସତ୍ତ୍ୱେ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଟିକସର ଦର, ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ କ୍ଷେତ୍ରରେ, ହ୍ରାସ କରାଯାଇଛି, କିନ୍ତୁ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଟିକସ ଆଧାର ସମ୍ପ୍ରସାରିତ ହୋଇପାରିଛି।

ସରକାର ଏସବୁ ସମ୍ବଳକୁ ଉନ୍ନତ ଭିତ୍ତିଭୂମି ନିର୍ମାଣ, ସାମାଜିକ କ୍ଷେତ୍ର ଏବଂ ଗ୍ରାମୀଣ କ୍ଷେତ୍ରରେ ଉପଯୋଗ କରୁଛନ୍ତି। ଯାହା ହେଉ ଆମେ ଆଜି ଗାଁକୁ ସଂଯୋଗ କରୁଥିବା ରାସ୍ତା, ପ୍ରତି ଘରକୁ ବିଦ୍ୟୁତ୍ ସଂଯୋଗ, ଗ୍ରାମୀଣ ସ୍ୱଚ୍ଛତା ପ୍ରସାର ୯୨%କୁ ବୃଦ୍ଧି, ଏକ ସଫଳ ଆବାସ ଯୋଜନା, ୮ କୋଟି ଗରିବ ପରିବାରଙ୍କୁ ଗ୍ୟାସ୍ ସଂଯୋଗ ଦେଇପାରିଛୁ। ୧୦ କୋଟି ପରିବାରଙ୍କୁ ଆୟୁଷ୍ମାନ ଯୋଜନା ଅଧୀନରେ ସାମିଲ କରାଯାଇଛି, ସବ୍‌ସିଡ଼ିଯୁକ୍ତ ଖାଦ୍ୟ ପାଇଁ ୧,୬୨,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, କୃଷକମାନଙ୍କ ପାଇଁ ଏମ୍ଏସ୍‌ପିରେ ୫୦% ବୃଦ୍ଧି ଏବଂ ଏକ ସଫଳ ବୀମା ଯୋଜନା ପ୍ରଚଳନ କରାଯାଇଛି। ଅର୍ଥବ୍ୟବସ୍ଥାର ଔପଚାରୀକରଣ ଫଳରେ ୧୩କୋଟି ଉଦ୍ୟୋଗୀଙ୍କୁ ମୁଦ୍ରା ଋଣ ଯୋଗାଇ ଦିଆଯାଇଛି। ମାତ୍ର କିଛି ସପ୍ତାହ ମଧ୍ୟରେ ସପ୍ତମ ବେତନ ଆୟୋଗ ଲାଗୁ କରାଯାଇଛି ଏବଂ ଶେଷରେ ଓଆରଓପି (ୱାନ୍ ର୍ୟାଙ୍କ୍ ୱାନ୍ ପେନ୍‌ସନ) ଲାଗୁ ହୋଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ, ଭାରତ

## ଏଇ ଭାରତରେ

ଟାଙ୍ଗୋ ବାଦ୍ୟ ଭାରତର ଏକ ପାରମ୍ପରିକ ବାଦ୍ୟ ହୋଇଥିବା ବେଳେ ଏହାକୁ ଲୋକେ ଭୁଲିଯିବାକୁ ବସିଲେଣି। କିନ୍ତୁ ଚଳିତବର୍ଷ ନଭେମ୍ବର ୧୧ ତାରିଖରେ ମହାରାଷ୍ଟ୍ରର ମୁମ୍ବାଇ ମହାନଗରୀରେ ଏକ ୩ ଦିନିଆ ଟାଙ୍ଗୋ ସଂଗୀତ ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଆର୍ଜେଣ୍ଟିନାର କନ୍‌ସୁଲେଟ୍ ଜେନେରାଲଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉପସ୍ଥାପନ କରାଯିବ। ଟାଙ୍ଗୋ ବାଦ୍ୟ ଦ୍ୱାରା ଭାରତରେ ବିଦେଶୀ ଢାଞ୍ଚାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପ୍ରଥମ ଘଟଣା। 'ଭିଭୋ ଟାଙ୍ଗୋ ମିଲୋଙ୍ଗା' ନାମରେ ହେଉଥିବା ଏହି ଉତ୍ସବ ଲୋୟର ପାରେଲ୍‌ସ୍ଥିତ ହାଇଷ୍ଟ୍ରିଟ୍ ଫୋନିକ୍ସରେ ଉକ୍ତ ଦିନ ସନ୍ଧ୍ୟା ୭ ଘଟିକାରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ପାରମ୍ପରିକ ଟାଙ୍ଗୋ ଯନ୍ତ୍ର ବାଦନ କରାଯିବ। ଏଥି ସହ ଆର୍ଜେଣ୍ଟିନୀୟ ସଂଗୀତ ଶୈଳୀରେ ସ୍ଥାନୀୟ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିବେ। ନଭେମ୍ବର ୧୨ ତାରିଖରେ ପୃଥିବୀ ଥିଏଟରରେ ଇଣ୍ଡିଆ ଚାମ୍ବର ଅର୍କେଷ୍ଟ୍ରା ଏହାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବ। ଏହା ପରଦିନ ଅର୍ଥାତ୍ ୧୩ ତାରିଖରେ ନ୍ୟାଶନାଲ୍ ସେଣ୍ଟର ଫର ପର୍‌ଫର୍ମିଙ୍ଗ୍ ଆର୍ଟସ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହା ପୂର୍ବରୁ ଆର୍ଜେଣ୍ଟିନୀୟ ଟାଙ୍ଗୋ ଦକ୍ଷିଣ, କେନ୍ଦ୍ରୀୟ ଓ ଉତ୍ତର ଆମେରିକା, ୟୁରୋପ ଏବଂ ଏସିଆରେ କାର୍ଯ୍ୟକ୍ରମ ପରିବେଷଣ କରି ପ୍ରଶଂସା ଅର୍ଜନ କରିପାରିଛି। ଏ ସମ୍ପର୍କରେ ମୁମ୍ବାଇସ୍ଥିତ ଆର୍ଜେଣ୍ଟିନାର କନସଲ ଜେନେରାଲ ଆଲେଜାଣ୍ଡ୍ରୋ ଜୋଥନର ମେୟିର କହନ୍ତି ଯେ, ଭାରତରେ ଆର୍ଜେଣ୍ଟିନୀୟ ସଂସ୍କୃତିର ପ୍ରସାର କରିବା ପାଇଁ ଏକ ସୁଯୋଗ ସୃଷ୍ଟି ହୋଇପାରିଛି। ବାସ୍ତବରେ ଭାରତୀୟ ପାରମ୍ପରିକ କଳା ଏବଂ ବିଦେଶୀ ସଂସ୍କୃତିର ଏହା ଏକ ମହାମିଳନ କହିଲେ ଅତ୍ୟୁକ୍ତି ହେବନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

### ୯ ନଭେମ୍ବର ୧୯୯୩

- ରୁଷିଆ ଓ ଚାଇନା ମଧ୍ୟରେ ସାମରିକ ସହଯୋଗ ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- ଖ୍ୟାତନାମା ସାହିତ୍ୟିକ ମୁଲକ ରାଜ ଆନନ୍ଦ ୧୯୯୩ ମସିହାର ଉଇଲିୟମ କାରୋ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।
- ପ୍ରାୟ ଚାରି ଦଶନ୍ଧି ପରେ ଜୋର୍ଡାନରେ ପ୍ରଥମ ବହୁଦଳୀୟ ନିର୍ବାଚନ ଅନୁଷ୍ଠିତ।

## ପାଠକ ଶ୍ରେଷ୍ଠ ବିଚାରକ

### ବରପୁତ୍ରମାନଙ୍କୁ ଅପମାନିତ କରା ନ ଯାଉ

ମହାଶୟ,

କିଛିବର୍ଷ ତଳେ ଆମ ରାଜ୍ୟ ସରକାର ଭୁବନେଶ୍ୱର ସହରର ଏକ ପ୍ରମୁଖ ରାସ୍ତାକୁ ଓଡ଼ିଆ ରୀତିଯୁଗୀୟ ସାହିତ୍ୟର ସୁଯୋଗ୍ୟ ବିଦ୍ଧାଣି ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ କରିଥିଲେ। ମାତ୍ର ୨୦୧୬ ମସିହାରେ ସେହିରାସ୍ତାକୁ ପୁଣିଥରେ ମଦର ଟେରେସାଙ୍କ ନାମରେ ନାମିତ କରାଯାଇଛି, ଯାହା ଅଭିମନ୍ୟୁଙ୍କ ପ୍ରତି ଅପମାନ। ମଦର ଟେରେସାଙ୍କ ନାମରେ ନାମିତ କରିବା ପାଇଁ କ'ଣ ଭୁବନେଶ୍ୱର ସହରରେ ରାସ୍ତାର ଅଭାବ ଅଛି? ଜଣେ ବରପୁତ୍ରଙ୍କ ନାମରେ ଥରେ ନାମିତ ହୋଇଥିବା ରାସ୍ତାକୁ ଅନ୍ୟ ଜଣଙ୍କ ନାମରେ ପୁନର୍ନାମିତ କରିବା କେତେଦୂର ଯୁକ୍ତିଯୁକ୍ତ? କ'ଣ ଏଇ କେତେ ବର୍ଷ ଭିତରେ କବି ଅଭିମନ୍ୟୁଙ୍କ ପ୍ରତିଭା/ଅବଦାନ କମିଗଲା? ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ଆନ୍ଦୋଳନ କରିଆସୁଥିବା ସଙ୍ଗଠନଗୁଡ଼ିକ ଏ ଦିଗରେ ନୀରବ କାହିଁକି? ସେଇ ରାସ୍ତାକୁ ପୁଣିଥରେ ବିଦଗ୍ଧକବିଙ୍କ ନାମରେ ନାମିତ କରି ଭୁଲ୍‌ର ସଂଶୋଧନ କରାଯାଉ ଏବଂ ଅନ୍ୟ ଏକ ରାସ୍ତାକୁ ମଦର ଟେରେସାଙ୍କ ନାମରେ ନାମିତ କରାଯାଉ।

ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

### ସତ୍ୟବାଦୀର ସତ୍ୟ ଘଟଣା

ପବିତ୍ର ପୀଠ ସତ୍ୟବାଦୀର ଉନ୍ନତି ପାଇଁ ଏବେ ସମସ୍ତଙ୍କର ନଜର। କିନ୍ତୁ ରାଜକୋଷରୁ ଆସୁଥିବା ଅର୍ଥ ଏଠାରେ ସୁବିନିଯୋଗ ହେଉନାହିଁ। ସେ ସତ୍ୟବାଦୀ ଗୋଷ୍ଠୀର ସାଧକଗଣ ଆଉ ନାହାନ୍ତି, ଯେଉଁମାନେ ଅଖିଆ ପେଟରେ ଏ ଓଡ଼ିଆ ଜାତି ପାଇଁ ପ୍ରାଣ ଦେଇଥିଲେ। ଏବେ କିନ୍ତୁ ଏଠାରେ ନିଜ ସ୍ୱାର୍ଥ ପାଇଁ ଅନ୍ୟର ପ୍ରାଣ ନେବାକୁ ପଛାଉନାହାନ୍ତି। ଏଠି ଅନେକ ସମସ୍ୟା ରହିଛି। ଡାକ୍ତରଖାନାରେ ଡାକ୍ତର ଅଭାବ, ରେଳଷ୍ଟେଶନର ଅବସ୍ଥା ସେହିପରି, ସାକ୍ଷୀଗୋପାଳ କଲେଜ ସ୍ୱୟଂଶାସିତ ହେଲା ନାହିଁ। ବକୁଳବନର କୀର୍ତ୍ତି ଲିଭିଗଲାଣି। ସ୍ମୃତିପୀଠରେ ମଦ୍ୟପାନ ଓ ଖରାପ କାମ, ସାକ୍ଷୀଗୋପାଳ ମନ୍ଦିରର ଜରାଜୀର୍ଣ୍ଣ ଅବସ୍ଥା। ଯଦି ସରକାରଙ୍କ ତରଫରୁ ଉନ୍ନୟନ କର୍ତ୍ତୃପକ୍ଷ (ପରିଷଦ) ଗଠନ ହୁଅନ୍ତା, ତେବେ ଉନ୍ନତି ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ବିଜୟ କୁମାର ଛାଟୋଇ, ମହୁରା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନୀରବ ମୋଦି ପଳାତକ ଘୋଷିତ

ନୂଆଦିଲ୍ଲୀ,୮।୧୧: ସୀମାଶୁଳ୍କ ମାମଲାରେ ଫେରାର ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ପଳାତକ ଘୋଷଣା କରାଯାଇଛି। ୫୨ କୋଟି ଟଙ୍କାର ସୀମାଶୁଳ୍କ ମାମଲାକୁ ଗ୍ରହଣକରି ସୁରଟର ସିଜେଏମ୍ ବିଚାରପତି ବି.ଏଚ୍.କପାଡିଆ ତାଙ୍କୁ ପଳାତକ ଘୋଷଣା କରିଛନ୍ତି। ଆସନ୍ତା ୧୫ ସୁଦ୍ଧା ଅଦାଲତରେ ହାଜର ହେବାକୁ ବିଚାରପତି ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ମହାରାଷ୍ଟ୍ର ଓ ଗୁଜରାଟର ବିଭିନ୍ନ ଖବରକାଗଜରେ ଜନସୂଚନା ପ୍ରଦାନ କରାଯାଇଛି। ଫଳରେ ମୋଦିଙ୍କୁ ଏବେ ଅନ୍ତରୀଣ ଜାମିନ ମିଳିବା ଅସମ୍ଭବ ହେବ।

### ଲୋକ ସଭା ସେକ୍ରେଟାରି ଜେନେରାଲଙ୍କ କାର୍ଯ୍ୟକାଳ ବୃଦ୍ଧି

ନୂଆଦିଲ୍ଲୀ,୮।୧୧(ପି.ଟି.): ଲୋକ ସଭା ସେକ୍ରେଟାରି ଜେନେରାଲ ସ୍ନେହଲତା ଶ୍ରୀବାସ୍ତବଙ୍କ କାର୍ଯ୍ୟକାଳ ୧ ବର୍ଷ ବୃଦ୍ଧି କରାଯାଇଛି। ଲୋକ ସଭାରେ ପ୍ରଥମ ମହିଳା ଭାବେ ସେକ୍ରେଟାରି ଜେନେରାଲ ପଦରେ ଥିବା ସ୍ନେହଲତାଙ୍କ କାର୍ଯ୍ୟ ଅବଧି ବୃଦ୍ଧି ନେଇ ଗୁରୁବାର ବାଚସ୍ପତି ସୁମିତ୍ରା ମହାଜନ ଘୋଷଣା କରିଛନ୍ତି। ୧୯୮୨ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡର୍ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସ୍ନେହଲତା ଗତବର୍ଷ କ୍ୟାବିନେଟ୍ ସେକ୍ରେଟାରି ପାହ୍ୟାକୁ ଉନ୍ନୀତ ହୋଇଥିଲେ। ସେ ନଭେମ୍ବର ୩୦ରେ ଅବସର ନେଇଥାନ୍ତେ। ୨୦୧୯ ନଭେମ୍ବର ଯାଏ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

■ ୧୨ରେ ଛତିଶଗଡ଼ ବିଧାନସଭା ନିର୍ବାଚନ

# ଓଡ଼ିଶା ସୀମାନ୍ତରେ ହାଇ ଆଲର୍ଟ

ନୂଆପଡା ଅଫିସ,୮।୧୧



ଓଡ଼ିଶା–ଛତିଶଗଡ଼ ସୀମାନ୍ତରେ ଖରିଆରରୋଡ ସହର ମୁଣ୍ଡରେ ପୋଲିସ ଯାତ୍ରୀମାନଙ୍କୁ ଯାଞ୍ଚ କରୁଛି।

■ ନୂଆପଡ଼ାର ୫ ଥାନା ଅଞ୍ଚଳ ସିଲ
■ ମଦ, ଟଙ୍କା, ମାଓବାଦୀଙ୍କୁ ଟାର୍ଗେଟ

ପଡୋଶୀ ଛତିଶଗଡ଼ ବିଧାନସଭା ନିର୍ବାଚନକୁ ଆଗକୁ ମାତ୍ର ୩ ଦିନ ବାକି ଥିବାବେଳେ ଓଡ଼ିଶା–ଛତିଶଗଡ଼ ସୀମାନ୍ତରେ ଯେମିତି ମଦ, ଟଙ୍କା କି ଅନ୍ୟାନ୍ୟ ସାମଗ୍ରୀ ଚାଲାଣ ନ ହୁଏ ସେଥିପ୍ରତି ନଜର ରଖିଛି ଜିଲା ପୋଲିସ । ଦୁଇ ରାଜ୍ୟର ସୀମାନ୍ତକୁ ସିଲ କରାଯାଇ ହାଇଆଲର୍ଟ ଜାରି କରାଯାଇଛି। ନୂଆପଡା ଜିଲାର ସୀମାନ୍ତରେ ଥିବା ୫ଟି ଥାନା ଅଞ୍ଚଳକୁ ସିଲ କରାଯାଇ ୨୪ ଘଣ୍ଟା ତନଖି ଚାଲିଛି ।

ନୂଆପଡା ଜିଲାର ସିନାପାଲି, ଧରମବନ୍ଧା, ନୂଆପଡା, ବେଲଟୁକୁରୀ, ଜୋଙ୍କ ଥାନା ଅଞ୍ଚଳ ଛତିଶଗଡ ସୀମାକୁ ଲାଗି ରହିଛି । ଆସନ୍ତା ୧୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଛତିଶଗଡ ବିଧାନସଭା ନିର୍ବାଚନ ଯେତିକି ଯେତିକି ପାଖେଇ ଆସୁଛି ସୀମାନ୍ତ ଅଞ୍ଚଳ ସରଗରମ ହୋଇଉଠିଛି । ନିର୍ବାଚନର ବାତାବରଣ ଦେଖିବା ସହ ନିଜ ସମର୍ଥକୀୟଙ୍କୁ ବିଭିନ୍ନ ପ୍ରକାର ସହଯୋଗ କରିବାର ଆଳରେ ପ୍ରତିଦିନ ଏଠାରୁ ଶତାଧିକ ଗାଡି ମୋଟର ଯାତାୟାତ କରୁଛି । ଟଙ୍କା, ମଦ କି ଅସାମାଜିକ ବ୍ୟକ୍ତି ଏବଂ ମାଓବାଦୀଙ୍କ ଗତିବିଧିକୁ ନିୟନ୍ତ୍ରଣରେ ରଖିବାକୁ ନୂଆପଡା ଜିଲା ପୋଲିସ ଆଗତୁରା ସତର୍କତା ଅବଲମ୍ବନ କରିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ପି ସ୍ମିତ ପରମାର ସୀମାନ୍ତରେ ଥିବା ଥାନା ଅଞ୍ଚଳକୁ ପୋଲିସବଳ ଲଗାଇ ସିଲ କରିଛନ୍ତି । ଯବାନମାନେ ସବୁବେଳେ ପଇଁତରା ମାରୁଛନ୍ତି । ପ୍ରତିଦିନ ସକାଳେ ସନ୍ଧ୍ୟାରେ ସ୍ୱତନ୍ତ୍ର ସ୍କାଡ ତନଖି କରୁଛନ୍ତି। ଏହା ଉପରେ ପଡୋଶୀ ବାଗବାହାରା ତହସିଲଦାର ରାମଖିଲାବନ ବର୍ମାଙ୍କୁ ଯୋଗାଯୋଗ କରିବାରେ ଆମେ ବିଶେଷ କରି ମଦ ଏବଂ ଟଙ୍କା ଚାଲାଣ ଉପରେ ନଜର ରଖିଛୁ । ସେଥିପାଇଁ ସେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପ୍ରକାଶ କରିଛନ୍ତି । ନୂଆପଡା ଏସ୍‌ଡିପିଓ ବିଦ୍ୟୁତ ଚନ୍ଦ୍ର ପଣ୍ଡା କହିଛନ୍ତି ସୀମାନ୍ତ ଅଞ୍ଚଳ ସିଲ ହୋଇଛି। ଯେକୌଣସି ପ୍ରକାର ଅସାମାଜିକ କାର୍ଯ୍ୟକଳାପକୁ ଓଡିଶାର ନୂଆପଡା ଜିଲା ପୋଲିସ ତୀକ୍ଷ୍ଣ ନଜର ରଖିଛି ବୋଲି ସେ କହିଛନ୍ତି। ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ପୋଲିସ ସେତିକି ସତର୍କତା ଅବଲମ୍ବନ କରୁଥିବା ସେ କହିଛନ୍ତି ।

# ନଦୀରେ ବୁଡ଼ିଯାଇ ଭଉଣୀଭାଇ ମୃତ

ମୋହନା,୮।୧୧(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ବ୍ଲକ ମୋହନା ପଞ୍ଚାୟତର କଣ୍ଟେଇକୋଳି ଗ୍ରାମ ପଠାଣସାହିରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପିଉସୀ ଘରକୁ ବୁଲିବାକୁ ଆସି ମା' ସହ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ସକାଳେ ଭଉଣୀଭାଇ ବୁଡିଯାଇ ସେମାନଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କଟାମ୍ବାର ଅଶୋକ କୁମାର ସୁଆଳସିଂଙ୍କ ଝିଅ ସୌମ୍ୟା (୬) ଓ ପୁଅ ବିଷ୍ଣୁ (୩)। ପ୍ରକାଶ ଯେ, ମୋହନା ବ୍ଲକ କଟାମ୍ବାର ଅଶୋକ, ସ୍ତ୍ରୀ ମରିୟମ୍, ଝିଅ ସୌମ୍ୟା ଓ ପୁଅ ବିଷ୍ଣୁଙ୍କ ସହ ପଠାଣସାହିସ୍ଥିତ ଭଉଣୀ ଘରକୁ ମଙ୍ଗଳବାର ବୁଲିବାକୁ ଆସିଥିଲେ। ଗୁରୁବାର ସକାଳ ପ୍ରାୟ ୭ଟା ୪୫ରେ ମରିୟମ୍ ଝିଅ ପୁଅଙ୍କୁ ଧରି ନିକଟସ୍ଥ ହରଭଙ୍ଗୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଲୁଗା ସଫା କରୁଥିବାବେଳେ ଝିଅ ସୌମ୍ୟା ଗାଧୋଇବାକୁ ପାଣିକୁ ପଶିଥିଲେ। ମାତ୍ର ନଦୀ ସ୍ରୋତରେ ସେ ଭାସିଯାଇଥିଲେ। ମରିୟମ୍ ଝିଅଙ୍କୁ ବଞ୍ଚାଇବାକୁ ପାଣିକୁ ଲମ୍ଫ ଦେଇଥିଲେ। ମା'ଙ୍କୁ ପାଣିକୁ ଡେଇଁବା ଦେଖି ତୁଠରେ ବସିଥିବା ପୁଅ ବିଷ୍ଣୁ ପାଣି ଭିତରକୁ ପଶିଯାଇଥିଲେ। ଝିଅପୁଅ ଉଭୟ ବୁଡି ଯାଉଥିବା ଦେଖି ମରିୟମ ପାଟି କରିଥିଲେ। ଗ୍ରାମବାସୀ ଧାଇଁ ଆସି ୩ ଜଣଙ୍କୁ ଉଦ୍ଧାର କରି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ସୌମ୍ୟା ଓ ବିଷ୍ଣୁଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ.୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

# ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

ମହାକାଳପଡ଼ା, ୮।୧୧ (ଡି.ଏନ୍.ଏ.)

**ସ୍କୁଲ ପରିସରରେ ଗ୍ରାମବାସୀଙ୍କ ଭଙ୍ଗାରୁଜା**

ମହାକାଳପଡ଼ା ବ୍ଲକ ଅଧୀନ ଏକ ଉଚ୍ଚବିଦ୍ୟାଳୟର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ କ୍ରୀଡ଼ା ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ସ୍କୁଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ପୂର୍ବାହ୍ନରେ ସ୍କୁଲରେ ପଶି ଭଙ୍ଗାରୁଜା କରିଥିଲେ। ଏଥିସହ ପୀଡ଼ିତା ଛାତ୍ରୀଙ୍କ ବାପା ତନ୍ତିଆପାଳ ମେରାଇନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୨/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ପରିଡ଼ା ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୭ ତାରିଖରେ ରାଜଗଡ଼ ପଞ୍ଚାୟତ ଗୟାସପୁରସ୍ଥିତ ବୀଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭୀ–୨୦୧୮ ଅନୁଷ୍ଠିତ ହୋଇଥିଲା। ସମ୍ପୃକ୍ତ ଛାତ୍ରୀ ପ୍ରଧାନ ଶିକ୍ଷକଙ୍କ ସହ ନିଜ ବିଦ୍ୟାଳୟରୁ ସେଠାକୁ ଯାଇଥିଲେ। କାର୍ଯ୍ୟକ୍ରମ ଶେଷ ହେବା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ତେଣୁ ଛାତ୍ରୀ ଜଣକ ନିଜ ସ୍କୁଲର କ୍ରୀଡ଼ା ଶିକ୍ଷକଙ୍କ ସହ ବାଇକରେ ଘରକୁ ଫେରିଥିଲେ। ବାଟରେ ଅନ୍ଧାର ଓ ନିରୋଳା ରାସ୍ତାର ସୁଯୋଗ ନେଇ କ୍ରୀଡ଼ା ଶିକ୍ଷକ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ କାହା ଆଗରେ ପ୍ରକାଶ କଲେ ଏସିଡ୍ ପକାଇ ଦେବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପୀଡ଼ିତା ଏ ନେଇ ଘରେ କହିବା ପରେ ଘଟଣାକୁ ଚପାଇ ଦେବା ପାଇଁ ପ୍ରଧାନ ଶିକ୍ଷକ ଛାତ୍ରୀଙ୍କ ପରିବାରକୁ ଟଙ୍କା ଲୋଭ ଦେଖାଇଥିବା ଅଭିଯୋଗ ହୋଇଛି। ଏପରିକି ଦୀର୍ଘ ୧୨ ଦିନ ଧରି ଘଟଣାର ଆପୋସ ସମାଧାନ କରିବାକୁ ଉଦ୍ୟମ ହୋଇଥିଲା। ମାତ୍ର କୌଣସି କାରଣରୁ ଗୁରୁବାର ଏହି ଘଟଣା ପଦାକୁ ଆସିଥିଲା। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ପରିଡ଼ାଙ୍କୁ ପଚାରିବାରେ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ ରାଉତଙ୍କୁ ପଚାରଉଚରା କରାଯାଇଛି। ତଦନ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ଦିଆଯିବା ପରେ ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅପରପକ୍ଷେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ନିଜ ସ୍କୁଲଠାରୁ ବହୁ ଦୂରରେ କରାଯାଉଥିବାରୁ ପିଲାମାନେ ନାନା ଅସୁବିଧା ଭୋଗୁଛନ୍ତି।

# ଉନ୍ନତିରେ ରାଜ୍ୟ ସରକାର ବାଧକ: ଭାଜପା

ଭୁବନେଶ୍ୱର, ୮।୧୧(ବ୍ୟୁରୋ)


ସମୀର ମହାନ୍ତି

ଶିଳ୍ପାୟନ ଓ ଅର୍ଥନୀତିର ବିକାଶ ପାଇଁ ସଡ଼କ ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶାର ବଡ଼ ପ୍ରଚାର କରୁଥିବାବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ମାଣାଧୀନ ଓ ପ୍ରସ୍ତାବିତ ସଡ଼କ କାର୍ଯ୍ୟକାରୀ କରିବାରେ ବାଧକ ସାଜିଛନ୍ତି। କେନ୍ଦ୍ର ସରକାର ଦାୟିତ୍ୱ ନେବାବେଳେ ଓଡ଼ିଶାରେ ମୋଟ ୪୬୫୦କିମି ଜାତୀୟ ରାଜପଥ ଥିଲା। ଉପା ସରକାରର ୧୦ବର୍ଷ ଶାସନ ସମୟରେ ରାଜ୍ୟରେ ମୋଟ ୧୩୮୫କିମି ଜାତୀୟ ରାଜପଥ ନିର୍ମାଣ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଢେ ୪ବର୍ଷ ଶାସନ ଭିତରେ ଓଡିଶା ରାଜପଥକୁ ୧୦ହଜାର କିମିରୁ ଉର୍ଦ୍ଧ୍ୱ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ହେଲେ କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ ପ୍ରସ୍ତୁତି ସତ୍ତ୍ୱେ ରାଜ୍ୟ ସରକାର ୬ଟି ଜାତୀୟ ରାଜମାର୍ଗ ପାଇଁ ଜମି ଅଧିଗ୍ରହଣ କରୁ ନ ଥିବାରୁ କାର୍ଯ୍ୟ ସେମିତି ପଡି ରହିଥିବା ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି।

ଭାଜପା ମୁଖ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ୬ଟି ଜାତୀୟ ରାଜମାର୍ଗ ପାଇଁ ଜମି ଅଧିଗ୍ରହଣ ଏବଂ ଫରେଷ୍ଟ କ୍ଲିୟରାନ୍ସ ଦେବାରେ ରାଜ୍ୟ ସରକାର ବିଳମ୍ବ କରୁଛନ୍ତି ଯେଉଁଥିପାଇଁ କାମ ଆଗକୁ ବଢି ପାରୁନାହିଁ। ଏହାସହ ଏନ୍‌ଏଚ୍–୧୨୭ରେ ୪ଲେନ୍ ରୋଡ଼ ଓଭରବ୍ରିଜ୍ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ନ ହେବା କାରଣରୁ କାର୍ଯ୍ୟର କ୍ରିୟାନ୍ୱୟନ ହୋଇପାରୁ ନାହିଁ। ଏହି ୪ଟି ପ୍ରକଳ୍ପର ଦୈର୍ଘ୍ୟ ୮କିମି ଓ ପ୍ରସ୍ତାବିତ ଖର୍ଚ୍ଚ ୪୭୩କୋଟି ଟଙ୍କା। କେନ୍ଦ୍ର ସରକାର ୭୮୧କି.ମି.ର ୯ଟି ନୂତନ ରାଜମାର୍ଗ ଘୋଷଣା କରିଥିବା ବେଳେ ରାଜ୍ୟ ସରକାର ଏନ୍‌ଓସି ନ ଦେବାରୁ ଏହା କ୍ରିୟାନ୍ୱିତ ହୋଇପାରୁ ନାହିଁ। ୧୨୭୨ କି.ମି. ଦୈର୍ଘ୍ୟ ୧୩ଟି ରାସ୍ତାକୁ ଜାତୀୟ ରାଜମାର୍ଗରେ ପରିଣତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯିବା ସହ ଡିପିଆର୍ ପ୍ରସ୍ତୁତି ଚାଲିଛି। ମାତ୍ର ରାଜ୍ୟ ସରକାର ଏଥିରେ ମଧ୍ୟ ସହଯୋଗ କରୁନାହାନ୍ତି। ଏହି ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଆଲୋଚନା ପାଇଁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସଡ଼କ ଯୋଗାଯୋଗ ଓ ଜାତୀୟ ରାଜମାର୍ଗ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଥିଲା। ମାତ୍ର ଏଥିରେ ମଧ୍ୟ ରାଜ୍ୟ ସରକାରଙ୍କ କୌଣସି ପ୍ରତିନିଧି ଯୋଗ ଦେଇ ନ ଥିଲେ। ଏଥିରୁ ସ୍ପଷ୍ଟ ରାଜ୍ୟ ସରକାର ରାଜ୍ୟ ଭିତ୍ତିଭୂମି ବିକାଶ ଏବଂ ନିର୍ମାଣ ସହ ପୁଞ୍ଜିନିବେଶ ପାଇଁ କୌଣସି ସହଯୋଗ କରୁନାହାନ୍ତି। ଏ ପର୍ଯ୍ୟନ୍ତ ସରକାର କେଉଁସବୁ ରାସ୍ତାକୁ ରାଜ ମାର୍ଗରେ ପରିଣତ କରିବାକୁ ଚାହୁଁଛନ୍ତି ତା'ର ମଧ୍ୟ କୌଣସି ବିବରଣୀ ଦେଇନାହାନ୍ତି। ମୋଦି ସରକାର ଓଡ଼ିଶାକୁ ରାଜମାର୍ଗ ଦୃଷ୍ଟିରୁ ବିକଶିତ ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ରାଜ୍ୟ ସରକାରଙ୍କ ଆଗ୍ରହ ଓ ଗୁରୁତ୍ୱ ଅଭାବ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶାକୁ ଘୋଷଣା ସର୍ବସ୍ୱକରି ଏହାକୁ ପ୍ରକୃତପକ୍ଷେ କ୍ରିୟାଶୀଳ କରିବାକୁ ଆଗ୍ରହୀ ନୁହନ୍ତି ବୋଲି ଏଥିରୁ ସ୍ପଷ୍ଟ ବୁଝାପଡୁଥିବା ସମୀର କହିଛନ୍ତି।

ଭାଜପାର ଏହି ଅଭିଯୋଗ ପରେ ବିଜେଡି ନେତା ପ୍ରଶାନ୍ତ ନନ୍ଦ କହିଛନ୍ତି ଯେ, ରାଜ୍ୟ ସରକାର କ'ଣ କରିପାରିଛନ୍ତି ତାହା ଦେଖେଇ ଦେଇଛନ୍ତି। ଯେଉଁଠି ଦ୍ୱିତୀୟ ଇସ୍ପାତ କାରଖାନା କରିବାକୁ ମୁଣ୍ଡପିଟା ହେଉଥିଲା ଏବେ ସେଠାରେ ୧୧ଟି ଇସ୍ପାତ କାରଖାନା ହୋଇଛି। ସେମାନେ ଜାତୀୟ ରାଜପଥ କଥା କହୁଛନ୍ତି, ଆମେ ଶୁଣିଥିଲୁ କେନ୍ଦ୍ର ସରକାର ୪୮୦କିମିର କୋଷ୍ଟାଲ ହାଇ ୱେ କରିବା କଥା ସେଇଟା କୁଆଡେ ଗଲା। ସାମାନ୍ୟ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ହୋଇପାରୁନି। ଯେଉଁମାନେ କିଛି କରିପାରୁ ନାହାନ୍ତି ସେମାନଙ୍କ ପ୍ରଶ୍ନ ଶୁଣିବା ମାତ୍ରେ ଲାଗୁଛି ଯେମିତି ସେମାନେ ଆତଙ୍କିତ ହୋଇପଡିଛନ୍ତି। ବ୍ରାହ୍ମଣୀ ଦ୍ୱିତୀୟ ସେତୁ ନିର୍ମାଣ ସମ୍ପର୍କରେ ରାଜ୍ୟ ସଭାରେ ମୁଁ ପ୍ରଶ୍ନ କରିଥିଲି। ମନ୍ତ୍ରୀ ଉତ୍ତର ରଖିଥିଲେ ଗତ ମେ ମାସରୁ କାର୍ଯ୍ୟ ଆରମ୍ଭ ହୋଇଯାଇଛି ୨୦୨୨ସୁଦ୍ଧା ଶେଷହେବ। ତେବେ ଠିକ୍ କିଏ ଏକଥା ସେମାନେ କୁହନ୍ତୁ ବୋଲି ପ୍ରଶାନ୍ତ ପ୍ରଶ୍ନ କରିଛନ୍ତି ।

**ARYALAYA APARTMENT OWNER'S ASSOCIATION**
ARYALAYA, NAYAPALLI, BHUBANESWAR -751012

**NOTICE INVITING TENDER**

Sealed bids are invited from reputed service providers agencies for Facility management service for one year. The tender paper and other details can be obtained from the office of the society by paying the tender cost of Rs.500/- (Rupees Five Hundred only) in cash. Last date of submission of bid 11AM on 30.11.2018.

*President*
*Aryalaya Apartment Owner's Association*

**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**TENDER NOTICE NO. : HWP/Tal/Admn/Welfare/2018/01**

Sealed item rate tenders are invited by the Officer-on-Special-Duty, Heavy Water Plant, Talcher, PO. : Vikrampur, Dist. : Angul, Odisha - 759106, on behalf of the President of India from eligible ontractors for the work and details given below : **NIT No. : HWP/Tal/Admn/Welfare/2018/01, Name of the Work :** Annual Medical Examination of the employees of Heavy Water Plant, Talcher.. **Estimated Cost :** Rs. 4,93,000/-. **Earnest Money Deposit :** Rs.9,860/-. **Period of Completion :** 15 (Fifteen) Days. **Last Date and Time for receipt / opening of request for issue of Tender Documents:** 12.11.2018 (14:30 Hrs.). **Date of Sale of Tender :** 13.11.2018. **Last Date and Time of Submission of Tender :** 17.11.2018 (14:30Hrs). The detailed NIT can be obtained from the website **www.hwb.gov.in.**

# ବାଳକ ଦେହରୁ ଖାଦ୍ୟ ବାହାରୁଛି

ପଟ୍ଟାମୁଣ୍ଡାଇ, ୮।୧୧ (ସ୍ୱ.ପ୍ର)

ଜଣେ ୧୨ବର୍ଷର ବାଳକଙ୍କ ଦେହରୁ ସେ ଖାଉଥିବା ଖାଦ୍ୟ ଭୁରୁଭୁରୁ ହୋଇ ବାହାରୁଛି। ଦେଖଣାହାରୀଙ୍କୁ ଏହା ଚକିତ କରିଦେଇଛି। ଏହା ଦେଖିବା ପରେ ମାଆ ବାପା ଓ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି।


ଜ୍ଞାନପ୍ରକାଶ ପଣ୍ଡା

ଡାକ୍ତରୀ ଚିକିତ୍ସାରେ ଏପରି ଘଟଣା କେବେ ଘଟି ନ ଥିବା ଡାକ୍ତରମାନେ ମତ ଦେଇଛନ୍ତି। ଦେହରୁ ଖାଦ୍ୟ ବାହରିବା ଭଳି ବିରଳ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତର ତରିପାଟଣା ଗାଁରେ। ଭକ୍ତପ୍ରିୟ ପଣ୍ଡାଙ୍କ ପୁଅ ଜ୍ଞାନପ୍ରକାଶ ଭୁବନେଶ୍ୱରର ଭିଏସ୍‌ଏସ୍ ନଗରରେ ରହି ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିରରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ୨ବର୍ଷ ତଳେ ଜ୍ଞାନପ୍ରକାଶଙ୍କ ଦେହ ଫୁଲିଯିବା ସହ କୁଣ୍ଡେଇ ହେଉଥିଲା। ତାଙ୍କ ମାଆ ନଳିନୀପ୍ରଭା ଓ ବାପା ତାଙ୍କୁ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ସମସ୍ତ ପରୀକ୍ଷା ପରେ ବି ତାଙ୍କ ଦେହରେ କୌଣସି ରୋଗ ନ ଥିବା ରିପୋର୍ଟରେ ବାହାରିଥିଲା। ଏହି ବାଳକଙ୍କୁ ହୋଇଥିବା ଅଚିହ୍ନା ରୋଗ ଉପରେ ଗବେଷଣା କରାଗଲେ ସେ ଆରୋଗ୍ୟ ହୋଇପାରିବେ ବୋଲି ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜ ବିଭାଗ ଡାକ୍ତର ନିରନ କର କହିଛନ୍ତି। କଟକ ବଡ ମେଡିକାଲରେ ରୋଗ ଚିହ୍ନଟ ହୋଇ ନ ପାରିବା କାରଣରୁ ଜ୍ଞାନପ୍ରକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ବିଗିଡିବାରେ ଲାଗିଛି । ଗତ କିଛି ଦିନ ହେବ ସେ ଅସ୍ୱାଭାବିକ ଆଚରଣ କରୁଛନ୍ତି । ପୁଅକୁ ଚିକିତ୍ସା କରିବା ପାଇଁ ମାଆ ବାପା ଏଣେତେଣେ ବୁଲି ନୟାନ୍ତ ହୋଇ ପଡିଲେଣି । ଏଭଳି ଅବସ୍ଥାରେ ଚିକିତ୍ସା ବିଜ୍ଞାନ ଠିକ୍ ମାର୍ଗଦର୍ଶନ କରିପାରୁ ନ ଥିବାବେଳେ ଲୋକେ ଅନ୍ଧବିଶ୍ୱାସକୁ ଆପଣେଇ ନେବାକୁ ବାଧ୍ୟହୁଅନ୍ତି ବୋଲି ଆନ୍ତର୍ଜାତିକ ମାନବାଧିକାର କାଉନସିଲ୍ କେନ୍ଦ୍ରାପଡା ଜିଲା ମୁଖ୍ୟ ପ୍ରତାପ ପାଢୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ଜ୍ଞାନପ୍ରକାଶ ମାଆ ବାପାଙ୍କ ଏକମାତ୍ର ପୁଅ । ନଳିନୀପ୍ରଭା ବିବାହ କରିବାର ୯ ବର୍ଷ ପରେ ସେ ଜନ୍ମ ହୋଇଥିଲେ । ଜ୍ଞାନପ୍ରକାଶ ଏବେ ଗାଁରେ ରହୁଛନ୍ତି।

**ପୂର୍ବ ତଟ ରେଳପଥ**
**ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଅଧିସୂଚନା**

ସଂ. SDCM/KUR/STBA/Phase-VII ତା. 29.10.2018ରିଖ

ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ **ଚଉଦ (14) ଗୋଟି 'E' ବର୍ଗର** ଷ୍ଟେସନଗୁଡ଼ିକ ଠାରେ କମ୍ପ୍ୟୁଟରୀକୃତ **ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS)** ମାଧ୍ୟମରେ କମିଶନ ଭିତ୍ତିରେ **ଅସଂରକ୍ଷିତ ଟିକଟ** ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟଙ୍କ (STBA) ମନୋନୟନ ଏବଂ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ଫର୍ମାଟରେ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼** ନିକଟକୁ ଆବେଦନ କରିପାରିବେ ।

**ଷ୍ଟେସନଗୁଡ଼ିକର ନାମ :**

**(1) ଚାରବାଟିଆ, (2) କାଇପଦର ରୋଡ଼, (3) ଝାଡୁପୁଡ଼ି, (4) ବରଙ୍ଗ, (5) ସୁମ୍ବାଦେବୀ, (6) ବୀରପୁରୁଷୋତ୍ତମପୁର, (7) ଖୋର୍ଦ୍ଧା ଟାଉନ୍, (8) ବେଗୁନିଆ, (9) ବସନ୍ତପୁର, (10) ଶଗଡ଼ପଟା, (11) ଚିଲିକିଦରା, (12) ନିରାକାରପୁର, (13) ମାଳତୀପାଟପୁର ଏବଂ (14) ଭୁଷଣ୍ଡପୁର ।**

ଉପରୋକ୍ତ ଷ୍ଟେସନଗୁଡ଼ିକ ନିମନ୍ତେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.**10.12.2018** ରିଖ **1100** ଘଟିକା ମଧ୍ୟରେ କିମ୍ବା ଏହା ପୂର୍ବରୁ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼ଙ୍କ** କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.10.12.2018 ରିଖ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ଏହାର ପରବର୍ତ୍ତୀ କାର୍ଯ୍ୟଦିବସରେ ସେହି ସମାନ ସମୟ ମଧ୍ୟରେ ଗ୍ରହଣ କରାଯିବ ।

**ଦରଖାସ୍ତ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ :** ତା. **10.12.2018** ରିଖ **1100** ଘଟିକା

**ଦରଖାସ୍ତ ବାକ୍ସ ଖୋଲାଯିବା ତାରିଖ ଓ ସମୟ :** ତା. **10.12.2018** ରିଖ **1130** ଘଟିକା

**କିପରି ଆବେଦନ କରିବେ :** ଉପରୋକ୍ତ ଯେକୌଣସି **ଚଉଦ (14) ଗୋଟି "E" ବର୍ଗର** ଷ୍ଟେସନଗୁଡ଼ିକ ନିମନ୍ତେ ବାସସ୍ଥାନକୁ ଦୃଷ୍ଟିରେ ରଖି ଯେଉଁ ଷ୍ଟେସନ ପାଇଁ ଯୋଗ୍ୟ, ପ୍ରାର୍ଥୀମାନେ ପୃଥକ ଭାବେ ଏକ ସାଧା କାଗଜରେ ନିମ୍ନଲିଖିତ ବିବରଣୀଗୁଡ଼ିକୁ ଉଲ୍ଲେଖ କରି **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ-752050**ଙ୍କୁ ଆବେଦନ କରିପାରିବେ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ବନ୍ଦ ହେବା ତାରିଖ ଦିନ କିମ୍ବା ଏହା ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସରେ ପକାଇ ପାରିବେ । ଡାକ ସେବା କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଆସିଥିବା ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ । ଦରଖାସ୍ତଟି ପ୍ରଦତ୍ତ ଫର୍ମାଟ ଅନୁଯାୟୀ ହେବା ଉଚିତ :

**ଆବଶ୍ୟକୀୟ ତଥ୍ୟାବଳୀ ଏବଂ ନଥିପତ୍ର** (ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯିବ/ସଂଲଗ୍ନ କରାଯିବ) :

**(1)** ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଦରଖାସ୍ତ **(2)** STBA ନିଯୁକ୍ତି ନିମନ୍ତେ ଷ୍ଟେସନର ନାମ **(3)** ବଡ଼ ଅକ୍ଷରରେ ନାମ, ଫଟୋଗ୍ରାଫ୍ (ଅଠା ଲଗାଯିବ), ପିତାଙ୍କ ନାମ ଏବଂ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ଡାକ ଠିକଣା **(4)** ଶିକ୍ଷାଗତ ଯୋଗ୍ୟତା (ନକଲ ସଂଲଗ୍ନ କରିବାକୁ ହେବ) **(5)** ଯେଉଁଠାରେ STBA ନିଯୁକ୍ତି ନିମନ୍ତେ ପ୍ରସ୍ତାବ ଅଛି, ସେହି ଷ୍ଟେସନର ସ୍ଥାନୀୟ ବ୍ଲକ୍/ତହସିଲ/ମଣ୍ଡଳ ନିକଟରୁ ଆବାସିକ ପ୍ରମାଣପତ୍ର **(6)** ପ୍ରାର୍ଥୀଙ୍କ ନିକଟସ୍ଥ ପୋଲିସ୍ ଷ୍ଟେସନର ନାମ ଓ ଠିକଣା । ପୋଲିସ୍ ଯାଞ୍ଚ ପ୍ରମାଣପତ୍ର (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା **05** କୁ ଅନୁଧ୍ୟାନ କରନ୍ତୁ) **(7)** ଟ. 2,000/- ଦୁଇ ହଜାରର ଅମାନତ ରାଶି (**EMD**)ର ସବିଶେଷ ବିବରଣୀ (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା **06** କୁ ଅନୁଧ୍ୟାନ କରନ୍ତୁ) **(8)** ଘୋଷଣାନାମା ପ୍ରମାଣ ପତ୍ର ଦାଖଲ (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା **08** କୁ ଅନୁଧ୍ୟାନ କରନ୍ତୁ) **(9)** ଦରଖାସ୍ତ ଫର୍ମରେ ଉପଲବ୍ଧ ଥିବା ଖାଲି ସ୍ଥାନରେ ଗୋଟିଏ ପାସପୋର୍ଟ ଆକାର ବିଶିଷ୍ଟ ଫଟୋଗ୍ରାଫ୍ ସଂଲଗ୍ନ କରାଯିବା ଆବଶ୍ୟକ **(10)** ପ୍ରାର୍ଥୀଙ୍କ ସ୍ୱାକ୍ଷର ଏବଂ ତାରିଖ **(11)** ଯେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଦ୍ୱାରା ବିଧିବଦ୍ଧ ଭାବେ ପ୍ରମାଣିତ ହୋଇଥିବା ମାଣ୍ଡେଟ୍ ଫର୍ମ (Mandate form) ।

**ଅମାନତ ରାଶି (EMD) :** ଅମାନତ ରାଶି ବାବଦକୁ ''Principal Financial Advisor (PFA), ପୂର୍ବ ତଟ ରେଳପଥ, ଭୁବନେଶ୍ୱର''ଙ୍କ ନାମରେ ''ଭୁବନେଶ୍ୱର'' ଠାରେ ପରିଶୋଧନୀୟ ଟ. 2000/- (ଦୁଇ ହଜାର ଟଙ୍କା ମାତ୍ର)ର ଡ଼ିମାଣ୍ଡ ଡ୍ରାଫ୍ଟ ଦରଖାସ୍ତ ସହିତ ସଂଲଗ୍ନ କରିବା ଉଚିତ। EMD ବିନା ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ନାକଚ କରିଦିଆଯିବ।

ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡ଼ିକୁ କୌଣସି ପରିସ୍ଥିତିରେ ବିଚାରକୁ ନିଆଯିବ ନାହିଁ । ଦରଖାସ୍ତଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ପରେ ଯଦି ଆବଶ୍ୟକ ହୁଏ ପ୍ରାର୍ଥୀମାନଙ୍କୁ ଚୟନ ତାରିଖ ସମ୍ବନ୍ଧରେ ଚୟନ କମିଟି ନିକଟରେ ଉପସ୍ଥିତ ହେବାପାଇଁ ଜଣାଇ ଦିଆଯିବ । କୌଣସି କାରଣ ନଦର୍ଶାଇ ଯେକୌଣସି ଦରଖାସ୍ତକୁ ଗ୍ରହଣ ବା ନାକଚ କରିବାର ଅଧିକାର ରେଳବାଇ କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ଅଟେ ।

ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ ସମ୍ପର୍କିତ ସବିଶେଷ ବିବରଣୀ ନିମନ୍ତେ ଦୟାକରି ଆମ ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଏବଂ **http://tenders.gov.in** ଅବଲୋକନ କରନ୍ତୁ କିମ୍ବା **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼ ମଣ୍ଡଳ, ପୋଷ୍ଟ : ଜଟଣୀ, ପିନ୍ : 752050** ଙ୍କ ସହିତ ଯୋଗାଯୋଗ କରନ୍ତୁ ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ,
ଖୋର୍ଦ୍ଧା ରୋଡ଼

PR-379/J/18-19

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା, ପ୍ଲଟ୍ ନଂ: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩
ଶାଖା ଇ-ମେଲ : sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିଜ୍ଞପ୍ତି ରୁଲ୍ ୮ (୬) ଦ୍ରଷ୍ଟବ୍ୟ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସିକ୍ୟୁରିଟି (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ର ସର୍ତ୍ତ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନଦାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି"** ଏବଂ **"ଯାହା କିଛି ସେଠାରେ ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ **ତା୧୦.୧୨.୨୦୧୮** ରିଖରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି । ଯାହାକି ନିମ୍ନରେ ପ୍ରଦତ୍ତ ।

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୫.୧୨.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତି ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ ଅମାନତ ଜମା ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲ, ପ୍ଲଟ ନଂ.: ଏ/୬୦, ପଳାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦, **ବିକଳ୍ପ ଠିକଣା:** ପ୍ଲଟ୍ ନଂ.: ଏ/୫୬, ପଳାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦ । | **ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲଙ୍କ ନାମରେ ଥିବା ଏକ ୩ ବିଏଚ୍‌କେ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଜିଲ୍ଲା ସବ୍-ରେଜିଷ୍ଟ୍ରାର୍: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୭, କ୍ଷେତ୍ର: ଏକର ୦.୨୧୦ ଡିସିମିଲି ଏବଂ ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୧.୫୮ ଡିସିମିଲି ସହିତ **''ତ୍ରିଷ୍ଟା ଅରଚିଡ୍''** ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୨୧୦, ଟାଇପ୍-ଜେ, ଦ୍ୱିତୀୟ ମହଲା, ୩ ବିଏଚ୍‌କେ, ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ହସ୍ତାନ୍ତର କରାଯାଇଅଛି । | ୧୯.୧୧.୨୦୧୬ ସୁଦ୍ଧା ଟ.୪୭,୬୩,୭୩୭/- + ୨୦.୧୧.୨୦୧୬ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୧.୨୦୧୬ | ଟ.୪୧,୩୫,୦୦୦/- / ଟ.୪,୧୩,୫୦୦/- / ଟ.୧୦,୦୦୦/- |
| ୨. | **ଋଣଗ୍ରହୀତା: ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସ,** ଉଭୟଙ୍କ ଠିକଣା : ସା : ବି-୧୯୩/୧୧, ସେକ୍ଟର-୦୨, ନାଲକୋ ମାଇନ୍ସ, ଦାମନଜୋଡି, କୋରାପୁଟ - ୭୬୩୦୦୮ | **ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସଙ୍କ** ଜମି ଓ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଡିଏସଆରଓ : ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୭, କ୍ଷେତ୍ର: ଏକର ୦.୨୧୦ ଡିସିମିଲି, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ସ୍ଥିତି-ସ୍ଥିତିବାନ, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୨.୭୧ ଡିସିମିଲି ସହିତ **''ତ୍ରିଷ୍ଟା ଅରଚିଡ୍''** ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୧୧୦, ଟାଇପ୍-ଜେ, ପ୍ରଥମ ମହଲା, ୧୩୯୩ ବର୍ଗଫୁଟ ସ୍ଥାନରେ ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ଘର ଏବଂ କାର ପାର୍କିଂ ନିମନ୍ତେ ଛାତ ତଳ ୧୪ ନମ୍ବର ସ୍ଥାନ ହସ୍ତାନ୍ତର କରାଯାଇଅଛି । | ୦୫.୦୬.୨୦୧୭ ସୁଦ୍ଧା ଟ.୩୭,୯୯,୭୧୯/- + ୦୬.୦୬.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୦୬.୦୬.୨୦୧୭ | ଟ.୪୧,୭୫,୦୦୦/- / ଟ.୪,୧୭,୫୦୦/- / ଟ.୧୦,୦୦୦/- |
| ୩. | **ଋଣଗ୍ରହୀତା: ମେସର୍ସ ଏସ୍.ଏସ୍. ଫୁଡ୍ସ, ସ୍ୱତ୍ୱାଧିକାରୀ : ଶ୍ରୀମତୀ ରଶ୍ମୀ ପ୍ରଧାନ,** ସ୍ୱାମୀ : ଶ୍ରୀ ସତ୍ୟ ଗୋପାଳ ଧିର୍‌ବିଶୋଇ, ସା : ନୂଆପାଟଣା, ବୀରହରେକୃଷ୍ଣପୁର, ପୁରୀ, ଜିଲ୍ଲା : ପୁରୀ, **ବାସସ୍ଥାନ ଠିକଣା :** ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ପୁରୀ, ଜିଲ୍ଲା : ପୁରୀ / **ଜାମିନଦାରମାନେ : ୧) ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇ,** ସ୍ୱାମୀ : ଶ୍ୟାମଗୋପାଳ ଧିର୍‌ବିଶୋଇ, ସା : ସର୍ବୋଦୟ ନଗର, ପୁରୀ, ଓଡିଶା, **୨) ଶ୍ରୀ ରବିନାରାୟଣ ପ୍ରଧାନ** | **ଶ୍ରୀମତୀ ରଶ୍ମୀ ପ୍ରଧାନ ଏବଂ ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବାଲୁଖଣ୍ଡ-୧୫୧, ତହସିଲ : ପୁରୀ, ଥାନା : ପୁରୀ ସଦର, ଜିଲ୍ଲା : ପୁରୀ, ମ୍ୟୁଟେଟେଡ୍ ଖାତା ନଂ.: ୫୨୧/୩୧୩୧, ମ୍ୟୁଟେଟେଡ ପ୍ଲଟ୍ ନଂ.: ୯୭୨/୮୦୧୮, କ୍ଷେତ୍ର : ଏକର୦.୦୫୮ ଡିସିମିଲି, କିସମ : ଘରବାରୀ | ୧୩.୧୨.୨୦୧୭ ସୁଦ୍ଧା ଟ.୪୩,୨୯,୦୫୯/- + ୧୪.୧୨.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୨.୨୦୧୭ | ଟ.୨୦,୩୮,୦୦୦/- / ଟ.୨,୦୩,୮୦୦/- / ଟ.୧୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ : ୦୩.୧୨.୨୦୧୮ ପୂର୍ବାହ୍ନ ୧୧.୦୦ ଘଟିକା**

ନିଲାମର ନିୟମ ଓ ସର୍ତ୍ତାବଳି ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କର **website i.e https://sbi.auctiontiger.net** ରେ ଦେଖିପାରିବେ ।

ତାରିଖ :୦୮.୧୧.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ମାଲକାନଗିରିରେ ୫ ମାଓବାଦୀ ଏନ୍‌କାଉଣ୍ଟର ମାମଲା
## ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କଲେ ମାନବାଧିକାର କର୍ମୀ

ଭୁବନେଶ୍ୱର,୮।୧୧(ବ୍ୟୁରୋ)-ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ପପୁଲୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ନଭେମ୍ବର ୪ ତାରିଖରେ ପୋଲିସ ଓ ମାଓବାଦୀ ଗୁଳି ବିନିମୟରେ ୫ଜଣ ମାଓବାଦୀ ନିହତ ହୋଇଥିଲେ। ତେବେ ପୋଲିସର ଏହି ଏନ୍‌କାଉଣ୍ଟରକୁ ବିରୋଧକରି ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଏବଂ ବିଜୟ ପଣ୍ଡା ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ ପୋଲିସ ଗୁଳିକରି ମାରିଥିବା ଘୋଷଣା କରିଛି। ଏହା ସତ ଏନ୍‌କାଉଣ୍ଟର ଥିଲା କି ନାହିଁ ସେ ନେଇ ନିରପେକ୍ଷ ତଦନ୍ତ ହେବା ଆବଶ୍ୟକତା ରହିଛି। ହତ୍ୟା ପରେ ମୃତଦେହଗୁଡିକୁ ଯେପରି ବୋହି ନିଆଯାଇଥିଲା ତାହା ମାନବାଧିକାର କ୍ଷୁଣ୍ଣ ଓ ଅପମାନ ସୂଚକ ଥିଲା । ତେଣୁ କମିଶନ ନିଜ ଆଡୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଆବେଦନକାରୀ ଅନୁରୋଧ କରିଛନ୍ତି। ଏଥିସହିତ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

### କୋଇଲା ଖାଦାନରେ ଶ୍ରମିକ ମୃତ
## ଉତ୍ତେଜନା ଯୋଗୁ ଖଣି ବନ୍ଦ

ବ୍ରଜରାଜନଗର,୮।୧୧(ଡି.ଏନ୍.ଏ.)- ବ୍ରଜରାଜନଗର ମହାନଦୀ କୋଇଲା କମ୍ପାନୀ ହୀରାକୁଦ ବୁନ୍ଦିଆ ମାଇନ୍ସର ଭୂତଳ ଖଣିରେ ଗୁରୁବାର ପୂର୍ବାହ୍ନ ୯ରୁ ୧୦ଟା ମଧ୍ୟରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଦୀନବନ୍ଧୁ କାଞ୍ଜି (୪୨)। ସେ ତାଳଚେରରୁ ବଦଳି ହୋଇ ଆସି ୨୦୦୬ ମସିହାରୁ ଏଠାରେ କାମ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବାପରେ ସମସ୍ତ ଶ୍ରମିକ ସଂଗଠନର ନେତାମାନେ ଘଟଣାସ୍ଥଳରେ ପହଞ୍ଚି ଖାଦାନ ବନ୍ଦ କରିବା ସହ ପରିବହନ ମଧ୍ୟ ବନ୍ଦ କରିଦେଇଥିଲେ। ଫଳରେ ଦିନତମାମ ଖଣି ବନ୍ଦ ହୋଇଯାଇଥିଲା। ଖଣି ପଦାଧିକାରୀ ଆର୍.ସି. ଗୁପ୍ତା ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଶ୍ରମିକମାନେ ସଂଘବଦ୍ଧ ହୋଇ ତାଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିଥିଲେ। ପରିଚାଳନାଗତ ତ୍ରୁଟି ଯୋଗୁ ଦୀନବନ୍ଧୁଙ୍କ ଜୀବନ ଗଲା ବୋଲି ଶ୍ରମିକମାନେ ଅଭିଯୋଗ କରିଥିଲେ।

### ସାନନ୍ଦଙ୍କ ମିଶନ-୧୯କୁ ନେଇ ଚର୍ଚ୍ଚା
# ୩ ଆଦିବାସୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି

ବାରିପଦା ଅଫିସ,୮।୧୧

> ‘ମିଶନ ୬୦ ଦିନ’ ରେ ହୋଇଥିଲା ପ୍ରୟାସ
>
> ୨୦୧୯ ସୁଦ୍ଧା ହୋ, ମୁଣ୍ଡାରି ଓ ଭୂମିଜ ଭାଷାକୁ ମାନ୍ୟତା ମିଳିବା ଆଶା

ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ହୋ, ମୁଣ୍ଡାରି ଓ ଭୂମିଜ ସମ୍ପ୍ରଦାୟ ଲୋକଙ୍କ ଭାଷା ଓ ସାମୂହିକ ବିକାଶ ଅଧାବାଟରେ ରହିଯାଇଛି। ସାନ୍ତାଳି ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ପାଇଥିବା ବେଳେ ଉପରୋକ୍ତ ୩ ଭାଷା ଏବେ ବି ସାମ୍ବିଧାନିକ ମାନ୍ୟତା ଅପେକ୍ଷାରେ। ୨୦୧୯ ସୁଦ୍ଧା ଏହି ସମସ୍ତ ଭାଷା ସାମ୍ବିଧାନିକ ମାନ୍ୟତା ପାଇଯିବ ବୋଲି ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧି ଭାବେ ସେ ତାଙ୍କର ‘ମିଶନ -୬୦ଦିନ’ କାର୍ଯ୍ୟକ୍ରମରେ ଏହି ସମସ୍ତ ଭାଷାକୁ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଜଣାଇଥିଲେ। ସରକାର ମଧ୍ୟ ତାଙ୍କ ଦାବିକୁ ଗୁରୁତ୍ୱ ଦେଇ ଗତ ଅଗଷ୍ଟରେ କେନ୍ଦ୍ରକୁ ଚିଠି ଲେଖି ଜଣାଇଛନ୍ତି। ତେବେ ଇତିମଧ୍ୟରେ ୩ ମାସ ବିତି ଯାଇଥିଲେ ବି କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇନାହାନ୍ତି ।

ଗତ ଅଗଷ୍ଟରୁ ଅଦ୍ୟାବଧି ସେ ଜିଲାସାରା ହୋ, ମୁଣ୍ଡା ଓ ଭୂମିଜ ସମ୍ପ୍ରଦାୟଙ୍କ ସହିତ ସାଧାରଣ ସଭା ମାଧ୍ୟମରେ ଆଲୋଚନା କରିଛନ୍ତି। ଦରକାର ପଡିଲେ ଉପରୋକ୍ତ ସମସ୍ତ ସମ୍ପ୍ରଦାୟର ପ୍ରତିନିଧିଙ୍କ ସହିତ ଦିଲ୍ଲୀ ଯାଇ ଏହି ଭାଷାକୁ ମାନ୍ୟତା ପ୍ରଦାନ କରିବା ପାଇଁ ଦାବି ଜଣାଇବେ। ତେବେ ଆସନ୍ତା ୨୦୧୯ ସୁଦ୍ଧା ଏହି ଭାଷା ସବୁକୁ ମାନ୍ୟତା ମିଳିବ ବୋଲି ସୂଚନା ମିଳିଛି। ଏହି ଦାବି ନେଇ ଜିଲାର ଛୋଟ ବଡ ଅନୁଷ୍ଠାନ ଓ ସଙ୍ଗଠନ ଆନ୍ଦୋଳନ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମକୁ ସେ ତାଙ୍କ ମିଶନ ୧୯ରେ ସାମିଲ କରିଛନ୍ତି। ସେହିପରି ରାଜ୍ୟ ସଙ୍ଗଠନ ମଧ୍ୟ ଜିଲାର ସଙ୍ଗଠନ ଦାୟିତ୍ୱ ତାଙ୍କୁ ପ୍ରଦାନ କରିଛି। ଏଣୁ ସେ ମିଶନ ୧୯ ରେ ବିଭିନ୍ନ କାର୍ଯ୍ୟକ୍ରମ ରଖିଛନ୍ତି। ଯାହାଫଳରେ ଦଳର ସଙ୍ଗଠନ ଆହୁରି ସୁଦୃଢ଼ ହେବ ବୋଲି ମଧ୍ୟ ସାନନ୍ଦ ଗଣମାଧ୍ୟମକୁ କହିଛନ୍ତି।

ସୂଚନାଯୋଗ୍ୟ ଯେ ଅଲିଚିକି ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଉପଲକ୍ଷେ ଗତ ମେ ୧ ତାରିଖରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଉପବାଚସ୍ପତି ସାନନ୍ଦ ହୋଇଥିବା ବେଳେ ଏଥିରେ ରାଜ୍ୟସଭା ସଦସ୍ୟ ଡ. ଅଚ୍ୟୁତ ସାମନ୍ତ ଓ ମୟୂରଭଞ୍ଜ ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ନୟାଗଡ ବିଧାୟକ ଅରୁଣ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ବିଜେଡି ସପକ୍ଷରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ୨୦ ହଜାରରୁ ଊର୍ଦ୍ଧ୍ୱ ସାନ୍ତାଳି, ମୁଣ୍ଡା ଓ ହୋ ସମ୍ପ୍ରଦାୟଙ୍କୁ ଏକାଠି କରି ସାନନ୍ଦ ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ସେହି ଦିନ ଠାରୁ ସୋସିଆଲ ମିଡିଆରେ ସାନନ୍ଦଙ୍କ ଏକ ଫଟୋ ଭାଇରାଲ ହୋଇଥିଲା। ଯେଉଁଥିରେ ମିଶନ ୬୦ ଦିନ ଲେଖା ହୋଇଥିବା ବେଳେ ପଢ଼, ଲେଖ, ସଙ୍ଗଠିତ ହେବା ଲେଖା ହୋଇଥିବା ବେଳେ ଅଧିକାର ପାଇଁ ଲଢ଼େଇ କରିବା ଉଲ୍ଲେଖ ରହିଛି। ସେହି ଫଟୋକୁ ସାନନ୍ଦ ନିଜ ବ୍ୟକ୍ତିଗତ ଫେସବୁକ ଆକାଉଣ୍ଟରେ କଭର ଫଟୋ ଭାବେ ପୋଷ୍ଟ କରିଛନ୍ତି। ଏବେ ତାଙ୍କ ମିଶନ-୧୯କୁ ନେଇ ଜିଲା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଟା ମୃଦଙ୍ଗକୁ ଜଡ଼ା ଗାୟକ,**
**ତହିଁ କାଣୀ ଦାରୀ ନାଚୁଛି;**
**ଅବୁଝା ରାଜାକୁ କେମ୍ପେଇ ପାତର,**
**ଯାହା ଇଚ୍ଛା ତାହା ସବୁ ବୁଝୁଛି ।**

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। ମନଇଚ୍ଛା କାର୍ଯ୍ୟ କରିବସିବା ଫଳରେ ନାନା ବିଶୃଙ୍ଖଳା ଜାତ ହୋଇଥାଏ। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଫଟା ରସିକ,**
**କଖାରୁ ଫୁଲକୁ ପାରୁଡ଼ା ପୋକ ।**

ରସିକପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। କଖାରୁ ଫୁଲ ଓ ପାରୁଡ଼ା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ରସିକିଆପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ହାତ ବଢାଇଲାନି ପ୍ରଶାସନ
# ୪ କିମି କେନାଲ ନିର୍ମାଣ କଲେ ଗ୍ରାମବାସୀ

ବଇଣ୍ଡା, ୮।୧୧(ଡି.ଏନ.ଏ.)


କେନାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କୃଷିର ବିକାଶ ପାଇଁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟୁଛନ୍ତି। ହେଲେ କୃଷିବହୁଳ ଅଞ୍ଚଳରେ ଜମିକୁ ପାଣି ନାହିଁ। ଏଥିପାଇଁ ପ୍ରଶାସନକୁ ବାରମ୍ବାର ଅବଗତ ସତ୍ତ୍ୱେ ସମସ୍ୟା ନ ସୁଧୁରିବାରୁ ଶେଷରେ ସମସ୍ୟାକୁ ନିଜେ ସମାଧାନ କରିବାକୁ ଶ୍ରେୟ ମଣିଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ ଓସ୍ତାପାଲି ପଞ୍ଚାୟତ ଡାଲିମୁରା ଗ୍ରାମବାସୀ। ଦୀର୍ଘ ୪ ବର୍ଷର ଅକ୍ଳାନ୍ତ ପରିଶ୍ରମରେ ଗ୍ରାମବାସୀ ୪ କିମି ଦୀର୍ଘର ଏକ କେନାଲ ନିର୍ମାଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏଥିସହ ଦୀପାବଳି ଅବସରରେ ଏହି କେନାଲର ଉଦ୍‌ଘାଟନ କରାଯାଇଛି।

ଗ୍ରାମବାସୀ କହିଛନ୍ତି, କିଶୋରନଗର ବ୍ଲକର ଅଧିକାଂଶ ଚାଷୀ ଧାନ ଚାଷ ଉପରେ ନିର୍ଭରଶୀଳ। କିଛି ବର୍ଷ ପୂର୍ବେ ଓସ୍ତାପାଲି ପଞ୍ଚାୟତର ଡାଲିମୁରା, ଓସ୍ତାପାଲି, ମାଣିକପୁର, ଭରତପୁର, ନବଘନପଡ଼ା ଆଦି ଗ୍ରାମର ଜମିକୁ ଜଳସେଚନ ପାଇଁ ସାହାଜବାହାଲୀ ନାଳକୁ ଡାଲିମୁରା ଠାରେ ବାନ୍ଧି ଏକ ଚେକ ଡ୍ୟାମ ନିର୍ମାଣ କରାଯାଇଥିଲା। ହେଲେ କେନାଲ ନିର୍ମାଣ କରା ନ ଯିବାରୁ ଏହି ଗ୍ରାମର ଚାଷ ଜମିକୁ ପାଣି ମାଡ଼ି ପାରୁ ନ ଥିଲା। ଏ ସମ୍ପର୍କରେ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ ସୁଫଳ ନ ମିଳିବାରୁ ଗ୍ରାମରେ କେନାଲ ନିର୍ମାଣ ପାଇଁ ସେମାନେ ଅଣ୍ଟା ଭିଡିଥିଲେ। ୨୦୧୪ରୁ ଡାଲିମୁରାବାସୀ ଏକଜୁଟ୍ ହୋଇ ବିଭିନ୍ନ ଅନୁଷ୍ଠାନ ତଥା ଗ୍ରାମବାସୀଙ୍କ ସହଯୋଗରେ ଅର୍ଥ ଯୋଗାଡ କରି ଏହି କେନାଲ ନିର୍ମାଣ କରିଛନ୍ତି। ବୁଧବାର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରୁ ହିଁ ୫ ଗ୍ରାମର ଚାଷ ଜମିକୁ ପାଣି ମଡ଼ାଯାଇଛି। ଏଥିଯୋଗୁ ୫ ଗ୍ରାମର ଚାଷୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ମଦ ନିଶାରେ ଉନ୍ମତ୍ତକାଣ୍ଡ: ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

ବାମରା,୮।୧୧(ସ୍ୱ.ପ୍ର.)

ମଦ ନିଶାରେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଗାଳିଗୁଲଜ, ମାରପିଟରୁ ଜଣଙ୍କ ଜୀବନ ଯାଇଛି। ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ ହୋଇଛନ୍ତି। ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅଧୀନ ପିଣ୍ଡାପଥର ପଞ୍ଚାୟତ ମହୁଲଛାପଲ କିଷାନପଡ଼ା ଅଞ୍ଚଳରେ ବୁଧବାର ରାତିରେ ଏହି ହୃଦୟବିଦାରକ ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ସ୍ୱାମୀ ରାଜୁ ମାଝିଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଗିରଫ କରିଛି। ସ୍ତ୍ରୀ ପ୍ରଭାସିନୀଙ୍କ ମୃତଦେହ ଗୋବିନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଦଫା ୪୯୮(ଏ) ଓ ୩୦୨ ଆଇପିସିରେ ନିର୍ଯାତନା ଓ ହତ୍ୟା ମାମଲା (ନଂ.୧୫୧/୧୮) ରୁଜୁ ହୋଇଛି।

ରାଜୁ ପ୍ରାୟ ୮ବର୍ଷ ତଳେ ପରମାଣପୁର ଗିରିଜାପଡ଼ାର ପ୍ରଭାସିନୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରଠାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଆସୁଥିଲା। ବୁଧବାର ପ୍ରଭାସିନୀ ନିଜ ସମ୍ପର୍କୀୟ (ଦିଅରଙ୍କ ସ୍ତ୍ରୀ) ସୁକାନ୍ତି ମାଝିଙ୍କ ସହ ରାଜଗାଙ୍ଗପୁରକୁ ବୁଲିବାକୁ ଯାଇଥିଲେ। ସେଠାରୁ ସେ ମଦ ପିଇ ସନ୍ଧ୍ୟାରେ ଘରକୁ ଫେରିଥିଲେ। ଘରେ ରାଜୁ ମଧ୍ୟ ନିଶାସକ୍ତ ଅବସ୍ଥାରେ ରହିଥିଲେ। ନିଜ ସ୍ତ୍ରୀଙ୍କୁ ମାତାଲ ଅବସ୍ଥାରେ ଘରକୁ ଫେରିବା ଦେଖି ଗାଳିଗୁଲଜ କରିଥିଲେ। ଏଥିରେ ପ୍ରଭାସିନୀ ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟତ ହୋଇଥିଲେ। ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଝାମେଲା ତୁଟିଥିଲା। ତେବେ ରାତିରେ ପୁଣି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାଜୁ ଘରେ ଥିବା ଏକ କାଠଫାଳିଆରେ ପ୍ରଭାସିନୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ସେଠାରୁ ଫେରାର ହୋଇଯାଇଥିଲେ। ଗୁରୁବାର ସକାଳେ ଗ୍ରାମବାସୀ ପ୍ରଭାସିନୀଙ୍କୁ ମୃତ ଅବସ୍ଥାରେ ଦେଖି ଗୋବିନ୍ଦପୁର ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ବିଶ୍ୱପତି ପଣ୍ଡା, ଗଡ଼ପୋଷ ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନ, ଥୋମାସ କେର୍କେଟା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସ୍ୱାମୀ ଓ ସ୍ତ୍ରୀ ଉଭୟେ ପ୍ରତିଦିନ ମଦ୍ୟପାନ କରି ପାଟିତୁଣ୍ଡ କରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସେମାନଙ୍କ ୨ଟି କନ୍ୟା ସନ୍ତାନ ରହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

### ଅଧାବାଟରେ ଉଡାନ୍
# ନିରାଶ କରୁଛି ଏୟାର ଓଡ଼ିଶା

ଝାରସୁଗୁଡ଼ା ଅଫିସ,୮।୧୧

କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନା ଓଡ଼ିଶାରେ ଫେଲ୍ ମାରିଛି। ଓଡ଼ିଶାରେ ପ୍ରଥମ କରି ଆରମ୍ଭ ହୋଇଥିବା କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ବିମାନ କମ୍ପାନୀ ଏୟାର ଓଡ଼ିଶା ବିଫଳ କରିଛି। ଅକ୍ଟୋବର ୬ରୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଆଉ ବିମାନ ଉଡ଼ିନାହିଁ। ବିମାନ ଚଳାଚଳ ପାଇଁ ବାରମ୍ବାର ତାରିଖ ସ୍ଥିର ହେଉଥିଲେ ମଧ୍ୟ ନିର୍ଦ୍ଧାରିତ ଦିନରେ ବିମାନ ଆସୁନାହିଁ। ବୁଧବାର ବିମାନ ଚାଲିବା ପାଇଁ ଏୟାର ଓଡ଼ିଶା ସୂଚନା ଦେଇଥିଲେ ମଧ୍ୟ ବୁଧବାର ଏବଂ ଗୁରୁବାର ବିମାନ ଆସିନାହିଁ। ଫଳରେ ଲୋକଙ୍କ ମଧ୍ୟରେ ନିରାଶ ଭାବ ସୃଷ୍ଟି ହେବ ସହ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଉଦ୍‌ଘାଟନ ପରେ ଭୁବନେଶ୍ୱର-ଝାରସୁଗୁଡ଼ା ଏବଂ ଝାରସୁଗୁଡ଼ା-ରାୟପୁର ରୁଟ୍‌ରେ ମାତ୍ର ୫/୬ ଦିନ ବିମାନ ଚଳାଚଳ କରିଛି। ଏହାପରେ ୩୪ ଦିନ ହେଲା ବିମାନସେବା ବନ୍ଦ ରହିଛି। ବୈଷୟିକ ସମସ୍ୟା ରହିଥିବା ଦର୍ଶାଇ ଏୟାର ଓଡ଼ିଶା ବିମାନ ଚଳାଚଳ ବନ୍ଦ ରଖିଛି।

ଅକ୍ଟୋବର ୬ ତାରିଖରୁ ବନ୍ଦ ପଡ଼ିଥିବା ଉଡାନ୍ ସେବା ଅକ୍ଟୋବର ୨୯ ତାରିଖରୁ ଆରମ୍ଭ ହେବ ବୋଲି ଏୟାର ଓଡ଼ିଶା ସୂଚନା ଦେଇଥିଲା। ପରେ ଏହା ନଭେମ୍ବର ୩ ତାରିଖ ଏବଂ ପରେ ୬ ତାରିଖରୁ ବିମାନ ଚାଲିବ ବୋଲି ସୂଚନା ମିଳିଥିଲା। ହେଲେ ନଭେମ୍ବର ୬ରେ ବିମାନ ଆସିବା ଆଶା ମଉଳିଯାଇଥିଲା। ଅନ୍ୟପକ୍ଷରେ ଝାରସୁଗୁଡ଼ାରୁ ଆଉ ବିମାନ ଉଡ଼ିବ କି ନାହିଁ ସେ ବାବଦରେ କେହି ବି କହିପାରୁନାହାନ୍ତି। କାରଣ ବିମାନ ସେବା ଆରମ୍ଭ ନେଇ ଏୟାର ଓଡ଼ିଶା କର୍ତ୍ତୃପକ୍ଷ ଝାରସୁଗୁଡ଼ା ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ଦେଉନାହାନ୍ତି। କେବଳ ବୈଷୟିକ ସମସ୍ୟା ରହିଥିବା ଦର୍ଶାଇ ବିମାନ ସେବା ବନ୍ଦ ରଖିଛନ୍ତି। ବିମାନସେବା ବନ୍ଦ ପରେ ବିଭିନ୍ନ ରାଜନୈତିକ ଦଳ ଏବଂ ସାମାଜିକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଏ ବାବଦରେ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ମଧ୍ୟ ଲେଖିଛନ୍ତି। ହେଲେ ଫଳ କିଛି ବି ମିଳିନାହିଁ। ବିମାନ ଚଳାଚଳ ବନ୍ଦ କରିଥିବା ଏୟାର ଓଡ଼ିଶାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। କିନ୍ତୁ କମ୍ପାନୀକୁ କୌଣସି ଫରକ ପଡୁନାହିଁ। ବିମାନ ଚଳାଚଳ ନେଇ ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକ ସୁଦୀପ ଚୌହାନଙ୍କୁ ପଚାରିବାରୁ ସେ କହିଲେ, ବିମାନ କେବେଠାରୁ ଚାଲିବ ସେ ବାବଦରେ କୌଣସି ସୂଚନା ମିଳିନାହିଁ।

### ଭିତରକନିକା ଜାତୀୟ ଉଦ୍ୟାନ
# ବିଦେଶୀ ପକ୍ଷୀ ଉଦ୍ଧାର, ଦୁଇ ଶିକାରୀ ଗିରଫ

ରାଜନଗର, ୮।୧୧(ଡି.ଏନ.ଏ.)



କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନକୁ ଏବେ ଦେଶ ବିଦେଶର ରଙ୍ଗବେରଙ୍ଗର ପକ୍ଷୀଙ୍କ ଆଗମନ ହୋଇଛି। ତେବେ ବନବିଭାଗ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ବୁଧବାର ଦୁଇ ଜଣ ଶିକାରୀ ଦୁଇଟି ବିଦେଶୀ ପକ୍ଷୀ ଧରି ବାହାରକୁ ଚାଲାଣ କରିବା ପୂର୍ବରୁ ଧରା ପଡିଛନ୍ତି। ଗୁରୁବାର ଦୁଇ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ଏବେ ଜାତୀୟ ଉଦ୍ୟାନର କଣ୍ଟିଆଖାଇ ସମୁଦ୍ର ମୁହାଣ ନିକଟରେ ବହୁ ସଂଖ୍ୟାରେ ବିଦେଶୀପକ୍ଷୀଙ୍କୁ ଦେଖିବାକୁ ମିଳୁଛି। ରାଜନଗର ବ୍ଲକ କେରୁଆଁପାଳ ଗାଁର ସୁକୁମାର ମାଇତି ଓ ମହାଦେବ ଡାକୁଆ ମୁହାଣ ନିକଟରେ ବେଆଇନ ଭାବେ ମାଛ ଧରୁଥିଲେ। ଏହି ସମୟରେ ମାଛ ଖାଇବାକୁ ଆସିଥିବା ସମୁଦ୍ର କୁଆ ଦୁଇଟିଙ୍କୁ ସେମାନେ ଜାଲ ମାଧ୍ୟମରେ ଧରିଥିଲେ। ରାତି ପ୍ରାୟ ୧୦ ଟା ସମୟରେ ସାଇକେଲରେ ଜାଲ ବାନ୍ଧି ବ୍ୟାଗ ମଧ୍ୟରେ ପକ୍ଷୀ ଦୁଇଟିକୁ ପୂରାଇ ଘରକୁ ଫେରୁଥିଲେ। ତାଳଚୁଆ ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ଡାଙ୍ଗମାଳ ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ପ୍ରଦୋଷ ମହାପାତ୍ର, ସୁନିଲ ରାଉତରାୟ, ରମାକାନ୍ତ ଦାସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହରେ ଦୁଇ ଶିକାରୀଙ୍କୁ ଅଟକାଇଥିଲେ। ସେମାନଙ୍କ ବ୍ୟାଗରୁ ଗୋଡବନ୍ଧା ଅବସ୍ଥାରେ ଦୁଇଟି ଜୀବନ୍ତ ବିଦେଶୀ ପକ୍ଷୀ ମିଳିଥିଲା। ଦୁଇଟି ପକ୍ଷୀର ଓଜନ ୩ କିଲୋ ହେବ। ବନ କର୍ମଚାରୀମାନେ ଦୁଇଟି ପକ୍ଷୀ ଉଦ୍ଧାର କରିବା ପରେ ଏହି ଘଟଣାରେ ୧୯୭୨ ବନ୍ୟପ୍ରାଣୀ ଆଇନ ୯, ୨୭, ୨୯ରେ ମାମଲା ରୁଜୁ ହୋଇଛି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନ୍ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

M. GROUP FINANCE CO.
DIWALI OFFER
(Govt. Approved)
- Personal Loan
- Business Loan
- Salary Slip Loan
- Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି
ପର୍ସନାଲ, ବ୍ୟବସାୟ
ରାଶନ କାର୍ଡ, ଆଧାର କାର୍ଡ
ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi



ଏକାଠି ଅଭିନୟ କରି ନ ଥିବାରୁ ପତ୍ନୀ ମେଘା ଗୁପ୍ତାଙ୍କ ସହ ଏକ ଛୋଟ ଫିଲ୍ମରେ କାମ କରିବାକୁ ଚାହେଁ ।
– ସିଦ୍ଧାନ୍ତ କର୍ନିକ୍, ବଲିଉଡ୍ ଅଭିନେତା



# ପଟେଲଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବ୍ରିଟେନର ଦାନ



**ନୂଆଦିଲ୍ଲୀ/ଲଣ୍ଡନ:** ଭାରତର ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ବୀରପୁଙ୍ଗବ ତଥା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସର୍ବୋଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ କେନ୍ଦ୍ର ସରକାର ପ୍ରଚୁର ଅର୍ଥ ବ୍ୟୟ କରିଛନ୍ତି। ତନ୍ମଧ୍ୟରୁ ବ୍ରିଟେନ୍‌ର ଦାନ ପାଖାପାଖି ୧ବିଲିୟନ ପାଉଣ୍ଡ ଷ୍ଟର୍ଲିଂ ବୋଲି ସୂଚନା ମିଳିଛି। ପଟେଲ୍‌ଙ୍କ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତିର ଉଚ୍ଚତା ନ୍ୟୁୟର୍କସ୍ଥିତ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉଚ୍ଚତାର ୨ଗୁଣ। ଦେଶର ଏହି ଗୌରବମୟ ପ୍ରତୀକକୁ ପ୍ରଧାନମନ୍ତ୍ରୀ କିଛିଦିନ ତଳେ ଉଦ୍‌ଘାଟନ କରିଛନ୍ତି। ଷ୍ଟାଚ୍ୟୁ ଅଫ୍ ୟୁନିଟିର ନିର୍ମାଣ କାର୍ଯ୍ୟ ୫୬ ମାସରେ ସମ୍ପନ୍ନ ହୋଇଥିଲା। ଏଥିପାଇଁ ୩୩୦ ମିଲିୟନ ପାଉଣ୍ଡ ଷ୍ଟର୍ଲିଂ ବ୍ୟୟ ହୋଇଥିବା ବେଳେ ବ୍ରିଟେନ୍‌ର କରଦାତାମାନେ ବୈଦେଶିକ ସହାୟତା ସ୍ୱରୂପ ଏଥିପାଇଁ ୧.୧୭ ବିଲିୟନ ପାଉଣ୍ଡ ଷ୍ଟର୍ଲିଂ ଦାନ କରିଥିଲେ ବୋଲି ବ୍ରିଟେନ୍ ସରକାରୀ ସୂତ୍ରରୁ ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜସ୍ୱ ରାଜ୍ୟର ନର୍ମଦା ତଟରେ ଏହି ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ବେଳେ ଏହି ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରକଳ୍ପ କାର୍ଯ୍ୟ ୨୦୧୨ରେ ଆରମ୍ଭ ହୋଇଥିଲା। ବ୍ରିଟେନ୍ ଦାନ କରିଥିବା ଅର୍ଥ ଭାରତକୁ ୨୦୧୩, ୨୦୧୪ ଏବଂ ୨୦୧୫ ଏପରି ୩ଟି ପର୍ଯ୍ୟାୟରେ ପ୍ରଦାନ କରାଯାଇଥିଲା। ବ୍ରିଟେନ୍‌ରୁ ଆର୍ଥିକ ଅନୁଦାନର ପ୍ରବାହ ଘଟିବା ପରେ ଭାରତୀୟ କର୍ତ୍ତୃପକ୍ଷ ଏଥିପାଇଁ ଆଖିବୁଜା ଅର୍ଥ ବ୍ୟୟ କରିଥିଲେ। ଟୋରି ଏମ୍‌ପି ପିଟର ବୋନ୍‌ଙ୍କ କହିବାନୁଯାୟୀ, ବ୍ରିଟେନ୍ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଭାରତକୁ ସହାୟତା ସ୍ୱରୂପ ୧.୧୭ ବିଲିୟନ୍ ପାଉଣ୍ଡ ଷ୍ଟର୍ଲିଂ ଦାନ କରିଥିବା ବେଳେ ପ୍ରଚୁର ଅର୍ଥ ଷ୍ଟାଚ୍ୟୁ ପାଇଁ ବ୍ୟୟ କରାଯିବା ସମ୍ପୂର୍ଣ୍ଣ ଅଜ୍ଞାନତାର ପରିଚୟ ବୋଲି କୁହାଯାଇଛି।

# କ୍ୟାନ୍‌ସର ସେଲ୍ ନଷ୍ଟ କରିବ କାର୍ବନ ନାନୋମ୍ୟାଟେରିଆଲ୍



**ନୂଆଦିଲ୍ଲୀ:** ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ରୁର୍କୀର ଗବେଷକମାନେ ଏକ ଫ୍ଲୋରେସେଣ୍ଟ କାର୍ବନ ନାନୋଡଟ୍‌ସ ବିକାଶ କରିଛନ୍ତି। ଏହା କ୍ୟାନ୍‌ସର ଚିହ୍ନଟ କରିବା ସହିତ କ୍ୟାନସର ସେଲ୍‌କୁ ନଷ୍ଟ କରିଦେଇପାରିବ। ଗବେଷଣାର ନେତୃତ୍ୱ ନେଇଥିବା ପି. ଗୋପୀନାଥ କହନ୍ତି, କ୍ୟାନ୍‌ସର ନିରୋଧୀ ଚିକିତ୍ସା ପାଇଁ ଏହି ପଦ୍ଧତିକୁ ବ୍ୟବହାର କରାଯାଇ ପାରିବ। ଉକ୍ତ ଗବେଷଣା ପାଇଁ ଆଇଆଇଟି ଗବେଷକମାନଙ୍କୁ ସହାୟତା କରିଛନ୍ତି ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ଏସ୍‌ଇଆର୍‌ବି), ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜି (ଡିବିଟି) ଏବଂ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ।

କ୍ୟାନ୍‌ସର ସେଲ୍ ଚିହ୍ନଟ ଏବଂ ନଷ୍ଟ କରିବା ଦୀର୍ଘ ଦଶନ୍ଧି ଧରି ଚିକିତ୍ସା କ୍ଷେତ୍ରରେ ଏକ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। ଆଇଆଇଟି ଗବେଷକଙ୍କ ଗବେଷଣା କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଏକ ବିପ୍ଲବ ଆଣିବ ବୋଲି ଗୋପୀନାଥ ପ୍ରକାଶ କରିଛନ୍ତି।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ।

କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: **ତା୦୭.୧୨.୨୦୧୮ରିଖ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ :**
**ତା୧୦.୧୨.୨୦୧୮ରିଖ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୦୩.୩୦ଘଟିକା ମଧ୍ୟରେ**

**କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ: suryajyoti.pradhan@sbi.co.in, ମୋ: ୮୫୯୯୦୦୨୭୦୩**

| କ୍ର. ନଂ. | ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | ବିଦ୍ୟାଧରପୁର ଏଡିବି / ରଣଗ୍ରହୀତା: ଶ୍ରୀ ଅରୁଣ ସ୍ୱାଇଁ, ପିତା: ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର୍.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ-୭୫୩୦୦୮ / ଆକାଉଣ୍ଟ ନଂ.: ୩୦୦୧୭୨୯୯୩୩୮ | ଜାମିନ୍‌ଦାର: ଶ୍ରୀମତୀ ରୀତା ବିଶାଳ, ସ୍ୱାମୀ: ୰ ଗୌର କୃଷ୍ଣ ବିଶାଳ, ଶିବଶ୍ରୀ ହାଉସ୍, ମହାନ୍ତି ପଡ଼ା, କାଫ୍ଲା, ଚାନ୍ଦନୀ ଚୌକ, କଟକ-୭୫୩୦୦୨ | ଶ୍ରୀ ଅରୁଣ ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କଟକ ସହର ୟୁନିଟ୍ ନଂ. ୮ ଦକ୍ଷିଣ ତୁଳସୀପୁର, ତହସିଲ: କଟକ ସଦର, ଥାନା: ବିଡାନାସୀ, ଜିଲ୍ଲା: କଟକ, ଖାତା ନଂ.: ୧୫, ଅନୁରୂପ ମ୍ୟୁଟେଟେଡ଼ ଖାତା ନଂ.: ୧୭/୮୦, ପ୍ଲଟ୍ ନଂ.: ୩୫୭(ଅଂଶ), ଅନୁରୂପ ମ୍ୟୁଟେଟେଡ଼ ପ୍ଲଟ୍ ନଂ.: ୩୫୭/୧୪୪୯, କ୍ଷେତ୍ର: ଏକର ୦.୦୫୬ଡିସିମିଲି (ଏକର୦.୦୮୦ଡିସିମିଲିରୁ), କିସମ: ଘରବାରି | ଟ.୧,୧୨,୭୯,୬୭୦/- + ୧୫.୦୨.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୫.୦୨.୨୦୧୮ | ଟ.୮୦,୩୩,୦୦୦/- / ଟ.୮,୦୩,୩୦୦/- / ଟ.୧,୦୦,୦୦୦/- |
| ୨. | ନୂଆପାଟଣା ଶାଖା / ରଣଗ୍ରହୀତା: ମେସର୍ସ ଧବଳେଶ୍ୱର ରାଇସ୍ ମିଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସତୀଶ କୁମାର ସାହୁ, ପିତା: ଶ୍ରୀ ବିଜୟ କୃଷ୍ଣ ସାହୁ, ଗଡ଼ିଝରିଆ, ପୋ: ଭିରୁଡ଼ା, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୪୬୦୩୭୧୪୨୮, ୩୨୪୫୮୪୦୯୨୩୨ | ଜାମିନ୍‌ଦାର: ଶ୍ରୀ ବିଜୟ କୃଷ୍ଣ ସାହୁ, ପିତା: ୰ ନିତ୍ୟାନନ୍ଦ ସାହୁ, ସା: ବଡ଼ହାଟ, ପୋ/ଜିଲ୍ଲା: କେନ୍ଦ୍ରାପଡ଼ା | କ) ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର ମୌଜା: ଭିରୁଡ଼ା, ତହସିଲ: ଟିଗିରିଆ, ଜିଲ୍ଲା: କଟକ, ଖାତା ନଂ.: ୧୨୮୯/୭୭୮, ପ୍ଲଟ୍ ନଂ.: ୬୭୭୬, କ୍ଷେତ୍ର: ଏକର୦.୩୨ଡିସିମିଲି, ପ୍ଲଟ୍ ନଂ.: ୬୭୭୭/୯୮୩୧, କ୍ଷେତ୍ର: ଏକର୧.୨୦ଡିସିମିଲି, କିସମ: ଘରବାରି<br>ଖ) ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ବରାଇଲୋ, ତହସିଲ: ଡେରାବିଶ, ଜିଲ୍ଲା: କେନ୍ଦ୍ରାପଡ଼ା, ଖାତା ନଂ.: ୧୦୧ (ନୂଆ ଖାତା ନଂ.: ୨୪୪/୯୧), ପ୍ଲଟ୍ ନଂ.: ୫୭୨, କ୍ଷେତ୍ର: ଏକର୦.୫୫୦ଡିସିମିଲି, ଖାତା ନଂ.: ୨୪ (ନୂଆ ଖାତା ନଂ.: ୨୪୪/୯୦), ପ୍ଲଟ୍ ନଂ.: ୫୭୩, କ୍ଷେତ୍ର: ଏକର୦.୬୪୦ଡିସିମିଲି, ଖାତା ନଂ.: ୩ (ନୂଆ ଖାତା ନଂ.: ୨୪୪/୮୨), ପ୍ଲଟ୍ ନଂ.: ୫୭୫, କ୍ଷେତ୍ର: ଏକର୦.୯୬୬ଡିସିମିଲି, କିସମ: ଘରବାରି | ଟ.୧,୧୮,୧୫,୦୬୦/- + ୨୫.୦୨.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୨୫.୦୨.୨୦୧୪ | କ) ଟ.୭୯,୧୦,୦୦୦/- ଟ.୭,୯୧,୦୦୦/- ଟ.୧,୦୦,୦୦୦/-<br>ଖ) ଟ.୨୬,୬୩,୦୦୦/- ଟ.୨,୬୬,୩୦୦/- ଟ.୫୦,୦୦୦/- |
| ୩. | ବାଣିଜ୍ୟିକ ଶାଖା, କଟକ / ରଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁ, ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ, ସମସ୍ତଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ / ଆକାଉଣ୍ଟ ନଂ.: ୩୦୭୦୯୯୬୨୬୪୨, ୩୦୭୧୬୭୭୦୦୪୩ | ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀ ସଞ୍ଜିତ କୁମାର ସାହୁ, ଉଭୟଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ | (କ) ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର (୧) ମୌଜା: ଅରିଲୋ, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, (i) ଖାତା ନଂ.: ୫୨, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୦.୫୪୦ ଡିସିମିଲି, କିସମ: ଘରବାରି, (ii) ଖାତା ନଂ.: ୪୩୦, ପ୍ଲଟ୍ ନଂ.: ୫୫୯, କ୍ଷେତ୍ର: ଏକର୦.୫୫୦ଡିସିମିଲି, ପ୍ଲଟ୍ ନଂ.: ୫୮୩, କ୍ଷେତ୍ର: ଏକର୦.୫୭୦ଡିସିମିଲି, ପ୍ଲଟ୍ ନଂ.: ୫୯୭, କ୍ଷେତ୍ର: ଏକର୩.୧୫୦ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୪.୨୭୦ଡିସିମିଲି, କିସମ: ଘରବାରି, (୨) ମୌଜା: ସମପୁର, ତହସିଲ: କିସାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୫୪୮, ପ୍ଲଟ୍ ନଂ.: ୬୩୭, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର୦.୧୪୦ଡିସିମିଲ, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି<br>(ଖ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମପୁର, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୬୦୮/୧୪, ପ୍ଲଟ୍ ନଂ.: ୬୩୮/୨୦୬୬, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରି | ଟ.୨,୩୬,୦୫,୨୯୪/- + ୦୫.୦୫.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୫.୦୫.୨୦୧୪ | (କ) ଟ.୨,୫୯,୨୫,୦୦୦/- ଟ.୨୫,୯୨,୫୦୦/- ଟ.୧,୦୦,୦୦୦/-<br>(ଖ) ଟ.୧୮,୦୨,୦୦୦/- ଟ.୧,୮୦,୨୦୦/- ଟ.୫୦,୦୦୦/- |
| ୪. | ମାଲଗୋଦାମ ଶାଖା / ରଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜୀ ଜେନେରାଲ୍ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀମତୀ ରେଖା ଅଗ୍ରୱାଲ, ସ୍ୱାମୀ: ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ୍ ନଂ.: ୧୫୦୩/ବି, ସେକ୍ଟର-୬, ସିଡିଏ, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୦୨୪୫୪୦୭୯୧୨ | ଜାମିନ୍‌ଦାରମାନେ: ୧) ଶ୍ରୀ ମନୋରଞ୍ଜନ ନାୟକ, ପିତା: ୰ ପ୍ରାଣକୃଷ୍ଣ ନାୟକ, ଠିକଣା-୧: ସା/ପୋ: ପାଇକ ବାରବାଟି, ଥାନା: କାନପୁର, ଭାୟା: ନରସିଂହପୁର, ଜିଲ୍ଲା: କଟକ, ଠିକଣା-୨: ସା: ଷ୍ଟିୱାର୍ଟ ପାଟଣା, ସନତ ନଳିନୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ସେଲ୍ଟର ଛକ, ପୋ/ଥାନା: ବିଡାନାସୀ, କଟକ, ୨) ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ ନଂ.: ବି/୧୫୦୩, ସେକ୍ଟର-୬, ସିଡିଏ, ମର୍କତ ନଗର, କଟକ-୭୫୩୦୧୪ | ଶ୍ରୀ ମନୋରଞ୍ଜନ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପାଇକପଡ଼ା ପାଟଣା, ତହସିଲ/ଥାନା: ନରସିଂହପୁର, ଜିଲ୍ଲା: କଟକ, ଖାତା ନଂ.: ୫୭୪/୧୫, ଅନୁରୂପ ପରିବର୍ତ୍ତିତ ଖାତା ନଂ.: ୫୭୪/୪୬୨, ପ୍ଲଟ୍ ନଂ.: ୧୪୦୭/୨୮୮୬, କ୍ଷେତ୍ର: ଏକର୦.୧୯୫ଡିସିମିଲି, କିସମ: ଘରବାରି | ଟ.୨୭,୯୮,୦୦୦/- + ୦୧.୧୧.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୪.୦୧.୨୦୧୭ | ଟ.୩୪,୪୩,୦୦୦/- / ଟ.୩,୪୪,୩୦୦/- / ଟ.୫୦,୦୦୦/- |
| ୫. | ଇଫ୍‌କୋ ଛକ ଶାଖା, ପାରାଦୀପ (ବର୍ତ୍ତମାନ- ପାରାଦୀପ ବଜାର ଶାଖା)/ ରଣଗ୍ରହୀତାମାନେ: ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲ, ପିତା: ଶ୍ରୀ ଇନ୍ଦ୍ରମଣି ସାମଲ, ସା: ଫତେପୁର, ପୋ: ଗୋପିଆକୁଦ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ୬୨୨୧୫୧୫୨୦୫୨ | | ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଫତେପୁର, ତହସିଲ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୫୯୦/୧୯୬, ପ୍ଲଟ୍ ନଂ.: ୭୩୨/୧୪୫୫, କ୍ଷେତ୍ର: ଏକର୦.୨୬ଡିସିମିଲି, କିସମ: ଘରବାରି | ଟ.୨୧,୨୨,୦୦୦/- + ୦୧.୧୧.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୩.୦୨.୨୦୧୮ | ଟ.୩୫,୫୨,୦୦୦/- / ଟ.୩,୫୫,୨୦୦/- / ଟ.୫୦,୦୦୦/- |

**କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୁଧୀର କୁମାର ଲାକ୍ରା, ଇ-ମେଲ: sudhir.lakra@sbi.co.in, ମୋ: ୮୫୯୯୦୦୨୭୦୨**

| କ୍ର. ନଂ. | ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୬. | ପିବିବି ମଙ୍ଗଳାବାଗ ଶାଖା / ରଣଗ୍ରହୀତାମାନେ: ଶ୍ରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ଶ୍ରୀ ବାବଜୀ ଚରଣ ପରିଡ଼ା, ଉଭୟଙ୍କ ପିତା: ୰ ବିଦ୍ୟାଧର ପରିଡ଼ା, ସା: ଶଙ୍କରପୁର (ଡିହସାହି), ପୋ: ଅରୁଣୋଦୟ ମାର୍କେଟ, ଥାନା: ମଧୁପାଟଣା, କଟକ / ଆକାଉଣ୍ଟ ନଂ.: ୩୦୦୦୩୧୧୪୦୮୧ | ଜାମିନ୍‌ଦାର: ଶ୍ରୀ ଅମରେନ୍ଦ୍ର ସାମଲ, ପିତା: ଶ୍ରୀ ଚିତ୍ତରଞ୍ଜନ ସାମଲ, ସା: ସୂତାହାଟ, ପୋ: ବକ୍ସିବଜାର, ଜିଲ୍ଲା: କଟକ | ଶ୍ରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ଶ୍ରୀ ବାବଜୀ ଚରଣ ପରିଡ଼ାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍ ନଂ.-୩୩ (ବିଶିନବର), ତହସିଲ/ଏସ୍‌ଆରଓ: କଟକ ସଦର, ଥାନା: ମଧୁପାଟଣା (ନଂ.-୩), ଜିଲ୍ଲା: କଟକ, ଖାତା ନଂ.: ୧୨୦୫/୭୫, ପ୍ଲଟ୍ ନଂ.: ୧୨୬୯/୩୨୦୭, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି | ଟ.୨୧,୫୮,୯୬୫/- + ୦୧.୦୬.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୭.୦୬.୨୦୧୪ | ଟ.୩୫,୦୦,୦୦୦/- / ଟ.୩,୫୦,୦୦୦/- / ଟ.୫୦,୦୦୦/- |

**ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୩.୧୨.୨୦୧୮ ଏବଂ ୦୪.୧୨.୨୦୧୮ ପୂର୍ବାହ୍ଣ ୧୦.୦୦ ଘଟିକା ରୁ ଅପରାହ୍ଣ ୪.୦୦ଘଟିକା**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ଓ ଅନ୍-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procrurement Technologies Limited, Ahmedabad** ର ୱେବସାଇଟ **https://sbi.auctiontiger.net** ମାଧ୍ୟମରେ ଉପରଦର୍ଶିତ **ତା୧୦.୧୨.୨୦୧୮ରିଖରେ** ଅସିମୀତ ପ୍ରତ୍ୟେକ ବର୍ଦ୍ଧିତ ୫ ମିନିଟ ସମୟ ସହିତ **ପୂର୍ବାହ୍ଣ ୧୧.୦୦ ଘଟିକା ରୁ ଅପରାହ୍ଣ ୩.୩୦ ଘଟିକା** ମଧ୍ୟରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sbi.auctiontiger.net** ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧୀନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 33401288726, Name of the A/C.: AGM, SARB, NO LIEN Account, Name of the Beneficiary: State Bank of India A/c., IFSC Code No.: SBIN0009029** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ତାଲିକାଭୁକ୍ତ ବ୍ୟାଙ୍କରୁ **"Asst. General Manager, State Bank of India, SARB, Cuttack"**ଙ୍କ ସପକ୍ଷରେ କଟକ ଠାରେ ଦେୟ ଦର୍ଶାଇ ପୈଠ କରିବେ।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: **Ram Sharma - 08000023297, Rakesh Nayak- 9937220319 / Land Line No.: 079-40230821/823/824/825/826/827/816/806. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net** (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ)।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକ**ଙ୍କ ଠାରେ **ତା.୦୭.୧୨.୨୦୧୮ରିଖ ଅପରାହ୍ଣ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://sbi.auctiontiger.net** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକ**ଙ୍କ ଦ୍ୱାରା ଚିହ୍ନଟ କରାଯିବ। **M/S e-Procurement Technologies Limited, Ahmedabad**ଙ୍କଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।

୭) ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **ସମ୍ପତ୍ତି କ୍ର. ନଂ.: ୧ ରୁ ୫ ନିମନ୍ତେ: Mob.: 8599002703** ଏବଂ **ସମ୍ପତ୍ତି କ୍ର. ନଂ.: ୬ ନିମନ୍ତେ: Mob.: 8599002702** ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/S e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କୀୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/S e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ବାତିଲ/ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

୧୫) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୬) ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମ ୨୦୦୨ର ୮(୬) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ତାରିଖ : ୦୮.୧୧.୨୦୧୮, ସ୍ଥାନ : କଟକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


# ଶିକ୍ଷକତାକୁ ପସନ୍ଦ କରନ୍ତି ଅଧିକାଂଶ ଭାରତୀୟ



**ଲଣ୍ଡନ:** ଅଧିକାଂଶ ଭାରତୀୟ ସେମାନଙ୍କ ପିଲା ଶିକ୍ଷକ ହେବାକୁ ଇଚ୍ଛା କରନ୍ତି। ବିଶ୍ୱ ସ୍ତରରେ କରାଯାଇଥିବା ଏକ ଅଧ୍ୟୟନରୁ ଏହି ସୂଚନା ମିଳିଛି। ବ୍ରିଟେନ୍ ଭିତ୍ତିକ ଏକ ଅନୁଷ୍ଠାନ ଭାର୍କେ ଫାଉଣ୍ଡେଶନ୍‌ର 'ଗ୍ଲୋବାଲ ଟିଚର ଷ୍ଟାଟସ୍ ଇଣ୍ଡେକ୍ସ (ଜିଟିଏସ୍‌ଆଇ) ୨୦୧୮'ରେ ଏହା ବର୍ଣ୍ଣନା କରାଯାଇଛି। ଶିକ୍ଷକଙ୍କ ପ୍ରତି ସମାଜର ଦୃଷ୍ଟିକୋଣ କ'ଣ ତାହା ଜାଣିବା ପାଇଁ ବିଶ୍ୱର ୩୫ଟି ଦେଶକୁ ନେଇ ଏକ ବିସ୍ତୃତ ଅଧ୍ୟୟନ କରାଯାଇଥିଲା। ଏ କ୍ଷେତ୍ରରେ ଭାରତର ୫୪% ଲୋକ ସେମାନଙ୍କ ସନ୍ତାନ ଭବିଷ୍ୟତରେ ଶିକ୍ଷକ ହେବାକୁ ପ୍ରୋତ୍ସାହନ ଦେଉଥିବା ପ୍ରକାଶ କରିଛନ୍ତି। ଏ କ୍ଷେତ୍ରରେ ଚାଇନାର ୫୦%ଲୋକ ଶିକ୍ଷକ ସପକ୍ଷରେ ମତ ଦିଅନ୍ତି। ତେବେ ବ୍ରିଟେନ୍‌ର ୨୩% ଲୋକ ସେମାନଙ୍କ ସନ୍ତାନ ଶିକ୍ଷକ ହେବାକୁ ସମର୍ଥନ କରୁଥିବା ବେଳେ ରୁଷିଆର ମାତ୍ର ୬%ଲୋକ ଏହାକୁ ସମର୍ଥନ କରିଥାଆନ୍ତି। ଏହି ଅଧ୍ୟୟନରେ ରୁଷିଆର ସବୁଠୁ କମ୍ ପ୍ରତିଶତ ଲୋକ ସେମାନଙ୍କ ପିଲା ଭବିଷ୍ୟତରେ ଶିକ୍ଷକ ହେଉ ବୋଲି ଚିନ୍ତା କରିଥାଆନ୍ତି।

ସାମଗ୍ରିକ ଭାବରେ 'ବିଶ୍ୱ ଶିକ୍ଷକ ମାନ୍ୟତା ସୂଚକାଙ୍କ ୨୦୧୮'ରେ ୩୫ଟି ଦେଶ ମଧ୍ୟରେ ଭାରତ ଅଷ୍ଟମ ସ୍ଥାନରେ ରହିଛି। ୟୁରୋପ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତ, ଚାଇନା, ମାଲେସିଆ, ଟାଇୱାନ୍, ଇଣ୍ଡୋନେସିଆ ଏବଂ କୋରିଆ ଭଳି ଏସୀୟ ରାଷ୍ଟ୍ରଗୁଡ଼ିକ ଶିକ୍ଷକ ସେବାକୁ ଅଧିକ ମାନ୍ୟତା ଦେଉଥିବା ଏହି ଅଧ୍ୟୟନରୁ ସ୍ପଷ୍ଟ ହୋଇଛି।

# ସଚେତନ କରିଛି '# ମିଟୁ'

**ମୁମ୍ବାଇ:** '# ମିଟୁ' ଆନ୍ଦୋଳନ କର୍ମସ୍ଥଳରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛି ବୋଲି ଅଭିନେତ୍ରୀ ଆୟେଶା ଚୋପ୍ରା ପ୍ରକାଶ କରିଛନ୍ତି। ଯେଉଁ ମହିଳାମାନେ ସେମାନଙ୍କ ପ୍ରତି ହୋଇଥିବା ଯୌନ ଶୋଷଣ ବିରୋଧରେ ମୁହଁ ଖୋଲିଛନ୍ତି ସେମାନଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ତାଙ୍କ କହିବାନୁଯାୟୀ, '# ମିଟୁ' ଆନ୍ଦୋଳନ ସମସ୍ତଙ୍କ ମଧ୍ୟରେ ଏକ ସକାରାତ୍ମକ ସଚେତନତା ସୃଷ୍ଟି କରିପାରିଛି। ଏହାଦ୍ୱାରା କର୍ମସ୍ଥଳରେ ମହିଳାମାନେ ନିଜକୁ ନିରାପଦ ମଣିବେ ବୋଲି ସେ ପ୍ରକାଶ କରିଛନ୍ତି।

ହଲିଉଡ୍‌ରେ '# ମିଟୁ' ଆନ୍ଦୋଳନ ପରେ କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ବିରୋଧରେ ବଲିଉଡ୍‌ର କେତେକ ଅଭିନେତ୍ରୀ ମୁହଁ ଖୋଲିବା ଆରମ୍ଭ କରିଥିଲେ। ଅଭିନେତ୍ରୀ ତନୁଶ୍ରୀ ଦତ୍ତ ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଏହି ଆନ୍ଦୋଳନ ତ୍ୱରାନ୍ୱିତ ହୋଇଥିଲା। ଏହାପରେ ଅନେକ ଅଭିନେତ୍ରୀ ଯୌନ ନିର୍ଯାତନା ବିଷୟ ପଦାକୁ ଆଣିବା ପରେ ବଲିଉଡ୍ ସହ ଜଡିତ ସାଜିଦ ଖାନ୍, ଆଲୋକ ନାଥ, ରଜତ କପୁର ଏବଂ ବିକାଶ ବହଲଙ୍କ ଭଳି ବ୍ୟକ୍ତିବିଶେଷ ଚର୍ଚ୍ଚାର ପରିସରକୁ ଆସିଥିଲେ। ଏହି ଆନ୍ଦୋଳନ ମହିଳାଙ୍କ ନିମନ୍ତେ କାର୍ଯ୍ୟସ୍ଥଳ ନିରାପଦ କରିପାରିବ ବୋଲି ଆୟେଶା ବିଶ୍ୱାସ କରିଛନ୍ତି। ନୂତନ ପିଢ଼ିର ମହିଳା ବିଭିନ୍ନ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇ ପାତରଅନ୍ତର ବିରୋଧରେ ଛିଡା ହୁଅନ୍ତୁ ବୋଲି ଆୟେଶା ପ୍ରକାଶ କରିଛନ୍ତି। ଆୟେଶା 'ନୀରଜା', 'ଆଲିଗଡ଼' ଫିଲ୍ମ ଏବଂ ଟେଲିଭିଜନ ଶୋ 'ପାଓ- ବନ୍ଦୀ ଯୁଦ୍ଧ କେ'ରେ ଅଭିନୟ ପାଇଁ ବେଶ୍ ପ୍ରଶଂସିତ।




## ଇତିହାସର ଆଇନାରେ

### ନଭେମ୍ବର ୯ର ପ୍ରମୁଖ ଘଟଣା

୧୯୪୭ ନଭେମ୍ବର ୯ରେ ପାକିସ୍ତାନଠାରୁ ଜୁନାଗଡ଼ ଛଡ଼ାଇ ଆଣିଥିଲା ଭାରତ। ବର୍ତ୍ତମାନ ଜୁନାଗଡ଼ ଗୁଜରାଟରେ ଅବସ୍ଥିତ ଏବଂ ଏହା ହେଉଛି ରାଜ୍ୟର ସପ୍ତମ ସର୍ବବୃହତ୍ ସହର। ଦେଶ ବିଭାଜନ ପରେ ଜୁନାଗଡ଼ ସ୍ୱତନ୍ତ୍ର ହୋଇ ରହିଥିଲା। ଭାରତ ଏବଂ ପାକିସ୍ତାନର ସୀମାକୁ ଲାଗିଥିଲେ ସୁଦ୍ଧା ଜୁନାଗଡ଼ର କୌଣସି ନିର୍ଦ୍ଦିଷ୍ଟ ସୀମା ନ ଥିଲା। କିନ୍ତୁ ସେଠାରେ ବିଦ୍ରୋହ ଦେଖାଦେଇଥିଲା।

୧୯୯୪ ନଭେମ୍ବର ୯ରେ ଡାର୍ମଷ୍ଟାଡ୍‌ଟିୟମ୍ ନାମକ ଏକ କେମିକାଲର ଉଦ୍ଭାବନ କରାଯାଇଥିଲା। ଜର୍ମାନୀର ଡାର୍ମଷ୍ଟାଡ୍‌ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଭି ଆଇଅନ୍ ରିସର୍ଚ୍ଚଠାରେ ସିଗାର୍ଡ ହୋଫ୍‌ମ୍ୟାନ୍‌ଙ୍କ ତତ୍ତ୍ୱାବଧାନରେ ପିଟର୍ ଆର୍ମବ୍ରଷ୍ଟର୍ ଏବଂ ଗଟ୍‌ଫ୍ରାଇଡ୍ ମୁଜେନ୍‌ବର୍ଗ ଏହାକୁ ସୃଷ୍ଟି କରିଥିଲେ। ଡାର୍ମଷ୍ଟାଡ୍‌ଟିୟମ ହେଉଛି ଏକ ସିନ୍ଥେଟିକ୍ ରାସାୟନିକ ତତ୍ତ୍ୱ। ଏହାକୁ 'ଡିଏସ୍' ବିବେଚନା କରାଯାଉଥିବାବେଳେ ଏହାର ଆଟୋମିକ୍ ନମ୍ବର ହେଉଛି ୧୧୦। ଏହା ହେଉଛି ଏକ ଜଟିଳ ରେଡିଓଆକ୍ଟିଭ୍ ସିନ୍ଥେଟିକ ପଦାର୍ଥ। ଜର୍ମାନୀର ଡାର୍ମଷ୍ଟାଡ୍‌ଠାରେ ପ୍ରଥମେ ଏହାକୁ ତିଆର କରାଯାଇଥିବାବେଳେ ଏହାର ନାମ ଡାର୍ମଷ୍ଟାଡ୍‌ଟିୟମ୍ ରଖାଯାଇଛି।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୫ | ୧୯.୮ |
| ଚାନ୍ଦବାଲି | ୨୮.୨ | ୨୧.୯ |
| କଟକ | --- | ୨୦.୮ |
| ପାରାଦ୍ୱୀପ | ୩୦.୨ | ୨୨.୫ |
| ଭୁବନେଶ୍ୱର | ୩୧.୮ | ୨୨.୦ |
| ଗୋପାଳପୁର | ୩୩.୦ | ୨୩.୩ |
| ପୁରୀ | ୩୧.୦ | ୨୩.୪ |
| ଅନୁଗୋଳ | ୩୧.୯ | ୧୯.୬ |
| ବାରିପଦା | ୨୮.୨ | ୨୦.୪ |
| ଝାରସୁଗୁଡ଼ା | ୩୧.୪ | ୧୯.୪ |
| କେନ୍ଦୁଝର | ୨୮.୬ | ୧୮.୦ |
| ସମ୍ବଲପୁର | ୩୨.୨ | ୨୦.୯ |
| ସୁନ୍ଦରଗଡ଼ | --- | ୧୭.୦ |
| ହୀରାକୁଦ | ୩୧.୧ | ୨୧.୭ |
| ତାଲଚେର | ୩୫.୫ | ୨୦.୬ |
| ଭବାନୀପାଟଣା | ୩୨.୫ | ୨୦.୦ |
| ବଲାଙ୍ଗୀର | ୩୧.୦ | ୨୨.୦ |
| କୋରାପୁଟ | ୨୯.୬ | ୧୭.୦ |
| ଫୁଲବାଣୀ | ୩୧.୦ | ୧୫.୮ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୫.୨ | ୧୯.୬ |
| ଦାରିଙ୍ଗିବାଡ଼ି | ୨୮.୦ | ୧୬.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।



ଗେରୁଆ ବସ୍ତ୍ର ପିନ୍ଧି, ମୁଣ୍ଡ ଲଣ୍ଡା କରି କେହି ସନ୍ୟାସୀ ହୋଇଯାଏ ନାହିଁ। ଯେଉଁ ବ୍ୟକ୍ତି ସକଳ କାମନା ପରିତ୍ୟାଗ କରି ପାରିଛି ସେ ହିଁ କେବଳ ସନ୍ୟାସୀ।

- **ସତ୍ୟସାଇ ବାବା**

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- 'ଜଳବାୟୁ ପରିବର୍ତ୍ତନ ଏବଂ ଦୀର୍ଘସ୍ଥାୟୀ ବିକାଶ' ସମ୍ପର୍କିତ ଆଲୋଚନା, ହୋଟେଲ ମେଫେୟାର,ଅର୍କିଡ୍ ହଲ୍, ସକାଳ ୯ଟା୩୦।
- ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟାରୁ ରାତି ୭ଟା।
- ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ପ୍ରତିଷ୍ଠା ଦିବସ ପାଳନ, ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ରାଜ୍ୟ ମୁଖ୍ୟାଳୟ ପରିସର, ୟୁନିଟ୍-୩, ଅପରାହ୍ନ ୩ଟା ୩୦। ସଭା ଓ ପୁରସ୍କାର ବିତରଣ, ଅପରାହ୍ନ ୫ଟା ୩୦।
- ଶ୍ରୀଜଗନ୍ନାଥ ରଘୁନାଥ ବେଶ ମହୋତ୍ସବ ଉଦ୍‌ଘାଟନ, ନାଲ୍‌କୋ ନଗର କମ୍ୟୁନିଟି ସେଣ୍ଟର, ଅପରାହ୍ନ ୫ଟା।
- ୨୧ତମ କଳିଙ୍ଗ ପୁସ୍ତକ ମେଳା-୨୦୧୮ର ଉଦ୍‌ଘାଟନୀ ସମାରୋହ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- ଭକ୍ତି ସଙ୍ଗୀତ ଆସର 'ହେ ଚକାନୟନ', ସୂଚନା ଭବନ, ସନ୍ଧ୍ୟା ୬ଟା।
- ପ୍ରସିଦ୍ଧ କଣ୍ଠଶିଳ୍ପୀ ମାନ୍ନା ଦେଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା 'ତୁ ପ୍ୟାର୍ କା ସାଗର ହୈ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- କାଳୀପୂଜା ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ଭିଏସ୍‌ଏସ୍ ନଗର ପୂଜାମଣ୍ଡପ ନିକଟ, ସନ୍ଧ୍ୟା ୬ଟା ୩୦।

**କଟକ**

- ଆଞ୍ଚଳିକ ସ୍ତରୀୟ 'ମହକ-୨୦୧୮' ଉତ୍ସବ, ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ୨୦ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ଶୁଭାରମ୍ଭ, ନିକୁଞ୍ଜ ବିହାରୀ ମନ୍ଦିର, ସକାଳ ୭ଟାରୁ ଆରମ୍ଭ।
- ନେହେରୁ ଯୁବ ପ୍ରତିଷ୍ଠାନ ପକ୍ଷରୁ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ପଲ୍ଲୀ ଉନ୍ନୟନ କମିଟି ପରିସର, ନହରକଣ୍ଟା, ଅପରାହ୍ନ ୨ଟା।

**ସାକ୍ଷୀଗୋପାଳ**

- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସତ୍ୟବାଦୀ ହାଇସ୍କୁଲ, ସକାଳ ୯ଟା।

## ନାବାଳିକା ଅପହରଣ ଅଭିଯୋଗ

**ବାଲକାଟୀ,୮।୧୧(ବ୍ୟୁରୋ):** ବାଲକାଟୀ ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ପୋଲିସ ସୂଚନାନୁଯାୟୀ, ନାବାଳିକା ଜଣକ ଦଶାହ କାର୍ଯ୍ୟରେ ଯୋଗଦେବାକୁ ବୁଧବାର ମଉସାଙ୍କ ଘରକୁ ଆସିଥିଲେ। ସନ୍ଧ୍ୟାବେଳେ ପରିବାର ସଦସ୍ୟ ଟିଭି ଦେଖୁଥିବା ବେଳେ ଅନ୍ୟ ଏକ ଘରେ ନାବାଳିକା ପାଠ ପଢୁଥିଲେ। ରାତି ପ୍ରାୟ ୮ଟା ୩୦ରେ ଝିଅ ସେଠାରେ ନ ଥିଲେ। ବହୁ ଖୋଜାଖୋଜି କରି ଝିଅକୁ ନ ପାଇବା ପରେ ବାଲିପାଟଣା ଥାନା ଅଞ୍ଚଳର ଜଣେ ଜେସିବି ଡ୍ରାଇଭର ଝିଅକୁ ଅପହରଣ କରି ନେଇଥିବା ନେଇ ତାଙ୍କ ବାପା ଖବର ପାଇଥିଲେ। ଏ ନେଇ ସେ ଗୁରୁବାର ବାଲକାଟୀ ଫାଣ୍ଡିରେ ଅପହରଣ ଅଭିଯୋଗ କରିଥିଲେ।

## ୨ବାଇକ୍ ମୁହାଁମୁହିଁ ଧକ୍କା, ୪ ଗୁରୁତର

**ବାଲକାଟୀ,୮।୧୧(ବ୍ୟୁରୋ):** ବାଲକାଟୀ ଫାଣ୍ଡି ଅଧୀନ ଶିଶିଲ ଛକ ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ହେବାରୁ ଚାରିଜଣ ଆହତ ହୋଇଛନ୍ତି। ବୁଧବାର ଅପରାହ୍ନ ୪ଟାରେ ନିମାପଡ଼ା ଥାନା ଖେଲାର ଅଞ୍ଚଳର ସୁକୁଟା ଓଝା ଓ ପିଙ୍କି ଓଝା ଦୁଇ ଭାଇଭଉଣୀ ଓଡି ୦୨ଏକ୍ସ ୩୭୬୫ ନମ୍ବର ବିଶିଷ୍ଟ ବାଇକ ଯୋଗେ ବାଲକାଟୀରୁ ବାଲିପାଟଣା ଅଭିମୁଖେ ଯାଉଥିବା ବେଳେ ଅନ୍ୟପଟେ ବାଲିପାଟଣା ଥାନା ଅଞ୍ଚଳର ଦୀପୁ ପ୍ରଧାନ ଓ ଛୋଟା ସାହୁ ଓଆର ୦୨ଏକ୍ୟୁ ୯୦୦୨ ବାଇକରେ ବାଲକାଟୀକୁ ଆସୁଥିଲେ। ଦୁଇ ବାଇକ ପରସ୍ପର ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଆହତ ହୋଇଥିଲେ। ପିସିଆର ପହଞ୍ଚି ସେମାନଙ୍କୁ ବାଲକାଟୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମାନିଲେନି

# ଅପରାହ୍ନ ୫ରୁ ରାତି ୧୧ ଫୁଟିଲା ବାଣ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**



ବାୟୁ ପ୍ରଦୂଷଣ ରୋକିବା ଲାଗି ଏଥର ଦୀପାବଳି ଉପରେ କଡ଼ା ନଜର ରଖାଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତି ରାଜ୍ୟରେ ଦୁଇଘଣ୍ଟା ଲେଖାଏ ବାଣ ଫୁଟାଇବା ପାଇଁ ଅନୁମତି ମିଳିଥିଲା। ସେହି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ଲାଗି ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା। କେଉଁ ବାଣ ଫୁଟାଯିବ, କେତେ ଶବ୍ଦଯୁକ୍ତ ବାଣ ଫୁଟାଯିବ, ସେ ନେଇ ନିୟମାବଳୀରେ ସ୍ପଷ୍ଟ ଉଲ୍ଲେଖ ରହିଥିଲେ ମଧ୍ୟ ତାହାକୁ କେହି ମାନିନାହାନ୍ତି। ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ଅଞ୍ଚଳରେ ଏହାକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯାଇଛି। ସନ୍ଧ୍ୟା ନ ହେଉଣୁ ବାଣର ଶବ୍ଦ ଆରମ୍ଭ ହୋଇଯାଇଥିବା ବେଳେ ଲୋକେ ନିଜ ଇଚ୍ଛା ଅନୁଯାୟୀ ବାଣ ଫୁଟାଇଥିଲେ। ତେବେ ଏହା ମଧ୍ୟରେ କେତେଜଣ ନିୟମକୁ ପାଳନ କରି ରାତି ୮ଟାରୁ ୧୦ଟା ମଧ୍ୟରେ ବାଣ ଫୁଟାଉଥିବା ଦେଖିବାକୁ ମିଳିଥିଲା।

ଦୀପାବଳି ଅବସରରେ ବୁଧବାର ଅପରାହ୍ନରୁ ଆରମ୍ଭ ହୋଇଯାଇଥିଲା ଆତସବାଜିର ଢୋ ଢା ଶବ୍ଦ। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ନ ମାନି ରାତି ପ୍ରାୟ ୧୧ଟା ଯାଏ ଲୋକେ ବାଣ ଫୁଟାଇ ଚାଲିଥିଲେ। କେବଳ ଭୁବନେଶ୍ୱର ଲୋକେ ଅପରାହ୍ନ ୫ଟାରୁ ରାତି ୧୧ଟା ମଧ୍ୟରେ ପାଖାପାଖି ୧୫କୋଟିରୁ ଅଧିକ ଟଙ୍କାର ବାଣ ଫୁଟାଇଥିଲେ। ବହୁ ଲୋକ ରାଜରାସ୍ତାରେ ବାଣ ଫୁଟାଇ ଦୀପାବଳି ପାଳିଥିଲେ। ତାଳଫୋଟକା, ଘଡ଼ି, ଗୋଲା, ଫୁଲଝରି, ହାବେଳି, ସଟ୍‌ସ, ରକେଟ୍ ବାଣ ସାଙ୍ଗକୁ ସ୍କାଏ ସଟ୍‌ସରେ ରାଜଧାନୀ ଆକାଶ ଆଲୋକମୟ ହୋଇଥିଲା। ତେବେ କଟକଣା ଯୋଗୁ ଏଥର ଶବ୍ଦ ବାଣ ଅପେକ୍ଷା ଲାଇଟ୍ ବାଣ ଅଧିକ ଦେଖିବାକୁ ମିଳିଥିଲା। ରାଜଧାନୀରେ ଚଳିତବର୍ଷ ପ୍ରାୟ ୩୦୦ ବାଣ ଦୋକାନକୁ ଲାଇସେନ୍ସ ମିଳିଥିବା ବେଳେ ସମସ୍ତଙ୍କ ବେପାର ଲକ୍ଷାଧିକ ଟଙ୍କା ଟପିଥିଲା, ଯେଉଁଥିପାଇଁ ଗାଇଡ୍‌ଲାଇନ୍ ସତ୍ତ୍ୱେ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ବାଣ ବେପାର ଭଲ ଜମିଥିଲା। ଏହାବ୍ୟତୀତ ଅଧିକାଂଶ ରାଜଧାନୀବାସୀ ହୋଲ୍‌ସେଲ୍ ଦାମ୍ ପାଇଁ ଜଟଣୀ ଓ ଆଖପାଖ ଅଞ୍ଚଳରୁ ବାଣ ଆଣିଥିଲେ। ସେହିଭଳି କଟକଣା ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଚାଇନା ବାଣ ବିକ୍ରି ହୋଇଥିଲା ଓ ଭଲ ବ୍ୟବସାୟ ମଧ୍ୟ ହୋଇଥିଲା।

# ସବୁଜ ଦୀପାବଳି ପାଳିଲେ ସଚେତନ ନାଗରିକ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ରାଜଧାନୀର କେତେକ ସ୍ଥାନରେ ସଚେତନ ନାଗରିକ ଏବଂ ଯୁବପିଢ଼ି ସବୁଜ ଦୀପାବଳି ପାଳନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ। ଆତସବାଜିଠାରୁ ଦୂରରେ ରହି ଘର ସଜାଇବା, ଝୋଟି ପକାଇବା ସହ ମହମବତି ଓ ଦୀପ ଜାଳି ଦୀପାବଳି ପାଳିଥିଲେ। ଅନେକ ଲୋକ ଚାଇନା ଇଲେକ୍ଟ୍ରିକ୍ ଲାଇଟ୍ ନ କିଣି ପୂରା ଘରକୁ ଆକର୍ଷଣୀୟ ଦୀପରେ ସଜାଇ ଆଲୋକିତ କରିଥିଲେ। ଦୀପାବଳି ଅବସରରେ ସହରର ସମସ୍ତ ଅନାଥ ଆଶ୍ରମ ଏବଂ ବୃଦ୍ଧାଶ୍ରମରେ ଭିଡ଼ ଦେଖିବାକୁ ମିଳିଥିଲା। କେତେଜଣ ଅନାଥ ଆଶ୍ରମ ଏବଂ ବୃଦ୍ଧାଶ୍ରମରେ ଦିନଟିକୁ କାଟିଥିଲେ। ବିଭିନ୍ନ ସାମଗ୍ରୀ ଦାନ କରିବା ସହିତ ଆଶ୍ରମରେ ନୃତ୍ୟ, ଗୀତର ଆସର ଜମାଇଥିଲେ। ବହୁ ଛାତ୍ରୀଛାତ୍ର ଏକାଠି ହୋଇ ନିଜ ପକେଟ୍ ମନିରେ ଛୋଟ ଛୋଟ ପିଲାଙ୍କ ଲାଗି ଗିଫ୍ଟ କିଣି ସେମାନଙ୍କ ଗହଣରେ ହସଖୁସିରେ ଉତ୍ସବ ମନାଇଥିଲେ। ରୁଚିକା ହୋମ୍ ସହ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଥିବା ସେଲ୍‌ଟର ହୋମ୍‌ରେ ଲୋକେ ନିଆରା ଢଙ୍ଗରେ ଦୀପାବଳି ପାଳନ କରିଥିଲେ।

ଅନ୍ୟପକ୍ଷରେ ଏଥର ସହରବାସୀ ସାଜସଜ୍ଜା ଉପରେ ଗୁରୁତ୍ୱ ଦେଇଥିଲେ। ଉଚ୍ଚ ଅଟ୍ଟାଳିକାରେ ରଙ୍ଗିନ ଆଲୋକମାଳା ଝଲସୁଥିବା ବେଳେ ଦୀପରେ ସଜ୍ଜିତ ଘରଗୁଡ଼ିକ ପ୍ରମୁଖ ଆକର୍ଷଣ ସାଜିଥିଲା। କେତେକ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ କମ୍ୟୁନିଟି ଏବଂ ଆପାର୍ଟମେଣ୍ଟଗୁଡ଼ିକରେ ଦୀପାବଳି ପାଳନ କରିବା ପାଇଁ ଲୋକେ ଗୋଟିଏ ସ୍ଥାନରେ ଏକାଠି ହୋଇ ଉତ୍ସବର ମଜା ନେଇଥିଲେ। ପରସ୍ପରକୁ ମିଠା ଖୁଆଇ ଦୀପାବଳିର ଶୁଭେଚ୍ଛା ଜଣାଇଥିଲେ। ଏହାସାଙ୍ଗକୁ ନାଚ, ଗୀତ ଓ ଖାଦ୍ୟପେୟର ଆସର ମଧ୍ୟ ଜମିଥିଲା।

## ବାଣ ନିଆଁ ପଡ଼ି ଅଗ୍ନିକାଣ୍ଡ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା କେୟାର ହସ୍ପିଟାଲ ସମ୍ମୁଖରେ ଥିବା ଏକ ବିଲ୍‌ଡିଂ ପଛପାର୍ଶ୍ୱରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟିଛି। କେୟାର ହସ୍ପିଟାଲ ସମ୍ମୁଖ ବିଲଡିଂ ପଛପାର୍ଶ୍ୱରେ ଘରମାଲିକଙ୍କ ପୁରୁଣା ଖଟ, ଅନାବଶ୍ୟକ ସାମଗ୍ରୀ ଓ କାଗଜ ପେଟି ଜମାହୋଇ ରହିଥିଲା। ବୁଧବାର ରାତିରେ ବାଣ ଫୁଟୁଥିବାବେଳେ ଏକ ବାହାରୁ ଏକ ରକେଟ୍ ବାଣରୁ ନିଆଁ ଖସି ଉକ୍ତ ସ୍ଥାନରେ ପଡ଼ିଥିଲା। ଫଳରେ କାଗଜ ପେଟିରେ ନିଆଁ ଲାଗିଯାଇ ସମସ୍ତ ସାମଗ୍ରୀ ଜଳିଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ପ୍ରାୟ ୧ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନେ ବଡ଼ବଡୁଆଙ୍କୁ ଡାକୁଛନ୍ତି।

### ଶ୍ରୀକ୍ଷେତ୍ରରେ ଜମିଲା ଦୀପାବଳି

# ସିଂହଦ୍ୱାର ସମ୍ମୁଖରେ ବଡ଼ବଡୁଆ ଡାକ

**ପୁରୀ ଅଫିସ,୮।୧୧**

ବୁଧବାର ପୁରପଲ୍ଲୀରେ ପାଳିତ ହୋଇଯାଇଛି ଆଲୋକର ପର୍ବ ଦୀପାବଳି। ପୁରୀରେ ମଧ୍ୟ ଖୁବ୍ ଧୁମ୍‌ଧାମରେ ଦୀପାବଳିକୁ ମନାଇଛନ୍ତି ସହରବାସୀ। ରାତି ୮ଟାରୁ ୧୦ଟା ୨ ଘଣ୍ଟା ବାଣ ଫୁଟାଇବା ଲାଗି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ କେହି ମାନି ନ ଥିଲେ। ସଞ୍ଜ ନଇଁବା ପୂର୍ବରୁ ଆତସବାଜିରେ କମ୍ପିଥିଲା ଶ୍ରୀକ୍ଷେତ୍ର। ଏପରି କି ରାତି ସାଢେ ୧୧ଟା ପର୍ଯ୍ୟନ୍ତ ବାଣ ଫୁଟିବାର ଶବ୍ଦ ଶୁଣିବାକୁ ମିଳିଥିଲା। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟା ଅବସରରେ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କୁ ଦର୍ଶନ କରି ଶ୍ରୀମନ୍ଦିର ବାଇଶପାହାଚରେ ପୟାଶ୍ରାଦ୍ଧ କରିବା ପରେ ସିଂହଦ୍ୱାରରେ କାଉଁରିଆ କାଠି ଜାଳି ବଡ଼ବଡୁଆଙ୍କୁ ଡାକିଥିଲେ। ସକାଳୁ ସିଂହଦ୍ୱାରରେ କାଉଁରିଆ କାଠି ଜାଳି ବଡ଼ବଡୁଆ ଡାକିବା ଆରମ୍ଭ ହୋଇଯାଇଥିଲା। କିନ୍ତୁ ସନ୍ଧ୍ୟାରେ ସିଂହଦ୍ୱାର ସମ୍ମୁଖରେ ପ୍ରବଳ ଗହଳି ହୋଇଥିଲା। ବଡ଼ବଡୁଆ ଡାକିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିଲେ ଶ୍ରଦ୍ଧାଳୁ। ଦୀପାବଳିକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ୧୪୦ ଜଣଙ୍କ ନାଁରେ ମାମଲା

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

- ୨୩୦ ଜଣଙ୍କଠାରୁ ଜରିମାନା ଆଦାୟ
- ବାଣ ଫୁଟାଇବାବେଳେ ୭ ଆହତ

ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ବାଣ ଫୁଟାଇବାରେ କଟକଣା ଉଲ୍ଲଂଘନ କରିଥିବା ୩୭୦ ଜଣଙ୍କ ବିରୋଧରେ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୧୪୦ ଜଣଙ୍କ ନାଁରେ ୧୯୫୮ ଆକ୍ଟ ଧାରା ୫ ଅନୁଯାୟୀ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ଅନ୍ୟ ୨୩୦ ଜଣଙ୍କଠାରୁ ୧ଲକ୍ଷ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ୬୩ ହଜାର ଓ କଟକରେ ୫୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମାମଲା ରୁଜୁ ହୋଇଥିବା ଲୋକଙ୍କ ନିକଟକୁ ଖୁବ୍‌ଶୀଘ୍ର କୋର୍ଟ ନୋଟିସ ପଠାଯିବ। କୋର୍ଟରେ ହାଜର ହେବା ପରେ ସେମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି।

ସେହିପରି ବାଣ ଫୁଟାଇବା ସମୟରେ ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରାୟ ୭ ଜଣ ଆହତ ହୋଇଛନ୍ତି। କାହା ହାତରେ ବାଣ ପଡିଥିବାବେଳେ ଆଉ କାହା ମୁହଁ ଓ ଗୋଡ଼ରେ ବାଣ ନିଆଁ ପଡି ପୋଡିଯାଇଛି। ଆହତମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଅନାମ ଶତପଥୀ, ଭୀମସେନ ରାଉତ, କାଳିଆ ରେଡ୍ଡୀ, ଅମିୟ ନାୟକ, ସାଗର ଦାଶ, ସାର୍ଜନ ଦାଶ, ଆର.ଏନ. ସେନାପତି ଏବଂ ଡି. ପ୍ରୟଦର୍ଶିନୀ।

## ଧୂଆଁମୟ ହେଲା ରାଜଧାନୀ ଆକାଶ

ବୁଧବାର ସନ୍ଧ୍ୟାରୁ ରାତି ପ୍ରାୟ ୧୨ଟା ମଧ୍ୟରେ ରାଜଧାନୀବାସୀ ପ୍ରାୟ ୫ କୋଟି ଟଙ୍କାର ବାଣ ଫୁଟାଇଥିଲେ। ଏହି ବାଣର ବିଷାକ୍ତ ଧୂଆଁ ସମଗ୍ର ପରିବେଶକୁ ଧୂଆଁମୟ କରି ଦେଇଥିଲା। ରାଜଧାନୀ ଆକାଶ ଧୂଆଁରେ ଆଚ୍ଛାଦିତ ହୋଇପଡ଼ିଥିଲା। ଏତେ ମାତ୍ରାରେ ଧୂଆଁ ହୋଇଥିଲା ଯେ, ଷ୍ଟ୍ରିଟ ଲାଇଟ ଜଳୁଥିବା ଅଞ୍ଚଳରେ ଘନ କୁହୁଡ଼ିର ଭ୍ରମ ସୃଷ୍ଟି ହୋଇଥିଲା। ସେପଟେ ସକାଳ ହେବା ମାତ୍ରେ ସହରର ଗଳିକନ୍ଦିରେ ଫୁଟାଯାଇଥିବା ବାଣର ଆବର୍ଜନାରେ ଭର୍ତ୍ତି ହୋଇଥିଲା। ବିଏମ୍‌ସିର ସଫେଇ କର୍ମଚାରୀ ଅଳିଆ ଉଠାଇବାକୁ ନାକେଦମ ହୋଇଥିଲେ।

# ବାଣ ଫୁଟାଇ ୭ ଆହତ

**ବାଲକାଟୀ,୮।୧୧(ଡି.ଏନ୍.ଏ.)**

ସାରା ରାଜ୍ୟ ଦୀପାବଳି ପୂଜା ଉତ୍ସବ କରୁଥିବା ବେଳେ ବାଲିଅନ୍ତା ଅଞ୍ଚଳରେ ବାଣ ଫୁଟାଇ ସାତଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଛି। ପ୍ରକାଶ ଯେ, ଦୀପାବଳିରେ ଉକ୍ତ ସାତଜଣ ବ୍ୟକ୍ତି ବାଣ ଫୁଟାଉଥିବା ବେଳେ ଅସାବଧାନତା ଥିବାରୁ ଆହତ ହୋଇଥିଲେ। ଆହତ ଅବସ୍ଥାରେ ସେମାନଙ୍କୁ ବାଲକାଟୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେମାନେ ହେଲେ ନାଗପୁର ଗ୍ରାମର ଲିପୁ ବେହେରା (୨୫), ବାଲକାଟୀର ପ୍ରଭାତ ମାଣିକ (୧୫), କୁନାଲ ମହାରଣା (୧୦), ପୂଜା ଶାସନ (ପିପିଲି)ର ସୁରେଶ ବେହେରା (୪୨), ଶୁଭାସିନୀ ମହାପାତ୍ର(୧୫), ମନୋଜ ମହାପାତ୍ର (୨୦), ବସନ୍ତ ମଲ୍ଲିକ ଓ ସରକଣାର ସୁଶାନ୍ତ ସାମନ୍ତରାଏ (୪୬)। ଏମାନଙ୍କ ମଧ୍ୟରୁ ପାଞ୍ଚଜଣ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

# ଦୀପାବଳିରେ ବାଣଫୁଟି ୪୦ ଆହତ

**କଟକ ଅଫିସ, ୮।୧୧**

ଦୀପାବଳିରେ ରାଜ୍ୟର ବିଭିନ୍ନ ସ୍ଥାନରେ ବାଣ ଫୁଟାଉଥିବାବେଳେ ବହୁ ଲୋକ ଆହତ ହୋଇଛନ୍ତି। ତେବେ ବୁଧବାର ସନ୍ଧ୍ୟାରୁ ଗୁରୁବାର ସକାଳ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ଆହତ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ତେବେ ଦୀପାବଳିକୁ ଆଖି ଆଗରେ ରଖି ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗ ପକ୍ଷରୁ କାଜୁଆଲିଟିରେ ୨୪ ଘଣ୍ଟିଆ ଡାକ୍ତରୀ ବ୍ୟବସ୍ଥା କରାଯାଇଥିଲା। ଆହତମାନେ ମେଡିକାଲକୁ ଆସିବାମାତ୍ରେ ତୁରନ୍ତ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ଆହତଙ୍କ ମଧ୍ୟରୁ ୨୬ ଜଣ ଘରକୁ ଫେରିଯାଇଥିବାବେଳେ ୧୪ ଜଣ ଗୁରୁତର ଆହତଙ୍କୁ ମେଡିକାଲରେ ଆଡମିଶନ କରାଯାଇ ଚିକିତ୍ସା ଜାରି ରହିଛି।

# ତିନି ତଲାକ ବିରୋଧରେ ଧାରଣା ଦେବେ ତସ୍‌ଲିମା, ରୁମାନା

**କଟକ ଅଫିସ, ୮।୧୧**

ଫୋନ୍‌ରେ ତିନି ତଲାକ। ଏହା ପରେ ମିଳୁନି ସ୍ତ୍ରୀର ସ୍ୱୀକୃତି। ଏପରିକି ସ୍ୱାମୀ ଘରେ ମଧ୍ୟ ରହିବାକୁ ଦିଆଯାଉନି। ଏହା ବିରୋଧରେ ତସ୍‌ଲିମା ଖାତୁନ ଓ ରୁମାନା ପରଵିନ ନାମକ ଦୁଇଜଣ ମୁସ୍‌ଲିମ ମହିଳା କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ। ତଲାକି ମହିଳା ସହାୟତା ସମିତି ପକ୍ଷରୁ ଏହି ଦୁଇ ମହିଳାଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ସଂଗଠନର ସଭାପତି ସାହିର୍ ମିର୍ଜା କହିଛନ୍ତି।

ସୂଚନାଥାଉକି, କେନ୍ଦ୍ରାପଡ଼ା ଜିଲାରେ ଏହି ଦୁଇଟି ଘଟଣା ଘଟିଛି। ଅକ୍ଟୋବର ୧ରେ ରୁମାନାଙ୍କୁ ତାଙ୍କ ସ୍ୱାମୀ ତିନି ତଲାକ ଦେଇଥିଲେ ଓ ୪ ତାରିଖରେ ତସଲିମାଙ୍କୁ ତାଙ୍କ ସ୍ୱାମୀ ଫୋନରେ ତିନି ତଲାକ ଦେଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ସ୍ୱାମୀ ଘରକୁ ଯିବା ପାଇଁ ଦୁଇ ମହିଳା ଥାନା ଅଧିକାରୀଙ୍କୁ ନିବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଏ ଯାଏ ସୁରକ୍ଷା ଦିଆଯାଉନାହିଁ। ଏଣୁ ଏହି ଦୁଇ ମହିଳା ଆସନ୍ତା ୧୫ ତାରିଖରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବେ। ସେମାନଙ୍କ ସହ ତଲାକି ମହିଳା ସମିତି ତରଫରୁ ଆଡ୍‌ଭୋକେଟ ସେକ୍ ଆସ୍ତାକ ଅଲି, ସୁଚିସ୍ମିତା ଦାସ, ପ୍ରତାପ ପାଢ଼ି (ମେମ୍ବର ଅଫ୍ ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍ କାଉନସିଲ) ଧାରଣାରେ ଯୋଗଦେବେ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

## ଫଟୋରେ ଖବର



'ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର' ଏବଂ 'କନ୍ୟା ଅନ୍‌ମୋଲ ହୈ'ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ୍ ବିଲ୍ଡିଂରେ ଗୁରୁବାର ପ୍ଲାଷ୍ଟିକ୍, ପଲିଥିନ ବର୍ଜନ ସଚେତନତା ଅବସରରେ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା ଓ ଅନ୍ୟମାନେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ସଂସ୍କୃତି ବିଚିତ୍ରାରେ ମଞ୍ଚସ୍ଥ ନାଟକ 'ଅଭିନେତ୍ରୀ'ର ଏକ ଦୃଶ୍ୟ।



ଭୁବନେଶ୍ୱର ଟଙ୍କପାଣିରୋଡ ଶିରିଡ଼ିସାଇ ମନ୍ଦିରରେ ଗୁରୁବାର ଷ୍ଟୁଡିଓ ୩୬୫ ପକ୍ଷରୁ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ମୋ ଜାନୁ ସୁପରଷ୍ଟାର'ର ଶୁଭ ମହୁରତ ଅବସରରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।



ପତନ ନ ହେବାରେ କିଛି ଗୌରବ ନାହିଁ,
ପତନରୁ ଉତ୍ଥାନ ହିଁ ପ୍ରକୃତ ଗୌରବ।
- ଗୋଲ୍ଡସ୍ମିଥ



# ବଦଳିଲା ଯୁକ୍ତ୨ ପରୀକ୍ଷା ପରିଚାଳନା ଗାଇଡ୍‌ଲାଇନ

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

- ଫର୍ମ ପୂରଣ ବେଳେ ବିଷୟ ପରିବର୍ତ୍ତନ ହେବନି
- ସେଣ୍ଟର ପରିବର୍ତ୍ତନ ଲାଗି ୩ ନିୟମ ବଦଳିଲା
- ସହାୟକ ଲେଖକ ପାଇଁ ଡାକ୍ତରୀ ପ୍ରମାଣପତ୍ର ଲୋଡା

୨୦୧୯ରେ ହେବାକୁ ଥିବା ଯୁକ୍ତ୨ ବାର୍ଷିକ ପରୀକ୍ଷା ପରିଚାଳନା ନିୟମାବଳୀ(ଗାଇଡ୍‌ଲାଇନ୍)ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) କେତେକ ନିୟମ ପରିବର୍ତ୍ତନ କରିଛି। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସହାୟକ ଲେଖକ, ସେଣ୍ଟର ପରିବର୍ତ୍ତନ ଏବଂ ବିଷୟ ପରିବର୍ତ୍ତନ ସମ୍ପର୍କିତ ନିୟମକୁ ପରିଷଦ ବଦଳାଇ କଠୋର କରିଛି। ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ପାଇଁ ସିଏଚ୍‌ଏସ୍‌ଇ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

ଏ ସଂକ୍ରାନ୍ତରେ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ଯୁକ୍ତ୨ ବାର୍ଷିକ ପରୀକ୍ଷା ପାଇଁ ଫର୍ମ ପୂରଣ କରିବାକୁ ଥିବା ଛାତ୍ରୀଛାତ୍ର ଚାହିଁଲେ ମନଇଚ୍ଛା ଆଉ ବିଷୟ ପରିବର୍ତ୍ତନ କରିପାରିବେ ନାହିଁ। ପାଠ ପଢିଥିବା ବିଷୟକୁ ଛାଡି ଫର୍ମରେ ଅନ୍ୟ କିଛି ନୂଆ ବିଷୟ ଲେଖିପାରିବେ ନାହିଁ। ପ୍ରଥମରୁ ଯେଉଁ ବିଷୟର ପଞ୍ଜୀକରଣ ପାଇଛନ୍ତି ସେହି ବିଷୟକୁ ଛାତ୍ରୀଛାତ୍ରମାନେ ଫର୍ମ ପୂରଣ ବେଳେ ଫର୍ମରେ ଲେଖିପାରିବେ ବୋଲି ସିଏଚ୍‌ଏସ୍‌ଇ ତା'ର ପରୀକ୍ଷା ପରିଚାଳନା ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରି ବିଜ୍ଞପ୍ତି ପ୍ରକାଶ କରିଛି। ସେହିପରି ଛାତ୍ରୀଛାତ୍ର ସେଣ୍ଟର ପରିବର୍ତ୍ତନ କରିବାକୁ ହେଲେ ୩ ନୂଆ ନିୟମ ଅନୁସାରେ ତାଙ୍କୁ ଆସିବାକୁ ପଡିବ। ପ୍ରଥମତଃ ଯଦି ଛାତ୍ରୀଛାତ୍ରଙ୍କ ମା' ବାପାଙ୍କ ମୃତ୍ୟୁ ହୋଇଥିବ, ଦ୍ୱିତୀୟତଃ ମା' ବାପା କେହି ସରକାରୀ ଚାକିରିଆ ହୋଇଥିବେ ଏବଂ ତାଙ୍କର ବଦଳି ହୋଇଥିବ କିମ୍ବା ଅବସର ନେଇଥିବେ, ତୃତୀୟତଃ ଯଦି କୌଣସି ଛାତ୍ରୀ ବିବାହ କରିଯାଇଥିବେ ତେବେ ସେ କ୍ଷେତ୍ରରେ ସେଣ୍ଟର ପରିବର୍ତ୍ତନ କରାଯାଇ ପାରିବ। କିନ୍ତୁ ଛାତ୍ରୀଛାତ୍ରଙ୍କୁ ଏ ନେଇ ସିଏଚ୍‌ଏସ୍‌ଇ ପାଖରେ ସବିଶେଷ ପ୍ରମାଣପତ୍ର ଦାଖଲ କରିବାକୁ ପଡିବ। ସେଣ୍ଟର ପରିବର୍ତ୍ତନ ହେଲେ ସରକାରୀ ଏବଂ ପୂର୍ଣ୍ଣଅନୁଦାନପ୍ରାପ୍ତ କଲେଜରେ ସେଣ୍ଟର ଦିଆଯିବ। କୌଣସି ବେସରକାରୀ କଲେଜରେ ସେଣ୍ଟର ଦିଆଯିବ ନାହିଁ।

ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ସହାୟକ ଲେଖକ ସୁବିଧା କ୍ଷେତ୍ରରେ ମଧ୍ୟ ସିଏଚ୍‌ଏସ୍‌ଇ ନିୟମରେ ପରିବର୍ତ୍ତନ କରିଛି। ଦିବ୍ୟାଙ୍ଗ ସାର୍ଟିଫିକେଟରେ ୪୦% କିମ୍ବା ତା'ଠାରୁ ଅଧିକ ମାର୍କ ଥିଲେ ତାଙ୍କୁ ସହାୟକ ଲେଖକ ପ୍ରଦାନ କରାଯିବ। କିନ୍ତୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଜଣକ ବିଷୟ ଅନୁସାରେ ପ୍ରତି ବିଷୟର ପରୀକ୍ଷାରେ ପାଠ ଉପରେ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ନେଇ ସହାୟକ ଲେଖକ ନେଉଥିଲେ। ଏବେ ଏହାକୁ ପରିବର୍ତ୍ତନ କରାଯାଇଛି। ଏଣିକି ପରୀକ୍ଷା ପାଇଁ ପ୍ରଥମ ଦିନରୁ ଯେଉଁ ପିଲା ସହାୟକ ଲେଖକ ଭାବେ ପରୀକ୍ଷାରେ ବସିଥିବ ତାଙ୍କୁ ହିଁ ସବୁ ପେପରରେ ବସି ଲେଖିବାକୁ ହେବ। ବାରମ୍ବାର ସହାୟକ ଲେଖକ ପରିବର୍ତ୍ତନ ହେବେନାହିଁ। ଯଦି ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଜଣକ ପରିବର୍ତ୍ତନ କରିଥିବା ଜଣାପଡେ। ତେବେ ତାଙ୍କ ଖାତା ମୂଲ୍ୟାୟନ କରାଯିବ ନାହିଁ। ସହାୟକ ଲେଖକ ପାଇଁ ଆବେଦନ କରିବା ପୂର୍ବରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଡାକ୍ତରୀ ସାର୍ଟିଫିକେଟ ଦାଖଲ କରିବାକୁ ପଡିବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।

ଅନ୍ୟପଟେ ୨୦୧୮ରେ କପି କରି ସ୍କ୍ୱାଡ୍ ଦ୍ୱାରା ଧରାପଡିଥିବା ଛାତ୍ରୀଛାତ୍ରଙ୍କ ପେପର ରଦ୍ଦ କରାଯାଇଥିଲା। ସେମାନେ ୨୦୧୯ ପରୀକ୍ଷା ପାଇଁ ଫର୍ମ ପୂରଣ କରିପାରିବେ। କିନ୍ତୁ ରେଗୁଲାର ଫର୍ମରେ ଫର୍ମ ପୂରଣ କରିପାରିବେ ନାହିଁ। ସମ୍ପୃକ୍ତ ଛାତ୍ରୀଛାତ୍ର ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟକୁ ଆସି ମାର୍କଶିଟ୍ ସାର୍ଟିଫିକେଟ ସଂଗ୍ରହ କରି କଲେଜରୁ ଏକ୍ସରେଗୁଲାର ଫର୍ମ ନେଇ ଫର୍ମ ପୂରଣ କରିପାରିବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।




# ଆସିଲା ୧୫୦୦ ବାଇସାଇକେଲ



ଭୁବନେଶ୍ୱର,୮।୧୧(ବ୍ୟୁରୋ)

ହକିବିଶ୍ୱକପ୍ ଦେଖିବା ପାଇଁ ଦର୍ଶକ, ପର୍ଯ୍ୟଟକ ଏବଂ ସହରବାସୀଙ୍କ ନିମନ୍ତେ ୧୫୦୦ ବାଇସାଇକେଲ ଗୁରୁବାର ଆସି ପହଞ୍ଚିଛି। ଏହି ସାଇକେଲଗୁଡିକ ପୋଖରୀପୁଟ ଏବଂ ପଟିଆସ୍ଥିତ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ(ସିଆରୟୁଟି) ଡିପୋରେ ରଖାଯାଇଛି। ବିଶ୍ୱକପ୍ ପୂର୍ବରୁ ଏସବୁ ସାଇକେଲ ଦର୍ଶକ ଏବଂ ପର୍ଯ୍ୟଟକଙ୍କ ପାଇଁ ଲୋକାର୍ପଣ କରାଯିବ ବୋଲି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍(ବିଏସ୍‌ସିଏଲ୍) ପକ୍ଷରୁ ସୂଚନା ମିଳିଛି। ସାଇକେଲଗୁଡିକୁ ସମସ୍ତ ବର୍ଗର ମହିଳା, ପୁରୁଷ ଏବଂ ଛାତ୍ରୀଛାତ୍ର ଚଳାଇ ପାରିବେ।

ସାଇକେଲରେ ସିଟ୍ ଆଡ୍‌ଜଷ୍ଟ କରିବାର ସୁବିଧା ରହିଛି। ସାଇକେଲଗୁଡିକୁ ଟ୍ରାକ୍ କରିବା ପାଇଁ ଜିପିଏସ୍ ଲଗାଯାଇଛି। ଫଳରେ ଜଣେ ବ୍ୟକ୍ତି ସାଇକେଲ ନେଇ କେଉଁଆଡେ ଗଲେ ତାହା ମଧ୍ୟ ସହଜରେ ଜଣାପଡିବ। ମୋବାଇଲ୍ ଆପ୍ ମାଧ୍ୟମରେ ସାଇକେଲ ବୁକ୍ କରିବାର ବ୍ୟବସ୍ଥା ରହିଛି।

## ନେବଳ ଦାସ ମଠରେ ଗିରି ଗୋବର୍ଦ୍ଧନ ପୂଜା

ପୁରୀ ଅଫିସ,୮।୧୧

ନେବଳ ଦାସ ମଠରେ ଗୁରୁବାର ଗିରି ଗୋବର୍ଦ୍ଧନ ପୂଜା ଏବଂ ଅନ୍ନକୋଟ୍ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗୋବରରେ ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ତିଆରି କରାଯାଇଥିଲା। ୫୬ ପ୍ରକାରର ଭୋଗ ପ୍ରସ୍ତୁତ କରାଯାଇ ଠାକୁରଙ୍କୁ ପୂଜା କରାଯାଇଥିଲା। ଏହି ପୂଜା ସମ୍ପର୍କରେ ମଠ ମହନ୍ତ ଡ. ରାମଚରଣ ଦାସ ମହାରାଜ କୁହନ୍ତି, ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ମହାପ୍ରଭୁ ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ରୂପ ଧାରଣ କରିଥିଲେ। ଇନ୍ଦ୍ରଦେବ ପ୍ରବଳ ବର୍ଷା ଏବଂ ବଜ୍ରପାତ କରାଇବାରୁ ଗୋପପୁରବାସୀ ଭୟଭୀତ ହୋଇପଡିଥିଲେ। ଏଥିରୁ ରକ୍ଷା ପାଇବା ପାଇଁ ଭଗବାନ କୃଷ୍ଣଙ୍କ ସହାୟତା ଲୋଡିଲେ। ତେଣୁ ଗୋପପୁରବାସୀଙ୍କୁ ରକ୍ଷା କରିବା ଲାଗି ଭଗବାନ କୃଷ୍ଣ ନିଜ ବାମହାତ କାଣି ଆଙ୍ଗୁଠିରେ ଗୋବର୍ଦ୍ଧନ ଗିରିଙ୍କୁ ୭ ଦିନ ଟେକି ଧରିଥିଲେ। ତା' ତଳେ ଗୋପପୁରବାସୀ ନିଜର ଗୋବତ୍ସା ସହିତ ନିରାପଦ ଆଶ୍ରୟ ନେଇଥିଲେ। ଏହିପରି ଭାବେ ଭଗବାନ ଶ୍ରୀକୃଷ୍ଣ ଇନ୍ଦ୍ରଦେବଙ୍କ ଗର୍ବ ଖଣ୍ଡନ କରିଥିଲେ। ଏହି ରୂପ ଧାରଣ କରି ଶ୍ରୀକୃଷ୍ଣ ଗୋପବାସୀଙ୍କଠାରୁ ହାତ ବଢାଇ ପ୍ରତ୍ୟେକ୍ଷ ଭାବେ ଭୋଗ ଖାଇଥିଲେ। ସେଥିପାଇଁ ଭାଗବତରେ ରହିଛି ଏପରି ଦିଅଁ ଅଛି କାହିଁ, ହସ୍ତପ୍ରସାରୀ ଭୋଗ ଖାଇ। ଏହି ସ୍ମୃତିରେ ମଠରେ ଗିରି ଗୋବର୍ଦ୍ଧନ ପୂଜା ଏବଂ ଅନ୍ନକୋଟ୍ ମହୋତ୍ସବ ପାଳିତ ହୋଇଛି ବୋଲି ମହନ୍ତ କହିଛନ୍ତି।



# ନାଟମଣ୍ଡପରୁ ହଟିଲା ଭାରା

ପୁରୀ ଅଫିସ,୮।୧୧

**ମାଙ୍କଡ଼ ଚଢୁଥିଲେ, ଭକ୍ତ ବି ଉଠିଯାଉଥିଲେ**

ଶ୍ରୀମନ୍ଦିର ନାଟମଣ୍ଡପରୁ ହଟିଲା ଭାରା। ଗରୁଡ଼ ସ୍ତମ୍ଭ ସମ୍ମୁଖ ବିମ୍‌ରେ ଫାଟ ହେବା ପରେ ଏହାର ମରାମତି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ଏହି ବିମ୍‌କୁ ସପୋର୍ଟ ଦିଆଯାଇ ରଖାଯାଇଥିବା ବେଳେ ଗତ ଅଗଷ୍ଟ ମାସରେ ଏକ ଉଚ୍ଚସ୍ତରୀୟ ଟିମ୍ ଏହାର ଯାଞ୍ଚ ପାଇଁ ଆସିଥିଲେ। ଯାଞ୍ଚ ପାଇଁ ଏଏସ୍‌ଆଇ ପକ୍ଷରୁ ଭାରା ବନ୍ଧା ଯାଇଥିଲା। ତିନିଦିନ ଖଡଗ୍‌ପୁର ଆଇଆଇଟି, ମାଡ୍ରାସ ଆଇଆଇଟିର ପ୍ରଫେସର ଏବଂ ବିଶେଷଜ୍ଞ ଏହି ଭାରା ଉପରେ ଚଢି ନାଟମଣ୍ଡପ ସ୍ଥିତି ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ନାଟମଣ୍ଡପର ନିର୍ମାଣ ଶୈଳୀ, ଏହାର ସ୍ଥିତି, ଭିତର ପାର୍ଶ୍ୱ କାରୁକାର୍ଯ୍ୟ ଓ କଳାକୃତିର ସ୍ଥିତି ପରଖିଥିଲେ। ବର୍ତ୍ତମାନ କାର୍ତ୍ତିକ ମାସ ଯୋଗୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ହେଉଛି। ଭାରା ଯୋଗୁ ଜାଗା ମଧ୍ୟ ସଙ୍କୁଚିତ ହୋଇପଡିଛି। ଅନେକ ସମୟରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ ପାଇଁ ଭକ୍ତମାନେ ଏହା ଉପରକୁ ଉଠି ଯାଉଛନ୍ତି। ବେଳେ ବେଳେ ମାଙ୍କଡ଼ ଏହି ଭାରା ଉପରେ ଚଢୁଥିବା ଦେଖିବାକୁ ମିଳିଛି। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ଏଏସ୍‌ଆଇ ଭାରା ଖୋଲି ଦେଇଛି। ସେହିପରି ନାଟମଣ୍ଡପର ପକେଟ୍‌ଗୁଡ଼ିକରେ ତାର ଜାଲି ଦିଆଯାଇଛି। ପରବର୍ତ୍ତୀ ସମୟରେ ନାଟମଣ୍ଡପ ମରାମତି ନେଇ ତାରିଖ ଧାର୍ଯ୍ୟ ହେବା ପରେ ପୁଣି ଭାରା ବନ୍ଧା ଯିବ ବୋଲି ଜଣାପଡିଛି।


ବିରଞ୍ଚି


ବଣ୍ଟି


ତୋଫାନ


ସତ୍ୟେନ୍


ପ୍ରଶାନ୍ତ


ପରିଣୀତା


ପଦ୍ମିନୀ


ମୋନାଲିସା

## ୧୧ରୁ 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ
# ଜଗିବେ ୧୫ ପ୍ଲାଟୁନ ଫୋର୍ସ, ୧୦୦ ଅଫିସର

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

**ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ କମିଶନର**

ଆସନ୍ତା ୧୧ତାରିଖରୁ ସ୍ଥାନୀୟ ଜନତା ମଇଦାନଠାରେ 'ମେକ୍ ଇନ୍ ଓଡିଶା' କନ୍‌କ୍ଲେଭ ଆରମ୍ଭ ହେବ। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡିଶାକୁ ଦେଶବିଦେଶରୁ ବହୁ ଶିଳ୍ପପତି ଆସୁଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇଛି କମିଶନରେଟ ପୋଲିସ। ଗୁରୁବାର ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଓ ଡିସିପି ଅନୁପ କୁମାର ସାହୁ ଶିଳ୍ପବିଭାଗର ଅଧିକାରୀମାନଙ୍କ ସହ ଜନତା ମଇଦାନକୁ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ସୁରକ୍ଷା ପାଇଁ ପ୍ରାୟ ୧୫ ପ୍ଲାଟୁନ ପୋଲିସ ଫୋର୍ସ, ୧୦୦ ଅଫିସର ମୁତୟନ ରହିବେ। ଏହାର ଦାୟିତ୍ୱ ନେବେ ଆର୍ମ ଡିସିପି। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଛି। କେଉଁ କେଉଁ ଶିଳ୍ପପତିମାନେ ଏଠାକୁ ଆସିବେ ତାହାର ତାଲିକା ଶିଳ୍ପ ବିଭାଗକୁ ମଗାଯାଇଛି। ସମସ୍ତଙ୍କୁ ସୁରକ୍ଷା ଦିଆଯିବ। ପ୍ରବେଶ ପଥ ଓ ପ୍ରସ୍ଥାନ ପଥରେ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ ବୋଲି ସେ କହିଛନ୍ତି।



ଶିକ୍ଷାର ଅର୍ଥ ଅକ୍ଷର ଜ୍ଞାନ ନୁହେଁ ଏବଂ ପୋଥିଗତ ବିଦ୍ୟା ନୁହେଁ।
ଏହାର ଅର୍ଥ ଚରିତ୍ର ଗଠନ ଏବଂ ଧର୍ମ ଭାବରେ ଜ୍ଞାନ ଅର୍ଜନ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବେଆଇନ ନିର୍ମାଣକୁ ଭାଙ୍ଗିଲେ ଯୁବଗୋଷ୍ଠୀ

**ବାଲିଅନ୍ତା,୮।୧୧(ଡି.ଏନ୍.ଏ.):** ବିଏମ୍‌ସିର ୪ନଂ ୱାର୍ଡ ଅଧୀନ ହଂସପାଳ ଛକ ନିକଟ କୁଆଖାଇ ନଦୀପଠାର ଏକ ଗ୍ରାମ୍ୟ ଜଙ୍ଗଲରେ ହୋଇଥିବା ବେଆଇନ ନିର୍ମାଣକୁ ଗୁରୁବାର ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଭାଙ୍ଗି ଦେଇଛନ୍ତି। ୧୬ନଂ ଜାତୀୟ ରାଜପଥ ଓ ଜୟଦେବ କଲେଜ ରାସ୍ତାପାର୍ଶ୍ୱରେ ଉକ୍ତ ସରକାରୀ ଜାଗାରେ ସରକାରଙ୍କ ପକ୍ଷରୁ ବ୍ୟାପକ ବନୀକରଣ କରାଯାଇଛି। କିନ୍ତୁ କେତେଜଣ ବ୍ୟକ୍ତି ଏହି ଜାଗାକୁ ଜୋରଜବରଦସ୍ତ ଦଖଲକୁ ନେଇ ପ୍ଲଟ କରି ବିଭିନ୍ନ ବାହାର ଲୋକଙ୍କୁ ବିକ୍ରି କରୁଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଗତ ୧ମାସ ମଧ୍ୟରେ ଉକ୍ତ ଜଙ୍ଗଲ ଭିତରେ ୫୦ରୁ ଊର୍ଦ୍ଧ୍ୱ ଘର ବେଆଇନ ଭାବେ ନିର୍ମାଣ କରାଯାଇଥିଲା। ଏଥିପାଇଁ ବହୁ ଗଛ କଟା ହୋଇଥିଲା। ଧୀରେ ଧୀରେ ଗଛ ସଂଖ୍ୟା କମି ଯାଉଥିବା ବେଳେ ଘର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ବିରୋଧ କରି ସ୍ଥାନୀୟ ଶତାଧିକ ଯୁବକ ଶପଥ ନେଇ ଗୁରୁବାର ହାତରେ ଠେଙ୍ଗା ଓ ଶାବଳ ଧରି ଉକ୍ତ ଜାଗାରେ ହୋଇଥିବା ବେଆଇନ ଘର ଓ ପ୍ରାଚୀରକୁ ଭାଙ୍ଗି ଦେଇଥିଲେ। ଏଠାରେ ଆଉ ଘର ନିର୍ମାଣ ନ କରିବା ପାଇଁ ଲୋକଙ୍କ କହିଥିଲେ। ଏଥିସହ ଜୟଦେବ କଲେଜ ରାସ୍ତାର ନହରକଣ୍ଟାଠାରେ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ ମଧ ଯୁବଗୋଷ୍ଠୀ ଭାଙ୍ଗି ଦେଇଛନ୍ତି। ଯୁବଗୋଷ୍ଠୀଙ୍କ ଏଭଳି କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳ ଲୋକେ ଖୁସିବ୍ୟକ୍ତ କରିଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

**କଟକ ରୋଡ,୮।୧୧(ଡି.ଏନ୍.ଏ.):** ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବଡ଼ଗଡ଼ ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମଇଁଷାଖାଲ ବସ୍ତିରେ ରହୁଥିବା ଅର୍ଜୁନ ବେହେରା। ପୋଲିସ ସୂଚନା ଅନୁଯାୟୀ, ଆକ୍ରମଣର ଶିକାର ହୋଇଥିବା ଯୁବକ ଉକ୍ତ ବସ୍ତିର ଅଶୋକ ବେହେରା। ପୂର୍ବରୁ ଅଶୋକ ଓ ଅର୍ଜୁନଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହିଥିଲା। ବୁଧବାର ରାତି ପ୍ରାୟ ୯ଟାରେ ମଇଁଷାଖାଲ ବସ୍ତିରେ ଥିବା ରାଜିବ ଆବାସ ଯୋଜନା ବାସଗୃହ ପଛପଟେ ଏମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଅର୍ଜୁନ ଏହା ପରେ ଅଶୋକଙ୍କୁ ନିସ୍ତୁକ ମାଡ଼ ମାରିବା ସହ ପଥରରେ ଛେଚି ଦେଇଥିଲେ। ଗୁରୁତର ଅବସ୍ଥାରେ ଅଶୋକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଅଶୋକଙ୍କ ମା' ଯମୁନାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୩୨୨/୧୮)ରୁଜୁ କରି ତଦନ୍ତ ଚଳାଇଥିଲା।

### ଟ୍ରକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ବାଲିପାଟଣା,୮।୧୧(ଡି.ଏନ୍.ଏ.):** ଟ୍ରକ ଧକ୍କାରେ ବୁଧବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିପାଟଣା ଥାନା ବାରିଲସାହି ଗ୍ରାମର ଦୁଲ୍ଲା ମାହାନା(୬୦)। ପୋଲିସ ସୂଚନା ଅନୁଯାୟୀ, ଦୁଲ୍ଲା ତାଙ୍କ ବାଡିରେ ଗୋରୁ ବାନ୍ଧୁଥିବା ବେଳେ ତାଙ୍କୁ ଏକ ବାଲି ବୋଝେଇ ଟ୍ରକ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଅବସ୍ଥାରେ ତଳେ ପଡିଯିବା ଦେଖି ଡ୍ରାଇଭର ଟ୍ରକକୁ ନେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଦୁଲ୍ଲାଙ୍କୁ ଚିକିତ୍ସା ପାଇଁ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୨୦୫/୧୮)ରୁଜୁ କରି ତଦନ୍ତ ଚଳାଇଛି।

### ସଞ୍ଜୀବ ପାତ୍ରଙ୍କୁ ମହାତ୍ମା ଗାନ୍ଧୀ ସମ୍ମାନ

**ଭୁବନେଶ୍ୱର,୮।୧୧:** ସ୍ୟାଣ୍ଡିଜ ଟାୱାରର ପ୍ରତିଷ୍ଠାତା ସଞ୍ଜୀବ ପାତ୍ରଙ୍କୁ ମହାତ୍ମା ଗାନ୍ଧି ସମ୍ମାନରେ ସମ୍ମାନିତ କରାଯାଇଛି। ଭାରତର ଏନ୍‌ଆର୍‌ଆଇ ସୋସାଇଟି ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ୱେଷ୍ଟ ମିନିଷ୍ଟର ଲଣ୍ଡନର ହାଉସ ଅଫ୍ କମନଠାରେ ଆୟୋଜିତ ଗ୍ଲୋବାଲ ଆଚିଭର୍ସ କନକ୍ଲେଭରେ ସେ ଏହି ସମ୍ମାନ ଲାଭ କରିଛନ୍ତି। ଆତିଥେୟତା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟଲାଗି ପାତ୍ର ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ସମ୍ମାନ ଅର୍ଜନ କରିଛନ୍ତି। ବାଣିଜ୍ୟରେ ସ୍ନାତକୋତ୍ତର, ଆଇନରେ ସ୍ନାତକ , ମାର୍କେଟିଂ ଏବଂ ଏଚ୍‌ଆରରେ ସେ ଡିଗ୍ରୀ ହାସଲ କରିଛନ୍ତି। ୨୦୦୬ରେ ସେ ହୋଟେଲ ଶିଳ୍ପରେ ପ୍ରବେଶ କରିଥିଲେ।



ଭୁବନେଶ୍ୱର ଶହୀଦନଗରସ୍ଥିତ ମଣ୍ଡପରେ ପୂଜା ପାଉଥିବା ମା' କାଳୀ।



ଭୁବନେଶ୍ୱର ଭିଏସ୍‌ଏସ୍ ନଗର ମଣ୍ଡପରେ ନିର୍ମିତ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।



ୟୁନିଟ୍-୪ ଭୌମ୍ୟନଗରରେ ଶୋଭା ପାଉଥିବା ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।

■ ଖାକିବାବୁଙ୍କ କାରନାମା

## ବାକିରେ ଖାଇଲେ, ଟଙ୍କା ଦେଉନାହାନ୍ତି

■ଥାନା ନାଁରେ ପଡ଼ିଛି ୧୦ ହଜାର ବାକି
■ମାଗିଲେ ନାଲିଆଖି ଦେଖାଉଛନ୍ତି

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ଥାନା କର୍ମଚାରୀ ଯିଏ ପାଇଲେ ଦୋକାନକୁ ଗଲେ। ଥାନାକୁ ଏସିପି ବାବୁ ଆସିଛନ୍ତି ଚା, ଥଣ୍ଡା ଓ ଅନ୍ୟ ସାମଗ୍ରୀ ଦିଅ। ଯାହା ଟଙ୍କା ହେଲା ବାକି ଖାତାରେ ପକାଅ। କେବଳ ଏତିକି ନୁହେଁ, ସକାଳୁ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାର ଅନେକ କର୍ମଚାରୀ ନିକଟ ଦୋକାନକୁ ଯାଇ ମନଇଚ୍ଛା ଖାଇବା ସହ ଘରକୁ କିଛି ସାମଗ୍ରୀ ନେଇଥାନ୍ତି। କିନ୍ତୁ କେହି ଟଙ୍କା ଦିଅନ୍ତି ନାହିଁ। ସବୁ ଟଙ୍କା ଥାନା ନାଁରେ ଲେଖିଦିଅ। ନୟାପଲ୍ଲୀ ଥାନାର କେତେଜଣ କର୍ମଚାରୀ ଏଭଳି ଢଙ୍ଗରେ ନିକଟରେ ଥିବା କେତେକ ଦୋକାନରୁ ପ୍ରାୟ ୧୦ ହଜାର ଟଙ୍କାର ବାକି ଖାଇଛନ୍ତି। କିନ୍ତୁ ସବୁ ଟଙ୍କା ଥାନା ନାମରେ ବାକି ଖାତାରେ ଗଡୁଛି। ଏବେ ସମ୍ପୃକ୍ତ ଦୋକାନୀମାନେ ଉକ୍ତ କର୍ମଚାରୀମାନଙ୍କୁ ଟଙ୍କା ମାଗିଲେ ସେମାନେ ନାଲିଆଖି ଦେଖାଉଛନ୍ତି। ଥାନା ନିକଟରେ ଦୋକାନ କରିଥିବାରୁ କାହାକୁ ଅଭିଯୋଗ କରିବେ ବୋଲି କହିଛନ୍ତି ଉକ୍ତ ଦୋକାନୀମାନେ।

ଜଣେ ଦୋକାନୀ ନାମ ଗୋପନ ରଖି କହିଛନ୍ତି, ଗତ ୬ ମାସ ହେବ ଥାନାରୁ କେତେଜଣ କର୍ମଚାରୀ ଏଠାକୁ ନିୟମିତ ଆସି ଥାନା ଅଧିକାରୀ ଓ ଅନ୍ୟ ଅଫିସରଙ୍କ ନାମରେ ବିଭିନ୍ନ ସାମଗ୍ରୀ ନେଉଛନ୍ତି। ନିଜେ ମଧ ଖାଉଛନ୍ତି। ଟଙ୍କା ମାଗିଲେ ସେମାନେ ଥାନା ନାଁରେ ବାକି ପକାଇ ଦେବାକୁ କହୁଛନ୍ତି। ଏହିଭଳି ତାଙ୍କ ଦୋକାନରେ ପ୍ରାୟ ୫ ହଜାର ଟଙ୍କା ବାକି ପଡ଼ିଛି। ଟଙ୍କା ମାଗିଲେ ପୋଲିସ ବାବୁମାନେ ଧମକ ଦେଉଛନ୍ତି। ଏପରି କି ମିଛ ମାମଲାରେ ଫସାଇଦେବାକୁ ଡରାଉଛନ୍ତି। ତେଣୁ ଚୁପ୍ ରହୁଛି। ସେହିଭଳି ଅନ୍ୟ କେତେକ ଦୋକାନରେ ବି ହଜାର ହଜାର ଟଙ୍କା ବାକି ପଡ଼ିଛି। ଭୟରେ କେହି ମୁହଁ ଖୋଲୁ ନାହାନ୍ତି। ଥାନା ଅଧିକାରୀ ଉମାକାନ୍ତ ପ୍ରଧାନଙ୍କୁ ପଚାରିବାରେ ସେ କହିଲେ, ଏ ନେଇ ମୋ ନିକଟରେ କିଛି ଖବର ନାହିଁ। ଦୋକାନୀଙ୍କୁ ଡକାଇ ଯେଉଁମାନେ ବାକି ଖାଇଛନ୍ତି ସେମାନଙ୍କୁ ମୁଁ ଚିହ୍ନଟ କରିବି। ଖୁବ୍‌ଶୀଘ୍ର ଟଙ୍କା ଫେରାଇଦେବା ପାଇଁ କହିବି। ସୂଚନାଯୋଗ୍ୟ, ଖାକି ବାବୁମାନେ ଅନେକ ସମୟରେ କ୍ଷମତାର ଦୁରୁପୋଯୋଗ କରି ଏଭଳି କରୁଥିବା ଅଭିଯୋଗ ହେଉଛି। ନିକଟରେ ଦଶହରା ପୂଜା ପୂର୍ବରୁ ପୋଲିସ ଚାନ୍ଦା ମାଗୁଥିବା ନେଇ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ହେଲେ ପୋଲିସ ଦାଦା ବଟି ନେଉଥିବା ପୋଲିସ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଗଣମାଧମକୁ ଜଣାଇଥିବା ବ୍ୟକ୍ତିଙ୍କୁ ବୁଲି ବୁଲି ଖୋଜିଥିଲା।

## ଗୋଶାଳାରେ ଗିରିଗୋବର୍ଦ୍ଧନ ପୂଜା

**ବାଲିଅନ୍ତା,୮।୧୧(ଡି.ଏନ୍.ଏ.)**

ବାଲିଅନ୍ତା ଅଟଳା ଗ୍ରାମ ନିକଟସ୍ଥ ଇସ୍କନ ଗୋଶାଳାରେ ଗୁରୁବାର ଗିରିଗୋବର୍ଦ୍ଧନ ପୂଜା ଓ ଅନ୍ନକୂଟ ମହୋତ୍ସବ ପାଳିତ ହୋଇଯାଇଛି। ଭୁବନେଶ୍ୱର ଇସ୍କନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍ସବରେ ପ୍ରତ୍ୟୁଷରୁ ମଙ୍ଗଳା ଆଳତି, ଗିରିରାଜ ଶିଳା ଓ ଶ୍ରୀ ଗୋପାଳଜି ପ୍ରଭୁଙ୍କୁ ଅଭିଷେକ କରାଯାଇଥିଲା। ଏହି ଅବସରରେ ଗୋଶାଳାରେ ଥିବା ଗୋମାତାଙ୍କୁ ପୂଜାର୍ଚ୍ଚନା କରିବା ସହ ଗିରିରାଜ ଗୋବର୍ଦ୍ଧନଙ୍କ ଲୀଳାକଥା ଆଲୋଚନା ଓ ଶ୍ରଦ୍ଧାଳୁଙ୍କ କୀର୍ତ୍ତନ ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ। ଅନ୍ନରେ ଗିରିରାଜ ଆକୃତିର ମୂର୍ତ୍ତି କରାଯାଇ ପୂଜା ହୋଇଥିଲା। ଏହି ଉତ୍ସବରେ ଶତାଧିକ ଇସ୍କନ ଭକ୍ତ ଯୋଗଦେଇଥିବା ବେଳେ ଉତ୍ସବକୁ ଉପେନ୍ଦ୍ର ଦାସ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶ୍ରୀପାଦ ପ୍ରେମାନନ୍ଦ ଦାସ, ଶ୍ରୀପାଦ କାଶୀନାଥ ପଣ୍ଡିତ ଦାସ, ଶାଶ୍ୱତ ପତିଦାସ ପ୍ରମୁଖ ପରିଚାଳନା କରିଥିଲେ।



ବାଲିଅନ୍ତା ଅଟଳା ଗ୍ରାମ ନିକଟ ଇସ୍କନ ଗୋଶାଳାରେ ଗୁରୁବାର ଗୋମାତାଙ୍କୁ ପୂଜା କରାଯାଉଛି।

## ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍ ନିର୍ମାଣକୁ ବିରୋଧ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ନୟାପଲ୍ଲୀ ଥାନା ଆଇଡି ମାର୍କେଟ ନିକଟରେ ଏକ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍ ନିର୍ମାଣ କରାଯାଉଛି। ଠିକା ସଂସ୍ଥା ଶ୍ରମିକମାନଙ୍କୁ ଆଣି ଏହାର କିଛି ଅଂଶ ନିର୍ମାଣ କରିଛି। ହେଲେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରି କାମ ବନ୍ଦ କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ପରେ ଉକ୍ତ ଠିକା ସଂସ୍ଥାର ଠିକାଦାର ଥାନାକୁ ଯାଇ ପୋଲିସକୁ କାର୍ଯ୍ୟାଦେଶ ଦେଖାଇଥିବା ଜଣାପଡ଼ିଛି। ସେଠାରେ ଡ୍ରେନ୍ ନିର୍ମାଣ କରିବାକୁ ବିଏମ୍‌ସି ଚିହ୍ନଟ କରିଥିବା ଠିକାଦାର କହିଛନ୍ତି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି, ସେଠାରେ ଡଷ୍ଟବିନ୍ ନିର୍ମାଣ ହେଲେ ଅଳିଆ, ଆବର୍ଜନା ପକାଇବା ଦ୍ୱାରା ଡଷ୍ଟବିନ୍ ଚାରିପଟେ ପଡିବ, ଫଳରେ ଦୁର୍ଗନ୍ଧ ବ୍ୟାପିବ। ତେଣୁ ଉକ୍ତ ସ୍ଥାନରେ ଡଷ୍ଟବିନ୍ ନିର୍ମାଣକୁ ବନ୍ଦ କରିବା ସହ ଖୋଲା ସ୍ଥାନକୁ ଉଠାଇ ନେବାକୁ ଲୋକେ ଦାବି କରିଛନ୍ତି। ଠିକା ସଂସ୍ଥା କର୍ତ୍ତୃପକ୍ଷ କହିଛନ୍ତି, ଆମେ ବ୍ରହ୍ମପୁର ଓ ରାଜଧାନୀର ଅନେକ ସ୍ଥାନରେ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍ ନିର୍ମାଣ କରିଛୁ। କେଉଁଠି ଅଳିଆ ବାହାରେ ପଡୁନି। ଲୋକମାନେ ଅଳିଆ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍‌ରେ ପକାଇବେ। ଏହାସହ ଉକ୍ତ ଡଷ୍ଟବିନ୍‌ରେ ଏକ ସେନ୍‌ସର ଲାଗିବ। ଅଳିଆ ଭର୍ତ୍ତି ହୋଇଗଲେ ବିଏମ୍‌ସି ଅଫିସରେ ଆଲାର୍ମ ବାଜିବ। କର୍ମଚାରୀ ତୁରନ୍ତ ଆସି ଅଳିଆ କାଢିନେବେ। କୌଣସି ଦୁର୍ଗନ୍ଧ ହେବ ନାହିଁ। କିନ୍ତୁ ଠିକା ସଂସ୍ଥାର ଏଭଳି କଥାକୁ ସ୍ଥାନୀୟ ଲୋକେ ମାନିବାକୁ ନାରାଜ।

## ଘରେ ପଶି ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ନୟାପଲ୍ଲୀ ଥାନା ସାଲିଆସାହିର ତାରିଣୀ ନଗର ଅଞ୍ଚଳରେ ବୁଧବାର ରାତିରେ ଜଣେ ଯୁବତୀଙ୍କ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଛି। ପରିବାର ଲୋକେ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ତାରିଣୀ ନଗର ଅଞ୍ଚଳରେ ଯୁବତୀ ଜଣକ ପରିବାର ଲୋକଙ୍କ ସହ ରୁହନ୍ତି। ବୁଧବାର ରାତି ପ୍ରାୟ ୮ଟାରେ ଯୁବତୀ ଜଣ ଘରେ ଏକା ଥିବା ସମୟରେ ପରିବାର ଲୋକେ ବାହାରେ ବାଣ ଫୁଟାଇ, ଦୀପ ଜାଳି ଖୁସି ମନାଉଥିଲେ। ଏହି ସମୟରେ ଜଣେ ଯୁବକ ଯୁବତୀଙ୍କ ରୁମ୍‌ରେ ପଶି ଭିତରପଟୁ କବାଟ ବନ୍ଦ କରି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଯୁବତୀ ଜଣକ ଜୋରରେ ପାଟି କରିବାରୁ ପରିବାର ଲୋକେ ଶୁଣି କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ବଡ଼ବଡୁଆଙ୍କୁ ଡାକିଲେ ୧୦ହଜାର ଶ୍ରଦ୍ଧାଳୁ

**ପୁରୁଣା ଭୁବନେଶ୍ୱର, ୮।୧୧(ଡି.ଏନ୍.ଏ.)**

ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ ବୁଧବାର ଦୀପାବଳି ଅବସରରେ ପ୍ରାୟ ୧୦ହଜାର ଶ୍ରଦ୍ଧାଳୁ ବଡ଼ ବଡୁଆଙ୍କୁ ଡାକିଥିବା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କହିଛନ୍ତି। ମନ୍ଦିର ମୁଖ୍ୟ କୁଣ୍ଡରେ କାଉଁରିଆ କାଠି ଲଗାଇ ବଡ଼ ବଡୁଆକୁ ଡାକିଛନ୍ତି ଶ୍ରଦ୍ଧାଳୁ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଓ ରାଜ୍ୟ ବାହରୁ ଆସିଥିବା ଶ୍ରଦ୍ଧାଳୁମାନେ ଏଠାରେ ବଡବଡୁଆଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ମଧ ଭିଡ଼ ଯୋଗୁ ବଡେଇବାଙ୍କ-ଲିଙ୍ଗରାଜ ମନ୍ଦିର ରାସ୍ତା ଜାମ ହୋଇଥିବା ଦେଖିବାକୁ ମିଳିଥିଲା।



ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ କାଉଁରିଆ ଜାଳି ବଡ଼ବଡୁଆଙ୍କୁ ଡାକୁଛନ୍ତି।

## ୩ ଭାଇଙ୍କୁ ମରଣାନ୍ତକ ଆକ୍ରମଣ

**ମୁଖ୍ୟ ଅଭିଯୁକ୍ତ ଗିରଫ**

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଧୀନ ମଳିପଡା କ୍ଲବରେ ବୁଧବାର ସନ୍ଧ୍ୟାରେ କେତେଜଣ ଯୁବକ ପଶି ୩ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ମଳିପଡା ମହାଦେବସାହିର ରଞ୍ଜିତ ହରିଚନ୍ଦନ(୨୭)ଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଖଣ୍ଡଗିରି ଥାନା ଅଧୀନ ନୂଆଗାଁ ଅଞ୍ଚଳର ବିଶ୍ୱନାଥ ବେହେରା ତାଙ୍କ ଭାଇ ଓ ସାଙ୍ଗମାନଙ୍କ ସହ ବୁଧବାର ସନ୍ଧ୍ୟାରେ ଗାଁ କ୍ଲବରେ ବସିଥିଲେ। ଏହି ସମୟରେ ରଞ୍ଜିତ ଓ ତାଙ୍କ ସହଯୋଗୀମାନେ କ୍ଲବ ନିକଟରେ ପହଞ୍ଚି ବିଶ୍ୱନାଥ ଓ ତାଙ୍କ ଭାଇମାନଙ୍କ ସହ ଝଗଡା କରିବା ସହିତ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ପରେ କ୍ଲବ ଛାଡି ଚାଲିଯିବାକୁ ଧମକ ଦେଇଥିଲେ। ଫଳରେ ବିଶ୍ୱନାଥ ଓ ତାଙ୍କ ଭାଇ କ୍ଲବ ଛାଡ଼ି ଯିବେ ନାହିଁ ବୋଲି କହିବା ସହ ଗ୍ରାମବାସୀଙ୍କୁ ଡକାଇଥିଲେ। ଏହି ସମୟରେ ରଞ୍ଜିତ ଓ ତାଙ୍କ ସହଯୋଗୀମାନେ ହଠାତ ବିଶ୍ୱନାଥଙ୍କ ଭାଇ ସୋମନାଥ, ରାମଚନ୍ଦ୍ର ଓ ସୁବ୍ରତ ବେହେରାଙ୍କୁ ଖଣ୍ଡା, ଭୁଜାଲିରେ ଆକ୍ରମଣ କରିଥିଲେ। ସୋମନାଥଙ୍କ ବେକରୁ ସୁନାଚେନ ଏବଂ ମୋବାଇଲ ଛଡ଼ାଇ ନେଇଥିଲେ। ୩ ଭାଇ ଗୁରୁତର ଅବସ୍ଥାରେ ପଡ଼ିଥିବାବେଳେ ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା(୫୨୩/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ପୋଲିସ ଅଭିଯୁକ୍ତ ରଞ୍ଜିତଙ୍କୁ ଗିରଫ କରିଛି।

## ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଅପହରଣ

■ ଅଭିଯୋଗ ସତ୍ତ୍ୱେ ପୋଲିସ ନୀରବ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ଖାରବେଳନଗର ଥାନା ଅନ୍ତର୍ଗତ ଏକ କଲେଜରେ ପଢୁଥିବା ଜଣେ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଅପହରଣ କରାଯାଇଛି। କେହି ତାଙ୍କୁ କଲେଜ ସମ୍ମୁଖରୁ ଅପହରଣ କରିନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କିନ୍ତୁ ଘଟଣାକୁ ୨ଦିନ ବିତିଯାଇଥିଲେ ମଧ ପୋଲିସ ଚୁପ୍ ରହିଛି। ପୋଲିସ ପକ୍ଷରୁ ଏଯାଏ ମାମଲା ରୁଜୁ ହୋଇନି କି ପରିବାର ଲୋକଙ୍କୁ ଏତଲାର ନକଲ ପ୍ରଦାନ କରାଯାଇନାହିଁ। ଛାତ୍ରୀଙ୍କ ଘର ବୋଲଗଡ଼ ଅଞ୍ଚଳରେ ହୋଇଥିବାବେଳେ ସେ ଜଣେ ଦୃଷ୍ଟିହୀନ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସ ଚୁପ୍ ରହିଥିବାରୁ ସାଧାରଣରେ ନାପସନ୍ଦ କରାଯାଇଛି।

ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ଉକ୍ତ କଲେଜ ହଷ୍ଟେଲରେ ରହି ଯୁକ୍ତ ୩ ପ୍ରଥମ ବର୍ଷରେ ପାଠ ପଢନ୍ତି। ତାଙ୍କୁ ଜଣେ ପରିଚିତ ଅଟୋ ଡ୍ରାଇଭର ପ୍ରତିଦିନ ହଷ୍ଟେଲରୁ ଆଣି କଲେଜ ସମ୍ମୁଖରେ ଛାଡ଼ନ୍ତି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ତାଙ୍କୁ ହଷ୍ଟେଲରୁ ଆଣି କଲେଜରେ ଛାଡିଥିଲେ। ଏହାପରେ ସେ କଲେଜ ଭିତରକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ହୋଇଯାଇଥିଲେ ମଧ ସେ ହଷ୍ଟେଲକୁ ଫେରି ନ ଥିଲେ। ଏନେଇ ହଷ୍ଟେଲରେ ରହୁଥିବା ତାଙ୍କ ସାଙ୍ଗମାନେ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ପାଇ ନ ଥିଲେ। ପରେ ସେମାନେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କହିଛନ୍ତି, ଅଭିଯୋଗ ହୋଇଛି। ଦୀପାବଳି ଥିବାରୁ ତଦନ୍ତ କରିନୁ। ତଦନ୍ତ କରି ପଦକ୍ଷେପ ନେବୁ।

## ନିଆରା ଢଙ୍ଗରେ ଦୀପାବଳି ପାଳିଲେ ଯୁବପିଢ଼ି

**ପୁରୀ ଅଫିସ, ୮।୧୧**

ଦୀପାବଳିକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଯୁବପିଢି ଓ ସ୍ୱେଚ୍ଛାସେବୀ। ସାମାଜିକ ଅନୁଷ୍ଠାନ ଜନ ଜାଗରଣ ମଞ୍ଚ ଆଖଣ୍ଡଳମଣି ମନ୍ଦିର ନିକଟସ୍ଥ ଜରାଶ୍ରମରେ ଅନ୍ତେବାସୀଙ୍କ ସହ ଦୀପାବଳି ପାଳିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଗୁଣ୍ଡିଚା ମନ୍ଦିର ନିକଟ ଲକ୍ଷ୍ମୀ ନୃସିଂହ ମନ୍ଦିର ଆଗରେ ବସୁଥିବା ଭିକ୍ଷୁକ ମାନଙ୍କୁ ମଧ ଫଳ ବଣ୍ଟନ କରିଥିଲେ। ମଞ୍ଚର ଆବାହକ ଜ୍ୟୋତିପ୍ରକାଶ ନାୟକ, ତପନ ମହାନ୍ତି, ମନୋଜ ମହାରଣା, ଭବାନୀ ପଣ୍ଡାଙ୍କ ସମେତ ଅନେକ ସଦସ୍ୟ ସାମିଲ ହୋଇଥିଲେ।

ସେହିପରି ହୋପ ଇଜ୍ ଲାଇଫ ପକ୍ଷରୁ ତାଳବଣିଆସ୍ଥିତ ସୁରକ୍ଷା ବୃଦ୍ଧାଶ୍ରମରେ ଦୀପାବଳି ପାଳନ କରାଯାଇଥିଲା। ଅନ୍ତେବାସୀଙ୍କ ସହ ମିଶି ଦୀପାବଳି ପାଳନ କରିବା ସହ ସେମାନଙ୍କୁ ମିଷ୍ଟାନ୍ନ, ଫଳ, ମହାପ୍ରସାଦ ଏବଂ ବସ୍ତ୍ର ପ୍ରଦାନ କରିଥିଲେ। ସମ୍ପାଦକ ସୁରେଶ ନନ୍ଦ, ଦୀନଭଞ୍ଜନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ରାମଚଣ୍ଡୀ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଉତ୍କଳ ବାଳାଶ୍ରମରେ ଦୀପାବଳି ପାଳନ କରାଯାଇଥିଲା। ବାଳାଶ୍ରମର ଅନ୍ତେବାସୀଙ୍କ ଗହଣରେ ଦୀର୍ଘ ସମୟ ଧରି ଦୀପାବଳିର ମଜା ଉଠାଇଥିଲେ। ଅନୁଷ୍ଠାନର ସମ୍ପାଦକ ସମୀର ଶତପଥୀଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ଯୋଗଦାନ କରିଥିଲେ। ସାହିଭାଇ ଅନୁଷ୍ଠାନର କର୍ମକର୍ତ୍ତାମାନେ ସଦର ବ୍ଲକ ଅନ୍ତର୍ଗତ ଉତ୍ତରହଣାସ୍ଥିତ ଓମ୍‌ସାଇ ବାଳାଶ୍ରମରେ ପିଲାଙ୍କ ସହ ଦୀପାବଳି ପାଳନ କରିଥିଲେ। ସୂର୍ଯ୍ୟ ନାରାୟଣ ପ୍ରଧାନ, ସତ୍ୟକାମ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିଭଳ ସାଂସ୍କୃତିକ ଅନୁଷ୍ଠାନ ନୀଳାଚଳ ସାଂସ୍କୃତିକ ପରିଷଦ ଗ୍ରୀନ ଦୀପାବଳିର ବାର୍ତ୍ତା ଦେଇଥିଲେ। ପରିବେଶ ଅନୁକୂଳ ଦୀପାବଳି ପାଳନ ଲାଗି ସଚେତନ କରିଥିଲେ। ମା' ବସନ୍ତେଇ ୟୁନିୟନ କ୍ଲବର କର୍ମକର୍ତ୍ତାମାନେ ଅଠରନଳାର ଉଭୟ ପାର୍ଶ୍ୱରେ ଦୀପଜାଳି ଐତିହ୍ୟ ସ୍ଥାନର ସୁରକ୍ଷା ଲାଗି ବାର୍ତ୍ତା ଦେଇଥିଲେ। ଅଠରନଳାର ସୌନ୍ଦର୍ଯ୍ୟକୁ ବଜାଏ ରଖିବା ଲାଗି ସଚେତନ କରିଥିଲେ।

■ଐତିହ୍ୟ ସ୍ଥାନର ସୁରକ୍ଷା ବାର୍ତ୍ତା ଦେଲେ
■ପିଲାଙ୍କ ସହ ଖେଳିଲେ, ମଜାନେଲେ



ମା' ବସନ୍ତେଇ ୟୁନିୟନ କ୍ଲବର କର୍ମକର୍ତ୍ତାମାନେ ଅଠରନଳାର ଉଭୟ ପାର୍ଶ୍ୱରେ ଦୀପ ଜାଳୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୯ ନଭେମ୍ବର,୨୦୧୮



ମନୁଷ୍ୟ ହୁଏତ ଉଡ଼ି ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।

- ଜର୍ଜ ବର୍ଣ୍ଣାଡ ଶ



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୩ ଦୋକାନ

ଜଟଣୀ,୮।୧୧(ଡି.ଏନ୍.ଏ.)-ଜଟଣୀ ରେଲୱେ ମାର୍କେଟରେ ବୁଧବାର ଅଗ୍ନିକାଣ୍ଡ ଘଟି ୩ଟି ଦୋକାନ ଜଳି ଯାଇଛି। ଏହି ଅଗ୍ନିକାଣ୍ଡ ବାଣ ନିଆଁ ପଡ଼ି ହୋଇଥିବା ଅନୁମାନ କରାଯାଉଛି । କ୍ଷତିଗ୍ରସ୍ତ ଦୋକାନ ମଧ୍ୟରେ ଗୋଟିଏ ଚପଲ ଦୋକାନ ହୋଇଥିବା ବେଳେ ଅନ୍ୟ ଦୁଇଟି ପାନ ଓ ଫାଷ୍ଟଫୁଡ ଦୋକାନ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଗୋଟିଏ ଦୋକାନରେ ଥିବା ଗ୍ୟାସ ସିଲିଣ୍ଡର ଫାଟିବା ଯୋଗୁ ଲୋକଙ୍କୁ ଭୟଭୀତ କରିଦେଇଥିଲା। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥଲେ। ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବା ଦୁର୍ଗାପ୍ରସାଦ ସିଂ କହିଛନ୍ତି।

### ଅବନୀ ବରାଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଖୋର୍ଦ୍ଧା ଅଫିସ,୮।୧୧: ଖୋର୍ଦ୍ଧା ସହର ଜେଲରୋଡସ୍ଥିତ ତହସିଲଦାରଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ ନେତା ଅବନୀ ବରାଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ବିଧାୟକ ଜିତୁ ମିତ୍ର ପ୍ରମୁଖ ଯୋଗଦେଇଥିଲେ। ବରାଳ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଉତ୍ସବରେ କବି ସୂର୍ଯ୍ୟ ମିଶ୍ରଙ୍କୁ ଅବନୀ ବରାଳ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ଅବନୀଙ୍କ ସ୍ତ୍ରୀ ଆଦରମଣି ବରାଳ ଉପସ୍ଥିତ ଥିଲେ।

### ବିଭିନ୍ନ ସ୍ଥାନରେ ଲୁଲୁ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ

କୃଷ୍ଣପ୍ରସାଦ,୮।୧୧(ଡି.ଏନ.ଏ.)-ଓଡିଶାର ବରପୁତ୍ର ବକ୍ସି ଜଗବନ୍ଧୁଙ୍କ ନିର୍ଭୀକ ଦାୟାଦ ଭାବେ ଯୁବନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ କୃଷ୍ଣପ୍ରସାଦ ବ୍ଲକ୍ ଭାଜପା ପକ୍ଷରୁ ଗୁରୁବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତିଛିଣି ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବ୍ଲକ୍ ବିଜେପି ସଭାପତି ଦୀନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ଲୁଲୁଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିରେ ଶତାଧିକ ଭାଜପା କର୍ମୀ ଯୋଗଦେଇଥିଲେ । ସାତପଡ଼ା ମଣ୍ଡଳ ଲୁଲୁ ସ୍ମୃତି କମିଟି ପକ୍ଷରୁ ପିରିଜିପୁର ଛକଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

### ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଜୟଦୁର୍ଗା- କୁସୁପଲା ମ୍ୟାଚ ଡ୍ର

ଖୋର୍ଦ୍ଧା ଅଫିସ, ୮।୧୧: ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ଖୋର୍ଦ୍ଧା ଷ୍ଟାଡିୟମଠାରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟରେ ଗୁରୁବାର ଆୟୋଜକ ଜୟଦୁର୍ଗା କ୍ଲବ ଓ କୁସୁପଲା ଆଥ୍‌ଲେଟିକ୍ ଆସୋସିଏଶନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହା ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ମ୍ୟାଚଟି ଗୋଲ ଶୂନ୍ୟ ଡ୍ର ହୋଇଥିଲା। ରବି ନାରାୟଣ ରଣା ଖେଳ ପରିଚାଳନା କରିଥିବାବେଳେ ଅରୁଣ ଦାସ, ଦିଲ୍ଲୀପ କର ଓ ଦାନିଏଲ ନାୟକ ପ୍ରମୁଖ ତାଙ୍କୁ ସହାୟତା କରିଥିଲେ ।

# ବସ୍ ଛାତ ଉପରେ ଯାତ୍ରା

- ନୂଆବସଷ୍ଟାଣ୍ଡରେ ହେଉଛି ଓଭରଲୋଡିଂ
- ଜିଲା ସଦର ମହକୁମାରେ ହେଉନି ଯାଞ୍ଚ

**ଖୋର୍ଦ୍ଧା ଅଫିସ,୮।୧୧**

ପଥଚାରୀ ଓ ଯାତ୍ରୀଙ୍କ ପାଇଁ ସଡ଼କ ଦୁର୍ଘଟଣା ଏବେ ଭୟ ସୃଷ୍ଟି କରିଛି। ଯାଞ୍ଚ ଓ ଧରପଗଡ ହେଉ ନ ଥିବାରୁ ଜିଲା ସଦର ମହକୁମାରେ ସଡ଼କ ଯାତ୍ରା ନିରାପଦ ନୁହେଁ। ଦୀପାବଳିରେ ଖୋର୍ଦ୍ଧା ସହରର ନୂଆ ବସଷ୍ଟାଣ୍ଡରେ ଘରୋଇ ଯାତ୍ରୀବାହୀ ବସରେ ଓଭରଲୋଡିଂକୁ ଅନୁଧ୍ୟାନ କଲେ ବୁଝାପଡୁଛି। ନୂଆ ବସଷ୍ଟାଣ୍ଡ ବାହାରୁ ମାଲ ବୋଝେଇ ହୋଇ ଗଲା ପରି ଯାତ୍ରୀ ଆସିଥିଲେ । ଏଠାରେ ପୁଣି କିଛି ଓହ୍ଲାଇଲେ। ଆଉ କିଛି ଯାତ୍ରୀ ଚଢ଼ିଲେ। ପ୍ରତିବାଦ କରିବାରୁ କିଛି ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଇଥିଲା। ପରେ କିଛି ବାଟ ପରେ ପୁଣି ଯାତ୍ରୀମାନଙ୍କୁ ଚଢ଼ାଇ ନେଲେ। ଏଭଳିସ୍ଥଳେ ନୂଆ ବସଷ୍ଟାଣ୍ଡ ଭିତରେ ଖୋର୍ଦ୍ଧା ଟାଉନ ଥାନାର ଫାଣ୍ଡି କାର୍ଯ୍ୟ କରୁଥିଲେ ମଧ୍ୟ ଏଠାକାର ପୋଲିସ ଦେଖି ଅଜଣା ରହିଥିଲା। ଏହିଭଳି କିଛି ବେପାରୁଆ ମନୋଭାବକୁ ନେଇ ଦୁର୍ଘଟଣା ବଢୁଛି । ଯାହାକି ଆଞ୍ଚଳିକ ପରିବହନ ବିଭାଗର ଅପାରଗତା ଓ କାର୍ଯ୍ୟଦକ୍ଷତା ପରେ ପ୍ରଶ୍ନ ଉଠାଉଛି। ପୁରୁଣାମାଣତ୍ରି ଦୁର୍ଘଟଣା ପରେ ପ୍ରଶାସନ ପକ୍ଷରୁ ସୁଧାରିବାର ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଶିତଳ ଭଣ୍ଡାରକୁ ଚାଲି ଯାଇଛି । ଅନ୍ୟପକ୍ଷେ ବିପର୍ଯ୍ୟସ୍ତ ହୋଇ ପଡିଥିବା ଟ୍ରାଫିକସେବାକୁ ସଜାଡିବା ସହ ଟ୍ରାଫିକ ନିୟମ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ସଚେତନତା କରାଯିବାର ଆବଶ୍ୟକତା ରହିଛି।




ଯାତ୍ରୀମାନେ ବିପଦସଙ୍କୁଳ ଭାବେ ଯାତ୍ରା କରୁଛନ୍ତି ।

ହେଲେ ପରିମିଟ, ଫିଟନେସ, ଅଧିକ ସଂଖ୍ୟକ ଯାତ୍ରୀ ଓ ମାଲପରିବହନ କରିବା ପ୍ରଭୃତି ବେଆଇନ କାରବାର ଉପରେ ଜିଲା ଆଞ୍ଚଳିକ ପରିବହନ ସଂସ୍ଥା ଅଙ୍କୁଶ ଲଗାଇବାରେ ଅସମର୍ଥ ହେଉଥିବାରୁ ଏହାର ସୁଫଳ ମିଳୁ ନ ଥିବା କୁହାଯାଉଛି। ସେହିଭଳି ଖୋର୍ଦ୍ଧା ଜିଲା ସଦର ମହକୁମା ସମେତ ଗ୍ରାମାଞ୍ଚଳରେ ବହୁ ପୁରୁଣା ବସ ଚାଲୁଛି। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଲୋକମାନେ ବାଧ ହୋଇ ଉକ୍ତ ଗାଡିରେ ଯାତାୟତ କରୁଛନ୍ତି। ପୁଣି ନିର୍ଦ୍ଧାରିତ ଠାରୁ ଅଧିକ ଯାତ୍ରୀ ବି ଯାଉଛନ୍ତି। ଗାଡି ଭିତରେ ଯାଗା ନ ଥିଲେ ମଧ୍ୟ କଣ୍ଡକ୍ଟର ଅଧିକରୁ ଅଧିକ ଯାତ୍ରୀଙ୍କୁ ଚଢ଼ାଉଛନ୍ତି । କୌଣସି ଯାତ୍ରୀ ଏହାର ବିରୋଧ କଲେ କଣ୍ଡକ୍ଟରଙ୍କ ସହ ବଚସା ହେଉଛି । ଦରକାର ପଡିଲେ ଅଧା ବାଟରେ ଓହ୍ଲାଇ ଦେଉଛନ୍ତି । ଯାଞ୍ଚ ହେଉ ନ ଥିବାରୁ ପ୍ରାୟତଃ ସବୁ ଗାଡିରେ ଓଭରଲୋଡିଂ ହେଉଛି । ଯାତ୍ରୀମାନେ ପେଲାଠେଲା ହୋଇ ହୋଇ ଠିଆ ହୋଇ ଯାଉଥିବା ଖୋର୍ଦ୍ଧା ଜିଲା ପାଇଁ ସବୁଦିନିଆ ଘଟଣାରେ ପରିଣତ ହୋଇଛି । ସେହିଭଳି ଅଧିକାଂଶ ଡ୍ରାଇଭର ମଦ୍ୟପାନ କରି ଗାଡି ଚଳାଉଛନ୍ତି । ପୁଣି ମୋବାଇଲ ଫୋନରେ ଗପସପ କରୁଛନ୍ତି । ଜିଲାରେ ଗାଡି ବ୍ୟବସାୟ ଓ ବ୍ୟବହାର ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଆନୁପାତିକ ଅଭିଜ୍ଞ ଗାଡିଚାଳକଙ୍କ ସଂଖ୍ୟା ଖୁବ୍ କମ୍ ରହିଛି । ଯାନବାହନ ସମ୍ପର୍କରେ ବିନ୍ଦୁବିସର୍ଗ ଅଭିଜ୍ଞତା ନଥାଇ ନାମକୁମାତ୍ର କାଗଜପତ୍ରରେ ଦକ୍ଷ ଗାଡି ଚାଳକ ସାର୍ଟିଫିକେଟ ସହଜରେ ମିଳୁଥିବାରୁ ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରାଉଛି ବୋଲି ଅଭିଯୋଗ ହେଉଛି । ନିଶାସକ୍ତ ଅଭ୍ୟାସଗତ ବେପରୱା ଗାଡିଚାଳନା, ଅଧିକ ଯାତ୍ରୀ ଓ ଛୋଟଛୋଟ ପିଲାମାନେ ଡ୍ରାଇଭିଂ କରିବା ଭଳି ବେଆଇନ କାର୍ଯ୍ୟମାନ ଜିଲାରେ ଅବାଧରେ ଚାଲିବା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ।

### ଅଣଟ୍ରାଫିକ ସମସ୍ୟା

ଖୋର୍ଦ୍ଧା ଜିଲା ସଦର ମହକୁମାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଜିଲା ଦେଇ ଯାଇଥିବା ୫୭ ନଂ ଓ ୧୬ ନଂ ଜାତୀୟ ରାଜପଥରେ ଦୁର୍ଘଟଣା ବଢ଼ି ଚାଲିଛି । ୧୬ ନଂ. ଜାତୀୟ ରାଜପଥର ପିତାପଲ୍ଲୀ ଠାରୁ ବରକୂଳ ପର୍ଯ୍ୟନ୍ତ ଦୁର୍ଘଟଣାର ଜୋନ ପାଲଟିଛି। ଜିଲାର ସହର ଗୁଡିକରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ପୌର ପାଳିକା, ପୋଲିସ, ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହାନ୍ତି। ସେହିଭଳି ସହର ମଧ୍ୟରେ ଦୁର୍ଘଟଣା ବଢ଼ି ଚାଲିଛି । ସହର ଓ ଗାଁର ରାସ୍ତାର ଉଭୟ ପାର୍ଶ୍ୱ ଉଠା ଦୋକାନୀଙ୍କ ଦ୍ୱାରା ଜବରଦଖଲ ହୋଇ ରହିଛି। ଅନ୍ୟ କିଛି ବ୍ୟବସାୟୀ ମଧ୍ୟ ରାସ୍ତାକୁ ଜବରଦଖଲ କରି ନିଜର ବ୍ୟବସାୟ କରୁଛନ୍ତି। ରାସ୍ତା ଉପରେ ବାଇକ ରଖାଯାଇ ଦୋକାନରୁ ଜିନିଷ କିଣିବା ଦ୍ୱାରା ରାସ୍ତା ସଙ୍କୁଚିତ ହେଉଛି । ଏଣୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଯାତ୍ରୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇ ଯାଉଛି ।

# ଖୋର୍ଦ୍ଧାରୁ ଗଡ଼ିଲା ୬ ଗାଡ଼ି 'ମୋ ବସ୍'




**ଖୋର୍ଦ୍ଧା ଅଫିସ,୮।୧୧**

ଖୋର୍ଦ୍ଧା ଜିଲା ସଦର ମହକୁମାରେ ମୋ ବସ୍ ସେବା ବୁଧବାର ଆରମ୍ଭ ହୋଇଛି। ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ ୬ଟି ବସ ପ୍ରଥମେ ଖୋର୍ଦ୍ଧାର ଆରାଧ ଦେବୀ ବରୁଣେଇ ପୀଠକୁ ଯାଇଥିଲା। ଏହା ପରେ ବରୁଣେଇରୁ ଭୁବନେଶ୍ୱରକୁ ଯାତ୍ରା କରିଥିଲା। ପଥମ ଗାଡିରେ ୨୫ ଜଣ ମହିଳା ଯାତ୍ରା କରିଥିଲେ। ଯାତ୍ରୀମାନଙ୍କ ଯାତ୍ରାକୁ ସହଜ କରିବା ପାଇଁ ଏହି ସେବା ଆରମ୍ଭ କରାଯାଇଥିବା କୁହାଯାଇଛି । କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ପକ୍ଷରୁ ଏହି ସେବା ଯୋଗାଇ ଦିଆଯାଇଛି।

### ଗଗନ କାଳିଆ ମେମୋରିଆଲ କ୍ରିକେଟ୍ ଉଦ୍‌ଘାଟିତ୍

## ବ୍ଲୁ ରକ୍‌ଷ୍ଟାର, ସତ୍ୟପୀର ସ୍ପୋର୍ଟିଂ ସେମିରେ

**ଖୋର୍ଦ୍ଧା ଅଫିସ,୮।୧୧:**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁମାରବସ୍ତ ରାଇଜିଂ ଷ୍ଟାର କ୍ଲବ ଆନୁକୂଲ୍ୟରେ ପ୍ରଥମ ଗଗନ କାଳିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୨ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ବ୍ଲୁ ରକ୍‌ଷ୍ଟାର ଜାଆଁଳା ଓ ସତ୍ୟପୀର ସ୍ପୋର୍ଟିଂ କାଇପଦର ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଜାଆଁଳାର ବ୍ଲୁ ରକ୍‌ଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୪ ଉଇକେଟ ହରାଇ ୧୯୦ ରନ କରିଥିଲା। ଦଳ ପକ୍ଷରୁ ଆଇ.ଏସ୍. ଗିରି ୩୨ଟି ବଲର ୬୪ ରନ ଓ କାହ୍ନା ମହାନ୍ତି ୩୪ ବଲରୁ ୫୦ ରନ କରିଥିଲେ। ଜବାବରେ ମାର୍ଥପୁରର ଜେସିସି ଦଳ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଲକି ଦାସ ୩୨ଟି ବଲରୁ ୩୫ ରନ କରିଥିଲେ। ଦଳ ୫୫ ରନରେ ପରାଜିତ ହୋଇଥିଲା । ଜାଆଁଳା ଦଳ ପକ୍ଷରୁ ରିତେଶ ସାହୁ ୩ଓଭରରେ ୧୩ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜଆଁଳା ଦଳର ଆଇ.ଏସ. ଗିରିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରଶାନ୍ତ ବେହେରା ଓ ପ୍ରକାଶ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ୨ୟ ମ୍ୟାଚରେ ଆୟୋଜକ ରାଇଜିଂ ଷ୍ଟାର କୁମାରବସ୍ତ ଦଳ ପ୍ରଥମେ ବ୍ୟାଟିଂ କରି ୧୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ରନ କରିଥିଲା। ଦଳ ପକ୍ଷରୁ ସୁଭେନ୍ଦୁ ପ୍ରଧାନ ୩୬ଟି ବଲରୁ ୪୮ ଓ ଏସ୍. ଆର. ରାୟ ୧୦ଟି ବଲରୁ ୨୭ ରନ କରିଥିଲେ। ଜବାବରେ ସତ୍ୟପୀର ସ୍ପୋର୍ଟିଂ କାଇପଦର ୧୯.୨ଓଭରରେ ୬ ଉଇକେଟ ହରାଇ ୧୨୩ ରନ କରି ବିଜୟୀ ହୋଇଥିଲେ । ଦଳ ପକ୍ଷରୁ ସୁରେନ୍ଦ୍ର ଚମ୍ପତି ସିଂ ୪୧ ବଲରେ ଅପରାଜିତ ରହି ୫୦ରନ କରିଥିଲେ। କାଇପଦର ଦଳର ମୁନେନ୍ଦ୍ର ଚମ୍ପତି ସିଂଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରକାଶ ପଟ୍ଟନାୟକ ଓ ଦୁର୍ଯ୍ୟୋଧନ ପରିଡ଼ା ଖେଳ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଫାଇନାଲ ମ୍ୟାଚ ୧୪ତାରିଖରେ ହେବ। ଟୁର୍ନାମେଣ୍ଟକୁ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ ଓ ସମାଜିକକର୍ମୀ ନରୋତ୍ତମ କହଲସିଂହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ କାଜଲ ବଳିୟାର ସିଂ ସୂଚନା ଦେଇଛନ୍ତି।

# ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ବୈଠକ

**ଜଟଣୀ,୮।୧୧(ଡି.ଏନ୍.ଏ.)**

ଜଟଣୀ ମ୍ୟୁନିସିପାଲିଟିର ବିଭିନ୍ନ ରେଲୱେ ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ସ୍ଥାନୀୟ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଗୁରୁବାର ଭୁବନେଶ୍ୱର ସବ୍‌କଲେକ୍ଟର ଶୁଭେନ୍ଦୁ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଲୱେର ବିଭିନ୍ନ ଅଞ୍ଚଳରେ କେତେ ସଂଖ୍ୟାରେ ବସ୍ତିବାସିନ୍ଦା ରହିଛନ୍ତି ତା'ର ହୋଇଥିବା ସର୍ବେକ୍ଷଣ ଉପରେ ଆଲୋଚନା ହୋଇଥିଲା । ସେହିପରି ମ୍ୟୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ସରକାରୀ ଜମିରେ ରହୁଥିବା ୬ଟି ବସ୍ତିବାସିନ୍ଦାଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଥଇଥାନ ପାଇଁ ରାଜସ୍ୱ ନିରୀକ୍ଷକ ଓ ମ୍ୟୁନିସିପାଲିଟି କର୍ମଚାରୀ ମିଳିତଭାବେ ସର୍ବେକ୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରେଲୱେ ଅଞ୍ଚଳ ବସ୍ତିବାସିନ୍ଦାଙ୍କୁ କେଉଁ ସ୍ଥାନରେ ଥଇଥାନ କରାଯିବ ଜମି ଚିହ୍ନଟ ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ ସ୍ଥିର ହୋଇଛି ବୋଲି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଲଳିତା କପୁର କହିଛନ୍ତି। ଏହି ସମୀକ୍ଷା ବୈଠକରେ ତହସିଲଦାର ସୁଜାତା ମହାରଣା, ଅତିରିକ୍ତ ତହସିଲଦାର ବିଶ୍ୱଜିତ୍ ମିଶ୍ରଙ୍କ ସମେତ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

### ଖୋର୍ଦ୍ଧା ପୁସ୍ତକ ମେଳା ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ,୮।୧୧:**

ଖୋର୍ଦ୍ଧା ସହରର ଗୀତା ଭବନ ସମ୍ମୁଖସ୍ଥ ପଡିଆରେ ଜିଲାସ୍ତରୀୟ ଖୋର୍ଦ୍ଧା ପୁସ୍ତକ ମେଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁସ୍ତକ ମେଳାରେ ସମ୍ମାନିତ ଅତିଥିଭାବେ ଶଶି ଭୂଷଣ ମିଶ୍ର ଯୋଗଦେଇଥିଲେ। ଏଥିରେ ଅନୁଷ୍ଠାନର ଅବାହକ ନରେନ୍ଦ୍ର ପଷ୍ଟି, ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଥ ରାଜଗୁରୁ ପ୍ରମୁଖ ଯୋଗ ଦେଇଥିଲେ।

# ବିଜେଡିରେ ଯୋଗଦେଲେ ଭାଜପା କର୍ମୀ

**ଟାଙ୍ଗୀ(ଖୋର୍ଦ୍ଧା),୮।୧୧(ଡି.ଏନ.ଏ.)–**

ଚିଲିକା ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟକ ଭାଜପା କର୍ମୀ ବିଜେଡିରେ ଯୋଗଦେଇଥିବା ଜଣାପଡ଼ିଛି। ଚିଲିକା ବ୍ଲକ୍ ମାନସିଂହପୁରଠାରେ ଗୁରୁବାର ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଦଳୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ସାଂସଦ ପ୍ରତିନିଧି ରମେଶ ଚନ୍ଦ୍ର ମହାପାତ୍ର, ବ୍ଲକ୍ ଉପସଭାପତି ରତିକାନ୍ତ ବୈରୀଗଞ୍ଜନ, ୫ ନଂ ଜିଲା ପରିଷଦ ଜୋନ୍ ଆବାହକ ଅର୍ଜୁନ ବିଶ୍ୱାଳ, ଚିଲିକା ନିର୍ବାଚନ ମଣ୍ଡଳୀରେ ଯୁବ ବିଜେଡି ସଭାପତି ମହେଶ ବିଶ୍ୱାଳ, ଶେଷଦେବ ରାୟଗୌରବମ୍, ସୌରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଯୁଧିଷ୍ଠିର ବେହେରା ଓ କୃଷ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବଂଶୀଧର ବେହେରା, ପ୍ରଦୀପ ବେହେରା, ମୋଚିରାମ ବେହେରା, ଗୋଦାବରୀ ବେହେରା, ସୋଭନ ବେହେରା, ନାରାୟଣ ବେହେରା, ଭିକାରୀ ବେହେରା, ମଣି ବେହେରା ଓ କାହ୍ନୁ ବେହେରା ପ୍ରମୁଖ ଭାଜପା କର୍ମୀ ବିଜେଡିରେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ସାହୁ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ ।

### ଜଟଣୀ ଫ୍ଲାଏଓଭର ନିର୍ମାଣରେ ବିଳମ୍ବ

# ପ୍ରତିବାଦରେ ଆଜି ରାସ୍ତାରୋକୋ କରିବ କଂଗ୍ରେସ

**ଜଟଣୀ,୮।୧୧(ଡି.ଏନ.ଏ)**

ଅଧପନ୍ତରିଆ ଭାବେ ପଡ଼ିଥିବା ଜଟଣୀ ଫ୍ଲାଏ ବ୍ରିଜ୍‌ର ପୁନଃ ଟେଣ୍ଡର ଆହ୍ୱାନ, ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଥଇଥାନ ଦାବିରେ କଂଗ୍ରେସ ପକ୍ଷରୁ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ସୀତାରାମ ଛକରେ ଶୁକ୍ରବାର ରାସ୍ତାରୋକୋ ଆନ୍ଦୋଳନ ହେବ। ଅଧପନ୍ତରିଆରେ ଥିବା ଏହି ବ୍ରିଜ୍‌ର ନିର୍ମାଣ ବିଜେଡି ସରକାର ସମୟରେ ସମ୍ଭବ ହେଲା ବୋଲି ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ କହିଛନ୍ତି । ବ୍ରିଜ୍ ନିର୍ମାଣରେ କୌଣସି ଅବଦାନ ନ ଥିବା ବିରୋଧୀ ଦଳ କେବଳ ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ସେ କହିଥିଲେ । ସେହିପରି କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ଥଇଥାନ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିବା ସେ କହିଛନ୍ତି । ଅପରପକ୍ଷେ ଭାଜପା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ କହନ୍ତି ଉଭୟ କଂଗ୍ରେସ ଓ ବିଜେଡି ସରକାର ଜଟଣୀବାସୀଙ୍କୁ ଅବହେଳା କରିଆସିଛନ୍ତି । ଟେଣ୍ଡର, ରିଟେଣ୍ଡର ଏପରି ଲମ୍ବା ସମୟ ଯୋଗୁ ଲୋକେ ହିଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରିଟେଣ୍ଡରକୁ ନେଇ କେଉଁ ଠିକାସଂସ୍ଥା କାର୍ଯ୍ୟ କରିବ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି ।

ଜଟଣୀ ବ୍ରିଜ ନିର୍ମାଣ ପାଇଁ ୪୦ ବର୍ଷରୁ ଅଧିକ ସମୟ ଦାବି ହେଉଥିଲା। ୫ବର୍ଷ ପୂର୍ବେ ନିର୍ମାଣ ନେଇ ଟେଣ୍ଡର ପ୍ରକ୍ରିୟା ହୋଇଥିଲା। ଏହି ଟେଣ୍ଡର ୩ବର୍ଷ ପୂର୍ବେ ପଣ୍ଡା ଇନଫ୍ରା ସଂସ୍ଥା ନେଇ କାର୍ଯ୍ୟ କରୁଥିଲା। କିନ୍ତୁ ଉକ୍ତ ସଂସ୍ଥା ଦ୍ୱାରା ବମିଖାଲ ବ୍ରିଜ ଭୁଶୁଡିବା ଏବଂ ଜଟଣୀ ବ୍ରିଜର ନିମ୍ନମାନ କାର୍ଯ୍ୟ ଯୋଗୁ କଳାତାଲିକାଭୁକ୍ତ ହୋଇ ଦୁଇମାସ ପୂର୍ବେ ହଟାଇ ଦିଆଗଲା। ଫଳରେ ଉକ୍ତ ଠିକାସଂସ୍ଥା ଟେଣ୍ଡରରୁ ନିବୃତ୍ତ ହେବାରୁ କାର୍ଯ୍ୟ ପୂରା ଠପ ହୋଇ ରହିଗଲା । ଯାହାଦ୍ୱାରା ଲୋକମାନେ ଆହୁରି ଅଧିକ ଅସୁବିଧାର ସମ୍ମୁଖୀନ ହେଲେ। ବ୍ରିଜ ନିର୍ମାଣ କାର୍ଯ୍ୟ ବନ୍ଦ ଯୋଗୁ ପାଣି ନିଷ୍କାସନର ପଥ ବନ୍ଦ ହୋଇ ସମ୍ପୂର୍ଣ୍ଣ ଖୋର୍ଦ୍ଧା ଓ ପିପିଲି ସଡ଼କ ପଥ ବନ୍ଦ ହୋଇରହୁଛି। ଏନେଇ ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଶୋକ ପଣ୍ଡା କୁହନ୍ତି, ବ୍ରିଜର ବଳକା କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିବା ବେଳେ ନୂତନ ଠିକାଦାର ଦ୍ୱାରା କାର୍ଯ୍ୟ ଆରମ୍ଭ ହେବ। ଅନ୍ୟପକ୍ଷେ ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହେତୁ ଏହାର ବ୍ୟୟ ଅଟକଳ ମଧ୍ୟ ବଢି ଚାଲିଛି। ଯାହା ୫୫କୋଟି ଟଙ୍କାରେ ହେବାକୁ ଥିଲା ତାହା ୬୩କୋଟି ୧୧ଲକ୍ଷ ୨୫ହଜାରରେ ପହଞ୍ଚି ଗଲାଣି। ଦେଢ଼ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି।

# ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଶ୍ୟାମାକାଳୀ



ବାଲୁଗାଁ



କୃଷ୍ଣପ୍ରସାଦ



ବୋଲଗଡ



ଟାଙ୍ଗୀ

## ସଂକ୍ଷେପରେ

### ସଚିବାଳୟ ସେବା ସଂଘ କାର୍ଯ୍ୟାଳୟରେ ତାଲା

**ଭୁବନେଶ୍ୱର,୮।୧୧(ବ୍ୟୁରୋ):** ସଚିବାଳୟ ସେବା ସଂଘରେ ଗୋଷ୍ଠୀକନ୍ଦଳ, ସଂଘ ପାଣ୍ଠିକୁ ନେଇ ବିବାଦ ଚରମସୀମାରେ ପହଞ୍ଚିଛି। ସଂଘର କାର୍ଯ୍ୟାଳୟ ପରିସରରେ ଥିବା ଟେଷ୍ଟ ହାଉସର ବ୍ୟବହାରକୁ ନେଇ ଏହି ବିବାଦ ଦେଖାଯାଇଥିବା ଜଣାପଡିଛି। ଯାହାଫଳରେ ସଂଘ କାର୍ଯ୍ୟାଳୟରେ ଦୁଇ ସପ୍ତାହରୁ ଅଧିକ ଦିନ ତାଲା ପଡିଛି। ଏହି ତାଲା ପଡିବା ଘଟଣାକୁ ନେଇ ସଂଘ କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ମିଳିଥିବା ସୂଚନାନୁଯାୟୀ ସଂଘର ସଭାପତି ଏବଂ ସମ୍ପାଦକଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ସଂଘ କାର୍ଯ୍ୟାଳୟ ପରିସରରେ ଦୀର୍ଘଦିନରୁ ଥିବା ଟେଷ୍ଟ ହାଉସର ବ୍ୟବହାର ଓ ସଂଘ ପାଣ୍ଠିକୁ ନେଇ ବିବାଦ ଉତ୍ତେଜନାର କାରଣ। ସଂଘର ଗୋଟିଏ ଗୋଷ୍ଠୀ କାର୍ଯ୍ୟାଳୟ ପରିସରରେ ନିର୍ଦ୍ଦିଷ୍ଟ ଟେଷ୍ଟ ହାଉସର ବ୍ୟବସାୟକୁ ବିରୋଧ କରୁଛି। ହେଲେ ସଭାପତି ଉକ୍ତ ଟେଷ୍ଟ ହାଉସର କାର୍ଯ୍ୟକୁ ସମର୍ଥନ କରୁଥିବାରୁ ବିବାଦ ଉଗ୍ରରୂପ ଧାରଣ କରିଛି। ତେଣୁ ବାହାରୁ ଯେପରି ଅନ୍ୟ ଟେଷ୍ଟ ହାଉସର ସାମଗ୍ରୀ ଆସି ପାରିବ ନାହିଁ, ସେଥିପାଇଁ ସମ୍ମୁଖ ଫାଟକରେ ତାଲା ପକାଯାଇଛି। ସଂଘର କର୍ମକର୍ତ୍ତା ଓ ସଭ୍ୟ ପଛଦ୍ୱାର ଦେଇ ଯିବା ଆସିବା କରୁଛନ୍ତି। ଅପରପକ୍ଷରେ ସଂଘର ସାଧାରଣ ସମ୍ପାଦକ ଏଥିରୁ କ୍ଷାନ୍ତ ରହିବାକୁ ଓ ତୁରନ୍ତ ତାଲା ଖୋଲିବାକୁ ଏକ ନୋଟିସ ମାଧ୍ୟମରେ ଅନୁରୋଧ କରିଛନ୍ତି।

## ■ ନିଯୁକ୍ତି ରାଜନୀତି

# ପିଏସ୍‌ୟୁ ସମ୍ମୁଖରେ ବିଜେଡିର ବିକ୍ଷୋଭ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଓଡ଼ିଶାରୁ ବିପୁଳ ଖଣିଜ ସମ୍ପଦ ଉତ୍ତୋଳନ କରି ମଧ୍ୟ କେନ୍ଦ୍ର ଅନୁରୂପ ନିଯୁକ୍ତି ସୁଯୋଗ ଯୁବତୀଯୁବକଙ୍କୁ ଯୋଗାଇ ନାହିଁ। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବର୍ଷକୁ ୨ କୋଟି ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେହି ନ୍ୟାୟରେ ୪ ବର୍ଷ ୬ ମାସ ପରେ ୯ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା କଥା। ପରିସଂଖ୍ୟାନ ଦୃଷ୍ଟିରୁ ପ୍ରାୟ ୩୬ ଲକ୍ଷ ଚାକିରି ଓଡ଼ିଶା ଭାଗରେ ପଡିବା କଥା। ହେଲେ ତାହା ଯୋଗାଇବାରେ କେନ୍ଦ୍ର ବିଫଳ ହୋଇଥିବା ଅଭିଯୋଗ କରିଛି ବିଜେଡି। ଏହାର ପ୍ରତିବାଦରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କ୍ଷେତ୍ର ମଧ୍ୟରେ ଆସୁଥିବା ପବ୍ଲିକ ସେକ୍ଟର ୟୁନିଟ୍ (ପିଏସ୍‌ୟୁ) ସମ୍ମୁଖରେ ବିଜେଡି ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ବିକ୍ଷୋଭରେ ଛାତ୍ର ଏବଂ ଯୁବ ବିଜେଡି ପକ୍ଷରୁ ଦଳର ଶତାଧିକ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ରାଜଧାନୀରେ ଆୟୋଜିତ ପ୍ରତିବାଦ ସଭାରେ ଯୋଗଦେଇ ବିଧାୟକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ବିମୁଦ୍ରୀକରଣ ଯୋଗୁ ଦେଶ କୋଟି କୋଟି ନିଯୁକ୍ତି ସୁଯୋଗ ହରାଇଛି। ଓଡ଼ିଶାରେ ଶିଳ୍ପର ପ୍ରଗତି ପାଇଁ ଶିଳ୍ପ କରିଡର୍‌ର ଆବଶ୍ୟକତା ରହିଛି। କିନ୍ତୁ କେନ୍ଦ୍ର ସରକାର ରାଜ୍ୟକୁ ତାହା ଯୋଗାଇ ପାରିନାହିଁ। ରାଜ୍ୟରେ ୩୦ରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଥିଲାବେଳେ ଓଡ଼ିଆ ଯୁବତୀଯୁବକଙ୍କ ସେଥିରେ ନିଯୁକ୍ତି ସୁଯୋଗ ନାହିଁ। ସେହିପରି ବିଜେଡି ଛାତ୍ର-ଯୁବ ସଙ୍ଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡା ସମାଲୋଚନା କରାଯାଇଛି। ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ କହିଛନ୍ତି ଯେ, ବିଗତ ୪ ବର୍ଷରେ କେତେ ଓଡ଼ିଆଙ୍କୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାରେ ନିଯୁକ୍ତି ମିଳିଛି, ତାହାର ତାଲିକା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିପାରିବେ କି। ଯେଉଁ ପରିମାଣ ରାଜସ୍ୱ ଓଡ଼ିଶାରୁ କେନ୍ଦ୍ର ନେଉଛି, ସେହି ଅନୁପାତରେ ବିଭିନ୍ନ ଯୋଜନାରେ ଅନୁଦାନ ଆସୁନାହିଁ କାହିଁକି। ଯେଉଁ ଦିନଠାରୁ ଏନ୍‌ଡିଏ ସରକାର ଆସିଛି, ରାଜ୍ୟ ସରକାରଙ୍କ ପ୍ରାୟ ୮ଟି ଯୋଜନାକୁ ବନ୍ଦ କରାଯାଇଛି। ଦୁଇ ଡଜନରୁ ଅଧିକ ଯୋଜନାରେ ଅନୁଦାନ ହ୍ରାସ ପାଇଛି। ରୋଜଗାର ମାଗୁଥିବା ଯୁବକଙ୍କୁ ପକୁଡି ବିକିବାକୁ କହି ଯୁବବର୍ଗଙ୍କୁ କେନ୍ଦ୍ର ସରକାର ଠକି ଥିବା ଚିନ୍ମୟ କହିଛନ୍ତି। ବିଜେଡି ପକ୍ଷରୁ ଏମ୍‌ସିଏଲ୍, ଆଇଓସିଏଲ୍, ପୂର୍ବତଟ-ରେଳୱେ ଏବଂ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ବିଜେଡିର ଆନ୍ଦୋଳନ ଡାକରାକୁ କେନ୍ଦ୍ରରେ ନେତୃତ୍ୱାଧୀନ ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ରାଜ୍ୟ ସରକାର ଶିଳ୍ପମାରଣ ନୀତି ଅବଲମ୍ବନ କରିଛନ୍ତି। ବିଜେଡି ଦେଇଥିବା ଲକ୍ଷ ଲକ୍ଷ ନିର୍ବାଚନୀ ପ୍ରତିଶ୍ରୁତି କୁଆଡେ ଗଲା। ଓଏମ୍‌ସି, ଇଡ୍‌କୋ, ଇପିକଲ୍ ଏବଂ ଯୋଗାଣ ନିଗମରେ କେତେ ସଂଖ୍ୟକ ପିଲା ନିଯକ୍ତ ହୋଇଛନ୍ତି। ଏନ୍‌ଟିପିସି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୦ ହଜାର କୋଟି ଟଙ୍କାର ଅନୁଦାନ ଦେଇ ସାରିଛନ୍ତି। ହେଲେ ରାଜ୍ୟ ସରକାର ଜମି ଅଧିଗ୍ରହଣ ନ କରି ଓଡ଼ିଆ ଯୁବକଙ୍କ ନିଯୁକ୍ତିରେ ବାଧକ ହୋଇଛନ୍ତି। ପଞ୍ଜୀକୃତ ୧୫,୩୧୫ ଏମ୍‌ଏସ୍‌ଏମ୍‌ଇ ବନ୍ଦ ହେବା କାରଣରୁ ପ୍ରାୟ ୧ ଲକ୍ଷ ୩୦ ହଜାର ଯୁବତୀଯୁବକ ଚାକିରି ହରାଇଛନ୍ତି। ରାଜ୍ୟ ସରକାରଙ୍କର ପ୍ରାୟ ୪୫୬ କୋଟି ଟଙ୍କାର ପୁଞ୍ଜିନିବେଶ ବ୍ୟର୍ଥ ହୋଇଥିବା ହରିଚନ୍ଦନ ସମାଲୋଚନା କରିଛନ୍ତି। ଅପରପକ୍ଷରେ କଂଗ୍ରେସ ପକ୍ଷରୁ ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ଓଡ଼ିଆଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର କୌଣସି ଶିଳ୍ପସଂସ୍ଥା ସହ ଚୁକ୍ତି କରିଛନ୍ତି କି। ଆଞ୍ଚଳିକବାଦ୍ ରାଜନୀତିକୁ ପ୍ରଶ୍ରୟ ଦେବା ଦ୍ୱାରା ଅନ୍ୟ ରାଜ୍ୟରେ ଥିବା ଓଡ଼ିଆ ଲାଞ୍ଛିତ ହେବେ ନାହିଁ କି। ମୁଖ୍ୟମନ୍ତ୍ରୀ ପାରାଦୀପ ରିଫାଇନେରି ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସହ ଚୁକ୍ତି କରିଥିବା ବେଳେ ନିଯୁକ୍ତି ନେଇ ବ୍ୟବସ୍ଥା କଲେ ନାହିଁ କାହିଁକି। ଦଳର ୨୮ ଏମ୍‌ପିଙ୍କ ମଧ୍ୟରୁ କେତେ ଜଣ ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ଉପସ୍ଥାପନ କରିଛନ୍ତି ବୋଲି ସତ୍ୟପ୍ରକାଶ କହିଛନ୍ତି।


ଓଡ଼ିଆ ଯୁବତୀଯୁବକଙ୍କୁ ନିଯୁକ୍ତି ଦାବିରେ ବିଜୁ ଯୁବ ଓ ଛାତ୍ର ପକ୍ଷରୁ ନାଲ୍‌କୋ ଅଫିସ୍ ସମ୍ମୁଖରେ ଧାରଣା।

### ପ୍ରତିକ୍ରିୟା ରଖିଲେ ବିରୋଧୀ

# ଲୁଟ୍ କରିଥିବା କମ୍ପାନୀ ସମ୍ପତ୍ତିରେ କୃଷିଋଣ ଛାଡ଼କର: ସଗରିଆ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ବିଧାୟକ ପଦରୁ ଇସ୍ତଫା ଦେବା ପରେ କୃଷ୍ଣ ସଗରିଆ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ନିଜର ପରବର୍ତ୍ତୀ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜ୍ୟସ୍ତରୀୟ ସଙ୍ଗଠନ ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଶନିବାର ଏକ ଆଲୋଚନାଚକ୍ର କରାଯିବା ନେଇ କୃଷ୍ଣ ଘୋଷଣା କରିଛନ୍ତି।

ସଗରିଆ କହିଛନ୍ତି ଯେ, ଓଡ଼ିଶାରେ ତଫସିଲଭୁକ୍ତ ଉପଜାତି(ଏସ୍‌ଟି) ୨୨.୮୫%, ତଫସିଲଭୁକ୍ତଜାତି(ଏସ୍‌ସି) ୧୬.୫%, ଅନ୍ୟାନ୍ୟ ପଛୁଆ ବର୍ଗ ୫୨ % ଏବଂ ସଂଖ୍ୟାଲଘୁ ୨.୫ ପ୍ରତିଶତ ବାସ କରନ୍ତି। ହେଲେ ୬ % ସାଧାରଣ ବର୍ଗଙ୍କ ହାତରେ ଶତ ପ୍ରତିଶତ ରାଜନୈତିକ, ୯୦ %ଙ୍କ ଅର୍ଥନୈତିକ ଓ ପ୍ରଶାସନିକ କ୍ଷମତା ରହିଛି। ଭାରତବର୍ଷର ଅନ୍ୟ କୌଣସି ରାଜ୍ୟ ସହ ତୁଳନା କଲେ ସାମାଜିକ ନ୍ୟାୟ କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ଥିବା ଜଣାଯାଏ। ତେଣୁ ବହୁଭାଗ ୯୪ %(ଏସ୍‌ସି, ଏସ୍‌ଟି ଏବଂ ଅନ୍ୟାନ୍ୟ ପଛୁଆବର୍ଗ) ପାଇଁ ମୁଖ୍ୟମନ୍ତ୍ରୀ ପଦ ସର୍ବନିମ୍ନ ୧୦ ବର୍ଷ ସଂରକ୍ଷିତ କରାଯାଉ ବୋଲି କୃଷ୍ଣ କହିଛନ୍ତି। ସେହିପରି ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରମାନଙ୍କୁ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଶିକ୍ଷାରେ ୪୦ % ଏବଂ ଓବିସିଙ୍କୁ ଚାକିରି କ୍ଷେତ୍ରରେ ୨୭ % ସଂରକ୍ଷଣ ବ୍ୟବସ୍ଥା ଦିଆଯାଉ। ରାଜ୍ୟରେ ଖଣିଜ ସମ୍ପଦ ଲୁଟ୍ କରିଥିବା କମ୍ପାନୀ, ପ୍ରଭାବଶାଳୀ ପରିବାରଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯାଇ କୃଷିଋଣ ଛାଡ କରାଯାଉ। ଉପଯୁକ୍ତ ସ୍ଥାୟୀ ରୋଜଗାର ଯୁବତୀ ଯୁବକଙ୍କୁ ନ ଯୋଗାଇବା ପର୍ଯ୍ୟନ୍ତ ସେମାନଙ୍କୁ ବେକାରି ଭତ୍ତା ପ୍ରଦାନ କରାଯାଉ ବୋଲି କୃଷ୍ଣ ଦାବି କରିଛନ୍ତି। ଉପରୋକ୍ତ ସମସ୍ତ ପ୍ରସଙ୍ଗ ସହ କୁନ୍ଦୁଲି ଛାତ୍ରୀଙ୍କ ଗଣବଳାତ୍କାର ଓ ହତ୍ୟା, କଳିଙ୍ଗ ନଗର, ମାଇକଞ୍ଚ ଓ କନ୍ଧମାଳରେ ନିରୀହ ଆଦିବାସୀଙ୍କୁ ନିର୍ମମ ହତ୍ୟାର ସ୍ୱତନ୍ତ୍ର ବିଚାର ବିଭାଗୀୟ ସାନି ତଦନ୍ତ ଜଣେ କାର୍ଯ୍ୟରତ ଜଜ୍‌ଙ୍କ ଦ୍ୱାରା କରାଯାଉ ବୋଲି ସାମାଜିକ ନ୍ୟାୟ ଅଭିଯାନର ସଙ୍ଗଠକ ଅକ୍ଷୟ ମଲ୍ଲିକ ସୂଚନା ଦେଇଛନ୍ତି। ଉକ୍ତ ସମସ୍ତ ପ୍ରସଙ୍ଗରେ ଶନିବାର ବିଶେଷ ଭାବେ ଆଲୋଚନା କରାଯିବ ବୋଲି ଜଣାପଡିଛି।

ରାଜ୍ୟ ରାଜନୀତିରେ ଏପରି ଜାତିଭିତ୍ତିକ ସମୀକରଣ ଗଣତନ୍ତ୍ର ପାଇଁ ବିପଦ ନୁହେଁ କି ବୋଲି ଖବରଦାତାମାନେ କୃଷ୍ଣଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଥିଲେ ଯେ, ମଣ୍ଡଳ ରାଜନୀତିରୁ ଯୋଗୁ ଅଶୋକ ଗେହଲଟ୍ , ନୀତୀଶ କୁମାର, ରାମବିଳାସ ପାଶ୍ୱାନ, ସିଦ୍ଧାରାମାୟା, ଲାଲୁ ଯାଦବଙ୍କ ଭଳି ନେତା ସୃଷ୍ଟି ହୋଇଛନ୍ତି। ସାମାଜିକ ନ୍ୟାୟ ସମାନ ଅଧିକାରକୁ ବୁଝାଏ, ଘୃଣ୍ୟ ରାଜନୀତିକୁ ନୁହେଁ ବୋଲି କୃଷ୍ଣ କହିଛନ୍ତି।




ପ୍ରଦ୍ୟୁମ୍ନ ବଳଙ୍କ ୮୬ତମ ଜନ୍ମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୈତାରୀ ନାୟକଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

# ପ୍ରଦ୍ୟୁମ୍ନ ବଳ ମୂଲ୍ୟବୋଧଭିତ୍ତିକ ରାଜନୀତି, ସାମ୍ବାଦିକତାର ପ୍ରତୀକ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ପ୍ରଗତିବାଦୀ ପ୍ରତିଷ୍ଠାତା ତଥା ବିଶିଷ୍ଟ ଚିନ୍ତାନାୟକ ପ୍ରଦ୍ୟୁମ୍ନ ବଳ ମୂଲ୍ୟବୋଧଭିତ୍ତିକ ରାଜନୀତି ଏବଂ ସାମ୍ବାଦିକତାର ପ୍ରତୀକ। ଓଡ଼ିଶା ସାମ୍ବାଦିକତା ଏବଂ ଶିକ୍ଷା ପ୍ରତି ତାଙ୍କର ଅବଦାନ ପାଇଁ ସେ ସବୁବେଳେ ଚିରସ୍ମରଣୀୟ ରହିବେ। ଅପରପକ୍ଷରେ ସେ ଜଣେ ଦୃଢ଼ ସଙ୍ଗଠକ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ପ୍ରଦ୍ୟୁମ୍ନ ବଳଙ୍କ ୮୬ତମ ଜୟନ୍ତୀ ସମାରୋହରେ ଶ୍ରଦ୍ଧାଞ୍ଜଳି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଦ୍ୟୁମ୍ନବାବୁ ପ୍ରଗତିବାଦୀର ପ୍ରତିଷ୍ଠାତା ସମ୍ପାଦକ ଏବଂ କିଟ୍‌ର ପ୍ରତିଷ୍ଠାତା ସଭାପତି ଥିଲେ। ଏହି ଦୁଇ ଅନୁଷ୍ଠାନ ମଧ୍ୟରେ ଗୋଟିଏ ଲୋକଙ୍କ ସ୍ୱରକୁ ସୁଦୃଢ଼ କରିଛି ଏବଂ ଅନ୍ୟଟି ଶିକ୍ଷାଦାନ ସହ ଯୁବ ସମାଜକୁ ସୁଶକ୍ତ କରୁଛି। ଏହା ହିଁ ତାଙ୍କର ପରିଚୟ। କିଟ୍ କନ୍‌ଭେନଶନ୍ ସେଣ୍ଟରଠାରେ ଗୁରୁବାର ସନ୍ଧ୍ୟାରେ ପ୍ରଦ୍ୟୁମ୍ନ ବଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ଏହି ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଓଡ଼ିଶା ଏବେ ସବୁ କ୍ଷେତ୍ରରେ ବିକଶିତ ହୋଇଛି। ରାଜ୍ୟ ବର୍ତ୍ତମାନ ବିକାଶ ପଥରେ ଅଗ୍ରଗତି କରୁଛି। କୃଷିରୁ ଅର୍ଥନୀତି, ସୂଚନା ପ୍ରଯୁକ୍ତିରୁ ଶିକ୍ଷା, କ୍ରୀଡ଼ାରୁ ସ୍ୱାସ୍ଥ୍ୟ, କୌଶଳ ବିକାଶରୁ ଶିଳ୍ପ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଆଗକୁ ଯାଉଛି। ଓଡ଼ିଶା ତା'ର ଭାଗ୍ୟ ପୁନର୍ଲିଖନ କରୁଛି ଏବଂ ବିକାଶର ଇତିହାସରେ ଯୁକ୍ତିଯୁକ୍ତ ସ୍ୱତନ୍ତ୍ର ସ୍ଥାନ ଅଧିକାର କରୁଛି। ଏକ ସମୃଦ୍ଧ ଓଡ଼ିଶା ଏବଂ ସୁସ୍ଥ ସମାଜ ଗଠନ ପାଇଁ ଯାତ୍ରା ଜାରି ରହିଛି। ସରକାରୀ କାର୍ଯ୍ୟ ବ୍ୟତୀତ ବହୁ ସାଧାରଣ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନୀରବରେ ଦେଶ ଗଠନରେ ନିଜକୁ ନିୟୋଜିତ ରଖିଛନ୍ତି। ସେମାନେ ନାମ, ଯଶ କିମ୍ବା ଅର୍ଥ ପାଇଁ କେବେହେଲେ ଆକାଂକ୍ଷିତ ନୁହନ୍ତି। କାରଣ ସେଭଳି ଲୋକମାନେ ଚାହାନ୍ତି ସେମାନଙ୍କ ଭଉଣୀ, ଭାଇମାନେ ଏକ ସୁନ୍ଦର ଜୀବନ ଯାପନ ଅତିବାହିତ କରନ୍ତୁ। ସେମାନେ ହିଁ ଆମ ସମାଜର ପ୍ରକୃତ ହିରୋ। ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି କେନ୍ଦୁଝରର ଜଳ ମଣିଷ ଭାବେ ଜଣାଶୁଣା ଦୈତାରୀ ନାୟକ। ନାୟକଙ୍କ ସଂକଳ୍ପ ଏବଂ ସଫଳତା ଆମ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଶିଷ୍ଟ ଅର୍ଥନୀତିଜ୍ଞ ଓଁକାର ଗୋସ୍ୱାମୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଛନ୍ତି ଯେ, କନ୍ୟାଭ୍ରୂଣ ହତ୍ୟା, ଶିକ୍ଷାରେ ବିଫଳତା, ଦାରିଦ୍ର୍ୟ ଆଦି ଭାରତର ଅଭିବୃଦ୍ଧିରେ ବାଧକ ସାଜିଛି। ବିପିୟୁଟିର ପୂର୍ବତନ କୁଳପତି ପ୍ରଫେସର ଓଁକାରନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଦୈତାରୀ ନାୟକଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ପ୍ରଦ୍ୟୁମ୍ନ ବଳ ସମ୍ମାନ ପ୍ରଦାନ କରାଯାଇଛି। ସମ୍ମାନ ସ୍ୱରୂପ ଉପାୟନ, ମାନପତ୍ର ଓ ୧ଲକ୍ଷ ଟଙ୍କା ଦିଆଯାଇଛି।

# ଆଜି ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ପ୍ରତିବାଦ

## ■ ବିମୁଦ୍ରୀକରଣ ଅର୍ଥନୀତିକୁ ନଷ୍ଟ କରିଛି: ନିରଞ୍ଜନ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ଅବସରରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉଭୟ ଭାଜପା ଓ ବିଜେଡିକୁ ସମାଲୋଚନା କରିଛନ୍ତି। ବିଜେଡି ଓ ଭାଜପା ମୁଦ୍ରାର ଦୁଇପାର୍ଶ୍ୱ ବୋଲି ନିରଞ୍ଜନ କହିଛନ୍ତି। ଏହାସହ ଶୁକ୍ରବାର ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି। ରାତିଅଧିଆ ନିଷ୍ପତ୍ତି ନେବାରେ ଧୁରନ୍ଧର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣକୁ ନଭେମ୍ବର ୮ରେ ଦୁଇ ବର୍ଷ ପୂରଣ ହୋଇଛି। ୨୦୧୬ ନଭେମ୍ବର ୮ରେ ରାତି ଅଧରେ ଏକଚାଟିଆ ନିଷ୍ପତ୍ତି ନେଇ ମୋଦି ୫୦୦ ଓ ୧୦୦୦ଟଙ୍କିଆ ନୋଟ ପ୍ରଚଳନ ବନ୍ଦ କରିଥିଲେ। ଦେଶରେ କଳାଟଙ୍କା କାରବାରକୁ ରୋକିବା, ଜାଲ୍‌ନୋଟ ପ୍ରଚଳନ ବନ୍ଦ କରିବା ଏବଂ ବିଦେଶରେ ଥିବା କଳାଧନ ସ୍ୱଦେଶକୁ ଫେରାଇ ଆଣିବା ଲକ୍ଷ୍ୟରେ ମୋଦି ବିମୁଦ୍ରୀକରଣ କାର୍ଯ୍ୟକାରୀ କରିଥିଲେ। ହେଲେ ତାହା ଶୋଚନୀୟ ଭାବେ ବିଫଳ ହୋଇଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନିରଞ୍ଜନ କହିଛନ୍ତି ଯେ, ବିମୁଦ୍ରୀକରଣ ଭାରତୀୟ ଅର୍ଥନୀତିକୁ ନଷ୍ଟ କରିଦେଇଛି। ରିଜର୍ଭ ବ୍ୟାଙ୍କ ହିସାବ ଅନୁଯାୟୀ ବିମୁଦ୍ରୀକରଣ ଘୋଷଣା କରାଯିବା ସମୟରେ ଦେଶରେ ୧୫.୪୧ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳିତ ଥିଲା। ବିମୁଦ୍ରୀକରଣ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟକୁ ତାହାର ପାଖାପାଖି ୯୯.୩ପ୍ରତିଶତ ଅର୍ଥାତ ୧୫.୩୦ ଲକ୍ଷ କୋଟି ଟଙ୍କାର ନୋଟ୍ ଫେରିଲା। ଅବଶିଷ୍ଟ ୧୦,୭୨୦କୋଟି ଟଙ୍କାର ଅଯୋଗ୍ୟ ଘୋଷିତ ନୋଟ୍ ଜମା ହୋଇନାହିଁ। ତେବେ ବିମୁଦ୍ରୀକରଣର ୬ ମାସ ପରେ ବିଦେଶୀ ବ୍ୟାଙ୍କଗୁଡ଼ିକରେ ପାଖାପାଖି ୭ ହଜାର କୋଟି ଟଙ୍କା ଜମା କରାଯାଇଥିଲା ଏବଂ ତାହା କଳାଧନ ବୋଲି ଜାଣିବାକୁ ମିଳିଥିଲା। ବିମୁଦ୍ରୀକରଣର କିଛିଦିନ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ନକଲି ୨ହଜାର ଟଙ୍କିଆ ନୋଟ୍ ମଧ୍ୟ ଜବତ କରାଗଲା। ଏହାପରେ ନକଲି୫୦୦ ଟଙ୍କିଆ ନୋଟ୍‌ବଜାରକୁ କିଭଳି ଆସିଲା ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।


ନିରଞ୍ଜନ ପଟ୍ଟନାୟକ

# ପୋଲିସ, ଦୁଇ ରାଜନେତାଙ୍କୁ ଟାର୍ଗେଟ୍ କଲେ ମନ୍ତ୍ରୀ

**ଆନନ୍ଦପୁର, ୮।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଆଇନଶୃଙ୍ଖଳା ସ୍ଥିତି ଓ ପୋଲିସ କାର୍ଯ୍ୟକଳାପ ନେଇ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁହଁ ଖୋଲିଛନ୍ତି। ଗତ ସେପ୍ଟେମ୍ବର ୧୬ରେ ଘସିପୁରା ଥାନା ଅଧୀନ ୨୦ ନମ୍ବର ଜାତୀୟ ରାଜପଥ ବେଲବାହାଲି ବଜାର ନିକଟରେ ତାଙ୍କ ଗାଡ଼ି ଉପରେ ଆକ୍ରମଣ ଘଟଣା ନେଇ ସେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଟାର୍ଗେଟ କରି ମନ୍ତବ୍ୟ ଦେଇଛନ୍ତି। ଏପରିକି ନିରଞ୍ଜନଙ୍କର ଜଣେ ସମ୍ପର୍କୀୟ ରାଜନେତା ଯେ କି ଏବେ ବିଜେଡିରେ ସାମିଲ ହୋଇଛନ୍ତି, ତାଙ୍କୁ ମଧ୍ୟ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ନିରଞ୍ଜନ ଓ ତାଙ୍କ ସମ୍ପର୍କୀୟଙ୍କ ଇଙ୍ଗିତରେ ପୋଲିସ କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। ସେ କହିଥିଲେ ଯେ, ବର୍ତ୍ତମାନ ଘସିପୁରା ନିର୍ବାଚନ ମଣ୍ଡଳୀରେ ଆଇନଶୃଙ୍ଖଳା ସ୍ଥିତି ଏପରି ହୋଇଛି ଯେ ଏଠାରେ ସ୍ୱାଧୀନ ଭାବେ ଚଳିବା ଓ ବଞ୍ଚିବା ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ନିରଞ୍ଜନଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶରେ ଥାନାରେ ଏତଲା ରଖାଯାଉଛି। ଏହି ଏତଲା ଖବରକୁ ଏକ ନିର୍ଦ୍ଦିଷ୍ଟ ଚ୍ୟାନେଲ ଓ ଖବରକାଗଜରେ ପ୍ରସାରଣ କରାଯାଉଛି।

ଗୁରୁବାର ମନ୍ତ୍ରୀ ପାତ୍ର ଶାଳପଡ଼ାସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ଉତ୍ସବରେ ଯୋଗଦେବା ପାଇଁ ଆସିଥିବା ଅବସରରେ ରାମଚନ୍ଦ୍ରପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କିଛି ସମୟ ବିଶ୍ରାମ ନେଇଥିଲେ। ସେଠାରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ତାଙ୍କ ଗାଡ଼ି ଉପରେ ହୋଇଥିବା ଆକ୍ରମଣ ଘଟଣା ନେଇ ଘସିପୁରା ଥାନାରେ ୨୯ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ମାତ୍ର ୪ ଜଣ ଗିରଫ ହୋଇଛନ୍ତି। ଅନ୍ୟମାନେ ସ୍ପଷ୍ଟ ଦିବାଲୋକରେ ଘୂରି ବୁଲୁଛନ୍ତି। ସେମାନଙ୍କୁ ଧରାଯାଉ ନାହିଁ। ଏହି ଘଟଣାର ଦୁଇଦିନ ପରେ ପଦନା ଛକରେ ଏକ ଗଣ୍ଡଗୋଳ ଘଟଣାର ତଦନ୍ତ ପାଇଁ ଯାଉଥିବା ଘସିପୁରା ପୋଲିସ ଉପରେ ଆକ୍ରମଣ ହୋଇଥିଲା। କେତେକ ବ୍ୟକ୍ତିଙ୍କ ସହ ସେଠାରେ ପୋଲିସର ଗଣ୍ଡଗୋଳ ଘଟିଥିଲା। ଏହି ମାମଲାରେ ପ୍ରଭାବଶାଳୀ ଦୁଇ ରାଜନେତାଙ୍କ ଚାପକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତାଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ଏହାପର ଦିନ ଗିରଫ କରିଥିଲା। ସେ ଏବେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ପୁନଶ୍ଚ ଗତ ବୁଧବାର ଘସିପୁରା ଥାନା ଗୁହାଳିଆଠାରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାରେ ତାଙ୍କର ଅନ୍ୟ ଜଣେ ପୁଅଙ୍କୁ ଅଭିଯୁକ୍ତ ଦର୍ଶାଇ ମାମଲା ରୁଜୁ କରାଯାଇଛି। ପୋଲିସ ନିରପେକ୍ଷ ଭାବେ ତଦନ୍ତ ନ କରି ପ୍ରକୃତ ଅଭିଯୁକ୍ତଙ୍କୁ ଧରିବା ପରିବର୍ତ୍ତେ ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି କାର୍ଯ୍ୟ କରୁଥିବାରୁ ଅଞ୍ଚଳର ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିବାରେ ଲାଗିଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ପରିବାର ଏଠାରେ ହାକିମାତି ଚଳାଇ ପୋଲିସକୁ ପ୍ରଭାବିତ କରି ହିଂସାକୁ ପ୍ରୋତ୍ସାହିତ କରୁଥିବା ମନ୍ତ୍ରୀ କହିଥିଲେ। ଉଲ୍ଲେଖନୀୟ ଯେ, ମନ୍ତ୍ରୀ ପାତ୍ର ଆନନ୍ଦପୁର ଉପଖଣ୍ଡ ଘସିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ରହିଛନ୍ତି। ସେଠାରେ ତାଙ୍କ ଦଳର ସ୍ଥିତି ସୁଦୃଢ଼ ଥିବାରୁ ପ୍ରତିଦ୍ୱନ୍ଦ୍ୱୀ ପକ୍ଷ ହିଂସାକାଣ୍ଡ ଘଟାଇ ଅସ୍ଥିରତା ସୃଷ୍ଟି କରୁଥିବା ମନ୍ତ୍ରୀ କହିଥିଲେ। ବୁଧବାର ଘଟିଥିବା ହିଂସା ଘଟଣା ସମ୍ପର୍କରେ ଆନନ୍ଦପୁର ଏସ୍‌ଡିପିଓ ଦିଲୀପ ବାଗଙ୍କୁ ପଚାରିବାରୁ ମନ୍ତ୍ରୀଙ୍କ ପୁଅ ଦେବପ୍ରିୟ ପାତ୍ରଙ୍କ ମୋବାଇଲ ଟ୍ରାକିଂ ପରେ ଗଣ୍ଡଗୋଳ ବେଳେ ସେଠାରେ ସେ ଉପସ୍ଥିତ ନ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି କହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ରାଜନୈତିକ ହିଂସା ଘଟଣା ବୃଦ୍ଧି ଏକ ଅସ୍ଥିରତାର ବାତାବରଣ ସୃଷ୍ଟି କରୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।


ବଦ୍ରି ନାରାୟଣ ପାତ୍ର

## ପ୍ରଥମ ପୃଷ୍ଠାରୁ

### ରାଜସ୍ଥାନରେ ଭାଜପା...

ବିରୋଧୀ ଭୋଟ ବିଭାଜିତ ହେଲେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଓ କଂଗ୍ରେସର ଭୋଟ ବ୍ୟବଧାନ କମିବ। ରମଣ ସିଂଙ୍କ ସ୍ମାର୍ଟଫୋନ୍ ବଣ୍ଟନ ଯୋଜନାରୁ ଭାଜପା ଲାଭବାନ ହେବ। କିନ୍ତୁ ମାଓବାଦୀ ପ୍ରଭାବିତ ବସ୍ତର ଅଞ୍ଚଳରେ ଭାଜପାର ଲୋକପ୍ରିୟତା ହ୍ରାସ ପାଇଥିବା ସର୍ଭେରୁ ଜଣାପଡ଼ିଛି। ତେବେ ଯୋଗୀ, କଂଗ୍ରେସ ନେତା ଭୂପେଶ ଭାଗେଲଙ୍କ ତୁଳନାରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ରମଣ ସିଂ ଆଗରେ ରହିଛନ୍ତି। ନିର୍ବାଚନରେ ବେକାରି ସମସ୍ୟା ମୁଖ୍ୟ ପ୍ରସଙ୍ଗ ବୋଲି ୧୧ ଲୋକ ସଭା ନିର୍ବାଚନମଣ୍ଡଳୀର ୪,୪୮୬ ମତଦାତା ପ୍ରକାଶ କରିଛନ୍ତି। ହେଲେ ରାଜସ୍ଥାନରେ ବସୁନ୍ଧରା ରାଜେ ସିନ୍ଧିଆ ଆଉ ଥରେ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ୩୫%କୁ ଖସିଛି। କଂଗ୍ରେସ ବସୁନ୍ଧରା ସରକାରଙ୍କୁ ଧୂଳି ଚଟେଇ କ୍ଷମତା ଦଖଲ କରିବ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଏଠାରେ କଂଗ୍ରେସ ନେତା ଅଶୋକ ଗେହଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଅଧିକାଂଶ ମତଦାତା ଦେଖିବାକୁ ଚାହାନ୍ତି। ଭାଜପା ବିରୋଧରେ ନିମ୍ନ ଜାତି ଓ ମୁସଲମାନ ସମ୍ପ୍ରଦାୟର ଭୋଟରଙ୍କ ମଧ୍ୟରେ ବଢ଼ିଚାଲିଥିବା କ୍ରୋଧ ଭାଜପା ସରକାରଙ୍କ ପତନର କାରଣ ସାଜିପାରେ। କାରଣ ଗୈରିକ ଦଳ ତା'ର ପାରମ୍ପରିକ ସହରାଞ୍ଚଳ ଭୋଟରଙ୍କ ଆସ୍ଥା ହରାଇଛି। ରାଜ୍ୟରେ ସରକାର ବିରୋଧୀ ହାୱା ବହୁଥିଲେ ହେଁ ନରେନ୍ଦ୍ର ମୋଦି ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଭାବେ ଏବେ ବି ଭୋଟରଙ୍କ ପ୍ରଥମ ପସନ୍ଦ। ମୁଖ୍ୟମନ୍ତ୍ରୀ ଚେହେରା ବଦଳାଯାଇଥିଲେ ନିର୍ବାଚନ ସମୀକରଣରେ ପରିବର୍ତ୍ତନ ଆସିଥାନ୍ତା। ଭାଜପା ଏବଂ କଂଗ୍ରେସ ମଧ୍ୟରେ ଭୋଟ ହାର ବ୍ୟବଧାନ ୩%ରୁ ୫% ମଧ୍ୟରେ ରହିବ ବୋଲି ଜଣାପଡ଼ିଛି। ୨୫ ଲୋକ ସଭା ଆସନର ୧୦,୧୩୬ ଭୋଟରଙ୍କୁ ନେଇ କରାଯାଇଥିବା ସର୍ଭେରେ ଜଣାପଡ଼ିଛି ଯେ, ବେକାରି ସମସ୍ୟା, କୃଷି ସମସ୍ୟା, ପାନୀୟ ଜଳ, ଦରଦାମ ବୃଦ୍ଧି ରାଜସ୍ଥାନ ମତଦାତାଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ପାଲଟିଛି।

ତେଲେଙ୍ଗାନାରେ ଡିସେମ୍ବର ୭ରେ ଭୋଟଗ୍ରହଣ କରାଯିବ। ଏଠାରେ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସପକ୍ଷରେ ୭୫% ମତଦାତା ରହିଥିବାରୁ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର୍) ପୁଣିଥରେ କ୍ଷମତା ଦଖଲ କରିପାରନ୍ତି। କାରଣ ଏଠାରେ ସରକାର ସପକ୍ଷରେ ହାୱା ବହୁଛି। କେସିଆର୍ ସବୁ ବର୍ଗର ଭୋଟରଙ୍କଠାରେ ନିଜ ଲୋକପ୍ରିୟତା ବଜାୟ ରଖିପାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସାମାଜିକ-ମଙ୍ଗଳକାରୀ ଯୋଜନାଗୁଡ଼ିକ କେସିଆର୍‌ଙ୍କ ପାଇଁ ବୋନସ୍ ଭାବେ କାମ କରୁଛି। ସେହିପରି ରାଜ୍ୟ ବିଧାନସଭାକୁ ଆଗୁଆ ଭଙ୍ଗ କରିଦେବା ପଦକ୍ଷେପକୁ କେସିଆର୍‌ଙ୍କ ଏକ ମାଷ୍ଟରଷ୍ଟ୍ରୋକ୍ ଭାବେ ଦେଖୁଛନ୍ତି ଭୋଟର। କଂଗ୍ରେସ ଏବଂ ଟିଡିପି ମଧ୍ୟରେ ସଦ୍ୟ ହୋଇଥିବା ମେଣ୍ଟ ସଫଳ ହେବନାହିଁ ବୋଲି ସର୍ଭେରେ ଜଣାପଡ଼ିଛି। ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍ ହାଇଦ୍ରାବାଦ ଅଞ୍ଚଳରେ କଂଗ୍ରେସର ଭାଗ୍ୟ ବିଗାଡ଼ିପାରେ। ତେଲେଙ୍ଗାନାର ୧୭ ଲୋକ ସଭା ନିର୍ବାଚନମଣ୍ଡଳୀରେ କରାଯାଇଥିବା ଏହି ସର୍ଭେରେ ୬,୮୭୭ ମତଦାତା ଭାଗନେଇଥିଲେ।

## ସଂକ୍ଷେପରେ

### ରେଭେନ୍ସା ଇକୋନୋମିକ୍ସ ଆଲୁମ୍ନିର ବାର୍ଷିକ ସମ୍ମିଳନୀ ୧୧ରେ

**କଟକ ଅଫିସ, ୮।୧୧:** ରେଭେନ୍ସା ବିଶ୍ୱବିଦ୍ୟାଳୟ ଇକୋନୋମିକ୍ସ ଆଲୁମ୍ନି ଆସୋସିଏଶନର ୫ମ ବାର୍ଷିକ ସମ୍ମିଳନୀ ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୦ଟାରେ ବିଭାଗର ସଦାନନ୍ଦ ସିହ୍ନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏଥିରେ ଅର୍ଥଶାସ୍ତ୍ର ବିଭାଗର ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପକ, ବର୍ତ୍ତମାନ କାର୍ଯ୍ୟରତ ଅଧ୍ୟାପକ ଓ ଗବେଷକମାନେ ଯୋଗଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ। ପୂର୍ବରୁ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଅର୍ଥଶାସ୍ତ୍ର ବିଭାଗରେ ଦୁଇଟି ଗବେଷଣା ବୃତ୍ତି ଆରମ୍ଭ କରାଯାଇଥିବାବେଳେ ରେଭେନ୍ସା ଅର୍ଥନୀତି ବିଭାଗର ପ୍ରଥମ ସ୍ନାତକୋତ୍ତର ବ୍ୟାଚ୍‌ର ଛାତ୍ର ସ୍ୱର୍ଗତ ସଦାନନ୍ଦ ସିହ୍ନାଙ୍କ ପରିବାର ତରଫରୁ ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷର ପ୍ରତିଷ୍ଠା କରାଯାଇଛି। ତେବେ ବିଭାଗ ପକ୍ଷରୁ ବିଦ୍ୟାର୍ଥୀମାନଙ୍କ ପାଇଁ ସାଧନ କେନ୍ଦ୍ର, ମେଧାବୃତ୍ତି, କର୍ମଶାଳା, ରାଜ୍ୟର ଆର୍ଥିକ ପରାମର୍ଶ କେନ୍ଦ୍ର ସ୍ଥାପନ ଆଦି ଲକ୍ଷ୍ୟ ରଖାଯାଇଥିବାରୁ ଏ ନେଇ ଆଗାମୀ ସମ୍ମିଳନୀ ବେଶ୍ ଗୁରୁତ୍ୱ ବହନ କରିବ ବୋଲି ଆସୋସିଏଶନ ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ କହିଛନ୍ତି। ତେଣୁ ସମ୍ମିଳନୀରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଯୋଗଦେବାକୁ ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ, ୨୦୧୨ରୁ ଗଠିତ ରେଭେନ୍ସା ଇକୋନୋମିକ୍ସ ଆଲୁମ୍ନି ଆସୋସିଏଶନ ବିଶ୍ୱବିଦ୍ୟାଳୟ ଓ ଅର୍ଥଶାସ୍ତ୍ର ବିଭାଗର ବିକାଶ କ୍ଷେତ୍ରରେ କାର୍ଯ୍ୟ କରି ଆସୁଛି।

### ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ 'ଓଡ଼ିଶା ପର୍ଯ୍ୟଟନ'

# ଲଣ୍ଡନରେ ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର



**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଓଡ଼ିଶା ହକି ବିଶ୍ୱକପ୍‌ର ଆୟୋଜକ ପାର୍ଟନର 'ଓଡ଼ିଶା ପର୍ଯ୍ୟଟନ' ନିକଟରେ ଲଣ୍ଡନରେ ଅନୁଷ୍ଠିତ ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ଅଂଶଗ୍ରହଣ କରି ସେଠାରେ ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର କରିଛି। ବିଶ୍ୱ ପର୍ଯ୍ୟଟନ ଶିଳ୍ପକୁ ଓଡ଼ିଶା ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଅବଗତ କରାଇବା ସହ ହକି ବିଶ୍ୱକପ୍‌ର ଆକର୍ଷଣ ସମ୍ପର୍କରେ ବିଦେଶୀ ଟୁର୍ ଅପରେଟର ଓ ଟ୍ରାଭେଲ ଏଜେଣ୍ଟମାନଙ୍କୁ କୁହାଯାଇଛି। ନଭେମ୍ବର ୫ରୁ ୭ ତାରିଖ ପର୍ଯ୍ୟନ୍ତ ଏକ୍ସେଲ ଲଣ୍ଡନ ଏକ୍‌ଜିବିଶନ ସ୍ପେସ୍‌ରେ ଆୟୋଜିତ ଏହି ପର୍ଯ୍ୟଟନ ମେଳାରେ ପ୍ରଥମ ଥର ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇଥିଲେ। ଏହି ଅବସରରେ ସେ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଓଡ଼ିଶାର ପର୍ଯ୍ୟଟନ ସମ୍ବଳ ଏବଂ ବିଶ୍ୱସ୍ତରରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ କିଭଳି ନିଜର ସ୍ଥିତି ଜାହିର କରୁଛି, ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ, ସହନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାୟ ଓ ପର୍ଯ୍ୟଟନ ଅଧିକାରୀ ରତିକାନ୍ତ ପଟ୍ଟନାୟକ ଏହି ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ସେଠାରେ ପୁଞ୍ଜି ନିବେଶକାରୀ ଓ ପର୍ଯ୍ୟଟନ ଅଧିକାରୀମାନଙ୍କ ସହ ବି୨ବି(b2b) ବୈଠକର ଆୟୋଜନ କରାଯାଇଥିଲା। ଟ୍ରାଭେଲ ମାର୍କେଟରେ ନିର୍ମିତ ଓଡ଼ିଶା ପର୍ଯ୍ୟଟନ ଷ୍ଟଲ୍ କୋଣାର୍କ ମନ୍ଦିର ଆକୃତିରେ ନିର୍ମିତ ହୋଇଥିଲା। ଏହାସହ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍‌ର ବ୍ରାଣ୍ଡିଂ ମଧ୍ୟ କରାଯାଇଥିଲା।

# ସ୍କୁଲ ବନ୍ଦ ଘଟଣା: ସିଆର୍‌ସିସି ନିଲମ୍ବିତ, ୫ଜଣଙ୍କ ଦରମା ବନ୍ଦ

**ଦାରିଙ୍ଗବାଡ଼ି,୮।୧୧(ଡି.ଏନ.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ଅଞ୍ଚଳରେ ଶନିବାର ସକାଳ ୯ଟାରୁ ବିଦ୍ୟାଳୟ ବନ୍ଦହେବା ଘଟଣାରେ ହାତୀମୁଣ୍ଡା ସିଆରସିସି ଅଜୟ ବଳିଆରସିଂଙ୍କୁ ବିଇଓ ପୁରେନ୍ଦ୍ର ବେହେରା ନିଲମ୍ବିତ କରିବାସହ ୫ଜଣ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଥିବା ଗୁରୁବାର ବିଇଓ ବେହେରା ସୂଚନା ଦେଇଛନ୍ତି। ଦରମା ବନ୍ଦ କରାଯାଇଥିବା ଶିକ୍ଷକଙ୍କ ମଧ୍ୟରେ ଗାହେଜୁ ବିଦ୍ୟାଳୟର ପୂର୍ଣ୍ଣଚନ୍ଦ୍ର ବଳିଆର ସିଂ, ଇନ୍ଦ୍ରମଣୀ ବରାଳ, ବିଜାଲି ବିଦ୍ୟାଳୟର ରବୀନ୍ଦ୍ର ସିଂ, ଗଜେନ୍ଦ୍ର ମଲ୍ଲିକ ଏବଂ ବୁଢୁଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଶୋକ ପାଲଟାସିଂ। ଶନିବାର ସକାଳ ୯ଟାରୁ ହାତୀମୁଣ୍ଡା ପଞ୍ଚାୟତ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ସିଆରସିସିଙ୍କ ଦ୍ୱାରା ପୂର୍ବାହ୍ନ ୧୦ଟାରେ ହାତୀମୁଣ୍ଡା ସେବାଶ୍ରମରେ ଏକ ଆଲୋଚନାଚକ୍ର କରାଯିବାକୁ ସମସ୍ତ ଶିକ୍ଷକଙ୍କୁ ନୋଟିସେ କରାଯାଇଥିବାରୁ ଶିକ୍ଷକମାନେ ବିଦ୍ୟାଳୟ ବନ୍ଦକରି ଦେଇଥିଲେ। ଏ ନେଇ କେବଳ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ଜିଲାପାଳ ଡ.ବୃନ୍ଦା ଡି. ଡିଇଓ ବିକାଶ ପ୍ରଧାନ ଏବଂ ବିଇଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ବିଇଓ ବେହେରା ସମ୍ପୃକ୍ତ ସିଆରସିସି ବଳିଆର ସିଂଙ୍କୁ ନିଲମ୍ବନ ଚିଠି ପ୍ରଦାନ କରିଥିବା କହିଛନ୍ତି। ସେହିପରି ୨୫ ପଞ୍ଚାୟତର ୨୭୨ ବିଦ୍ୟାଳୟ ମଧ୍ୟରୁ ୧୩୯ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ମଧ୍ୟାହ୍ନ ଭୋଜନର ତଥ୍ୟ ମୋବାଇଲ ଏସଏମ୍‌ଏସ୍ ଦ୍ୱାରା ଅବଗତ କରାଇ ନ ଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିବା ବିଇଓ ବେହେରା କହିଛନ୍ତି।

# ତରକାରି ହୋଇ ନ ଥିବାରୁ ସ୍ତ୍ରୀଙ୍କୁ ହତ୍ୟା

**ବାରିପଦା ଅଫିସ,୮।୧୧**



ଗିରଫ ଶକ୍ତିପଦ ।

ତରକାରି ହୋଇ ନ ଥିବାରୁ ଉତ୍ୟକ୍ତ ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଏହାକୁ ନିଜ ଆଖିରେ ଦେଖିଥିବା ୩ ପିଲାଙ୍କଠାରୁ ଖବର ପାଇ ପୋଲିସ ହତ୍ୟାକାରୀ ସ୍ୱାମୀଙ୍କୁ ଗିରଫ କରିଛି। ହେଲେ ମା'କୁ ହରାଇ ୩ ଶିଶୁ ଏକପ୍ରକାର ବେସାହାରା ହୋଇ ପଡିଛନ୍ତି। ଏହି ଘଟଣା ମୟୂରଭଞ୍ଜ ଜିଲା ବାରିପଦା ଟାଉନଥାନା ଅନ୍ତର୍ଗତ ଶୂନଗଡିଆ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ଶୂନଗଡିଆ ଅଞ୍ଚଳର କୀର୍ତ୍ତନ ପଡ଼ିଆରେ ଶକ୍ତିପଦ ବୈଠା ସ୍ତ୍ରୀ ସଙ୍ଗୀତା ବୈଠାଙ୍କ ସମେତ ତାଙ୍କର ୩ ପିଲା ରହୁଥିଲେ। ମେଡିକାଲରେ ସୁଇପର ଭାବେ କାର୍ଯ୍ୟ କରି ଶକ୍ତିପଦ ନିଜ ପରିବାର ପ୍ରତିପୋଷଣ କରନ୍ତି। ସେ ବୁଧବାର ସନ୍ଧ୍ୟାରେ ଘରକୁ ମାଛ ଓ ମାଂସ ଆଣି କାମରେ ପଳାଇଥିଲେ। ରାତିରେ ଘରକୁ ଫେରି ତରକାରି ହୋଇ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ସଙ୍ଗୀତାଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ଶକ୍ତିପଦ ଏକ ପଥର ଓ କାଠଫାଳିଆରେ ସଙ୍ଗୀତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପିଲାମାନେ ଏହା ଦେଖି ସଙ୍ଗୀତାଙ୍କ ସାନ ଭଉଣୀ ସୁସ୍ମିତାଙ୍କୁ ଜଣାଇଥିଲେ। ବାରିପଦା ଟାଉନ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ସଙ୍ଗୀତାଙ୍କ ସାନ ଭଉଣୀ ସୁସ୍ମିତା ମୁଖୀଙ୍କ ଅଭିଯୋଗ କ୍ରମେ ଟାଉନ ପୋଲିସ ମାମଲା (ନଂ ୨୬୪/୧୮) ରୁଜୁ କରି ଶକ୍ତିପଦଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ପୋଲିସ ରକ୍ତ ଲଗା ପଥର ଏବଂ କାଠଫାଳିଆ ଜବତ କରିଛି ବୋଲି ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ଦୟାନିଧି ଦାସ ସୂଚନା ଦେଇଛନ୍ତି। ତେବେ ସଙ୍ଗୀତାଙ୍କ ମୃତ୍ୟୁ ଏବଂ ତାଙ୍କ ସ୍ୱାମୀ ଗିରଫ ହେବା ପରେ ସେମାନଙ୍କର ୩ଜଣ ସନ୍ତାନ ଏବେ ବେସାହାରା ହୋଇ ପଡିଛନ୍ତି ।


## JAWAHAR NAVODAYA VIDYALAYA, NAYAGARH

**At: Nabaghanapur, Dist.: Nayagarh, PIN: 752070, Phone: 06753 - 253266**

**TENDER NOTICE No.04/2018-19**

Sealed tenders are invited from the registered and reputed firms for supply of 1. Electrical and Plumbing items, 2. Window glass and Labour charge for fixing of window glass, 3. Vegetable, 4. Sports items, 5. Laboratory items to Jawahar Navodaya Vidyalaya, Nabaghanapur, Nayagarh. The tender forms with all particulars and list of items can be obtained from the office of the undersigned on all working days w.e.f. **10.11.2018** to **27.11.2018** between **9.00 AM to 01.00 PM** on payment of Rs.200/- (non-refundable) for each item. The details can also be downloaded from the Vidyalaya website **www.jnvnayagarh.in** and the cost of the tender paper is to be remitted in shape of bank draft in favour of Principal JNV, Nayagarh, payable at Nayagarh or deposit in the Vidyalaya account and enclose the bank draft / counter foil along with the sealed tender. Last date and time for submission of sealed tender in the tender box kept at Office of the JNV, Nayagarh is at **10.30 AM** on **28.11.2018**. The vidyalaya purchase advisory sub committee meeting will be held on **28.11.2018** at **11.00 AM** in the chamber of the undersigned for opening and finalisation of the tenders. The Chairman PASC reserves the right to reject the tender in whole or in part without assigning any reason thereof. Any dispute in this regard will fall under Nayagarh jurisdiction only.

**Sd./- Principal, JNV, Nayagarh**

## Govt. of India
## Office of the Principal Chief Commissioner of Income Tax, Odisha Region Aayakar Bhawan, Rajaswa Vihar, Bhubaneswar-751007

**TENDER CALL NOTICE**

**Dated, Bhubaneswar the 8th November, 2018**

The Principal Chief Commissioner of Income Tax, Bhubaneswar invites sealed quotations from reputed Parties engaged in the business of printing and publishing books in Bhubaneswar for printing Information Hand Book and Table Calendar-2019 for the Income Tax Department, Odisha Region. The quotations in sealed covers should be submitted to the undersigned latest by 22.11.2018 (04.00 PM), as per the format in the tender document available with the ACIT(Hqrs.) (Admn. & Vig.), O/o. Pr. CCIT, Bhubaneswar which can also downloaded from the Departmental Website: www.incometaxindia.gov.in. Interested parties may collect the sample and other information from the undersigned on any working day of the Income Tax Department from 9th November, 2018 onwards between 10.30 A.M to 04.00 PM.

**Sd./- (Arijit Chakraborty)**
**Assistant Commissioner of Income Tax (Hqrs.) (Admn & Vig.)**
**Office of the Pr. Chief Commissioner of Income Tax, Odisha,**
**Aayakarbhawan, RajaswaVihar Bhubaneswar-754007,**
**Tel. No.: 0674-2589466, Mobile No.: 08902198290**

## OFFICE OF THE CHIEF DISTRICT MEDICAL cum PUBLIC HEALTH OFFICER, CUTTACK

**Department of Health & Family Welfare, Government of Odisha**
Phone/Fax: 0671-2300777

Adv. No.- 13944 Date: 06.11.2018

**Tender Call Notice for Procurement of Drugs, Equipments, Instruments & Consumables**

Sealed tenders are invited from the registered Manufacturer / Authorized Dealer / Authorized Supplier / agencies having valid Drug License certificate, valid GSTIN, PAN clearance for the supply of Drugs, Equipments, Instruments & Consumables to the Office of the CDMO, Cuttack. The tenders shall be received by the undersigned by Speed Post / Courier during the office hour on or before 22.11.2018 by 2.30PM. Any application received beyond the stipulated date & time will not be entertained. The quotations will be opened on 22.11.2018 at 3.30PM. Interested firms / agencies should submit their offer price in the prescribed format in a separate sealed envelope. The details of the tender along with the application form and other terms & conditions are available in the website www.cuttack.nic.in.

The authority reserves the right to cancel / reject all or any tender without assigning any reason thereof.

***Sd./- Chief District Medical cum Public Health Officer, Cuttack***

## BERHAMPUR MUNICIPAL CORPORATION

No. 18321/X1-H2-3/2018 Date: 06.11.18

**TENDER CALL NOTICE**

No. 334-C: Sealed tenders are invited to reach by Speed Post / Registered Post only from advertising Firms / Company for **"Auction of Advertisement space and cleaning of solar powered Bus stop"**. The detailed terms & conditions are available at our office website **www.berhampur.gov.in**. The last date of receipt of tenders in this office by **17.11.2018, 5.00 PM** and will be opened on **19.11.2018 at 11.00 AM** in the office of undersigned.

The authority reserves the right to accept or reject any tender without assigning any reason thereof.

**Sd./- Commissioner**
13035/11/0146/1819 **Berhampur Municipal Corporation**

## DIRECTORATE OF MEDICAL EDUCATION & TRAINING ODISHA

**WALK-IN-INTERVIEW FOR JUNIOR RESIDENTS**

No. 15411 Dt.06.11.2018

No.551-E: Elligible candidates are invited to Walk-in-Interview for recruitment for the posts of Junior Residents in Govt. Medical Colleges on contractual / deployment basis. The details of Posts, Mode of Selection, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in** in recruitment to Govt. Medical Colleges section.

10016/11/0046/1819 **Sd./- Jt. DMET, Odisha**

## GOVERNMENT OF ODISHA
## STEEL & MINES DEPARTMENT
## DIRECTORATE OF GEOLOGY, ODISHA

**BHU-BIGYAN BHAWAN, BHUBANESWAR-751001**
Phone : 06742392374, Fax : 06742391776
E-mail : directorgeology_odisha@yahoo.in

**AUCTION SALE NOTICE**

No.09-G: Sealed quotations are invited for disposal of un-serviceable store articles such as G.I. Bucket, G.I. Water Drum, Steel Folding Table, Steel Folding Chair, Camp Cot, Measuring Tapes, Durry, Tarpaulins, Kabuli Pal Tents, Swiss Cottage Tents etc. relating to Prospecting store (Hqrs.) on as is where is basis, in the office premises of Directorate of Geology, Odisha; Bhubaneswar, by auction.

The intending bidders may inspect the articles stored inside the prospecting store for making their own assessment on any working day between **11.00AM to 4.00PM, till 04.12.2018**.

The Auction bid document shall be available on payment of Rs 118.00 (Rupees one hundred eighteen) only in cash at the cash counter of this Directorate from **13.11.2018 to 04.12.2018 up to 4.00PM** or can be downloaded from the Govt. Website **http://www.orissaminerals.gov.in** and submit along with a non-refundable auction fee of Rs. 118/- (Rupees one hundred eighteen) including GST of Rs.18.00 @18%, in shape of DD/ Pay Order drawn on any Scheduled/ Nationalized Bank in favour of Director of Geology, Odisha payable at Bhubaneswar.

**Last date of receipt of the Bids : 05.12.2018 up-to 4.00PM**
**The date of opening of the Bids : 07.12.2018 at 11.30AM.**

30003/11/0003/1819 **DIRECTOR OF GEOLOGY, ODISHA**

## INTEGRATED TRIBAL DEVELOPMENT AGENCY, NABARANGPUR

**No. 5893/2018** **Date: 06.11.2018**

**e-Procurement Notice**

**Bid Identification No.ITDANBG-03/18-19**

Bids are invited from the eligible Contractors for Construction of Class Room, Staff Quarter, Dining Hall, Community Center, Hostel Building, Check Dam (12 Nos. of projects) through e-tender process. The details of the tender are available in the website: **https://tendersodisha.gov.in** from 15.00 hours of 06.11.2018 to 17.00 hours of 22.11.2018 for online bidding. The bids received online shall be opened on 11.00 hours of 28.11.2018 in this office. The original bid security, Demand Draft towards cost of bid, GST Certificate and affidavit in original shall be submiteed in this office on or before 17.00 hours of 27.11.2018 by Regd. Post / Speed Post only during office hours.

**Sd./- P.A., ITDA, Nabarangpur**

## OFFICE OF THE EXECUTIVE ENGINEER RWSS DIVISION, KEONJHAR

**INVITATION FOR BIDS**

Eerwss22keonjhar@gmail.com

**Identification No. 30 RWSS/KJR 2018-19**

No. 980-O: The Executive Engineer, RWSS Division, Keonjhar on behalf of Governor of Odisha, invites percentage rate bids in conformity with detailed tender call notice to be eventually drawn in P-1 contract of Govt. of Odisha for the following works from the eligible contractors, registered with State Govt. & contractor of equivalent Grade / class registered with Central Govt. / Railways for execution of following works. The bidders may submit bids for any or all of the following works having experience in similar type of work.

| | | | |
|---|---|---|---|
| 1. | Nature of work | : | External Electrification for Rural Piped Water Schemes in Keonjhar Dist. |
| 2. | No. of tenders | : | 3 (Three) |
| 3. | Cost of tender | : | Rs.4000.00 per each |
| 4. | Value of work | : | Rs.5.15 lakhs to Rs.6.37 lakhs |
| 5. | Class of contractor | : | H.T Licence holder |
| 6. | Last date and time of sale & receipt of tender paper | : | Upto 4.00 PM of 20.11.2018 |
| 7. | Date & time of opening of tender | : | At 4.30 PM of 20.11.2018 |
| 8. | Time of completion of work | : | (As mentioned in DTCN) |

**Sd./- Executive Engineer, RWSS, Keonjhar**
25023/11/0016/1819

## OFFICE OF THE EXECUTIVE ENGINEER

**Rayagada (R&B) Division No-I, Rayagada, Pin – 765001**
**Phone/Fax:(06856)222149, e-Mail: eepwd765001@gmail.com**

**Quotation Call Notice No. RC(R&B) RGD : 09/2018-19 Dated 05.11.2018**

**No.: 813-B** **No. 4589 Dated.05.11.2018**

1. The Executive Engineer, Rayagada (R&B) Division No-I, Rayagada on behalf of Governor of Odisha invites Sealed quotation in prescribed schedule from the interested reputed Travel Agencies/Tour Operators or private individuals having valid GSTIN and PAN in the name of the firm for providing 1 (One) No. AC / Non-AC bolero or a similar type Diesel driven vehicle having sitting capacity not more than ten including driver, which shall conform to the Terms and conditions of Detailed Quotation Call Notice for the use in the following offices on Monthly rent basis for individual offices.

| Sl. No. | Vehicle Use in the Office | Security Deposit |
|---|---|---|
| 1 | Office of the Superintending Engineer, Rayagada (R&B) Circle, Rayagada | Rs.5000/- |
| 2 | Office of the Executive Engineer, Rayagada (R&B) Division No.-I, Rayagada | Rs.5000/- |

2. The Detailed quotation call notice containing specifications, all other term and conditions can be obtained from the office of the Executive Engineer, Rayagada (R&B) Division on payment of Rs. 100/- (Rupees One hundred) only from 11.00 hours of dt.15.11.2018 to 16.30 hours of dt. 30.11.2018.
3. Quotationers will be provided individually for each vehicle for the above offices.
4. The quotation completed in all respect should be delivered in the tender box having quotation No. RC(R&B)RGD-09/2018-19.
5. The quotation received shall be opened at 11.00 AM of 01.12.2018 in the office of the Executive Engineer, Rayagada (R&B) Division No-I at Rayagada.
6. A sum of Rs 5000/- (Rupees five thousand ) only shall be deposited by the intending bidders in shape of Term Deposit Receipt drawn in favour of the Executive Engineer, Rayagada (R&B) Division No-I, Rayagada payable at Rayagada and submitted along with the tender as security deposit. After completion of tender process, the amount will be refunded to unsuccessful bidders.
7. The other details can be seen in the Detailed Quotation call notice.
8. The authority reserves the right to accept or cancel the above quotation without assigning any reason thereof.

**Executive Engineer**
34040/11/0041/1819 **Rayagada (R&B) Division No-I**

## OFFICE OF THE NAC, DHARAMGARH

**Ph. No. 06672 - 242037**
**E-mail: nacdharmagarh@gmail.com**

No. 1650/NAC(DHM) Dated: 06.11.2018

**"E" PROCUREMENT NOTICE**

**BID IDENTIFICATION No.:- DHARAMGARH/ NAC/01/2018-19**

Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tenderorissa.gov.in**.

| | | | |
|---|---|---|---|
| 1. | Nature of the work | : | Civil construction work as per DTCN |
| 2. | No. of works | : | 22 Nos. |
| 3. | Estimated cost | : | Rs.1,00,000/- to Rs.7,50,000/- |
| 4. | Period of completion | : | As per DTCN |
| 5. | Date & time of availability of bid documents in the portal | : | From 10.00 hour of 12.11.2018 to 17.00 hour of 22.11.2018 |
| 6. | Last date / time for receipt of bids in the portal | : | 21.11.2018, 17.00 hrs. |
| 7. | Last date of submission of hard copies only via Regd. Post / Speed Post (Not through in private courier / by in hand) | : | 24.11.2018 upto 17.00 hrs. |
| 8. | Bids received online shall be opened | : | 26.11.2018 at 11.00 hour on |
| 9. | Name & address of the officer inviting bid | : | Executive Officer, Dharamgarh NAC |
| 10. | Any addendum / corrigendum /cancellation of tender also be seen only in the portal | | |
| | Further details can be seen from the procurement portal | | www.tenderorissa.gov.in |

**Sd./- Executive Officer Dharamgarh NAC**

## Divisional Engineer Telecom, Telecom Project,

BSNL Connecting India

**At.: Bamper, P.O: Ghutur, Keonjhar-2,**
**Cell No: 9437960944**

No: DSK/Q-33/53 Dated at Keonjhar, 08.11.2018

**NOTICE**

Notice is issued to **Shri Naresh Kumar Mahakud, Asst Telecom Technician**, office of the Divisional Engineer Telecom, Telecom Project, Keonjhar, son of Shri Chitrasen Mahakud, Village- Dhaladhi, PO/PS- Champua, Dist. Keonjhar for his long unauthorized absence from his place of duty without permission or sufficient cause.

It is hereby notified that Shri Naresh Kumar Mahakud who was working as Asst Telecom Technician is found absent in his appointed place of work since 26.10.2013 without permission or sufficient cause.

Accordingly he was asked to resume in his duty in his available address, but to no avail.

Thereby this notice is issued through daily newspaper for his information to resume his duty on or before 29.11.2018 positively failing which appropriate major departmental action would be initiated against him under provision of Rules for violating Rule-5 of BSNL conduct, Disciplinary and Appeal Rules 2006.

**Sd./- DET, Telecom Project, Keonjhar**

## ଓଡିଶା ରାଜ୍ୟ ଅର୍ଥ ନିଗମ

**ଓ.ଏମ୍.ପି. ଛକ, କଟକ-୭୫୩୦୦୩**

ବିଜ୍ଞାପନ ନଂ DDAC/୦୬/୧୮-୧୯ **ବିକ୍ରୟ ବିଜ୍ଞାପନ** ତା.୦୮.୧୧.୨୦୧୮

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୨୬.୧୧.୨୦୧୮ ସମୟ ଦିବା ୧୧.୦୦ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ, ମୁଖ୍ୟ କାର୍ଯ୍ୟାଳୟ, ଓ.ଏମ୍.ପି ଛକ, କଟକ-୦୩ ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଜବତ ସମ୍ପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି। ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିଶଦବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ । ଟେଣ୍ଡର ଫର୍ମକୁ ସଠିକ୍ ଭାବେ ପୁରଣ କରି ତା ୨୪.୧୧.୨୦୧୮ ସମୟ ଅପରାହ୍ନ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ । କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୁରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ DDAC ରେ ଉପସ୍ଥିତ ହେବେ ଏବଂ ଯୋଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୁର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ ପେ ଅର୍ଡର/ ବ୍ୟାଙ୍କର ଚେକ୍ / ନଗଦଟଙ୍କା ଜମା ଭାବେ ଦେବାକୁ ହେବ । ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ । ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ । ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ ନିଗମ ବ୍ୟାଜ୍ୟାପ୍ତି କରିପାରିବ ।

ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ ।

**ବିକ୍ରୟ ସମ୍ପତ୍ତିର ବିବରଣୀ**

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ / ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧. | ମେସର୍ସ ଆଖଣ୍ଡଳମଣୀ ଟେକ୍ସଟାଇଲ୍‌ସ, ଗ୍ରାମ-ସୁକଳ, ପୋଷ୍ଟ-ମନ୍ଧାରୀ, ଥାନା-ବରୀ, ଯାଜପୁର(ଜ.), **ସଂ.ମୂ-ଟ.୪.୪୩ ଲକ୍ଷ (ପାରାଦୀପ ଶାଖା)** | ୨୨,୨୦୦/- |
| ୦୨. | ଶ୍ରୀ ଉମାକାନ୍ତ ସାହୁ ଙ୍କ **Tractor & Trolley Regd. No.OR-04-B-8385. Model-2001 (kept at Central garage Cuttack)**, **ସଂ.ମୂ-ଟ.୦.୭୫ ଲକ୍ଷ (ପାରାଦୀପ ଶାଖା)** | ୩,୮୦୦/- |
| ୦୩. | ମେସର୍ସ ମା କାଳୀ ରାଇସ୍ ମିଲ୍, ଅରଖପୁର, ପୁରୁଷୋତ୍ତମପୁର, ଗଞ୍ଜାମ (ଜ.ଗୃ), **ସଂ.ମୂ-ଟ.୪,୬୧ ଲକ୍ଷ, (ବ୍ରହ୍ମପୁର ଶାଖା)** | ୨୩,୧୦୦/- |
| ୦୪. | ମେସର୍ସ ପଦ୍ମାବତୀ ମଡର୍ଣ୍ଣ ରାଇସ୍ ମିଲ୍, ମୌ-କାଲିମେଳା, ମାଲକାନାଗିରି ଙ୍କ ସ୍ଥାବର ସଂପତ୍ତି (Collateral Security), (ଜ.ଗୃ), **ସଂ.ମୂ-ଟ.୯.୨୫ ଲକ୍ଷ, (ବ୍ରହ୍ମପୁର ଶାଖା)** | ୪୬,୩୦୦/- |

ଋଣ ଗ୍ରହିତା/ ଜାମିନ ଦାତା/ ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧ୍ୟମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତିପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ । ସେ ମଧ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ । ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବ ଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ । ନିଗମ ଋଣ ଗ୍ରହିତା / ଜାମିନ ଦାତା / ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ ।

ବି.ଦ୍ର- ବିକ୍ରୟ ବିଜ୍ଞାପନ ଏବଂ ୱେବ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜନୀୟ ।

ଜ.ଗୃ.କ.- ଜମି, ଗୃହ ଓ କଳକବ୍‌ଜା
ସଂ.ମୂ- ସଂରକ୍ଷିତ ମୂଲ୍ୟ

**ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ**
**ବିଭାଗୀୟ ମୁଖ୍ୟ (ଋଣ ଆଦାୟ ବିଭାଗ)**
**ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ, କଟକ-୩**

# ମହିଳା ଟି୨୦ ବିଶ୍ୱକପ୍



ନିର୍ମଳ କୁମାର ମିଶ୍ର

ICC WOMEN'S WORLD T20 WEST INDIES 2018

**ମହିଳା ଟି୨୦ ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ଏଥର ୱେଷ୍ଟଇଣ୍ଡିଜରେ ଖେଳାଯିବ। ଶୁକ୍ରବାରଠାରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଗତଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟଥର ପାଇଁ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ବିଶ୍ୱକପ୍‌ରେ ୩ଥର ଚାମ୍ପିୟନ ହୋଇ ଅଷ୍ଟ୍ରେଲିଆ ସଫଳତମ ଦଳ ସାବ୍ୟସ୍ତ ହୋଇଛି। ଏଥିରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ତେବେ ଏଥର ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପୂର୍ବ ବିଫଳତାକୁ ପଛରେ ପକାଇ ବାଜି ମାରିବା ଲକ୍ଷ୍ୟରେ ରହିଛି..**





ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ କ୍ରିକେଟ କାଉନ୍‌ସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍। ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ୱେଷ୍ଟଇଣ୍ଡିଜଠାରେ ଖେଳାଯିବ। ଚଳିତ ମାସ ୯ ତାରିଖରେ ଆରମ୍ଭ ହୋଇ ଏହା ୨୪ ତାରିଖରେ ଶେଷ ହେବ। ୧୫ ଦିନ ଧରି ଚାଲିବାକୁଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ୨୪ ତାରିଖରେ ଖେଳାଯିବ। ପ୍ରତି ୨ବର୍ଷରେ ଥରେ ଖେଳାଯାଉଥିବା ଏହି ମହିଳା ଟି୨୦ ବିଶ୍ୱକପ୍ ୨୦୦୯ରେ ପ୍ରଥମ ଥର ପାଇଁ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଥର ପାଇଁ ୱେଷ୍ଟଇଣ୍ଡିଜ ବିଶ୍ୱକପ୍ ଏଥର ଆୟୋଜନ କରିବାକୁ ଯାଉଛି। ଆଇସିସି ଦ୍ୱାରା ମଧ୍ୟ ଏହି ମେଗା ଆୟୋଜନ ହେବାକୁ ଅନୁମୋଦିତ ହୋଇଛି। ଆଇସିସି ଏବଂ ଡବ୍ଲ୍ୟୁଆଇସିବିର ମିଳିତ ଆୟୋଜନରେ ଏହା ଖେଳାଯିବ। ମିଳିତ ବାର୍ଷିକ କନ୍‌ଫରେନ୍ସରେ ୨୦୧୩ରେ ଏହି ମେଗା ଇଭେଣ୍ଟ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୫ ମସିହାରେ ଆଇସିସି ଏହି ମହିଳା ବିଶ୍ୱକପ୍ ପାଇଁ ତାରିଖ ଘୋଷଣା କରିଥିଲା। ଏହା ପରେ ୨୦୧୭ ମସିହା ଫେବୃୟାରୀ ମାସରେ ଆଇସିସିର ବାର୍ଷିକ କାର୍ଯ୍ୟକାରିଣୀ ବୈଠକରେ ପୁରୁଷ ବିଶ୍ୱକପ୍ ପରି ଏଥିରେ ମଧ୍ୟ ଅମ୍ପାୟର ଡିସିସନ୍ ରିଭ୍ୟୁ ସିଷ୍ଟମକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହିଳା କ୍ରିକେଟକୁ ଅଧିକ ଲୋକାଭିମୁଖୀ ଓ ଏହାକୁ ସୁଦୂରପ୍ରସାରୀ କରିବା ଆଇସିସିର ଏହି ଅଭିନବ ପ୍ରୟାସକୁ ସ୍ୱାଗତ କରାଯାଇଛି। ସମସ୍ତ ଅନୁବନ୍ଧିତ ଦେଶ ମଧ୍ୟ ଆଇସିସିର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ମହିଳା କ୍ରିକେଟ ପ୍ରେମୀମାନଙ୍କ ଦ୍ୱାରା ଏହା ଆଦୃତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି କୁହାଯାଇଛି। ବିଶ୍ୱକପ୍‌ର ଏହି ସଂସ୍କରଣରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟରେ ମୋଟ ୨୩ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଗ୍ରୁପ ପର୍ଯ୍ୟାୟ ଏବଂ ନକ ଆଉଟ୍ ଏମିତି ଦୁଇଟି ପର୍ଯ୍ୟାୟ ଭିତ୍ତିରେ ଏହି ଟୁର୍ନାମେଣ୍ଟ ଖେଳାଯିବ।

ଏହି ମେଗା ଇଭେଣ୍ଟରେ ମୋଟ ୧୦ଟି ଦେଶ ଅଂଶଗ୍ରହଣ କରିବେ। ଆଇସିସି ଟି-୨୦ ମହିଳା ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ସ୍ଥାନରେ ଥିବା ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ବାଂଲାଦେଶ ଏବଂ ଆୟର୍ଲାଣ୍ଡ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେହିପରି ଚଳିତ ବର୍ଷ ଜୁଲାଇ ମାସରେ ନେଦରଲାଣ୍ଡରେ ଅନୁଷ୍ଠିତ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ବାଂଲାଦେଶ ଏବଂ ଆୟର୍ଲାଣ୍ଡ ଏହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଗ୍ରୁପ୍ ଏ' ରେ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଏବଂ ବାଂଲାଦେଶ ସ୍ଥାନ ପାଇଥିବା ବେଳେ ଗ୍ରୁପ ବି'ରେ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଏବଂ ଆୟର୍ଲାଣ୍ଡ ସ୍ଥାନ ପାଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୬ରେ ଭାରତରେ ଏହି ବିଶ୍ୱକପ୍‌ର ଗତ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ବିଶ୍ୱକପ୍‌ର ଏହି ପଞ୍ଚମ ସଂସ୍କରଣରେ ୱେଷ୍ଟଇଣ୍ଡିଜ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୮ ଉଇକେଟ୍‌ରେ ହରାଇ ପ୍ରଥମ ଥର ପାଇଁ ଟାଇଟଲ ହାସଲ କରିଥିଲା। ପୂର୍ବରୁ ୨୦୦୯ ମସିହାରୁ ଆରମ୍ଭ ହୋଇଥିବା ଏହି ଟି-୨୦ ବିଶ୍ୱକପରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ସର୍ବାଧିକ ୩ଥର ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ୨୦୦୯ ମସିହାରେ ଇଂଲଣ୍ଡ ଚାମ୍ପିୟନ ହୋଇଥିବା ବେଳେ ୨୦୧୦, ୨୦୧୨, ୨୦୧୪ ମସିହାରେ ଅଷ୍ଟ୍ରେଲିଆ ଟାଇଟଲ ଜିତିଛି। ସେହିପରି ୨୦୧୬ରେ ୱେଷ୍ଟଇଣ୍ଡିଜ ବାଜି ମାରିଥିଲା। ତେବେ ଏହି ୫ଟି ଯାକ ସଂସ୍କରଣରେ ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ରହିନାହିଁ। ବିଶ୍ୱକପ୍‌ର ମ୍ୟାଚଗୁଡିକ ୱେଷ୍ଟଇଣ୍ଡିଜର ୩ଟି ମୁଖ୍ୟ ଷ୍ଟାଡିୟମରେ ଖେଳାଯିବ। ଗୁୟାନା ନ୍ୟାଶନାଲ ଷ୍ଟାଡିୟମରେ ମୋଟ ୧୧ଟି ମ୍ୟାଚ୍ ଖେଳାଯିବ। ସେହିପରି ଡାରେନ୍ ସାମି ଷ୍ଟାଡିୟମରେ ୯ଟି ମ୍ୟାଚ ଏବଂ ସାର ଭିଭିଆନ ରିଚାର୍ଡ ଷ୍ଟାଡିୟମ୍‌ରେ ୩ଟି ମ୍ୟାଚ୍ ଆୟୋଜନ ହେବ। ଏଥିପାଇଁ ଆଇସିସି ପକ୍ଷରୁ ୧୨ଜଣିଆ ଅମ୍ପାୟର ତାଲିକା ଘୋଷଣା କରାଯାଇଛି। ୨ଜଣ ମ୍ୟାଚ୍ ରେଫରିଙ୍କୁ ନିୟୋଜିତ କରାଯାଇଛି। ଭାରତ ପକ୍ଷରୁ ଏକମାତ୍ର ଅମ୍ପାୟର ରୂପେ ନୀତୀନ ମେନନ୍ ମ୍ୟାଚ୍ ପରିଚାଳନା କରିବେ ବୋଲି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି।

୨୦୧୬ରେ ଭାରତରେ ଅନୁଷ୍ଠିତ ହୋଇଥିବା ଏହାର ୫ମ ସଂସ୍କରଣ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ସହିତ ଏକା ସଙ୍ଗେ ବିଭିନ୍ନ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୱେଷ୍ଟଇଣ୍ଡିଜ ଅଷ୍ଟ୍ରେଲିଆକୁ ଫାଇନାଲରେ ହରାଇ ତାର ପ୍ରଥମ ଟାଇଟଲ ହାସଲ କରିଥିଲା। ୱେଷ୍ଟଇଣ୍ଡିଜର ଷ୍ଟାଫେନ୍ ଟେଲର୍ ୬ଟି ମ୍ୟାଚ୍‌ରୁ ୨୪୬ ରନ୍ (୨ଟି ଅର୍ଦ୍ଧଶତକ) କରିବା ସହିତ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ହେବା ସହିତ ଲେଗ୍ କାସପେରେକ୍ ୫ଟି ମ୍ୟାଚ ଖେଳି ୯ଟି ଉଇକେଟ୍ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନ ଥିଲା। ଭାରତ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେବା ସହିତ ୪ଟି ମ୍ୟାଚ ଖେଳି ମାତ୍ର ୨ ପଏଣ୍ଟ ସହିତ ଗ୍ରୁପ 'ବି'ର ୪ର୍ଥ ସ୍ଥାନରେ ରହିଥିଲା। ଭାରତ ଏକମାତ୍ର ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ୭୨ ରନ୍‌ରେ ଜିତିଥିବା ବେଳେ ଡକ୍‌ୱର୍ଥ ଲୁଇସ୍ ନିୟମରେ ପାକିସ୍ତାନଠାରୁ ୨ରନ୍‌ରେ ହାରିଥିଲା। ଇଂଲଣ୍ଡଠାରୁ ୨ ଉଇକେଟ୍‌ରେ ପରାସ୍ତ ହେବା ସହିତ ଚମ୍ପିୟନ ୱେଷ୍ଟଇଣ୍ଡିଜଠାରୁ ମାତ୍ର ୩ ରନ୍‌ରେ ପରାସ୍ତ ହୋଇଥିଲା। ଭାରତୀୟ ମହିଳା ଦଳ ୩ଟି ନିଶ୍ଚିତ ଜିତିବା ମ୍ୟାଚ୍‌କୁ ଅଳ୍ପ ବ୍ୟବଧାନରେ ହାରିବା ଯୋଗୁ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ମାତ୍ର ଦଳ ପକ୍ଷରୁ ହରମନ୍‌ପ୍ରୀତ୍ କୌର, ଏକତା ବିଷ୍ଟ, ମିଥାଲି ରାଜ, ବେଦା କ୍ରିଷ୍ଣମୂର୍ତ୍ତିଙ୍କ ପ୍ରଦର୍ଶନ ବେଶ୍ ସନ୍ତୋଷଜନକ ରହିଥିଲା।

ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପାଇଁ ବିସିସିଆଇ ପକ୍ଷରୁ ଭାରତୀୟ ଦଳ ଘୋଷଣା କରାଯାଇଛି। ବିସିସିଆଇର କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧୁରୀ ଏବଂ ଚୟନକର୍ତ୍ତାମାନଙ୍କ ଦ୍ୱାରା ହରମନ୍‌ପ୍ରୀତ୍ କୌରଙ୍କ ଅଧିନାୟକତ୍ୱରେ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ବ୍ୟାଟିଂ, ଉଭୟ ପେସ୍ ଏବଂ ସ୍ପିନ ବୋଲିଂକୁ ଦୃଷ୍ଟିରେ ରଖି ଏକ ସନ୍ତୁଳିତ ଦଳ ଗଠନ କରାଯାଇଛି। ଚଳିତ ୬ଷ୍ଠ ସଂସ୍କରଣରେ ଭାରତ ଭଲ ପ୍ରଦର୍ଶନ କରି ଟାଇଟଲ ହାସଲ କରିବାକୁ ପ୍ରୟାସ କରିବ ବୋଲି ଆଶା କରାଯାଇଛି। ଭାରତ ତା'ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଭେଟିବ। ଗ୍ରୁପ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିଲେ ଭାରତ ସେମିଫାଇନାଲକୁ ଉଠିବ।

### ଭାରତର କାର୍ଯ୍ୟସୂଚୀ

| ମ୍ୟାଚ୍ ନଂ | ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|---|
| ୧ | ୯.୧୧.୨୦୧୮ | ଭାରତ- ନ୍ୟୁଜିଲାଣ୍ଡ | ଗୁୟାନା |
| ୨ | ୧୧.୧୧.୨୦୧୮ | ଭାରତ-ପାକିସ୍ତାନ | ଗୁୟାନା |
| ୩ | ୧୫.୧୧.୨୦୧୮ | ଭାରତ-ଆୟର୍ଲାଣ୍ଡ | ଗୁୟାନା |
| ୪ | ୧୭.୧୧.୨୦୧୮ | ଭାରତ-ଅଷ୍ଟ୍ରେଲିଆ | ଗୁୟାନା |

ଗ୍ରୁପ୍ ଏ: ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍ ଓ ବାଂଲାଦେଶ।
ଗ୍ରୁପ୍ ବି: ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଆୟର୍ଲାଣ୍ଡ।

### ଭାରତୀୟ ଦଳ

ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ପୂଜା ବସ୍ତ୍ରାକର, ସ୍ମୃତି ମନ୍ଧାନା,(ଉପ-ଅଧିନାୟିକା),ତାନ୍ୟା ଭାଟିଆ (ଉଇକେଟ କିପର), ଅନୁଜା ପାଟିଲ, ମିଥାଲି ରାଜ, ପୁନମ ଯାଦବ, ଅରୁନ୍ଧତୀ ରେଡୀ, ଜେମିମା ରୋଡ୍ରିଗୁଏଜ, ରାଧା ଯାଦବ, ବେଦା କ୍ରିଷ୍ଣାମୂର୍ତ୍ତି, ଏକତା ବିଷ୍ଟ, ଡି. ହେମଲତା, ମାନସୀ ଯୋଶୀ।

# ମାରାଥନ- ଏକ ବୈପ୍ଳବିକ ଜୀବନଶୈଳୀ



ସୌଭାଗ୍ୟ କୁମାର ରଥ

Running Marathon

**ଶୀତ ଋତୁ ଆସିଲାଣି । ସକାଳୁ ମଧ୍ୟ କାକର ପଡିଲାଣି । ହାଲୁକା କୁହୁଡିର ଚାଦର ଦେହକୁ ଏକ ଶୀତଳ ଅନୁଭୂତି ପ୍ରଦାନ କରିଛି । ଗଳି ରାସ୍ତାରେ, ଛାତ ଉପରେ ବ୍ୟାଡମିଣ୍ଟନ, କ୍ୟାରମ୍ ଖେଳର ଆସର ଜମିବ । ଶୀତୁଆ ସକାଳ ଲାଗି ଏବେ ମାରାଥନର ମଧ୍ୟ ଅନେକ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି । ଏହା ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଭାରତର ବିଭିନ୍ନ ସହରରେ ଅନୁଷ୍ଠିତ ହେବ...**

ଖ୍ରୀଷ୍ଟପୂର୍ବ ୪୯୦ରେ ପର୍ସିଆ (ଆଧୁନିକ ଇରାନ) ଗ୍ରୀସ୍ ଆକ୍ରମଣ କରିଥିଲା। ଗ୍ରୀସ୍ ସେନା ପର୍ସିଆ ସେନାକୁ ମାରାଥନ ସହର ନିକଟରେ ଅଟକାଇଥିଲା। ଏହି ଯୁଦ୍ଧରେ ପର୍ସିଆ ପରାସ୍ତ ହୋଇଥିଲା। ବିଜୟର ବାର୍ତ୍ତା ନେଇ ଯୁଦ୍ଧ କ୍ଷେତ୍ରରୁ ଦୌଡି ଦୌଡି ଫିଡିପିଡେସ୍ ନାମକ ସୈନିକ ଆସିଥିଲେ ଗ୍ରୀସ୍‌ର ରାଜଧାନୀ ଏଥେନ୍ସକୁ। ମାରାଥନ ସହରରୁ ଏଥେନ୍ସର ଦୂରତା ପ୍ରାୟ ୨୬ ମାଇଲ ବା ୪୨.୧୯୫ କି.ମି. ଥିଲା। ତେବେ ଉତ୍କଣ୍ଠିତ ଗ୍ରାମବାସୀଙ୍କୁ ଏହି ଖୁସି ଖବର ଜଣାଇବାର ଅଳ୍ପ ସମୟ ପରେ ଫିଡିପିଡେସଙ୍କର ମୃତ୍ୟୁ ଘଟିଥିଲା। ଏହି ବୀର ସୈନିକଙ୍କ ସ୍ମୃତି ରକ୍ଷାକରି ଗ୍ରୀସ୍‌ରେ ତା' ପରବର୍ଷଠାରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଅଲିମ୍ପିକ୍ସରେ ମାରାଥନ ପ୍ରତିଯୋଗିତାକୁ ସାମିଲ କରାଯାଇଥିଲା। ପ୍ରଥମ ମାରାଥନ ପ୍ରତିଯୋଗିତାରେ ୨୫ଜଣ ଭାଗ ନେଇଥିବା ବେଳେ ଏଥିରେ ସ୍ପିରିଡିନ୍ ନାମକ ଜଣେ ଡାକକର୍ମଚାରୀ ବିଜୟୀ ହୋଇଥିଲେ। ସେହିବର୍ଷଠାରୁ ଗ୍ରୀସ୍‌ରେ ଏହି କ୍ରୀଡ଼ା ଆୟୋଜନ ହୋଇଆସୁଛି। ଆଧୁନିକ ଯୁଗରେ ମଧ୍ୟ ମାରାଥନ ଦୌଡକୁ ଅଲିମ୍ପିକ୍ସରେ ସାମିଲ କରାଯାଇଛି।

ମାରାଥନକୁ ଲୋକାଭିମୁଖୀ କରିବା ପାଇଁ ଆଜିକାଲି ପୃଥିବୀର ବିଭିନ୍ନ ସହରରେ ଅଲଗା ଅଲଗା ଉପାୟରେ ଏହା ଅନୁଷ୍ଠିତ ହେଉଛି। ଆମ ଦେଶରେ ମଧ୍ୟ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ପୁଣେ, ବେଙ୍ଗାଲୁରୁ, ହାଇଦ୍ରାବାଦରେ ମାରାଥନ ଅତି ଉତ୍ସାହରେ ଅନୁଷ୍ଠିତ ହେଉଛି। ଏପରିକି ସମୁଦ୍ରପତ୍ତନର ୧୧,୫୦୦ ଫୁଟ୍ ଉଚ୍ଚ ଲଦାଖରେ ପୃଥିବୀର ସର୍ବୋଚ୍ଚ ମାରାଥନ, ମହାରାଷ୍ଟ୍ରର ସତାରାଠାରେ ରାତ୍ରିକାଳୀନ ମାରାଥନ, କାବେରୀ ନଦୀ କୂଳେ କୂଳେ ନଦୀ-ମାରାଥନ, ନୀଳଗିରି ଏବଂ ମହାବଳେଶ୍ୱର ଦୁର୍ଗମ ରାସ୍ତାରେ ହିଲ୍-ମାରାଥନ, ରାଜସ୍ଥାନର ଜୟପୁରଠାରେ ଗ୍ରୀଷ୍ମକାଳୀନ ମାରାଥନ ଆୟୋଜନ କରି ମାରାଥନକୁ ନୂଆ ରୂପ ଦେବାରେ କରାଯାଉଥିବା ପ୍ରୟାସ ବେଶ୍ ସଫଳ ହୋଇଛି। ଏହି ମାରାଥନଗୁଡିକ ଅଧିକ ରୋମାଞ୍ଚକ ଓ ଆହ୍ୱାନପୂର୍ଣ୍ଣ ହୋଇପାରୁଛି।

ଏଥିରେ ଦେଶ ବିଦେଶରୁ ହଜାର ହଜାର ଧାବକ ଅଂଶଗ୍ରହଣ କରୁଛନ୍ତି। ମାରାଥନର ବିବିଧତା ଗୋଟିଏ ସହରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହେଉଛି। ପଶ୍ଚିମ ଓ ଦକ୍ଷିଣ ଭାରତର ବିଭିନ୍ନ ସହରରେ ପ୍ରାୟ ପ୍ରତ୍ୟେକ ସପ୍ତାହରେ ମାରାଥନ ଅନୁଷ୍ଠିତ ହେଉଥିବା ବେଳେ ଆମ ସ୍ମାର୍ଟ ସହର ଭୁବନେଶ୍ୱରରେ କେବଳ ହାଫ୍ ମାରାଥନ (୨୧ କି.ମି.) ଏବଂ ଅଳ୍ପ ଦୂରତାବିଶିଷ୍ଟ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

ଅଧିକାଂଶ ମାରାଥନ ବଡ଼ ଓ ଛୋଟ ଅନୁଷ୍ଠାନ ତଥା କମ୍ପାନୀମାନେ ଆୟୋଜନ କରିଥାନ୍ତି। ଏଥିରେ ଆବାଳ ବୃଦ୍ଧ ବନିତା ଅଂଶଗ୍ରହଣ କରିଥାନ୍ତି। ତେବେ ୪୨ କି.ମି. ଦୌଡିବା ଏତେ ସହଜ ନୁହଁ। ସେଥିପାଇଁ ଦୀର୍ଘଦିନର ଅଭ୍ୟାସ ଦରକାର। ଆମ ମଧ୍ୟରୁ ଅଧିକାଂଶ ଲୋକ ଗୋଟିଏ କିଲୋମିଟର ବି ଦୌଡ଼ିପାରିବେ ନାହିଁ। ତେଣୁ ମାରାଥନ ପାଇଁ ଦୌଡକୁ ଏକ ଅଭ୍ୟାସରେ ପରିଣତ କରିବାକୁ ହେବ। ଧୀରେ ଧୀରେ ୫ ମିନିଟ୍, ୧୦ ମିନିଟ, ୩୦ ମିନିଟ, ୧ ଘଣ୍ଟା ଓ ତଦୂର୍ଦ୍ଧ୍ୱ ସମୟ ଦୌଡିବା ଅଭ୍ୟାସ ଦ୍ୱାରା ହିଁ ସମ୍ଭବ। ଶୀତର ସକାଳ ଏଥିପାଇଁ ପ୍ରକୃଷ୍ଟ। ସେହି ବେଗରେ ମାରାଥନ ଦୌଡିବା ଉଚିତ, ଯେଉଁଥିରେ ଜଣେ ଲୋକ ଧଇଁସଇଁ ହେବନି ଓ କଥା ମଧ୍ୟ କହିପାରୁଥିବେ।

ସପ୍ତାହେ ଅଭ୍ୟାସ କଲେ ନିଜର ପ୍ରକୃତ ବେଗ ଜଣେ ନିଜେ ଜାଣିପାରିବ। ଏଥିପାଇଁ ହାଲୁକା ସୂତାବସ୍ତ୍ର ଏବଂ ରବର ଜୋତା ପିନ୍ଧି ପଡିଆ କିମ୍ବା ରାସ୍ତାରେ ବାହାରିଯିବା ଉଚିତ୍। ଏକୁଟିଆ କିମ୍ବା ଛୋଟ ଦଳରେ ଦୌଡିଲେ ଧ୍ୟାନ କେବଳ ଦୌଡ ଉପରେ ସ୍ଥିର ରହିବ। ଏଥିପାଇଁ ବୟସ, ଓଜନ କିମ୍ବା ଲିଙ୍ଗଗତ କୌଣସି ବାଧା ରହିବା ଉଚିତ୍ ନୁହଁ। କାରଣ ସମସ୍ତଙ୍କ ଶରୀର ବୟସଗତ ତଥା ଜୀବନଶୈଳୀଗତ ରୋଗ ଏକ ସାଧାରଣ ସମସ୍ୟା ରୂପେ ଦେଖା ଗଲାଣି। ହାତ ପାହାନ୍ତାରେ ପାଣି, ଖାଦ୍ୟ, ଗାଡ଼ି ଓ ଆରାମ ମିଳୁପାରୁଥିବାରୁ ଆଉ କାହାକୁ ଝାଳ ବୁହାଇବାକୁ ପଡିବ ନାହିଁ। ତେବେ ଶରୀର ପ୍ରତି ଦୈନିକ ସାମାନ୍ୟ ଧ୍ୟାନ ଦେଲେ ଜୀବନ ନୀରୋଗ ଓ ସୁଖୀ ହୋଇପାରିବ। ଅନେକ ଲୋକଙ୍କୁ ୪୦ ବର୍ଷ ପରେ ଡାକ୍ତରୀ ପରାମର୍ଶ ଅନୁଯାୟୀ ଉଚ୍ଚ ରକ୍ତଚାପ, ମଧୁମେହ, କୋଲେଷ୍ଟରଲ, ଥାଇରଏଡ ପ୍ରଭୃତି ରୋଗର ନିଦାନ ସ୍ୱରୂପ ଅଳ୍ପ ଚାଲିବାକୁ ବାଧ କରାଯାଉଛି। ଆମେ ଯଦି ବେଳହୁଁ ସାବଧାନ ହେବା, ତେବେ ଏସବୁ ରୋଗ ପାଖ ମାଡିବ ନାହିଁ। ଏହାର ଏକ ସରଳ ଉପାୟ ହେଲା- ଦୌଡିବା, ଧୀରେ ଧୀରେ ଦୌଡିବା, ସବୁଦିନ ଦୌଡିବା। କାରଣ ଏହା ନିଃ ଶୁଳ୍କ ଓ ଅତ୍ୟନ୍ତ ଲାଭଦାୟକ, ଏଥିରେ ଆଣ୍ଠୁ ବା ଦେହ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ।

ତେବେ ଏଠି ପ୍ରଶ୍ନ ଉଠେ ଯେ, ଆମେ ଦୌଡବା ଯାଏଁ ଠିକ୍ ଅଛି। ମାରାଥନ ପ୍ରତିଯୋଗିତାରେ ଭାଗନେବା କାହିଁକି? ଏହାର ସରଳ ଉତ୍ତର ହେଲା ମାରାଥନ ପାଇଁ ପ୍ରସ୍ତୁତି ୩ ମାସ ଆଗରୁ ଆରମ୍ଭ ହୁଏ। ନିଜକୁ ନିଜେ ଆହ୍ୱାନ ଦେଇ ଧୀରେ ଧୀରେ ଆମେ ୫ କି.ମି. ବା ୧୦ କି.ମି. ଦୂରତାର ଲକ୍ଷ୍ୟ ହାସଲ କରିପାରିବା। ଏହି ପ୍ରତିଯୋଗିତାରେ ଆଜିକାଲି ଅନେକ ଲୋକ ଅଂଶଗ୍ରହଣ କଲେଣି। ପ୍ରତ୍ୟେକ ବ୍ୟକ୍ତି ଯିଏ, ଧାର୍ଯ୍ୟ ସମୟ ମଧ୍ୟରେ ମାରାଥନ ଦୂରତା ଅତିକ୍ରମ କରନ୍ତି, ସେମାନେ ଜଣେ ଜଣେ ବିଜେତା। କାରଣ ମାରାଥନର କଷ୍ଟସାଧ୍ୟ ଦୌଡ ପରେ ଏକ ଅନନ୍ୟ ଆତ୍ମସନ୍ତୋଷ ମିଳିଥାଏ। ତେବେ ଏ ଶୀତ ଋତୁରେ ଆମେ ଏକ ମାରାଥନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜେ ନୀରୋଗ ରହିବାକୁ ପ୍ରୟାସ କରିବା।



## ହାଇ ଥିଙ୍କିଙ୍ଗ୍



ଟିମ୍ ଇଣ୍ଡିଆର ରାଜା ଯିଏ ଥିଲା
ଦେଖୁଥା ଫକୀର ସାଜି
ଆହୁଜା ମାଇକ୍ ପରି ବାଜୁଥିଲା
ଫମ୍ପା ଶବ୍ଦ ତା'ର ଆଜି
ବାରଟି ମ୍ୟାଚ୍‌ରେ ପାଜି
ଦୁଇଶ ବାଉନ ଆଭରେଜ୍‌ରେ ସେମ୍
ରନ୍ କରିଛି ଗର୍ଜି ।।।୧

ହକି ଉଦ୍‌ଘାଟନୀ ସମାରୋହ ପାଇଁ
ଆଠଶହ କଳାକାର
ଏ.ଆର. ରହମାନ ନେତା ମନ୍ତ୍ରୀ ଯନ୍ତ୍ରୀ
ହିରୋଇନ୍ ପୁଣି ହିରୋ
ହକି ୱାର୍ଲ୍ଡ କପ୍ ଜ୍ୱର
ଶହେଚାରି ଡିଗ୍ରୀ ଭାଇରାଲ ବାସେ
ରାଜ୍ୟ ରାଜଧାନୀ ମୋର ।।।୨

କ୍ରିକେଟ ପରିକା ନ୍ୟାଶନାଲ କ୍ରୀଡ଼ା
ହକି ପପୁଲାର ହେବ
ରାଇଜର କ୍ରୀଡ଼ା, କଳା ଓ ସାହିତ୍ୟ
ମଉକାରେ ଚହଟିବ
ହାଇ ଥିଙ୍କିଙ୍ଗରେ ନାବ
ଇଣ୍ଡିଭିଜୁଆଲ ସହ ଦେଶ ଜାତି
ଶୀର୍ଷରେ ପହଞ୍ଚେ ଭାବ ।।।୩

-ସୁବାସ ଚନ୍ଦ୍ର ପ୍ରଧାନ



ଆସନ୍ତାବର୍ଷ ଟେସ୍‌ଲା କମ୍ପାନୀ ଭାରତରେ ଆଂଶିକ ଭାବେ ପ୍ରବେଶ କରିବା ଉତ୍ତର ଆମେରିକା, ଚାଇନା ଏବଂ ୟୁରୋପ ବଜାର ପରେ ଅନ୍ୟ ଦେଶରେ କମ୍ପାନୀର ବିସ୍ତାର ପାଇଁ ନିର୍ଦ୍ଦେଶ ଦିଆଯାଇଛି।
– ଏଲନ ମସ୍କ, ସିଇଓ, ଟେସ୍‌ଲା ମୋଟର୍ସ



ଚାଇନା ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହୋଇଛି। କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ସେମାନଙ୍କ ପାଇଁ ଟିକସ କୋହଳ କରିବେ। ଏହାଛଡା ସେମାନଙ୍କୁ ଅଧିକ ପାଣ୍ଠି ଯୋଗାଇ ଦିଆଯିବ।
–ସି. ଜିନପିଙ୍ଗ, ରାଷ୍ଟ୍ରପତି, ଚାଇନା

## ସଂକ୍ଷେପରେ

### ଆର୍‌ବିଆଇ- କେନ୍ଦ୍ର ବିବାଦ
### ଅର୍ଥ ମନ୍ତ୍ରୀଙ୍କୁ ଗଭର୍ନର ଅଣଦେଖା କରିପାରିବେନି: ମନମୋହନ ସିଂ

ନୂଆଦିଲ୍ଲୀ,୮-୧୧: ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ରିଜର୍ଭ ବ୍ୟାଙ୍କର ବିବାଦ ଉପରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡ.ମନମୋହନ ସିଂ ସରକାରଙ୍କ ସପକ୍ଷରେ ମତପ୍ରକାଶ କରିଛନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରୀ ସର୍ବଦା ବଡ଼, ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ତାଙ୍କୁ ଅଣଦେଖା କରିପାରିବେନି ବୋଲି ସେ ମତ ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କକୁ ତାଙ୍କ କଥା ଶୁଣିବାକୁ ହେବ ବୋଲି ସେ କହିଛନ୍ତି। ନିଜ କନ୍ୟା ଦାମନ ସିଂଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଷ୍ଟ୍ରିକ୍‌ଲି ପର୍ସନାଲ:ମନମୋହନ ଆଣ୍ଡ୍ ଗୁରଶରଣ'ର ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ସେ କହିଛନ୍ତି ଯେ, ସର୍ବଦା ଦେବା ନେବାର ନୀତି ଆପଣାଇବାକୁ ପଡିବ। ଯେକୌଣସି ନିଷ୍ପତ୍ତି ନେବା ପୂର୍ବରୁ ସରକାରଙ୍କୁ ଆଗୁଆ କହିବାକୁ ହେବ ଏବଂ ତାଙ୍କର ବିଶ୍ୱାସ ଅର୍ଜନ କରିବାକୁ ହେବ। ରିଜର୍ଭ ବ୍ୟାଙ୍କର ଗଭର୍ନର କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କଠାରୁ ବଡ଼ ନୁହନ୍ତି। ଅର୍ଥମନ୍ତ୍ରୀ ଚାହୁଁଥିଲେ ଏହାକୁ ଗଭର୍ନର ମନା କରିପାରିବେନି। ସରକାରଙ୍କ ଇଚ୍ଛାକୁ ନ ମାନିଲେ ତାଙ୍କୁ ନିଜ ପଦରୁ ଇସ୍ତଫା ଦେବାକୁ ପଡିବ। ସେ ଗଭର୍ନର ଥିବା ବେଳେ କେନ୍ଦ୍ର ସରକାରଙ୍କ ସହ ତାଙ୍କର କଥୋପକଥନକୁ ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ସହ ମତଭେଦ କାରଣରୁ ଡ.ସିଂ ଥରେ ଇସ୍ତଫା ଦେବାକୁ ଚିନ୍ତା କରିଥିଲେ ବୋଲି ବହିରେ ଉଲ୍ଲେଖ କରାଯାଇଛି।

### ଦେଶ ହିତରେ ମତଭେଦ ଦୂର ହେଉ:ପାନଗାରିୟା

ନୂଆଦିଲ୍ଲୀ,୮-୧୧: ରାଷ୍ଟ୍ର ହିତରେ ଉଭୟ କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ନରମ ମନୋଭାବ ପୋଷଣ କରନ୍ତୁ ଏବଂ ମତଭେଦକୁ ଦୂର କରନ୍ତୁ ବୋଲି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ସେ କହିଛନ୍ତି ଯେ, ଆଇନଗତ ଭାବେ ଆମେରିକାର ଫେଡେରାଲ ବ୍ୟାଙ୍କ ତୁଳନାରେ ଭାରତୀୟ ରିଜର୍ଭ ବ୍ୟାଙ୍କ କମ୍ ସ୍ୱାଧୀନ। ତେବେ ପ୍ରଭାବ ଦୃଷ୍ଟିରୁ ଦେଖିଲେ ଦୁହେଁ ସମାନ ସ୍ତରରେ ରହିଛନ୍ତି। ତେବେ ଦେଶ ହିତରେ ମତଭେଦକୁ ତୁରନ୍ତ ଦୂର କରି ଏକାଠି କାମ କରିବାକୁ ହେବ ବୋଲି ସେ କହିଛନ୍ତି।

### ସିପେଟ ସିଏସ୍‌ଟିଏସ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ଭୁବନେଶ୍ୱର, ୮-୧୧: ସିପେଟ୍ ସିଏସ୍‌ଟିଏସ୍ ପକ୍ଷରୁ ରାଷ୍ଟ୍ରିୟ ଏକତା ଦିବସ ପାଳିତ ହୋଇ ଯାଇଛି। ସ୍ଥାନୀୟ ମଞ୍ଚନାଥଦେବ ହାଇସ୍କୁଲର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିପେଟ୍ ସିଏସ୍‌ଟିଏସ୍‌ର କେନ୍ଦ୍ର ପରିଚାଳିକା ସୁଶ୍ରୀ ନିହାରିକା ପରିଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଲ୍ କୁମାର ପରିଡା, ସିପେଟ୍ ସିଏସ୍‌ଟିଏସ୍‌ର ଗ୍ଲାଲିୟର କେନ୍ଦ୍ର ପ୍ରଭାରୀ ସଞ୍ଜୟ କୁମାର ଚୌଧୁରୀ, କର୍ପୋରେଟର ନିର୍ମଳ ଚନ୍ଦ୍ର ରାଉତ ଏବଂ ଜୟନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୮-୧୧: ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ଚଳିତ ବର୍ଷ ଦେଶ ଗଠନ ଲାଗି ଦୁର୍ନୀତିର ମୂଳୋତ୍ପାଟନ ଥିମ୍‌ରେ ଏହି ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପ୍ରଧାନଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ।

### ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ଭୁବନେଶ୍ୱର,୮-୧୧: ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସ୍ଥିତିରେ ବ୍ୟାଙ୍କ କର୍ମଚାରୀଙ୍କ ଡିଏ, ପେନଶନ ପୁନଃ ନିର୍ଦ୍ଧାରଣ, ପରିବାର ପେନଶନ, ସର୍ବୋଚ୍ଚ ନ୍ୟାୟାଳୟରେ ଥିବା ମାମଲା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏଥିରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ସ୍ୱରୂପ ଚନ୍ଦ୍ର ଦାସ, ବି.କେ ଦାଶ, ମହେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ନାଥ ରାଉତ, ଇ.ଈଶ୍ୱରୀ ପ୍ରଶାଦ, ଗୋକୁଳ ଦାସ ପ୍ରମୁଖ ଅଂଶ ଉପସ୍ଥିତ ଥିଲେ।

## ■ ବିମୁଦ୍ରୀକରଣକୁ ପୂରିଲା ୨ ବର୍ଷ

# ସରକାର-ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ,୮-୧୧





ଗୁରୁବାର ବିମୁଦ୍ରୀକରଣକୁ ୨ ବର୍ଷ ପୂରିଲା। ଦେଶବାସୀ ଏଥିଯୋଗୁ କ'ଣ ପାଇଲେ ଅବା ହରେଇଲେ ତାହା ସମୟ କହିବ। ତେବେ ବିମୁଦ୍ରୀକରଣର ଦ୍ୱିତୀୟ ବର୍ଷ ପାଳନ ଅବସରରେ କେନ୍ଦ୍ର ସରକାର ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଦୁଇ ବର୍ଷ ପୂର୍ବେ ଆଜିର ଦିନରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରିଥିଲେ। ଏହାଦ୍ୱାରା ଦେଶର ଅର୍ଥନୀତିରୁ କଳାଧନ ଦୂରେଇ ଯିବ, ଆତଙ୍କବାଦୀଙ୍କୁ ମିଳୁଥିବା ଟଙ୍କା ଆସିବା ବନ୍ଦ ହୋଇଯିବ ବୋଲି କେନ୍ଦ୍ର ସରକାର ବାଢ଼ିଥିବା ଯୁକ୍ତି ମିଥ୍ୟା ପ୍ରମାଣିତ ହୋଇଛି। ଆଜି ମଧ୍ୟ କଳାଧନ ସୃଷ୍ଟି ହୋଇଚାଲିଛି ଏବଂ ଆତଙ୍କବାଦୀଙ୍କୁ ଯଥାରୀତି ଅର୍ଥ ମିଳୁଛି। ଫଳସ୍ୱରୂପ ଜମ୍ମୁ-କଶ୍ମୀରରେ ପଥରଫିଙ୍ଗିବା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ଦ୍ୱିଗୁଣିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରିଜର୍ଭ ବ୍ୟାଙ୍କର ତଥ୍ୟକୁ ଉଦ୍ଧାର କରି କଂଗ୍ରେସ ସମେତ ବିରୋଧୀ ଦଳଗୁଡିକ କହିଛନ୍ତି ଯେ ବିମୁଦ୍ରୀକରଣ ପରେ ୯୯.୩% ଅଚଳ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରି ଆସିଛି। ଅର୍ଥାତ୍ ସ୍ୱଳ୍ପ ପରିମାଣ ଜାଲ୍ ନୋଟ୍, କଳାଧନ ରହିଯାଇଛି। ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତି ଯୋଗୁ ଦେଶରେ ନଗଦ ଅର୍ଥ ସଙ୍କଟ ସୃଷ୍ଟି ହେଲା। ଲୋକେ ନିଜର ସଞ୍ଚିତ ଅର୍ଥ ଜମା କରିବାକୁ ଘଣ୍ଟା ଘଣ୍ଟା ଧରି ଭୋକ ଉପାସରେ ବ୍ୟାଙ୍କ ଆଗରେ ଧାଡିବାନ୍ଧି ଛିଡା ହେବାକୁ ବାଧ ହେଲେ। କାମଧନ୍ଦା ବନ୍ଦ ହୋଇଗଲା। କାରଖାନା ସ୍ଥାଣୁ ପାଲଟିଲା। ଫଳସ୍ୱରୂପ ଜିଡିପି ବା ଆର୍ଥିକ ଅଭିବୃଦ୍ଧି ୧% ହ୍ରାସ ପାଇଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ବିମୁଦ୍ରୀକରଣ ପ୍ରଭାବରେ କ୍ଷୁଦ୍ର ଶିଳ୍ପ, ଛୋଟ ଉଦ୍ୟୋଗ ଅଚାନକ ବନ୍ଦ ହେଲା। ଏହି ସମୟରେ ପ୍ରାୟ ୧୧୫ ଜଣଙ୍କ ମୃତ୍ୟୁ ହେଲା। ବିବାହ, ବ୍ରତ, ଯାନିଯାତ ସବୁ ବନ୍ଦ ହୋଇଗଲା। ନଗଦ ଅର୍ଥ ସଙ୍କଟ ଦୂର କରିବାକୁ କେନ୍ଦ୍ର ସରକାର ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ବଜାରକୁ ଛାଡିଲେ। ଏହି ନୂଆ ନୋଟ୍ ପାଇଁ ଏଟିଏମ୍‌ଗୁଡିକୁ ସଜଡା ନ ଯିବାରୁ ଲୋକେ ତାହା ମଧ୍ୟ ପାଇବାରେ ଅସୁବିଧା ଭୋଗିଲେ। ନୂଆ ନୋଟ୍ ପାଇଁ ମଧ୍ୟ ବ୍ୟାଙ୍କରେ ଲମ୍ବାଧାଡି ଦେଖିବାକୁ ମିଳିଲା। ସରକାର କଳାଧନ ସୃଷ୍ଟିକୁ ବନ୍ଦ କରିବା ପାଇଁ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଲେ। କିନ୍ତୁ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ କଲେ। ଏହାକୁ ବହୁ ଅର୍ଥନୀତିଜ୍ଞ ସମାଲୋଚନା କଲେ। କାରଣ କଳାଧନ ମହଜୁଦକାରୀଙ୍କୁ ବଡ଼ ନୋଟ୍ ରଖିବା ସୁବିଧା ହେବ ବୋଲି ସେମାନେ ଯୁକ୍ତି ଦର୍ଶାଇଲେ। ବିମୁଦ୍ରୀକରଣକୁ ସଫଳ କରିବାକୁ ଯାଇ ନୂଆ ନୋଟ୍ ଛାପିବା ତଥା ଏହାକୁ ବ୍ୟାଙ୍କରେ ପହଞ୍ଚାଇବା ପାଇଁ ରିଜର୍ଭ ବ୍ୟାଙ୍କ ପ୍ରାୟ ୧୩ ହଜାର କୋଟି ଟଙ୍କା ବ୍ୟୟ କଲା ବୋଲି ବିରୋଧୀ ଦଳଗୁଡିକ ଯୁକ୍ତି ବାଢିଛନ୍ତି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମୀ ପକ୍ଷରୁ କୁହାଯାଇଛି ଯେ, ବିମୁଦ୍ରୀକରଣ ପରେ ୧୫ ଲକ୍ଷ କର୍ମଚାରୀ ନିଯୁକ୍ତି ହରାଇଲେ।

ଅନ୍ୟପକ୍ଷରେ ବିମୁଦ୍ରୀକରଣ ସଫଳ ହୋଇଛି ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଯୁକ୍ତି ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ଖାଦ୍ୟ ପଦାର୍ଥ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ହ୍ରାସ ପାଇବା ଯୋଗୁ ମୁଦ୍ରାସ୍ଫୀତି ହ୍ରାସ ପାଇବା ସହିତ ମନି ଲଣ୍ଡରିଂ ପ୍ରାୟତଃ କମିଛି ଏବଂ ଏହା ଉପରେ ସରକାର ତୀକ୍ଷ୍ଣ ନଜର ରଖିପାରୁଛନ୍ତି। ବିମୁଦ୍ରୀକରଣ ଜରିଆରେ ନଗଦକୁ ଜବତ କରିବା ନୁହେଁ ବରଂ ଏହାକୁ ଦେଶର ଅର୍ଥନୀତିରେ ସାମିଲ କରିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ଥିଲା ବୋଲି ଜେଟ୍‌ଲୀ କହିଛନ୍ତି। ଦେଶର ଅର୍ଥନୀତିକୁ ଠିକ୍ ରାସ୍ତାରେ ଆଣିବା ଲାଗି ସରକାର ନେଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭିତରେ ଏହା ଅନ୍ୟତମ ଥିଲା। ନଗଦ ଅର୍ଥକୁ ଜବତ କରିବା ବଦଳରେ ଅଧିକ ଟିକସ ଆଦାୟ ସରକାରଙ୍କ ଉଦ୍ଦେଶ୍ୟ ଥିଲା। ବିମୁଦ୍ରୀକରଣ ପରେ ଟିକସ ଫାଙ୍କିବା ଏବେ କଷ୍ଟକର ହୋଇପଡିଛି ବୋଲି ସେ କହିଛନ୍ତି। ଲୋକେ ଘରେ ସାଇତି ରଖିଥିବା ଟଙ୍କାକୁ ବ୍ୟାଙ୍କରେ ଜମା କରିବାକୁ ବାଧ ହେଲେ। ଫଳସ୍ୱରୂପ ୧୭.୪୨ ଲକ୍ଷ ସନ୍ଦେହଜନକ ଆକାଉଣ୍ଟ ସମ୍ପର୍କରେ ସରକାର ଜାଣିପାରିଲେ। ବ୍ୟାଙ୍କରେ ବଡ଼ ସଂଖ୍ୟାରେ ଟଙ୍କା ଜମା ହେବା କାରଣରୁ ସେମାନେ ଅଧିକ ମାତ୍ରାରେ ଋଣ ଦେବାକୁ ଅର୍ଥ ପାଇଲେ। ଖାଲି ଏତିକି ନୁହେଁ ଏଥିଯୋଗୁ ଦେଶରେ ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିଛି। ଆର୍ଥିକ ବର୍ଷ ୨୦୧୮-୧୯(୩୧ ଅକ୍ଟୋବର, ୨୦୧୮ପର୍ଯ୍ୟନ୍ତ) ଗତ ବର୍ଷ ଅପେକ୍ଷା ୨୦.୨% ଅଧିକ ଆୟକର ଆଦାୟ ହୋଇଛି। ସେହିପରି କର୍ପୋରେଟ୍ ଟିକସ ଆଦାୟ ମଧ୍ୟ ୧୯.୫% ବଢ଼ିଛି। ଅନ୍ୟପକ୍ଷରେ ୨୦୧୪ରେ ପ୍ରତ୍ୟକ୍ଷ ଟିକସ ଆଦାୟ ୬.୬% ଏବଂ ୨୦୧୫ରେ ଏହା ୯% ଥିଲା। ଦେଶ ଏବେ ଡିଜିଟାଲ ଆଡକୁ ଅଗ୍ରସର ହେଉଥିବାରୁ କଳାଧନ ସୃଷ୍ଟି ହେବା ମାତ୍ରେ ସରକାର ତୁରନ୍ତ ଏହା ଜାଣିପାରୁଛନ୍ତି।

### କେଉଁ କ୍ଷେତ୍ରରେ କ'ଣ ପ୍ରଭାବ...

ବିମୁଦ୍ରୀକରଣକୁ ଏହା ମଧ୍ୟରେ ଦୁଇ ବର୍ଷ ପୂରଣ ହୋଇଛି। ଏହାର ସଫଳତା ଏବଂ ବିଫଳତାକୁ ନେଇ ଅନେକ ତର୍କ ବିତର୍କ ଦେଖା ଦେଇଥିଲା। ବଜାର ସ୍ଥିତିରେ ଏବେ ସୁଧାର ଆସିଥିବା ବେଳେ ଗତ ଦୁଇ ବର୍ଷ ମଧ୍ୟରେ ବିମୁଦ୍ରୀକରଣ ପରେ ପ୍ରଭାବ ତଥା ପରିବର୍ତ୍ତନ କ'ଣ ରହିଛି ସେ ସମ୍ପର୍କରେ କିଛି ତଥ୍ୟ...

#### ୫ଲକ୍ଷ ଜାଲ ନୋଟ ଧରାପଡ଼ିଛି

ରିଜର୍ଭ ବ୍ୟାଙ୍କ ତଥ୍ୟ ମୁତାବକ ୨୦୧୭-୧୮ରେ ବ୍ୟାଙ୍କ ବ୍ୟବସ୍ଥାରେ ୫,୨୨,୭୮୩ ମୂଲ୍ୟର ଜାଲ ନୋଟ ଧରା ପଡିଛି। ୨୦୧୬-୧୭ରେ ଧରା ପଡିଥିବା ଜାଲ ନୋଟ୍ ପରିମାଣ ୪.୩% ଥିବା ବେଳେ ଏହା ୨୦୧୭-୧୮ରେ ୩୬.୧%କୁ ବୃଦ୍ଧି ଘଟିଛି।

#### ଡିଜିଟାଲ ନେଣଦେଣ ଧାରା

ବିମୁଦ୍ରୀକରଣ ପରେ ଡିଜିଟାଲ କାରବାରରେ ବିଶେଷ ପରିବର୍ତ୍ତନ ଦେଖା ଯାଇଛି।୨୦୧୮ ସେପ୍ଟେମ୍ବର ସୁଦ୍ଧା ଭୀମ ଆପ୍ଲିକେଶନର ଆଣ୍ଡ୍ରଏଡ ଭର୍ସନ ୩.୫୫ କୋଟି ଡାଉନଲୋଡ ଟପିଥିଲା। ଏହି ସମୟରେ ଆଇଓଏସ ପ୍ଲାଟଫର୍ମରେ ଏହା ୧୭ ଲକ୍ଷ ରହିଥିଲା। ୨୦୧୮ ଅକ୍ଟୋବର ତଥ୍ୟ ମୁତାବକ ଭୀମ ଆପରେ ୧୮.୨୭ ଲକ୍ଷ ନେଣଦେଣ ଦ୍ୱାରା ୮,୨୦୬ କୋଟି କାରବାର ହୋଇଛି।

#### ରୁପେ କାର୍ଡ

୨୦୧୨ ରେ ରୁପେ ଏକ ସ୍ୱଦେଶୀ କାର୍ଡ ଭାବେ ବଜାରକୁ ଆସିଥିଲା। ଏହାକୁ ନ୍ୟାଶନାଲ ପେମେଣ୍ଟ କାଉନସିଲ ଅଫ ଇଣ୍ଡିଆ( ଏନ୍‌ପିସିଆଇ) ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। ଏହା ଦ୍ୱାରା ଆମେରିକାର ମାଷ୍ଟରକାର୍ଡ ଏବଂ ଭିଜା କାର୍ଡର ବଜାର ଅଂଶରେ ହ୍ରାସ ହୋଇଛି। ଏହି କାର୍ଡ ବିଦେଶୀ କମ୍ପାନୀଙ୍କ ସହ କଡା ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବିଶେଷ ଭାବେ ସକ୍ଷମ ହୋଇଛି।

#### ୟୁପିଆଇର ଆଦୃତି

୧୦ ବର୍ଷ ତଳେ ଦେଶରେ ୧ କୋଟି ୪୦ ଲକ୍ଷ ଡେବିଟ କାର୍ଡ ରହିଥିଲା। ଏହା ବର୍ତ୍ତମାନ ୧୦୦ କୋଟି ଛୁଇଁଛି। ସେହିଭଳି ଏନପିସିଆଇ ନିଜର ଏକ ଅଲଗା ପେମେଣ୍ଟ ସିଷ୍ଟମ ୟୁପିଆଇ ଆଣିଛି। ଚଳିତ ବର୍ଷ ଅଗଷ୍ଟ ମାସରେ ୩୧ କୋଟି ୩୦ ଲକ୍ଷ ଥର ଏହି ମୋଡରେ ଟ୍ରାଞ୍ଜାକଶନ ହୋଇଛି। ଏହାର ଲୋକପ୍ରିୟତା ବୃଦ୍ଧି ହେଉଥିବା ଦେଖାଯାଇଛି।



#### ଟିକସ ଚୋରି ଉପରେ କାର୍ଯ୍ୟାନୁଷ୍ଠାନ

୨୦୧୭-୧୮ ଆୟକର ରିଟର୍ନ ତଥ୍ୟ ମୁତାବକ ଏଥିରେ ୭୧% ବୃଦ୍ଧି ଘଟି ୫.୪୨ କୋଟିକୁ ବଢିଛି।୨୦୧୭ ଅଗଷ୍ଟରେ ଏହା ୩.୧୭ କୋଟି ରହିଥିଲା। ୨୦୧୭-୧୮ରେ ଟିକସ ସଂଗ୍ରହରେ ବୃଦ୍ଧି ଘଟି ୧୦.୦୩ ଲକ୍ଷ କୋଟି ଛୁଇଁଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ତଥ୍ୟ ପ୍ରଦାନ କରିଛି।

### ଏବେବି ଦେଖିବାକୁ ମିଳୁଛି ପ୍ରଭାବ



ବିମୁଦ୍ରୀକରଣ ଭଳି ବିପର୍ଯ୍ୟୟର ପ୍ରଭାବ ଏବେ ସୁଦ୍ଧା ଦେଖିବାକୁ ମିଳୁଛି। ଏହାର ପ୍ରଭାବ ସ୍ପଷ୍ଟ ହୋଇଛି ଏବଂ ଦେଶର ପ୍ରତ୍ୟେକ ବ୍ୟକ୍ତି ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ତ୍ରୁଟିପୂର୍ଣ୍ଣ ଢ଼ଙ୍ଗରେ ଓ ଠିକ୍ ଭାବେ ବିଚାର ନ କରି କେନ୍ଦ୍ର ସରକାର ଏହାକୁ ଲାଗୁ କଲେ।
-ମନମୋହନ ସିଂ,ପୂର୍ବତନ ପ୍ରଧାନମନ୍ତ୍ରୀ

### ବିମୁଦ୍ରୀକରଣ ଏକ ବିପର୍ଯ୍ୟୟ



ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିମୁଦ୍ରୀକରଣକୁ ଏକ ବିପର୍ଯ୍ୟୟ ସହ ତୁଳନା କରିଛନ୍ତି। ସରକାର ଏହାକୁ ଘୋଷଣା କରିବା ଦିନଠାରୁ ସେ ଏହାକୁ ଦେଶ ପାଇଁ କଳାଦିନ ବୋଲି କହିଆସୁଛନ୍ତି। ଯାହା ସତ ହୋଇଛି।
- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### ଭାବିଚିନ୍ତି ଷଡ଼ଯନ୍ତ୍ର ହୋଇଥିଲା



କେନ୍ଦ୍ର ସରକାର ବହୁ ଭାବିଚିନ୍ତି ଏଭଳି ଏକ ଷଡ଼ଯନ୍ତ୍ର କରିଛନ୍ତି। ସୁଟ୍-ବୁଟ୍‌ର ବନ୍ଧୁମାନଙ୍କ କଳାଧନକୁ ସରକାର ଏହାଦ୍ୱାରା ଧଳା କରିଦେଲେ। ଏହାକୁ ବଡ଼ ଦୁର୍ନୀତି ଛଡ଼ା ଅନ୍ୟ କିଛି କୁହାଯାଇପାରିବ ନାହିଁ। ବିମୁଦ୍ରୀକରଣରୁ ଆମକୁ କିଛି ଫାଇଦା ମିଳିନାହିଁ।
- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### ଦେଶବିରୋଧୀଙ୍କ ମେରୁଦଣ୍ଡ ଭାଙ୍ଗିଛି



ବିମୁଦ୍ରୀକରଣ ଯୋଗୁ ଦେଶବିରୋଧୀଙ୍କ ମେରୁଦଣ୍ଡ ଭାଙ୍ଗିଛି। ଏଥିଯୋଗୁ ଆତଙ୍କବାଦକୁ ମିଳୁଥିବା ପାଣ୍ଠି ଆସିବା ବନ୍ଦ ହୋଇଛି। ବିମୁଦ୍ରୀକରଣ ପରେ ଅର୍ଥନୀତି ସୁଦୃଢ ହୋଇଛି। ଦେଶକୁ ଲୁଟୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଆଜିର ଦିନଟି କଳା ଦିବସ ହୋଇଛି।
- ମୁକ୍ତାର ଆବାସ ନକଭି, କେନ୍ଦ୍ର ମନ୍ତ୍ରୀ

### ଅର୍ଥନୀତି ପାଇଁ ଗଭୀର କ୍ଷତ



ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଆର୍ଥିକ ଦୁର୍ନୀତିର ଅନ୍ତ ନାହିଁ। ବିମୁଦ୍ରୀକରଣ ସେଥିମଧ୍ୟରୁ ଗୋଟିଏ। ଏଥିଯୋଗୁ ଦେଶର ଅର୍ଥନୀତିକୁ ବହୁ ଯନ୍ତ୍ରଣା ମିଳିଛି। ଦୁଇବର୍ଷ ପରେ ମଧ୍ୟ ବିମୁଦ୍ରୀକରଣ ଏକ ରହସ୍ୟ ହୋଇ ରହିଛି। ଏଥିଯୋଗୁ ଦେଶ ବରବାଦ ହୋଇଛି।
- ଅରବିନ୍ଦ କେଜରିୱାଲ, ମୁଖ୍ୟମନ୍ତ୍ରୀ ଦିଲ୍ଲୀ

### ଅର୍ଥ ବ୍ୟବସ୍ଥା ଲାଗି କଳାଦିନ



ବିମୁଦ୍ରୀକରଣ ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଏକ କଳାଦିନ ଭାବେ ମନେ ରହିବ। ସାରା ଦେଶର ଅର୍ଥ ବ୍ୟବସ୍ଥାକୁ ଗୋଟିଏ ଘୋଷଣା ଦ୍ୱାରା ସରକାର ଗଭୀର ପ୍ରଭାବିତ କରିଛନ୍ତି। ଅନେକ ଲୋକ ଏହା ଦ୍ୱାରା ନାହିଁ ନ ଥିବା ହଇରାଣ ହେବା ସହ ମୃତ୍ୟୁବରଣ ମଧ କରିଛନ୍ତି। ଏହାକୁ ନେଇ ସରକାର କୌଣସି ଅନୁଶୋଚନା ମଧ୍ୟ କରିନାହାନ୍ତି।
-ଜନାର୍ଦ୍ଦନ ପତି, ସିପିଏମ୍ ନେତା

### ଡିଜିଟାଲ ଅର୍ଥନୀତିର ବାସ୍ତବତା ଏବେ ବି ଭିନ୍ନ



ବିମୁଦ୍ରୀକରଣ ଦ୍ୱାରା ବଜାର ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରଭାବିତ ହେଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ଏହା ଦ୍ୱାରା କ୍ଷତି ସହିଲା। ଏମ୍‌ଏସ୍‌ଏମ୍‌ଇ ଗୁଡିକ କ୍ଷତିଗ୍ରସ୍ତ ହେବା ସହ କ୍ଷୁଦ୍ରଶିଳ୍ପଗୁଡିକର ଅଣ୍ଟା ଭାଙ୍ଗିଗଲା। ଡିଜିଟାଲ ନେଣଦେଣ ଧାରାରେ ସମୟ ଅନୁସାରେ ବିଭିନ୍ନ ପରିବର୍ତ୍ତନ ହେଉଛି। ବିମୁଦ୍ରୀକରଣ ଦ୍ୱାରା ଡିଜିଟାଲ ଅର୍ଥନୀତିର ସ୍ୱପ୍ନର ବାସ୍ତବତା ଏବେ ବି ଭିନ୍ନ। ବିମୁଦ୍ରୀକରଣ ସିଂହଭାଗ ଲୋକଙ୍କୁ ପ୍ରଭାବିତ କରିଛି।
- ଅମରେନ୍ଦ୍ର ଦାସ, ଆସିଷ୍ଟାଣ୍ଟ ପ୍ରଫେସର, ନାଇଜର

### ପ୍ରକୃତ ଉଦ୍ଦେଶ୍ୟଠାରୁ ଦୂରରେ



କଳାଟଙ୍କାର ମୂଳୋତ୍ପାଟନ କରିବାକୁ ସରକାର କହିଥିଲେ । ମାତ୍ର ମୋଟାମୋଟି ଭାବେ କହିବାକୁ ଗଲେ ବିମୁଦ୍ରୀକରଣର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇ ପାରିନି। ୨୦୧୭ରେ ଏମ୍‌ଏସ୍‌ଏମ୍‌ଇ ଓ ସାଧାରଣ ଲୋକ ଅନେକ ଅସୁବିଧା ସାମ୍ନା କରିଥିଲେ। ଚଳିତ ବର୍ଷ କ୍ଷୁଦ୍ର ଶିଳ୍ପଗୁଡିକର ଅବସ୍ଥାରେ ସୁଧାର ଆସିଛି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଏକାବେଳେ ଲାଗୁ ହେବା ଯୋଗୁ ଶିଳ୍ପଗୁଡିକ ବିଭିନ୍ନ ଅସୁବିଧା ସାମ୍ନା କରିଥିଲେ।
-ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓସମେ

## ହୋଣ୍ଡା ଟୁ-ହ୍ୱିଲର୍ସ ମ୍ୟାକ୍ ଲୁବ୍ରିକାଣ୍ଟ ଚୁକ୍ତି

ନୂଆଦିଲ୍ଲୀ ,୮-୧୧

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ଏବଂ ମ୍ୟାକ୍ ଲୁବ୍ରିକାଣ୍ଟର ମିଳିତ ଉଦ୍ୟମରେ ମ୍ୟାକ୍ ହୋଣ୍ଡା ପାୱାର ଇଞ୍ଜିନ ଅଏଲ୍‌ର ବଜାର ପ୍ରବେଶ ହୋଇଛି। ଏହା ଏକ କୋ-ବ୍ରାଣ୍ଡେଡ ଇଞ୍ଜିନ ଅଏଲ ହୋଇଥିବା ବେଳେ ହୋଣ୍ଡା ଦୁଇଚକିଆ ଯାନ ଲାଗି ବିଶେଷ ଭାବେ ଉପକାରୀ ସାବ୍ୟସ୍ତ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ହୋଣ୍ଡା ପାଇଁ ଗ୍ରାହକ ସନ୍ତୁଷ୍ଟି ଏକ ପ୍ରମୁଖ ଉପାଦାନ ବୋଲି କମ୍ପାନୀର ଗ୍ରାହକ ସେବା ବରିଷ୍ଠ ଉପସଭାପତି ପ୍ରଦୀପ କୁମାର ପାଣ୍ଡେ ସୂଚନା ଦେଇଛନ୍ତି। ଏଭଳି ଏକ ସହଭାଗିତା ବିଶେଷ ଭାବେ ଲାଭକାରୀ ହେବ ବୋଲି ମ୍ୟାକ୍ ଲୁବ୍ରିକାଣ୍ଟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭି.ଆନନ୍ଦ ସୂଚନା ଦେଇଛନ୍ତି।




## ଆନ୍ଧ୍ର ବ୍ୟାଙ୍କର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର, ୮-୧୧

ଆନ୍ଧ୍ର ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ମଣ୍ଡଳ ମହା ପ୍ରବନ୍ଧକ ଟି.ଶ୍ରୀବିବାସ ରାଓ, ଉପ ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଭି,ରାମକ୍ରିଷ୍ଣା, ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଏବଂ ସ୍ଥାନୀୟ ଶାଖା ଗୁଡିକର ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ବ୍ୟାଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳ ଶାଖାଗୁଡିକରେ ଗ୍ରାମ ସଭା ଏବଂ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ସହରାଞ୍ଚଳ ଶାଖାଗୁଡିକ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟାଳୟଗୁଡିକରେ ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି।

No.: 53-N

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର – ୭୫୧୦୧୩
ଭୁବନେଶ୍ୱର, ତା୦୮।୧୧।୨୦୧୮

### ବିଜ୍ଞପ୍ତି

ସଂଖ୍ୟା- ପରୀକ୍ଷା ବିଭାଗ-I/281/18/5779/ଉମାଶିପ/ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆସନ୍ତା ୨୦୧୯ ମାର୍ଚ୍ଚ ମାସରେ ହୋବକୁଥିବା ଉଚ୍ଚ ମାଧ୍ୟମିକ (+2) ବାର୍ଷିକ ପରୀକ୍ଷା ନିମନ୍ତେ ନିୟମିତ (Regular) ପରୀକ୍ଷାର୍ଥୀମାନେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ସ୍ରୋତରେ ଫର୍ମ ପୂରଣ ନିମନ୍ତେ ନିମ୍ନ ତାରିଖ ଗୁଡ଼ିକ ଧାର୍ଯ୍ୟ କରାଯାଇଛି।

୧. ବିନା ଜୋରିମାନା – ତା16.11.2018ରୁ ତା26.11.2018 ପର୍ଯ୍ୟନ୍ତ
୨. 50 ଟଙ୍କା ଜୋରିମାନା – ତା27.11.2018ରୁ ତା30.11.2018 ପର୍ଯ୍ୟନ୍ତ
୩. 350 ଟଙ୍କା ଜୋରିମାନା – ତା01.12.2018ରୁ ତା04.12.2018 ପର୍ଯ୍ୟନ୍ତ

ଏହାର ସବିଶେଷ ବିବରଣୀ **www.samsodisha.gov.in** ୱେବସାଇଟରେ ଉପଲବ୍ଧ ଅଛି।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ
ସ୍ୱା./– ପରୀକ୍ଷା ନିୟନ୍ତ୍ରକ

11003/11/0017/1819

“ବର୍ତ୍ତମାନର ଭାରତୀୟ ପୁରୁଷ କ୍ରିକେଟ ଦଳ କେତେଦୂର ଶକ୍ତିଶାଳୀ ତାହା ଲୋକେ ବିଚାର କରିବେ ।

–ରବି ଶାସ୍ତ୍ରୀ, କୋଚ୍



“କ୍ରିକେଟ ଅଷ୍ଟ୍ରେଲିଆରେ ଦେଖା ଦେଇଥିବା ଅନ୍ତଃ କନ୍ଦଳ ପ୍ରତି ଧ୍ୟାନ ନ ଦେଇ ଖେଳାଳିମାନେ ଖେଳରେ ମନୋନିବେଶ କରନ୍ତୁ ।

–ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ ଦିନିକିଆ ଅଧିନାୟକ



## ସଂକ୍ଷେପରେ

### ଏଫ୍‌ସି ଗୋଆ ବିଜୟୀ

ମାରଗାଓ, ୮।୧୧ (ପି.ଟି.): ଗୁରୁବାର ଅନୁଷ୍ଠିତ ଏକ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ) ମୁକାବିଲାରେ ଏଫ୍‌ସି ଗୋଆ ୩-୨ ଗୋଲରେ ଦିଲ୍ଲୀ ଡାଇନାମସକୁ ପରାସ୍ତ କରିଛି। ଖେଳର ୬ଷ୍ଠ ମିନିଟ୍‌ରେ ଭ୍ରମଣକାରୀ ଦଳର ବିକ୍ରମଜିତ୍ ସିଂ ଏକ ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୫୪ତମ ମିନିଟ୍‌ରେ ଏଡୁ ବେଡିଆଙ୍କ ଗୋଲ ବଳରେ ଗୋଆ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲା। ତେବେ ୭୦ତମ ମିନିଟ୍‌ରେ ଲାଲିଆନଜୁଆଲା ଚାଙ୍ଗ୍‌ଟେଙ୍କ ଗୋଲ ଦ୍ୱାରା ଦିଲ୍ଲୀ ୨-୧ରେ ଅଗ୍ରଣୀ ଲାଭ କରିଥିଲା। ତେବେ ଭ୍ରମଣକାରୀ ଦଳ ଅଧିକ ସମୟ ଅଗ୍ରଣୀ ବଜାୟ ରଖିପାରି ନ ଥିଲା। ଏଡୁ ୮୨ ଓ ୮୯ତମ ମିନିଟ୍‌ରେ ଗୋଲ ସ୍କୋରକୁ କରି ଘରୋଇ ଦଳକୁ ବିଜୟୀ କରାଇବା ସହ ପୂରା ପଏଣ୍ଟ ଆଣି ଦେଇଥିଲେ।

### ହରିୟାଣା ଷ୍ଟିଲର୍ସକୁ ହରାଇଲା ଦବଙ୍ଗ ଦିଲ୍ଲୀ

ଗ୍ରେଟର ନଏଡା, ୮।୧୧ (ପି.ଟି.): ଚଳିତ ପ୍ରୋ-କବାଡ଼ି ଲିଗ୍‌ରେ ଗୁରୁବାର ଦିଲ୍ଲୀ ଦବଙ୍ଗ ୩୯-୩୩ରେ ହରିୟାଣା ଷ୍ଟିଲର୍ସକୁ ପରାସ୍ତ କରିଛି। କ୍ରମାଗତ ତିନୋଟି ପରାଜୟ ପରେ ଦଳର ଏହା ହେଉଛି ପ୍ରଥମ ବିଜୟ। ହରିୟାଣା ଦଳର ଖେଳ ଆରମ୍ଭରେ ମୋନୁ ଗୋୟାତଙ୍କ ଅନୁପସ୍ଥିତିରେ ବିକାଶ କାଣ୍ଡୋଲାଙ୍କୁ ଅଧିନାୟକ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ପରେ ଗୋୟାତ ଦଳରେ ଯୋଗ ଦେଇ ୧୮ଟି ରେଡ୍‌ରେ ୧୧ ରେଡ୍ ପଏଣ୍ଟ ସ୍କୋର କରିଥିଲେ ହେଁ ତାଙ୍କ ଦଳକୁ ଜିତାଇବାରେ ଏହା ଯଥେଷ୍ଟ ନ ଥିଲା।

### ସିନିୟର ସ୍ନୁକର ଆରମ୍ଭ

କଟକ ଅଫିସ, ୮।୧୧: ଦି ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ କଟକ କ୍ଲବରେ ଚାଲିଥିବା ରାଜ୍ୟ ଚାମ୍ପିୟନଶିପ୍‌ରେ ଗୁରୁବାରଠାରୁ ସିନିୟର ସ୍ନୁକର ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ କୁନାଲ ଅଗ୍ରୱାଲ ୩-୧ ଫ୍ରେମରେ ବି. ଦାସଙ୍କୁ, ଇନ୍ଦ୍ରଜିତ ଷଡ଼ଙ୍ଗୀ ୩-୧ ଫ୍ରେମ୍‌ରେ ହନି ଗୁରୁଙ୍କୁ, ଅଶ୍ୱିନୀ ପଟ୍ଟନାୟକ ୩-୦ ଫ୍ରେମରେ ମିଶାଲ ସ୍ୱାଇଁଙ୍କୁ, ଜାକିର ଅଲ୍ଲୀ ଖାଁ ୩-୦ ଫ୍ରେମରେ ହେମନ୍ତ ମୋରେଙ୍କୁ ପରାସ୍ତ କରିଛନ୍ତି।

### ସୌରଭଙ୍କୁ ସ୍ୱର୍ଣ୍ଣ

କୁଏତ ସିଟି,୮।୧୧(ପି.ଟି.): ଭାରତର ଯୁବ ଶୁଟିଂ ସେନସେଶନ ସୌରଭ ଚୌଧାରୀ ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ ଜାରି ରଖି ୪ ମାସ ମଧ୍ୟରେ ୪ର୍ଥ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସିଆନ ଏୟାରଗନ ଚାମ୍ପିୟନଶିପ୍‌ରେ ଗୁରୁବାର ଅନୁଷ୍ଠିତ ୧୦ ମିଟର ପିସ୍ତଲ ଜୁନିୟର ପୁରୁଷ ଇଭେଣ୍ଟରେ ସୌରଭ ଶୀର୍ଷ ସଫଳତା ପାଇଛନ୍ତି। ୧୬ ବର୍ଷୀୟ ଅନ୍ୟ ଭାରତୀୟ ଶୁଟର ଅର୍ଜ୍ଜୁନ ସିଂ ଚିମା ଓ ଅନମୋଲ ଜୈନଙ୍କ ସହ ମିଶି ସର୍ବାଧିକ ୧୭୩୧ ପଏଣ୍ଟ ହାସଲ କରି ଦଳଗତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ବ୍ୟକ୍ତିଗତ ଇଭେଣ୍ଟରେ ୨୩୯.୮ ପଏଣ୍ଟ ସ୍କୋର କରିଥିଲେ।



ଇଣ୍ଡିଆନ୍ ସୁପରଲିଗରେ ଗୁରୁବାର ଏଫ୍‌ସି ଗୋଆ ଓ ଦିଲ୍ଲୀ ଡାଇନାମସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ରାଜ୍ୟ ସିପକ୍ଟାକ୍ର ସଂଘରେ ବିବାଦ

- ସହଦେବ-ମନୋଜଙ୍କ କଳିକୁ ନେଇ ଚର୍ଚ୍ଚା
- ୧୦ରେ ସଂଘ ବିରୋଧରେ ବୈଠକ
- ଗଠନ ହୋଇପାରେ ସମାନ୍ତରାଳ ସଂଘ

କଟକ ଅଫିସ,୮।୧୧

ରାଜ୍ୟ ସିପକ୍ଟାକ୍ର ଆସୋସିଏଶନରେ ପୁନର୍ବାର ବିବାଦ ଦେଖାଦେଇଛି। ପୂର୍ବରୁ ସଂଘରେ ବିଭିନ୍ନ କାରଣରୁ ଫାଟ ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ଏବେ ଏ ନେଇ ସଂଘର କିଛି ସଦସ୍ୟ ଏକଜୁଟ ହେବାକୁ ଯୋଜନା କରିଛନ୍ତି। ସମାନ୍ତରାଳ ଭାବେ ଅନ୍ୟ ଏକ ସଂଘ ଗଢ଼ି ଉଠିବ ବୋଲି ଚର୍ଚ୍ଚା ମଧ୍ୟ ହେଉଛି। ସଂଘର ପୂର୍ବତନ ସମ୍ପାଦକ ସହଦେବ ରାଉତଙ୍କ ନେତୃତ୍ୱରେ ଆସନ୍ତା ୧୦ ତାରିଖରେ କଟକର ଗଡ଼ଗଡେଶ୍ୱର ମନ୍ଦିର ସଭାଗୃହରେ ବୈଠକ ଡକାଯିବ। ସାମ୍ପ୍ରତିକ ପରିସ୍ଥିତିରେ ସଂଘର ବିଭିନ୍ନ ପଦପଦବୀରେ ଥିବା କର୍ମକର୍ତ୍ତା ମନମୁଖି କାର୍ଯ୍ୟ କରିବା ସହ ରାଜ୍ୟ ଦଳ ଚୟନରେ ଅନିୟମିତତା ହେଉଛି ବୋଲି ସହଦେବ ଅଭିଯୋଗ ଉଠାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସଂଘ ସମ୍ପାଦକ ମନୋଜ ପଟ୍ଟନାୟକ ଏହାକୁ ମତିଭ୍ରମ ହୋଇଛି ବୋଲି ଆକ୍ଷେପ କରିବା ସହ ଅର୍ଥ ରୋଜଗାର ଲାଳସାରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆସୋସିଏଶନ ଉପରେ ଆଖି ପକାଉଛନ୍ତି ବୋଲି ସେ କହିଥିଲେ। ଆସନ୍ତା ବୈଠକ ପରେ ସଂଘର ଏହି ବିବାଦ ବଡ଼ ରୂପ ନେଇପାରେ ବୋଲି କିଛି ସଂଗଠକ ମତ ଦେଇଛନ୍ତି। ଏହାଛଡ଼ା ପୂର୍ବତନ ସମ୍ପାଦକ ସହଦେବ ଓ ବର୍ତ୍ତମାନର ସମ୍ପାଦକ ମନୋଜଙ୍କ ଏହି କଳି ବହୁ ପୁରୁଣା ହୋଇଥିବା ବେଳେ ଏହାକୁ ନେଇ ଅନେକ ସମୟରେ ବିଭିନ୍ନ ଚର୍ଚ୍ଚା ମଧ୍ୟ ଜୋର ଧରୁଛି ।

୧୯୯୯ରେ ଓଡ଼ିଶାରେ ସିପକ୍‌ଟାକ୍ର ଖେଳ ପ୍ରବେଶ କରିଥିଲା। ମଣିପୁରରେ ଚାଲିଥିବା ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ରାଜ୍ୟ ଦଳ ଅଂଶଗ୍ରହଣ କରିବା ବେଳେ ଏହି ଖେଳ ସମ୍ପର୍କରେ ସେଠାରେ ସମ୍ୟକ ସୂଚନା ପାଇଥିଲା। ପରେ ବାରବାଟୀ ଷ୍ଟାଡିୟମ ପରିସରରେ ଏହି ଖେଳ ଆରମ୍ଭ ହୋଇଥିଲା। ଏବେ ଭାରତୀୟ ସିପକ୍‌ଟାକ୍ର କ୍ରୀଡ଼ାରେ ଓଡ଼ିଶାର ସ୍ଥାନ ଉପରେ ରହିଛି। ଲଗାତାର କିଛି ବର୍ଷ ହେବ ଜାତୀୟ ଚାମ୍ପିୟନଶିପଗୁଡ଼ିକରେ ଓଡ଼ିଶା ନିଶ୍ଚିତ ଭାବେ ପଦକ ବିଜୟୀ ହେଉଛି। ହେଲେ ଓଡ଼ିଶାରେ ସିପକ୍‌ଟାକ୍ର ଖେଳ ଆରମ୍ଭ କରିବା କ୍ଷେତ୍ରରେ ପୂର୍ବତନ ସମ୍ପାଦକ ସହଦେବଙ୍କ ଭୂମିକା ବିଶେଷ ଭାବେ ରହିଛି ବୋଲି କୁହାଯାଏ। ଖେଳ ଆରମ୍ଭ କରିବାଠାରୁ ବିଭିନ୍ନ ଜିଲାରେ ସଂଘ ଗଢ଼ିବା, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ଏହି ଖେଳ ପ୍ରଚଳନ କରିବା କ୍ଷେତ୍ରରେ ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ବହୁ ଉଦ୍ୟମ କରିଥିଲେ। ମାତ୍ର ୨୦୧୬ରେ ସହଦେବ ସମ୍ପାଦକ ପଦବୀରୁ ବାଦ୍ ପଡ଼ି ଉପଦେଷ୍ଟା ଭାବେ ରହିଥିଲେ। ଏହି ସମୟରେ କିଛି ମହିଳା ଖେଳାଳିଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି ବୋଲି ଅଭିଯୋଗରେ ସହଦେବ ସଂଘରୁ ବିଦା ହୋଇଥିଲେ। ସେତେବେଳେ ମଧ୍ୟ ସହଦେବ-ମନୋଜଙ୍କ କଳିକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ସହଦେବଙ୍କ ଅଭିଯୋଗ ଅନୁଯାୟୀ, ମୋ ବିରୋଧରେ ଚକ୍ରାନ୍ତ କରି ସଂଘରୁ ବିଦା କରାଯାଇଛି। ଏବେ ପଦବୀରେ ରହିବା ପରେ ଜିଲା ସଂଘଗୁଡ଼ିକୁ ନଜର ଦିଆଯାଉନି। ଖେଳାଳି ଚୟନ ଠିକ ଭାବେ କରାଯିବା ବଦଳରେ ବୟସ୍କ ଖେଳାଳିମାନଙ୍କୁ ପଇସା ଦିଆଯାଇ ଦଳରେ ରଖାଯାଉଛି। ଯାହାକୁ ନେଇ ଆସନ୍ତା ୧୦ରେ ବୈଠକ ଡକାଯାଇଛି। ମନୋଜଙ୍କ କହିବା ଅନୁଯାୟୀ, ସଂଘର ନାମ ବ୍ୟବହାର କରି ଟଙ୍କା ଆଦାୟ କରିବା ମନୋବୃତ୍ତିରେ ରହୁଥିବା କିଛି ବ୍ୟକ୍ତି ଏପରି ଭିତ୍ତିହୀନ ଅଭିଯୋଗ ଉଠାଉଛନ୍ତି। ରାଜ୍ୟ ଭଲ ଏବେ ଖେଳୁଛି, ଆଗାମୀ ଦିନରେ କିପରି ଭଲ ଖେଳିବ ସେ ଦିଗରେ ଚିନ୍ତା କରାଯାଉ ।

## ଭାରତ ବିପକ୍ଷ ଟି୨୦ରୁ ଷ୍ଟାର୍କ, ଲିଓନ ବାଦ୍

ମେଲବର୍ନ,୮।୧୧

ଆଗାମୀ ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ଲାଗି ଗୁରୁବାର କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ୧୩ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷିତ ହୋଇଯାଇଛି। ଏହି ଦଳରୁ ଘାତକ ପେସର ମିଚେଲ ଷ୍ଟାର୍କ, ଅଲରାଉଣ୍ଡର ମିଚେଲ ମାର୍ଶ ଓ ସ୍ପିନର ନାଥନ ଲିଓନ ବାଦ୍ ପଡ଼ିଛନ୍ତି। ଭେଟେରାନ ଦ୍ରୁତ ବୋଲର ପିଟର ସିଡ୍‌ଲ ମଧ୍ୟ ଦଳରେ ସ୍ଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କୁ ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତ କରିବା ପାଇଁ ଦଳରୁ ବାଦ୍ ଦିଆଯାଇଛି। ସମସ୍ତ ଖେଳାଳି ଘରୋଇ ଟୁର୍ନାମେଣ୍ଟ ଶେଫିଲ୍ଡ ଶିଲ୍ଡରେ ଖେଳିବେ। ଷ୍ଟାର୍କଙ୍କ ବଦଳରେ ଜାସନ ବେହେନଡ୍ରଫ ଖେଳିବେ। ତାଙ୍କ ସହ ନାଥନ କୁଲ୍ଟରନାଇଲ, ବିଲି ଷ୍ଟାନଲେକ ଓ ମାର୍କସ ଷ୍ଟୋଇନିସ ଦଳର ପେସ ବିଭାଗ ସମ୍ଭାଳିବେ। ଦ. ଆଫ୍ରିକା ବିପକ୍ଷରେ ଏକ ମାତ୍ର ଟି୨୦ ମ୍ୟାଚ୍ ଚଳିତ ମାସ ୧୭ ତାରିଖରେ ଗୋଲ୍ଡ କୋଷ୍ଟଠାରେ ଖେଳାଯିବ। ଏହାପରେ ୨୧ ତାରିଖଠାରୁ ବ୍ରିସବେନଠାରୁ ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଆରମ୍ଭ ହେବ।

ଅଷ୍ଟ୍ରେଲିଆ ଦଳ: ଆରୋନ ଫିଞ୍ଚ(ଅଧିନାୟକ), ଆଲେକ୍ସ କାରେ, ଆଷ୍ଟୋନ ଆଗର, ଜାସନ ବେହେନଡ୍ରଫ, ନାଥନ କୁଲ୍ଟନାଇଲ, କ୍ରିସ ଲିନ, ଗ୍ଲେନ ମ୍ୟାକ୍ସୱେଲ, ବେନ ମ୍ୟାକଡରମଟ, ଡାର୍ସି ଶର୍ଟ, ବିଲି ଷ୍ଟାନଲେକ, ମାର୍କସ ଷ୍ଟୋଇନିସ, ଆଣ୍ଡ୍ରୁ ଟାଏ ଓ ଆଡାମ ଝମ୍ପା।

## ଶ୍ରୀଲଙ୍କା ସମ୍ମୁଖରେ ୪୬୨ ବିଜୟ ଲକ୍ଷ୍ୟ

ଗାଲେ (ଶ୍ରୀଲଙ୍କା), ୮।୧୧ (ଏଏଫ୍‌ପି)

କିଟନ ଜେନିଙ୍ଗ୍ସଙ୍କ ଶତକ ସହାୟତାରେ ଇଂଲଣ୍ଡ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ୪୬୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ବିଶେଷ କରି ଗାଲେସ୍ଥିତ ଲୋ-ସ୍କୋରିଂ ପିଚ୍‌ରେ ଏହା ହାସଲ କରିବା କଷ୍ଟକର ବ୍ୟାପାର। ଶ୍ରୀଲଙ୍କାର କୌଶଳପୂର୍ଣ୍ଣ ସ୍ପିନ୍ ଆକ୍ରମଣ ବିରୋଧରେ ଜେନିଙ୍ଗ୍ସ ଏକ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ। ସେ ୧୪୬ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ୧୩୯ ରନ ଅଗ୍ରଣୀ ଲାଭ କରିଥିବା ଇଂଲଣ୍ଡ ତୃତୀୟ ଦିବସରେ ୬ ଉଇକେଟ ବିନିମୟରେ ୩୨୨ ରନ କରି ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଗୁରୁବାର ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୭ ଓଭର ଖେଳି ବିନା କୌଣସି ଉଇକେଟରେ ୧୫ ରନ କରିଛି। ଦିମୁଥ କରୁଣାରତ୍ନେ ୭ ଏବଂ କୌଶଲ୍ ସିଲ୍‌ଭା ୮ରନ ସହ ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୪୨/ଅଲଆଉଟ।

**ଶ୍ରୀଲଙ୍କା ପ୍ରଥମ ଇନିଂସ :** ୨୦୩

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୨୨/୬, ଘୋଷଣା (କିଟନ ଜେନିଙ୍ଗ୍ସ-୧୪୬*, ବେନ୍ ଷ୍ଟୋକ୍ସ-୬୨, ବେନ୍ ଫୋକ୍ସ-୩୭, ରଙ୍ଗନା ହେରାଥ-୨/୫୯, ଦିଲରୁୱାନ ପେରେରା-୨/୯୪)।

## ଆନ୍ତଃ ବିଦ୍ୟାଳୟ ଭଲିବଲ ଆରମ୍ଭ

ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ମହାଲେଖାକାର (ଏଜି) କାର୍ଯ୍ୟାଳୟର ବରିଷ୍ଠ ଭଲିବଲ ଖେଳାଳିଙ୍କ ଉଦ୍ୟମରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ଆରମ୍ଭ ହୋଇଛି। ଏଜି କଲୋନୀସ୍ଥିତ ଭଲିବଲ ଗ୍ରାଉଣ୍ଡରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଅନ୍ତର୍ଜାତୀୟ ହକି ଖେଳାଳି ଲାଜରୁସ ବାର୍ଲା ଓ ରୋଟାରୀ ଡାଇରେକ୍ଟର ଜେନେରାଲ ଭବାନୀ ପ୍ରସାଦ ଚୌଧୁରୀ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚଗୁଡ଼ିକ ମଧ୍ୟରେ ସେଣ୍ଟ ଜାଭିୟର ସ୍କୁଲ ୨୫-୧୭, ୨୩-୨୫, ୧୬-୧୪ ସେଟ୍‌ରେ ମଦର ପବ୍ଲିକ ସ୍କୁଲକୁ, ବିକାଶ ରେସିଡେନ୍ସିଆଲ ସ୍କୁଲ ୨୫-୧୭, ୨୫-୨୦ ସେଟ୍‌ରେ ଏଜି ରେସିଡେନ୍ସିଆଲ ସ୍କୁଲକୁ, ବିଜେଇଏମ ସ୍କୁଲ ୨୫-୧୦, ୨୫-୧୭ ସେଟ୍‌ରେ ଲୋୟଲା ସ୍କୁଲକୁ ପରାସ୍ତ କରିଛି। ଅନ୍ୟ ଏକ ନକ୍‌ଆଉଟ ମ୍ୟାଚରେ କେଭି-୪ ଡିଏଭି ୮କୁ ୨୫-୧୬, ୨୫-୧୮ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡ଼ିକୁ ଅନ୍ତର୍ଜାତୀୟ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକ, ମାନଭଞ୍ଜନ ସାହୁ, ବିରଞ୍ଚି ବିଶ୍ୱାଳ, ବିଶ୍ୱନାଥ ଦାସ ଓ ରମାକାନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ। ଶୁକ୍ରବାର ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ।

## ବୋଲ୍ଟଙ୍କ ହ୍ୟାଟ୍ରିକ: ଜିତିଲା ନ୍ୟୁଜିଲାଣ୍ଡ

ଆବୁଧାବି,୮।୧୧(ଏଏଫ୍‌ପି)

ନ୍ୟୁଜିଲାଣ୍ଡର ୩ୟ ପେସର ଭାବେ ଟ୍ରେଣ୍ଟ ବୋଲ୍ଟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌ରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ତାଙ୍କ ଘାତକ ବୋଲିଂ ବଳରେ ପାକିସ୍ତାନ ବିପକ୍ଷ ଚଳିତ ସିରିଜରେ ନ୍ୟୁଜିଲାଣ୍ଡ ଦଳ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଦିନିକିଆକୁ ନ୍ୟୁଜିଲାଣ୍ଡ ୪୭ ରନ୍ ବ୍ୟବଧାନରେ ଜିତି ନେଇଛି। ୨୬୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପାକ୍ ଦଳ ମାତ୍ର ୮ ରନ୍ ମଧ୍ୟରେ ଫଖର ଜାମନ, ବାବର ଆଜମ ଓ ମହମ୍ମଦ ହାଫିଜଙ୍କୁ ମ୍ୟାଚ୍‌ର ୩ୟ ଓଭରରେ ବୋଲ୍ଟ ଆଉଟ୍ କରିଥିଲେ। ଘରୋଇ ଦଳ ୨୧୯ ରନ୍‌ରେ ସୀମିତ ରହିଥିଲା। ପାକିସ୍ତାନ ବିପକ୍ଷରେ ଏହା ନ୍ୟୁଜିଲାଣ୍ଡର କ୍ରମାଗତ ୧୨ତମ ଦିନିକିଆ ବିଜୟ। ଗତ ୨୦୧୪ ଡିସେମ୍ବରଠାରୁ ନ୍ୟୁଜିଲାଣ୍ଡ କଦାପି ପାକିସ୍ତାନ ଠାରୁ ପରାସ୍ତ ହୋଇନାହିଁ। ଭେଟେରାନ ବ୍ୟାଟ୍ସମ୍ୟାନ ରସ ଟେଲରଙ୍କ ୮୦ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ ଲାଥମଙ୍କ ୬୮ ରନ୍ ଯୋଗୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଦଳ ଧାର୍ଯ୍ୟ ୫୦ ଓଭରରେ ୯ ଉଇକେଟ ହରାଇ ୨୬୬ ରନ୍ କରିଥିଲା। ଜବାବରେ ପାକିସ୍ତାନ ୮୫ ରନ୍ ମଧ୍ୟରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ସରଫାଜ ଅହମ୍ମଦ(୬୪) ଓ ଇମାଦ ୱାସିମ (୫୦)ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ଯୋଗୁ ପାକିସ୍ତାନ ଦଳ ୨୦୦ ରନ୍ ଅତିକ୍ରମ କରିପାରିଥିଲା।


GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
LEFT CANAL DIVISION NO.I, SUKINDA
POST: SUKINDA, DIST: JAJPUR.
e-mail ld-roecfdv@rediffmail.com, Tel./Fax- 06726 -244743

No.726-A:- Quotation Call Notice No-19/2018-19

| Sl. No. | Name of work | Cost in Rs. | EMD (in Rs.) | Starting Date of Submission of Quotation Paper | Last Date of Submission of Quotation Paper | Date of Opening of the Quotation |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Procurement of Air Conditioners for GIS & MIS room at 1st floor in PMU Building at Rengali Irrigation Colony,Sukinda | 94800 | Rs. 1000/- | 12.11.2018 from 10.00 hrs | 22.11.2018 upto 16.00 hrs | Dt.24.11.2018 at 12.30 hrs |

Sd./- Executive Engineer
Left Canal Division No.I, Sukinda
32224/11/0009/1819




ଏଏଫ୍‌ସି ମହିଳା ଫୁଟ୍‌ବଲ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟର ଗୁରୁବାର ଅନୁଷ୍ଠିତ ନେପାଳ ବିପକ୍ଷ ମ୍ୟାଚ ପୂର୍ବରୁ ଭାରତୀୟ ଦଳ।

### ସାହାଣୀ କପ୍ ପାଇଁ ଚୟନ ଟ୍ରାଏଲ

ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)

ସିନିୟର ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଦଳ ମନୋନୟନ ପାଇଁ ଚୟନ ଟ୍ରାଏଲ ୧୨ ତାରିଖ ଦିନ ୟୁନିଟ-୧ ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଆଗ୍ରହୀ ବିଭିନ୍ନ କ୍ଲବର ଖେଳାଳିମାନେ ସକାଳ ୭ଟାରେ ସିନିୟର ଫୁଟବଲ କୋଚ୍ ଆର.କେ. ମଣ୍ଡଳଙ୍କ ନିକଟରେ ରିପୋର୍ଟ କରିବାକୁ ହେବ। ଖେଳାଳିମାନେ ସେମାନଙ୍କ ପରଚୟପତ୍ର ଆଣିବା ବାଧ୍ୟତାମୂଳକ ବୋଲି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଜଣାଇଛନ୍ତି।

## ପଏଣ୍ଟ ଭାଗ କଲା ଭାରତ

ୟାନଗୋନ(ମାଇନମାର), ୮।୧୧(ପି.ଟି.)

ଏଠାରେ ଚାଲିଥିବା ୨୦୨୦ ଏଏଫ୍‌ସି ମହିଳା ଫୁଟ୍‌ବଲ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳ ଡ୍ର’ ସହ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଖେଳାଯାଇଥିବା ନେପାଳ ବିପକ୍ଷ ମ୍ୟାଚ୍‌କୁ ଭାରତ ୧-୧ ଗୋଲରେ ବରାବର ରଖି ପଏଣ୍ଟ ଭାଗ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ନେପାଳ ଅପେକ୍ଷା ଭାରତୀୟ ଦଳ ଅଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ଡିଫେଣ୍ଡର ସ୍ୱିଟି ଦେବୀଙ୍କୁ ଆହତ ସମସ୍ୟା କାରଣରୁ ମ୍ୟାଚ୍‌ର ୮ମ ମିନିଟ୍‌ରେ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଏହାର ଫାଇଦା ଉଠାଇ ପ୍ରତିପକ୍ଷ ଦଳର ଅଧିନାୟିକା ନିରୁ ଥାପା ଗୋଲ ଦେଇଥିଲେ। ଏହାର ତୁରନ୍ତ ଜବାବ ଦେବା ଲାଗି ଭାରତୀୟ ଦଳ ପକ୍ଷରୁ ସଞ୍ଜୁ, ଅଞ୍ଜୁ ତାମାଙ୍ଗ ଓ ବାଲା ଦେବୀ ପ୍ରୟାସ କରିଥିଲେ। ମାତ୍ର କେହି ସଫଳ ହୋଇପାରି ନ ଥିଲେ। ୨୯ତମ ମିନିଟ୍‌ରେ ବାଲାଙ୍କ ସ୍ଥାନରେ ଆସିଥିବା କମଳା ଦେବୀ ମ୍ୟାଚ୍‌କୁ ସମାନ ସ୍ଥରକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ କମଳା ଅଳ୍ପକେ ନିଶ୍ଚିତ ଗୋଲ ହାତଛଡ଼ା କରିଥିଲେ। ତାଙ୍କ ବ୍ୟତୀତ ଗୋଲକିପର ଆଦିତି ଚୌହାନଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତୀୟ ଦଳ ପଏଣ୍ଟ ଭାଗ କରିପାରିଛି।


Office of the Medical Officer I/C, CHC, Kaniha, Dist.- Angul

TENDER CALL NOTICE

Sealed tenders are invited from the registered suppliers / distributors / firms for supply of medical equipments to CHC, Kaniha. The tender papers in details along with term & condition of tender can be downloaded from district website i.e. **www.angul.nic.in**. The sealed tender should be reached to undersigned on or before **24.11.2018** by **12 Noon** by Registered Post / Speed Post only. The technical bid will be opened on **01.12.2018** at **12 Noon** in the presence of tenderers or their authorized representatives by the Chairman of purchase committee. The undersigned reserve to right to cacel any or all tender without assigning any reason thereof. The undersigned is not reponsible for any postal of despatched delay.

Sd./- S. K. Patel
Medical Officer I/C
CHC, Kaniha, Angul



OFFICE OF THE DIRECTOR OF AGRICULTURE & FOOD PRODUCTION, ODISHA, BHUBANESWAR

NOTICE FOR EXPRESSION OF INTEREST (EoI)

No. 104-L: Sealed tenders are invited in two bid system i.e. Technical Bid & Financial Bid from reputed Manufacturers/MSME Units for supply of different Agricultural machinery as detailed in the following table:-

| Sl. No. | Name of the Machinery Implements | Approximate value (in Rs.) | Cost of tender documents (in Rs.) Bank draft No./Date |
|---|---|---|---|
| 1. | Ragi Thresher cum Pearler with Comprehensive Maintenance for another 2 years beyond 1 year warranty | Rs. 5.50 crore | Rs. 10000/- |
| 2. | Ragi Pre Cleaning Unit (cleaner cum grader with destoner / grader cum cleaner cum destoner Separator) | | |

The tender documents may be downloaded from the website of Government of Odisha (**www.odisha.gov.in**) from **09.11.2018 to 26.11.2018**. The appropriate tender paper cost of Rs.10000/- in shape of Bank Draft drawn in favour of “Development Engineer, OFMRDC, Bhubaneswar” payable at Bhubaneswar must be given while submitting the tender documents. The tender papers may be sent by Registered Post / Speed Post addressed to the Development Engineer OFMRDC, Satyanagar, Bhubaneswar. The last date of receipt of the tender is 26.11.2018 upto 5.00 PM. The tenders shall be opened on next working day i.e. on 27.11.2018 at 3.00 P.M. in presence of the tenderers or their authorized representatives. Any clarification may be obtained from the Office of the Development Engineer (Phone / Fax: 0674 - 2571860) on working days only from 09.11.2018 to 25.11.2018 during office hours between 11 AM to 5 PM. The undersigned reserves the right to cancel any or all tenders without assigning any reason and without incurring any liabilities thereof.

Sd./- Director of Agriculture & Food Production
Odisha, Bhubaneswar
01051/11/0001/1819



ମୋ ନାସା କର୍କଟ ଅସ୍ତ୍ରୋପଚାର ସଫଳ ହୋଇଥିବାରୁ ମୁଁ ବର୍ତ୍ତମାନ ବ୍ୟାଡ୍‌ମିଣ୍ଟନରୁ ଅବସର କଥା ଚିନ୍ତା କରୁନି ।

–ଲି' ଚୋଙ୍ଗ୍ ୱି, ମାଲେସିଆ ବ୍ୟାଡ୍‌ମିଣ୍ଟନ ଖେଳାଳି



ଭାରତ ବିପକ୍ଷ ଟେଷ୍ଟ ସିରିଜ ବେଳକୁ ମୁଁ ଇଞ୍ଜୁରୀ ମୁକ୍ତ ହୋଇଯାଇଥିବି ବୋଲି ମୋର ଦୃଢ ବିଶ୍ୱାସ ।

–ଉସ୍‌ମାନ ଖ୍ୱାଜା, ଅଷ୍ଟ୍ରେଲୀୟ ଓପନର

## ସଂକ୍ଷେପରେ

### ପାକିସ୍ତାନ ଦଳର ଅଂଶଗ୍ରହଣ ନେଇ ସନ୍ଦେହ

କରାଚୀ, ୮।୧୧ (ପି.ଟି.)-ଆର୍ଥିକ ସଙ୍କଟ ଯୋଗୁ ଆଗାମି ହକି ବିଶ୍ୱକପ୍‌ରେ ପାକିସ୍ତାନ ଦଳର ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଭୁବନେଶ୍ୱରରେ ଏହି ମେଗା ଇଭେଣ୍ଟ ନଭେମ୍ବର ୨୮ରୁ ଖେଳାଯିବ। ଏଥିଲାଗି ଦଳ ପଠାଇବା ଏବଂ ଖେଳାଳିମାନଙ୍କୁ ସେମାନଙ୍କ ବକେୟା ପାଉଣା ଦେବା ଉଦ୍ଦେଶ୍ୟରେ ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍) ପାକିସ୍ତାନ କ୍ରିକେଟ ଆସୋସିଏଶନଠାରୁ ଋଣ ଆକାରରେ ଆର୍ଥିକ ସହାୟତା ଲୋଡିଥିଲା। ମାତ୍ର ପିସିବି ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଖବର ଅନୁସାରେ ପାକିସ୍ତାନ ହକି ଦଳର ନୂଆ ମୁଖ୍ୟ କୋଚ୍ ତୌକିର ଦର୍ ଓ ମ୍ୟାନେଜର ହସନ ସର୍ଦ୍ଦାର ପିସିବି ଚେୟାରମାନ ଏହେସାନ ମନିଙ୍କ ସହିତ ଆର୍ଥିକ ଋଣ ନେଇ କଥାବାର୍ତ୍ତା ହୋଇଥିଲେ। ମନି ସେମାନଙ୍କୁ କହିଥିଲେ ୨୦୦୦ ପ୍ରାରମ୍ଭରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ତୌକିର ଜିଆଙ୍କ କାର୍ଯ୍ୟକାଳ ସମୟରେ ପିଏଚ୍‌ଏଫ୍ କ୍ରିକେଟ ବୋର୍ଡଠାରୁ ନେଇଥିବା ଋଣ ଏପର୍ଯ୍ୟନ୍ତ ପରିଶୋଧ କରିପାରିନି। ଯଦି ପୁଣି ଋଣ ପ୍ରଦାନ କରାଯାଉଛି ତେବେ ଆମ୍ଭମାନଙ୍କୁ ଅଡିଟର ଓ ଆର୍ଥିକ ପରାମର୍ଶଦାତାମାନଙ୍କ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ। ମନି ଅନ୍ୟପକ୍ଷରେ ପ୍ରତିଶ୍ରୁତି ଦେଇ କହିଥିଲେ ସେ ସରକାରଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିବେ ଏବଂ ପ୍ରାୟୋଜକ ଯୋଗାଡ଼ କରିବାରେ ସହାୟତା କରିବେ। ଆର୍ଥିକ ସଙ୍କଟ ଯୋଗୁ ବିଶ୍ୱକପ୍‌ରେ ଜାତୀୟ ଦଳର ଅଂଶଗ୍ରହଣ ନେଇ ଅନିଶ୍ଚିତତା ଦେଖା ଦେଇଛି ବୋଲି ପିଏଚ୍‌ଏଫ୍ ସମ୍ପାଦକ ଶାହବାଜ ଅହମ୍ମଦ ମଧ ପ୍ରକାଶ କରିଛନ୍ତି। ସେ କହିଛନ୍ତି ହକି ଫେଡେରେଶନକୁ ୮ ନିୟୁତ ପାକିସ୍ତାନୀ ଟଙ୍କା ମଞ୍ଜୁର କରିବା ଲାଗି ବାରମ୍ବାର ସରକାରଙ୍କୁ ଅନୁରୋଧ କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ ପ୍ରତ୍ୟୁତ୍ତର ମିଳିନାହିଁ।

### ଅନ୍ ଲାଇନ୍ କ୍ରେତାଙ୍କୁ ଟିକେଟ ବଣ୍ଟନ ଆରମ୍ଭ

ଭୁବନେଶ୍ୱର, ୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ): ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ୍‌ର ଟିକେଟ ବିକ୍ରି ଜୋରଦାର ଚାଲିଛି। ଷ୍ଟାଡିୟମର ବକ୍ସ ଅଫିସ୍ ଭୁବନେଶ୍ୱର ଓ କଟକର ବିଭିନ୍ନ ଆଉଟ୍‌ଲେଟ୍‌ରେ ଟିକେଟ କ୍ରୟ କରିବାକୁ ପ୍ରଶଂସକମାନଙ୍କ ମଧ ପ୍ରବଳ ଉତ୍ସାହ ଓ ପ୍ରତିଯୋଗିତା ଦେଖିବାକୁ ମିଳିଛି। ଗତ ୫ ତାରିଖରୁ ଆଉଟଲେଟ୍‌ରେ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୨୦ ଦିନ ବାକିଥିବା ବେଳେ ଟିକେଟ ବିକ୍ରିରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି ବୋଲି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ତେବେ ଯେଉଁମାନେ ଅନ୍ ଲାଇନ୍ ଟିକେଟ କ୍ରୟ କରିଥିଲେ ସେମାନେ ଭାଉଚର ଦେଖାଇ ପ୍ରକୃତ ଟିକେଟ ସଂଗ୍ରହ କରିପାରିବେ। ଏହି ଅନ୍ ଲାଇନ୍ ଟିକେଟ ବିମୋଚନ ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ୪ ନମ୍ବର ଗେଟ୍‌ରେ ପ୍ରଶଂସକମାନେ ପ୍ରତ୍ୟେକ ଦିନ ୧୦ଟାରୁ ୫ଟା ମଧରେ ଟିକେଟ ସଂଗ୍ରହ କରିପାରିବେ। ତେବେ ଯେଉଁ ପ୍ରଶଂସକମାନେ ଅନ୍ ଲାଇନ୍ ଟିକେଟ କ୍ରୟ କରିଥିଲେ ସେମାନେ ୪ ନମ୍ବର ଗେଟ୍ ସ୍ଥିତ ବକ୍ସ ଅଫିସ୍‌କୁ ସାଥିରେ ସେମାନଙ୍କର ଭାଉଚର ଆଣିବା ଆବଶ୍ୟକ ବୋଲି ହକି ଇଣ୍ଡିଆ ସଧାରଣ ସମ୍ପାଦକ ରାଜିନ୍ଦର ସିଂ କହିଛନ୍ତି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଶ୍ୱର ୩ ନମ୍ବର ଦଳ ବେଲଜିୟମ ଓ ୧୧ ନମ୍ବର ଦଳ କାନାଡ଼ା ପରସ୍ପରକୁ ଭେଟିବେ। ଉଦ୍‌ଘାଟନୀ ଦିବସରେ ଆୟୋଜକ ଭାରତ ମଧ ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଶ୍ୱର ୧୫ ନମ୍ବର ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।

### କ୍ୱାର୍ଟରରେ ଶ୍ରୀକାନ୍ତ, ସିନ୍ଧୁ

ଫୁଝୁ(ଚାଇନା),୮।୧୧(ପି.ଟି.): ଭାରତୀୟ ଶଟଲର କିଦାମ୍ବି ଶ୍ରୀକାନ୍ତ ଓ ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ଚାଇନା ଓପନ ୱାର୍ଲ୍ଡ ଟୁର ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ସିନ୍ଧୁ ୨୧-୧୨, ୨୧-୧୫ ଗେମ୍‌ରେ ଥାଇଲାଣ୍ଡ ବୁସାନାନ ଓଙ୍ଗବାମରୁଙ୍ଗଫାନଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଖେଳାଳି ଶ୍ରୀକାନ୍ତ ଇଣ୍ଡୋନେସିଆର ଟମି ସୁଗିଆର୍ତୋଙ୍କୁ ୩ ଗେମ୍ ବିଶିଷ୍ଟ ମୁକାବିଲାରେ ହରାଇ ଦେଇଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଭାରତୀୟ ଖେଳାଳି ୧୦-୨୧, ୨୧-୧୯, ୨୧-୯ ଗେମ୍‌ରେ ମ୍ୟାଚ୍‌କୁ ଜିତି ନେଇଛନ୍ତି।

# ହକି ବିଶ୍ୱକପ୍: ମନପ୍ରୀତ ଭାରତ ଅଧିନାୟକ



ଅଧିନାୟକ ମନପ୍ରୀତ ସିଂ।

**ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି), ରାଉରକେଲା ଅଫିସ,୮।୧୧**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଯାଉଥିବା ହକି ପୁରୁଷ ବିଶ୍ୱକପ୍ ଲାଗି ଗୁରୁବାର ହକି ଇଣ୍ଡିଆ ପକ୍ଷରୁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳରେ ଚିଙ୍ଗଲେନ୍‌ସାନା ସିଂ କାଙ୍ଗୁଜାମ ଉପ ଅଧିନାୟକ ଭାର ତୁଲାଇବେ। ଦଳରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଥିବା ଓଡ଼ିଶାର ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଜାତୀୟ ଦଳକୁ ଫେରିଛନ୍ତି। ଯୁବ ଓଡ଼ିଆ ଖେଳାଳି ଅମିତ ରୋହିଦାସ, ସୁରେନ୍ଦ୍ର କୁମାର, କୋଠାଜିତ ସିଂ ଓ ୨୦୧୬ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ହରମନପ୍ରୀତ ସିଂ ଓ ବରୁନ କୁମାରଙ୍କ ସହ ବୀରେନ୍ଦ୍ର ଦଳର ଡିଫେନ୍ସ ଭାଗ ସମ୍ଭାଳିବେ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଚାମ୍ପିୟନ ଭାରତୀୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନପ୍ରୀତ ସିଂ ମିଡ୍‌ଫିଲ୍ଡ ବିଭାଗର ନେତୃତ୍ୱ ନେବେ। ଏହି ବିଭାଗରେ ଅଭିଜ୍ଞ ଚିଙ୍ଗଲେନସାନାଙ୍କ ସମେତ ଯୁବ ଖେଳାଳି ସୁମିତ, ନୀଳକାନ୍ତ ଶର୍ମା ଓ ହାର୍ଦ୍ଦିକ ସିଂ ରହିଛନ୍ତି। ସେହିଭଳି ଭାରତୀୟ ଦଳର ଆକ୍ରମଣ ଦାୟିତ୍ୱରେ ଆକାଶଦୀପ ସିଂ, ଦିଲପ୍ରୀତ ସିଂ, ଲଳିତ ଉପାଧ୍ୟାୟ ଓ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ମନଦୀପ ସିଂ ଓ ସିମରନଜିତ ସିଂ ରହିବେ। ଭାରତୀୟ ଦଳ ଗ୍ରୁପ ସି'ରେ ବିଶ୍ୱର ୩ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ବେଲଜିୟମ ସମେତ କାନାଡା ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ଘରୋଇ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଦ. ଆଫ୍ରିକାକୁ ଭେଟିବ। ଗ୍ରୁପର ଶୀର୍ଷ ସ୍ଥାନ ହାସଲ କରିଥିବା ଦଳ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବ। ଅନ୍ୟ ଦଳଗୁଡ଼ିକୁ କ୍ରସ ଓଭର ପର୍ଯ୍ୟାୟର ସମ୍ମୁଖୀନ ହେବାକୁ ପଡ଼ିବ। ''ହକି ବିଶ୍ୱକପ୍ ପାଇଁ ଉପଲବ୍ଧ ଥିବା ଖେଳାଳିଙ୍କ ମଧ୍ୟରୁ ଆମେ ଶ୍ରେଷ୍ଠ କମ୍ବିନେଶନ ଦେଖି ଦଳ ଚୟନ କରିଛୁ। ୩୪ କୋର ଗ୍ରୁପରୁ ୧୮ ଜଣଙ୍କୁ ଚୟନ କରିବା ଲାଗି ଆମେ କେତେକ କଠିନ ନିଷ୍ପତ୍ତି ନେଇଛୁ। ଅନ୍ତିମ ୧୮ ଜଣିଆ ଦଳରେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ସ୍ଥାନ ମିଳିଛି। ଫର୍ମ ଓ ଫିଟ୍‌ନେସ୍‌କୁ ଦୃଷ୍ଟିରେ ରଖି ଏମାନଙ୍କୁ ଚୟନ କରାଯାଇଛି। ମୁଁ ନିଶ୍ଚିତ ଯେ, ଏହି ଭାରତୀୟ ଦଳ ଲଢୁଆ ପ୍ରଦର୍ଶନ କରିବ'' ବୋଲି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି।

ବୀରେନ୍ଦ୍ର ସେଲ ହକି ଏକାଡେମି ଛାତ୍ର ହୋଇଥିବା ବେଳେ ଅମିତ ହେଉଛନ୍ତି ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଛାତ୍ର। ସେ ବିଭିନ୍ନ ସମୟରେ କୋଚ୍ ବିଜୟ ଲାକ୍ରା ଓ ଅମୂଲ୍ୟ ବିହାରୀଙ୍କ ଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବା ବେଳେ ତାଙ୍କ ଚୟନ ନେଇ ମିଲଟନ ବିଲୁଙ୍ଗ, ଅମୂଲ୍ୟ ବେହେରା, ପିଟର ସୋରେନ ଓ ଫ୍ଲୋରେସିଆ ଏକ୍କା ପ୍ରମୁଖ ସନ୍ତୋଷ ପ୍ରକାଶ କରିଛନ୍ତି। ଅଲିମ୍ପିଆନ ବୀରେନ୍ଦ୍ର ରାଜୁକାନ୍ତ ସାଇନି ଓ ପିଟର ତିର୍କୀଙ୍କ ଭଳି ଦକ୍ଷ କୋଚ୍‌ଙ୍କ ଠାରୁ ତାଲିମ ପାଇଥିବା ବେଳେ ତାଙ୍କ ସଫଳତା ନେଇ ରାଉରକେଲାରେ ଆଶା ସଞ୍ଚାର ହୋଇଛି। ଉଭୟ ଖେଳାଳିଙ୍କୁ ଭେଟେରାନ ହକି ଆସୋସିଏସନ ସମେତ ପାନପୋଷ କ୍ରୀଡା ସଂଗଠନ ସାଧାରଣ ସମ୍ପାଦକ ସୁଶାନ୍ତ ବେହେରା ଓ ଅନ୍ୟମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଭାରତୀୟ ଦଳ

- ଗୋଲକିପର: ପି.ଆର. ଶ୍ରୀଜେଶ ଓ କ୍ରିଷନ ବାହାଦୁର ପାଠକ।
- ଡିଫେଣ୍ଡର: ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ବରୁନ କୁମାର, କୋଠାଜିତ ସିଂ ଖାଡାଙ୍ଗବାମ, ସୁରେନ୍ଦ୍ର କୁମାର ଓ ଅମିତ ରୋହିଦାସ।
- ମିଡ୍‌ଫିଲ୍ଡର: ମନପ୍ରୀତ ସିଂ (ଅଧିନାୟକ), ଚିଙ୍ଗଲେନସାନା ସିଂ କାଙ୍ଗୁଜାମ (ଉପଅଧିନାୟକ), ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ ଓ ସୁମିତ।
- ଫରୱାର୍ଡ: ଆକାଶଦୀପ ସିଂ, ମନଦୀପ ସିଂ, ଦିଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସିମରନଜିତ ସିଂ।

## ଦିଲୀପ, ଲାଜରୁସ୍‌ଙ୍କ ପରେ ବୀରେନ୍ଦ୍ର



ଦିଲୀପ ତିର୍କୀ

ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି) ହକି ବିଶ୍ୱକପର ୧୪ତମ ସଂସ୍କରଣ ପାଇଁ ଗୁରୁବାର ଘୋଷିତ ୧୮ ଜଣିଆ ଖେଳାଳି ତାଲିକାରେ ଓଡ଼ିଶାର ୨ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଭାରତୀୟ ହକି ବିଶ୍ୱକପ ଦଳରେ ଏକାଧିକ ଖେଳାଳି ସାମିଲ ହେବାର ସୁଯୋଗ ପାଇଛନ୍ତି। ପୂର୍ବରୁ ୨୦୦୬ରେ ଏହା ହୋଇଥିଲା। ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲାଙ୍କ ପରେ ତୃତୀୟ ଓଡ଼ିଆ ଖେଳାଳି ଭାବେ ବୀରେନ୍ଦ୍ର ଏକାଧିକ ବିଶ୍ୱକପରେ ଖେଳିବାକୁ ଯାଉଛନ୍ତି।



ଲାଜରୁସ ବାର୍ଲା

ହକି ବିଶ୍ୱକପ ୧୯୭୧ ମସିହାରୁ ଆରମ୍ଭ ହୋଇଥିଲେ ହେଁ ଓଡ଼ିଶା ଖେଳାଳିଙ୍କ ପ୍ରତିନିଧିତ୍ୱ ୧୯୯୮ରେ ଆରମ୍ଭ ହୋଇଥିଲା। ଅର୍ଥାତ୍ ୮ଟି ସଂସ୍କରଣ ପରେ ଭାରତ ପକ୍ଷରୁ କୌଣସି ଓଡ଼ିଶା ଖେଳାଳି ପ୍ରତିନିଧିତ୍ୱ କରିବାର ଗୌରବ ପାଇଥିଲେ। ନେଦରଲାଣ୍ଡର ଉଟ୍ରେଚ୍‌ଠାରେ ଅନୁଷ୍ଠିତ ଏହି ବିଶ୍ୱକପରେ ୨ ଜଣ ଓଡ଼ିଆ ଖେଳାଳି ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲା ଭାରତ ପକ୍ଷରୁ ଖେଳିଥିଲେ। ଏହି ବିଶ୍ୱକପରେ ୧୨ ଦଳ ମଧ୍ୟରେ ଭାରତ ୯ମ ସ୍ଥାନରେ ରହିଥିଲା। ୨୦୦୨ କୁଆଲାଲମ୍ପୁର ବିଶ୍ୱକପରେ ମଧ ଖେଳିବାର ସୁଯୋଗ ପାଇଥିଲେ ଦିଲୀପ ଓ ଲାଜରୁସ। ଏଥିରେ ଭାରତ ୧୬ ଦଳ ମଧ୍ୟରେ ୧୦ମ ସ୍ଥାନ ପାଇଥିଲା। ୨୦୦୬ରେ ଜର୍ମାନୀର ମନଚେନ୍‌ଗ୍ଲାଡ୍‌ବ୍ୟାକ୍‌ଠାରେ ଅନୁଷ୍ଠିତ ବିଶ୍ୱକପରେ ଜଣେ ଓଡ଼ିଆ ଖେଳାଳିଙ୍କ ଉପରେ ଅଧିନାୟକ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେ ଅନୁଷ୍ଠିତ ବିଶ୍ୱକପରେ ବୀରେନ୍ଦ୍ର ଲାକ୍ରା ଖେଳିଥିଲେ। ଏଥିରେ ଭାରତ ୯ମ ସ୍ଥାନ ଅଧିକାର କରିଥିଲା। ରେକର୍ଡ ଦେଖିଲେ ଏହା ପୂର୍ବରୁ ୨୦୦୬ରେ ଏକାଧିକ ଓଡ଼ିଆ ଖେଳାଳି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏବେ ୧୨ ବର୍ଷ ପରେ ତାହାର ପୁନରାବୃତ୍ତି ଘଟାଇ ୨ ଜଣ ଖେଳାଳି ଏହି ସୁଯୋଗ ପାଇଛନ୍ତି। ହକି ମହାକୁମ୍ଭ ଏଥର ଘରୋଇ ପରିବେଶରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଥିବାରୁ ଭାରତ ପୂର୍ବ ୫ ସଂସ୍କରଣ ତୁଳନାରେ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ୨୦୧୪ରେ ବୀରେନ୍ଦ୍ର ବିଶ୍ୱକପ୍ ଖେଳିବାର ଅଭିଜ୍ଞତା ରଖିଥିବାରୁ ଏଥର ଦ୍ୱିତୀୟ ଥରପାଇଁ ଏହି ମହାକୁମ୍ଭରେ ନିଜ ଯାଦୁ

### ଏକାଧିକ ବିଶ୍ୱକପ୍ ଖେଳିବାରେ ଓଡ଼ିଆ

ଥିଲେ ଦିଲୀପ ତିର୍କୀ। ଏହି ବିଶ୍ୱକପରେ ଦିଲୀପ, ଇଗ୍ନେସ ତିର୍କୀ ଓ ପ୍ରବୋଧ ତିର୍କୀ ଭାରତ ପକ୍ଷରୁ ଖେଳିଥିଲେ। ଏଥିରେ ଭାରତ ୧୨ ଦଳ ମଧ୍ୟରେ ୧୧ତମ ସ୍ଥାନ ପାଇଥିଲା। ୨୦୧୦ ବିଶ୍ୱକପ ନୂଆଦିଲ୍ଲୀରେ ହୋଇଥିବାବେଳେ ଜଣେ ହେଲେ ଓଡ଼ିଆ ଖେଳାଳି ଜାତୀୟ ଦଳ ପକ୍ଷରୁ ଖେଳିବା ସୁଯୋଗ ପାଇ ନ ଥିଲେ। ୨୦୧୪ ନେଦରଲାଣ୍ଡର ଦି ହଗ୍‌ଠାରେ ଦେଖାଇବାର ସୁଯୋଗ ପାଇଛନ୍ତି। ଅନ୍ୟ ପକ୍ଷରେ ନିଜ ଦକ୍ଷତା ଦ୍ୱାରା ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ପାରିଥିବା ଅମିତ ଏଥର ପ୍ରଥମଥର ପାଇଁ ବିଶ୍ୱକପର ଅନୁଭୂତି ଲାଭ କରିବେ। କଳିଙ୍ଗ ଷ୍ଟାଡିୟମ ଘରୋଇ ପଡ଼ିଆ ହୋଇଥିବାରୁ ଉଭୟ ବୀରେନ୍ଦ୍ର ଓ ଅମିତ ଦର୍ଶକଙ୍କ ସମର୍ଥନ ଲାଭ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ହକି ପ୍ରେମୀଙ୍କ ଆଶା ରହିଛି।

## ବୀରେନ୍ଦ୍ର ଲାକ୍ରା



ସୁନ୍ଦରଗଡ଼ ଜିଲା ଲାଚଡ଼ାରେ ଏକ ଆଦିବାସୀ ପରିବାରରେ ଜନ୍ମିତ ବୀରେନ୍ଦ୍ର ଜଣେ ଶ୍ରେଷ୍ଠ ଡିଫେଣ୍ଡର ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ୨୮ ବର୍ଷୀୟ ବୀରେନ୍ଦ୍ର ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ବଡ଼ ଭାଇ ବିମଲ ଓ ଭଉଣୀ ଅସୁନ୍ତା ଭାରତ ପାଇଁ ଖେଳି ବେଶ୍ ସଫଳତା ହାସଲ କରିଥିଲେ। ଅସୁନ୍ତା ଭାରତୀୟ ମହିଳା ଦଳର ନେତୃତ୍ୱ ମଧ ନେଇଥିଲେ। ରାଉରକେଲ ଷ୍ଟିଲ ପ୍ଲାଣ୍ଟର ସେଲ ହକି ଏକାଡେମୀରୁ ବୀରେନ୍ଦ୍ର କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୭ରେ ସେ ପ୍ରଥମଥର ପାଇଁ ଭାରତୀୟ ଜୁନିୟର ଦଳରେ ସାମିଲ ହୋଇଥିଲେ। ୨୦୧୧ରେ ସେ ଦକ୍ଷିଣ ଆଫ୍ରିକାରେ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟ୍ରଫିରେ ଭାରତ ପାଇଁ ଖେଳିଥିଲେ। ପୁଣି ୨୦୧୨ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ତେବେ ସେ ଏହା ପୂର୍ବରୁ ୨୦୦୯ରେ ସିଙ୍ଗାପୁରରେ ଭାରତ ପାଇଁ ଜୁନିୟର ବିଶ୍ୱକପ୍ ଖେଳିଥିଲେ। ଏହି ବର୍ଷ ସେ ସିଡନୀରେ ଅନୁଷ୍ଠିତ ଯୁଥ ଅଲିମ୍ପିକ୍ସରେ ମଧ ଭାରତ ପାଇଁ ପଡିଆକୁ ଓହ୍ଲାଇଥିଲେ। ସେହିପରି ୨୦୧୦ରେ ଢାକାରେ ଖେଳାଯାଇଥିବା ସାଫ୍ ଗେମ୍ସରେ ମଧ ଭାରତ ପାଇଁ ପ୍ରତିନିଧିତ୍ୱ କରି ସଫଳତା ହାସଲ କରିଥିଲେ।

ବୀରେନ୍ଦ୍ର ୨୦୧୪ ଏସିଆନ ଗେମ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୮ରେ ବ୍ରେଡାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ସେ ରୌପ୍ୟ ପଦକ ଜିତିଥିଲେ। ୨୦୧୪ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ ସେ ରୌପ୍ୟ ପଦକ ଜିତିଥିଲେ। ସେହିପରି ୨୦୧୨ରେ ମାଲେସିଆରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ହକିରେ ସେ ଦେଶ ପାଇଁ ବ୍ରୋଞ୍ଜ୍ ପଦକ ଜିତିଥିଲେ।

୨୦୧୨ ଚାମ୍ପିୟନ୍ସ ଟ୍ରଫି ରେ ଭାରତକୁ ସେମିଫାଇନାଲରେ ପହଞ୍ଚାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବୀରେନ୍ଦ୍ରଙ୍କ ପାସ୍ ବଲରେ ଭାରତ ବେଲଜିୟମକୁ ଏକମାତ୍ର ଗୋଲରେ ପରାସ୍ତ କରି ଦୀର୍ଘ ୮ ବର୍ଷ ପରେ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଥିଲା। ସେ ମଧ ଫ୍ରାନ୍ସରେ ଅନୁଷ୍ଠିତ ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ପ୍ରଥମ ଗୋଲ ଦେଇ ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ହାଇପ୍ରୋଫାଇଲ ହକି ଇଣ୍ଡିଆ ଲିଗ୍‌ରେ ମଧ ଅଂଶଗ୍ରହଣ କରି ସେ ବେଶ୍ ସଫଳ ହୋଇ ପାରିଥିଲେ। ଭାରତ ପାଇଁ ୭୧ଟି ମ୍ୟାଚ ଖେଳି ବୀରେନ୍ଦ୍ର ଏପର୍ଯ୍ୟନ୍ତ ୭ଟି ଗୋଲ ସ୍କୋର କରିଛନ୍ତି।

**ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଦୁଇଜଣ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ବୀରେନ୍ଦ୍ରଙ୍କ ପାଇଁ ଏହା ଦ୍ୱିତୀୟ ବିଶ୍ୱକପ୍ ହୋଇଥିବାବେଳେ ଅମିତ ପ୍ରଥମଥର ପାଇଁ ଏହି ହକି ମହାକୁମ୍ଭରେ ନିଜ ପ୍ରତିଭା ଦେଖାଇବେ।**

## ଅମିତ ରୋହିଦାସ




ଜଣେ ପ୍ରତିଭା ସମ୍ପନ୍ନ ଡିଫେଣ୍ଡର ଭାବେ ନିଜ ଦକ୍ଷତା ପ୍ରମାଣିତ କରିଥିବା ଅମିତ ରୋହିଦାସ ଜାତୀୟ ଦଳରେ ଜଣେ ନିୟମିତ ସଦସ୍ୟ ବନିଯାଇଛନ୍ତି। ୨୫ ବର୍ଷୀୟ ଅମିତ୍ ହକିର ଅନ୍ତୁଡିଶାଳା କୁହାଯାଉଥିବା ସୁନ୍ଦରଗଡ଼ ଜିଲାର ସଉନାମରା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ନିଜ ଗାଁରୁ ସେ ହକି ଖେଳିବା ଆରମ୍ଭ କରିଥିଲେ। ସେ ୨୦୦୪ରେ ରାଉରକେଲାର ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗ ଦେଇଥିଲେ। ୨୦୦୯ରେ ସେ ଜାତୀୟ ଜୁନିୟର ଦଳରେ ସ୍ଥାନ ପାଇବା ପରେ ପଛକୁ ଫେରି ଚାହିଁ ନ ଥିଲେ। ଏହାପରେ ଦମ୍‌ଦାର ପ୍ରଦର୍ଶନ କରି ସେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଇପୋରେ ୨୦୧୩ରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ସିନିୟର ଦଳ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଏହି ଟୁର୍ନାମେଣ୍ଟରେ ଭାରତ ରୌପ୍ୟ ପଦକ ହାସଲ କରିଥିଲା। ଏହା ପରେ ସେ ୨୦୧୭ରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏପର୍ଯ୍ୟନ୍ତ ସେ ଭାରତ ପାଇଁ ୪୧ଟି ମ୍ୟାଚରେ ପ୍ରତିନିଧିତ୍ୱ କରି ୨ଟି ଗୋଲ ସ୍କୋର କରିଛନ୍ତି।





ହକି ବିଶ୍ୱକପ୍ ପାଇଁ ମନୋନୀତ ଭାରତୀୟ ଦଳ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ | Press Regd. No. R.N. 21326/74 | Postal Regd. No. BN/42/18-20. | ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୯/୨୦୧୮ | Bhubaneswar, Friday, Novemeber 9/ 2018


## ସଂକ୍ଷେପରେ

### ୫ ଲକ୍ଷ ଟଙ୍କାର ତାର ସହ ଗାଡ଼ି ଜବତ

#### ମୁଖ୍ୟ ଅଭିଯୁକ୍ତ ଗିରଫ, ୩ ଫେରାର

**ଭୁବନେଶ୍ୱର, ୮।୧୧(ବ୍ୟୁରୋ):** ଖଣ୍ଡଗିରି ଥାନା ଭରତପୁର ଅଞ୍ଚଳରେ ଥିବା ଲକ୍ଷ୍ମୀ ଇଲେକ୍ଟ୍ରିକାଲ ଗୋଦାମରୁ ୫ ଲକ୍ଷ ଟଙ୍କାର ତାର ଚୋରି କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ପୋଲିସ ଚୋରି ତାରକୁ ଜବତ କରିବା ସହ ଏକ ଟାଟା ଏସିଇ ଗାଡିକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ମୁଖ୍ୟ ଅଭିଯୁକ୍ତ ଖାରବେଳନଗର ଥାନା ମସ୍‌ଜିଦ କଲୋନୀର ଏସ୍‌.କେ. ମୁଜିବର(୨୮)ଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଖଣ୍ଡଗିରି ଥାନା ଅଧୀନ ଭରତପୁର ଅଞ୍ଚଳରେ ସପନ କୁମାର ପରିଡାଙ୍କ ଲକ୍ଷ୍ମୀ ଇଲେକ୍ଟ୍ରିକାଲ ନାମକ ହୋଲସେଲ ଦୋକାନ ରହିଛି। ବୁଧବାର ବିଳମ୍ବିତ ରାତିରେ ୪ ଦୁର୍ବୃତ୍ତ ତାଙ୍କ ଗୋଦାମରୁ ତାର ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ସପନ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୫୨୨/୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ଦେଉଳି ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପକୁ ନେଇ ଚର୍ଚ୍ଚା

**ବେଗୁନିଆ,୮।୧୧(ଡି.ଏନ୍‌.ଏ.)**

### ମାଓବାଦୀ ସହଯୋଗୀ ସନ୍ଦେହରେ ଯୁବକ ଅଟକ

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ନେଇ କିଛିଦିନ ହେବ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିବାବେଳେ ଗୁରୁବାର ଦେଉଳି ବଜାରରେ ରାଶନ କିଣୁଥିବା ଜଣେ ଅଚିହ୍ନା ଯୁବକଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଛନ୍ତି। ମାଓବାଦୀଙ୍କୁ ସହଯୋଗ କରୁଥିବା ସନ୍ଦେହ କରାଯାଉଥିବାବେଳେ ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ସେ ନିଜ ନାଁ ସୁନିଲ ବୋଲି କହୁଛନ୍ତି। ମାତ୍ର ବାରମ୍ବାର ଠିକଣା ବଦଳାଉଥିବାରୁ ତାଙ୍କ ଉପରେ ଅଧିକ ସନ୍ଦେହ ଦୃଢ଼ୀଭୂତ ହୋଇଛି। କେତେବେଳେ ରାୟଗଡ଼ ତ ଆଉ କେତେବେଳେ ବରଗଡ଼ ଜିଲାର ଭେଡେନ ଅଞ୍ଚଳରେ ତାଙ୍କ ଘର ବୋଲି କହୁଛନ୍ତି। ତାଙ୍କର ପ୍ରକୃତ ପରିଚୟ ଜାଣିବା ସହ କାହିଁକି ଏଠାକୁ ଆସି ଜଙ୍ଗଲରେ ରହୁଛନ୍ତି ତାହାର ଖୋଳତାଡ଼ ଆରମ୍ଭ କରିଛି ବେଗୁନିଆ ପୋଲିସ। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ଦୁଇ ଜିଲାର ଏସ୍‌ପିଙ୍କ ସହ ଯୋଗାଯୋଗ କରିଥିବା ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ଗତ ୨ ମାସ ହେଲା ଦେଉଳି ଗ୍ରାମ ନିକଟ ଜଙ୍ଗଲରେ କେତେଜଣ ଅଚିହ୍ନା ଯୁବକ ଟେଣ୍ଟ ମାରି ରହୁଛନ୍ତି। ଜଙ୍ଗଲ ଓ ଆଖପାଖ ଅଞ୍ଚଳରେ ବୁଲାବୁଲି କରିବା ସହ ସ୍ଥାନୀୟ ବଜାରକୁ ଆସି ବିଭିନ୍ନ ସାମଗ୍ରୀ କିଣି ନେଇଥାନ୍ତି। ଏମାନଙ୍କୁ ଦେଖି ଲୋକେ ମାଓବାଦୀ ବୋଲି ସନ୍ଦେହ କରୁଛନ୍ତି। ଏପରିସ୍ଥଳେ ଗୁରୁବାର ଅପରାହ୍ନ ୨ଟାରେ ଦେଉଳି ବଜାରକୁ ଜଣେ ଅଚିହ୍ନା ଯୁବକ ଆସି ଜିନିଷପତ୍ର କିଣାକିଣି କରୁଥିବା ଦେଖିବାକୁ ପାଇଥିଲେ। ଏକ ରାଶନ ଦୋକାନରୁ କିଣୁଥିବାବେଳେ କେତେଜଣ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ତାଙ୍କୁ ପଚରାଉଚରା କରିଥିଲେ। ସେ ନିଜ ନାଁ ସୁନୀଲ ବୋଲି କହିଥିଲେ। ହେଲେ ତାଙ୍କ କଥାବାର୍ତ୍ତାରେ ସନ୍ଦେହ ହେବାରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ତାଙ୍କୁ ସେଠାରୁ ସିଧା ଥାନାକୁ ନେଇ ପଚରାଉଚରା ଜାରି ରଖିଥିବା ଜଣାପଡିଛି। ତେବେ ଜଙ୍ଗଲରେ ଅଚିହ୍ନା ଲୋକଙ୍କ କ୍ୟାମ୍ପ୍ ସଂକ୍ରାନ୍ତରେ ଥାନା ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ। କିନ୍ତୁ ଏ ସମ୍ପର୍କରେ ଖୋର୍ଦ୍ଧା ଏସ୍‌ପି ଦୀପ୍ତିରଞ୍ଜନ ରାୟ କୁହନ୍ତି, ଯୁବକଙ୍କୁ ସନ୍ଦିଗ୍ଧ ଭାବେ ଅଟକ ରଖି ପଚରାଉଚରା କରାଯାଉଛି। ମାଓବାଦୀ ସହଯୋଗୀ କି ନୁହେଁ ତାହା ଜାଣିବାକୁ ଉଦ୍ୟମ ଚାଲିଛି। ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହେଲେ ସତ୍ୟାସତ୍ୟ ଜଣାପଡିବ ବୋଲି ସେ କହିଛନ୍ତି।

# ବାରିକ ସମାଜରେ ବିଧବାଙ୍କ ପୁନର୍ବିବାହ




**କଟକ ଅଫିସ, ୮।୧୧**

ବାରିକ ସମ୍ପ୍ରଦାୟରେ ବିଧବା ବିବାହକୁ ନେଇ ଅନେକ ସାମାଜିକ ପ୍ରତିବନ୍ଧକ ରହିଛି। କିନ୍ତୁ ସବୁ ପ୍ରତିବନ୍ଧକକୁ ହଟାଇ ନିଖିଳ ଉତ୍କଳ ବାରିକ ସମିତି ଏକ ନିଆରା ଉଦାହରଣ ସୃଷ୍ଟି କରିଛି। ସମିତିର ଉଦ୍ୟମ କ୍ରମେ ଜଣେ ଅଳ୍ପବୟସ୍କା ବିଧବା ପୁଣିଥରେ ସଂସାର ଗଢିବାର ସୁଯୋଗ ପାଇଛନ୍ତି ।

ଗତ ସୋମବାର ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ବଡ଼ମ୍ବା ବ୍ଲକର ବାଙ୍ଗରାସିଂହା କଟକ ନିବାସୀ ନୀଳମଣି ବାରିକଙ୍କ କନ୍ୟା (ବିଧବା) ଲିଜା ବାରିକଙ୍କ ସହିତ ଢେଙ୍କାନାଳ ଜିଲା ଅଙ୍କରାନ୍ତିପୁର ନିବାସୀ ସ୍ୱର୍ଗତ ମୁକୁନ୍ଦ ବେହେରାଙ୍କ ଏକମାତ୍ର ପୁତ୍ର ପତିତ ବେହେରାଙ୍କ ବିବାହ ସମ୍ପନ୍ନ ହୋଇଛି। ସମସ୍ତ ଜାତି ବିରାଦରୀଙ୍କ ଉପସ୍ଥିତିରେ ସମିତିର କଟକ ଜିଲା ସଭାପତି ଅକ୍ଷୟ କୁମାର ବାରିକଙ୍କ ନେତୃତ୍ୱରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। କେବଳ ବାରିକ ଜାତି ନୁହେଁ, ଅନ୍ୟ ଜାତିର ଅଳ୍ପବୟସ୍କ ବିଧବା କନ୍ୟାମାନଙ୍କ ପାଇଁ ମଧ୍ୟ ଏହା ବଞ୍ଚିବାର ଏକ ନୂତନ ରାସ୍ତା ଖୋଲି ଦେଇଥିବା ସମିତି ସଭାପତି ଅକ୍ଷୟ କୁମାର କହିଛନ୍ତି। ଏହା ଏକ ପ୍ରାଚୀନ ରୁଗ୍‌ଣ ମାନସିକତାର ଅନ୍ତ ଘଟିଲା ବୋଲି ସେ କହିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଉଭୟ ପରିବାରର ଆତ୍ମୀୟ ସ୍ୱଜନଙ୍କ ସମେତ ଲିଜାଙ୍କ ପୂର୍ବ ଶାଶୁ ଘରର ଲୋକେ ଏହି ବିବାହ ସମୟରେ ଉପସ୍ଥିତ ଥିଲେ। ବାରିକ ସମିତି କଖଡ଼ି ଶାଖାର କୋଷାଧ୍ୟକ୍ଷ ସୁଶାନ୍ତ ବାରିକ, ଅନ୍ୟକର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଶୀର୍ବାଦ କରିଥିବା ବେଳେ ନିଖିଳ ଉତ୍କଳ ବାରିକ ସମିତିର ଶାଖା କର୍ମକର୍ତ୍ତାମାନଙ୍କ ମଧ୍ୟରୁ ଉପସଭାପତି ସୁଶୀଲ କୁମାର ଦାସ, ମହିଳା ଉପସଭାନେତ୍ରୀ ସଂଯୁକ୍ତା ବାରିକ, କାର୍ଯ୍ୟକାରୀ ସଭ୍ୟ ଗୋବିନ୍ଦ ଚନ୍ଦ୍ର ବାରିକ, ବଂଶୀଧର ବାରିକ ସହଯୋଗ କରିଥିଲେ। କନ୍ୟା ପକ୍ଷରୁ ସମୀର ବାରିକ, କନ୍ୟାପିତା ନୀଳମଣି ବାରିକ, ମାତା ମାମିନା ବାରିକ, ନିଶାମଣି ଲେଙ୍କା, କୁନି ବାରିକ ଓ ବର ପକ୍ଷରୁ ପୀତବାସ ପରିଡ଼ା, ବିଜୟ କୁମାର ବେହେରା, ବିଜୟ କୁମାର ଦଳେଇ, ହେମନ୍ତ ବାରିକ ଉପସ୍ଥିତ ଥିଲେ। ସମିତିର କଟକ ଜିଲା ଶାଖାର କାମଚଳା ସମ୍ପାଦକ ଏହାକୁ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି କାଳୀପ୍ରସନ୍ନ ବାରିକ ବରକନ୍ୟାଙ୍କୁ ଆଶୀର୍ବାଦ ଦେବା ସହିତ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହି ପ୍ରଶଂସା କରିଥିଲେ।

### ଆଶାସାଥୀ ପଦବୀ ଉଚ୍ଛେଦ ପ୍ରତ୍ୟାହାର ଦାବି

# ଅହୋରାତ୍ର ଧାରଣାରେ ବସିଲା ଆଶାକର୍ମୀ ସଂଘ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**


ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆଶାକର୍ମୀ ସଂଘ ପକ୍ଷରୁ ଦିଆଯାଇଥିବା ଧାରଣା।

ଆଶାସାଥୀ ପଦବୀ ଉଚ୍ଛେଦ ପାଇଁ ନିଆଯାଇଥିବା ନିଷ୍ପତ୍ତି ପ୍ରତ୍ୟାହାର ସମେତ ବିଭିନ୍ନ ଦାବିରେ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଗୁରୁବାର ଲୋୟର୍ ପିଏମ୍‌ଜିଠାରେ ଅହୋରାତ୍ର ଧାରଣା ଆରମ୍ଭ ହୋଇଛି। ଏହି ଅବସରରେ ସଂଘ ପକ୍ଷରୁ କୁହାଯାଇଛି, ଦେଶରେ ନିରାପଦ ମାତୃତ୍ୱ ନିମନ୍ତେ ଜନ ସଚେତନତା ସୃଷ୍ଟି ନିମନ୍ତେ ୨୦୦୫ ମସିହାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଆଶାକର୍ମୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାର ସଫଳତା ପରେ ଆଶାକର୍ମୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭିନ୍ନ ରିପୋର୍ଟ ଓ ଯୋଜନାର ସଫଳତା ନିମନ୍ତେ ଆଶାସାଥୀ ନିଯୁକ୍ତ କରାଗଲା। ମିଶନର ନିୟମାନୁସାରେ ଆବଶ୍ୟକ ଯୋଗ୍ୟତା ସମ୍ପନ୍ନ ଆଶାକର୍ମୀଙ୍କୁ ଆଶା କାର୍ଯ୍ୟ ସହ ଆଶାସାଥୀ ଭାବେ ୨୦୧୩ ମସିହାରୁ ନିଯୁକ୍ତି ପ୍ରଦାନ କରାଗଲା। ନିଯୁକ୍ତିଠାରୁ ଏ ପର୍ଯ୍ୟନ୍ତ ଆଶାସାଥୀମାନେ ଉଭୟ କାର୍ଯ୍ୟ ସୁଚାରୁ ରୂପେ କରିଆସୁଥିବା ବେଳେ ହଠାତ୍ ଆଶାସାଥୀ ପଦବୀରୁ ଆଶାକର୍ମୀଙ୍କୁ ବାଦ୍ ଦେବା ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି। ଏହି ନିର୍ଦ୍ଦେଶନାମାରେ ଆଶାମାନଙ୍କର ମାସିକ ସୁନିଶ୍ଚିତ ଭତ୍ତା ୩ ହଜାର ହେବା ସହ ଆଶାସାଥୀମାନଙ୍କ ପାଇଁ କୌଣସି ଭତ୍ତା ବୃଦ୍ଧି ହେବନାହିଁ, ଯାହାକି ଦୁର୍ଭାଗ୍ୟଜନକ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଆଶାମାନଙ୍କ ପରି ଆଶାସାଥୀମାନଙ୍କର ପାରିଶ୍ରମିକ ଦ୍ୱିଗୁଣିତ କରାଯିବା ସହ କାମ କରିବାର ସମୟସୀମା ୬୨ ବର୍ଷକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଅବସର ପ୍ରୋତ୍ସାହନ ରାଶି ୨୦,୦୦୦ ଟଙ୍କା ଏବଂ ଦୁର୍ଘଟଣା ଓ ମୃତ୍ୟୁଜନିତ କ୍ଷତିପୂରଣ ଆଶାମାନଙ୍କ ପରି ଆଶାସାଥୀମାନଙ୍କୁ ପ୍ରଦାନ କରାଯିବାକୁ କୁହାଯାଇଛି। ଦାବିଗୁଡ଼ିକର ସମାଧାନ ନ ହେବା ପର୍ଯ୍ୟନ୍ତ ବିଭାଗୀୟ ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିବାକୁ ସଂଘ ଦାବି କରିଛି। ଏଥିପାଇଁ ପୂର୍ବାହ୍ନରୁ ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ଏକ ଶୋଭାଯାତ୍ରା ବାହାରି ଲୋୟର୍ ପିଏମ୍‌ଜି ପର୍ଯ୍ୟନ୍ତ ଆସିଥିଲା। ଏହାପରେ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ତେବେ ବିଭାଗୀୟ ମନ୍ତ୍ରୀ ଭୁବନେଶ୍ୱରରେ ଅନୁପସ୍ଥିତ ଥିବାରୁ ଏହି ଅହୋରାତ୍ର ଧାରଣା ଦାବି ପୂରଣ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି।

# ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବରମୁଣ୍ଡା ତେଲିସାହି ଅଞ୍ଚଳର ଦୀପକ କୁମାର ସାହୁ(୨୭)। ନୟାପଲ୍ଲୀ ସାଲିଆ ସାହିରେ ରହୁଥିବା ଜଣେ ମହିଳାଙ୍କର ୭ ବଖରା ଘର ଭଡାରେ ଲାଗିଛି। ବୁଧବାର ମହିଳାଙ୍କ ଘରେ ଭଡାରେ ରହୁଥିବା ଜଣେ ଭଡାଟିଆଙ୍କର ଇଲେକ୍ଟ୍ରି ବିଲକୁ ନେଇ କଳହ ହୋଇଥିଲା। ଅଭିଯୁକ୍ତ ଦୀପକ ଉକ୍ତ ଭଡାଟିଆଙ୍କ ସମ୍ପର୍କୀୟ ହୋଇଥିବାରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀପକ ଘର ମାଲିକ ଅର୍ଥାତ ଅଭିଯୋଗକାରୀ ମହିଳାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କୁ ଅସଦାଚାରଣ କରିଥିଲେ। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୫୦୫/୧୮) ରୁଜୁକରିଅଭିଯୁକ୍ତ ଦୀପକଙ୍କୁ ଗିରଫ କରିଛି।






### ଆସିପାରୁନି ଶୃଙ୍ଖଳା: ଠେଲାପେଲାରେ ବହୁ ଶ୍ରଦ୍ଧାଳୁ ଆହତ

# ଜଗମୋହନରେ ଚେତା ହରାଇଲେ ସାଧ୍ୱୀ

**ପୁରୀ ଅଫିସ,୮।୧୧**

ଧାଡ଼ିଦର୍ଶନ ବ୍ୟବସ୍ଥାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଦେହରେ ଲାଗିଥିବା କଳଙ୍କର ଛିଟା ଛଡାଇବା ଲାଗି ସବୁପ୍ରକାର ଉଦ୍ୟମ ହେଉଛି। ପ୍ରତିଦିନ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଉଛି। ହେଲେ ଫଳ ଶୂନ। ଠେଲାପେଲା ଯୋଗୁ ପ୍ରତିଦିନ ଅନେକ ଶ୍ରଦ୍ଧାଳୁ ଆହତ ହେଉଛନ୍ତି। ଗହଳି ଯୋଗୁ ଏକାଧିକ ଭକ୍ତ ଅଣନିଃଶ୍ୱାସୀ ହୋଇପଡୁଥିବା ବେଳେ ପୁଣି କେହି ଚେତା ହରାଉଛନ୍ତି। କାର୍ତ୍ତିକ ମାସ ଆରମ୍ଭରୁ ଶ୍ରୀମନ୍ଦିରରେ ଏମିତି ଅବ୍ୟବସ୍ଥା ଲାଗି ରହିଛି। ଏଥିରେ ସୁଧାର ଆଣିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଶତଚେଷ୍ଟା କରୁଥିଲେ ମଧ୍ୟ ସଫଳତା ପାଉନାହିଁ। ପୂର୍ବପରି ଭିତରକାଠ ଏବଂ ସାତପାହାଚରେ ସ୍ଥିତି ଅଣାୟତ୍ତ ହୋଇପଡୁଛି। ବୁଧବାର ଭିତରକାଠ ନିକଟରେ ଜଣେ ସାଧ୍ୱୀ ଚେତା ହରାଇଥିବା ବେଳେ ବହୁ ଭକ୍ତ ଅସୁସ୍ଥ ହୋଇପଡିଥିଲେ।

ଧାଡ଼ି ଦର୍ଶନକୁ ନେଇ ଏଭଳି ବିଶୃଙ୍ଖଳା ହେଉଛି ବୋଲି ବହୁ ଭକ୍ତ ଏବଂ ହବିଷିଆଳି ଅଭିଯୋଗ କରୁଛନ୍ତି। ପୂର୍ବରୁ ଚାରିଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିବାରୁ ଯିଏ ଯେତେବେଳେ ଆସି ଠାକୁରଙ୍କୁ ଦର୍ଶନ କରି ପଳାଉଥିଲା। କିନ୍ତୁ ଏବେ ଧାଡ଼ି ଦର୍ଶନ ଯୋଗୁ ସ୍ୱତନ୍ତ୍ର ପର୍ବପର୍ବାଣି ଦିନରେ ଏଭଳି ସ୍ଥିତି ଉପୁଜିଥିବା କହିଛନ୍ତି।

କାର୍ତ୍ତିକ ମାସ ଯୋଗୁ ବର୍ତ୍ତମାନ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅଧିକ ରହୁଛି। ବୁଧବାର ଥିଲା ଦୀପାବଳି ଅମାବାସ୍ୟା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦ୍ୱାର ଫିଟିବା କ୍ଷଣି ଶ୍ରୀମନ୍ଦିର ଭିତରକୁ ଭକ୍ତଙ୍କ ସୁଅ ଛୁଟିଥିଲା। ଗହଳି ଦିନତମାମ୍ ରହିଥିଲା। ପୂର୍ବାହ୍ନରେ ଜଣେ ସାଧ୍ୱୀ ଦର୍ଶନ କରୁଥିବା ସମୟରେ ଭିତରେ ଠେଲାପେଲା ହୋଇଥିଲା। ଚାପି ହୋଇଯିବାରୁ ସେ ଚେତା ହରାଇ ପଡିଯାଇଥିଲେ। ତାଙ୍କୁ ପୋଲିସ ବାହାରକୁ ଆଣିଥିଲା। ସଙ୍ଗେ ସଙ୍ଗେ ଶ୍ରୀମନ୍ଦିର ଆମ୍ବୁଲାନ୍ସରେ ତାଙ୍କୁ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏଠାରେ ଆବଶ୍ୟକ ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। କେବଳ ଏହି ସାଧ୍ୱୀ ନୁହଁନ୍ତି, ବୁଧବାର ଦର୍ଶନ ବେଳେ ବହୁ ଭକ୍ତ ଅସୁସ୍ଥ ହୋଇପଡିଥିଲେ। କିଏ ପଡି ଆହତ ହୋଇଥିଲେ ତ ପୁଣି କେହି ଭିଡ଼ ଯୋଗୁ ଅଚେତ ହୋଇପଡିଥିଲେ। ଏକାଧିକ ଭକ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ସୁସ୍ଥ ହୋଇ ଫେରିଥିବା ଜଣାପଡିଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। କିଛିଦିନ ହେବ ନିୟମିତ ଜଗମୋହନ, ନାଟମଣ୍ଡପରେ ଗହଳି ଯୋଗୁ ଭକ୍ତ ଚେତା ହରାଇବା, ଶ୍ୱାସରୁଦ୍ଧ ଏବଂ ଆହତ ହେବା ଘଟଣା ପଦାକୁ ଆସୁଛି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ପ୍ରତିଦିନ ହେଉଥିବା ଗହଳିକୁ ନେଇ କିଛି ନା କିଛି ଅଘଟଣ ଘଟୁଛି। ତେଣୁ ଭିଡ଼ ନିୟନ୍ତ୍ରଣ ଏବଂ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ଗୁରୁବାରଠାରୁ ଅଧିକ ପୋଲିସ ଏବଂ ପ୍ରତିହାରୀ ସେବକଙ୍କୁ ନିୟୋଜିତ କରାଯାଇଛି।

### ଗୋଳବାଇ ଜଙ୍ଗଲ ଗଣବଳାତ୍କାର ଘଟଣା

# ୫ଦିନ ପରେ ବି ଅଭିଯୁକ୍ତଙ୍କ ଟେର ପାଉନି ପୋଲିସ

**ଖୋର୍ଦ୍ଧା ଅଫିସ,୮।୧୧**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଗୋଳବାଇ ଜଙ୍ଗଲରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଗଣବଳାତ୍କାର ଘଟଣା ୫ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇ ନାହିଁ। ସୂଚନାଥାଉକି, ଗତ ୩ ତାରିଖ ଅପରାହ୍ନରେ ଗୋଳବାଇ ଜଙ୍ଗଲରେ ଜଣେ ୨୨ ବର୍ଷୀୟା ଭିନ୍ନକ୍ଷମ ଯୁବତୀଙ୍କୁ ୩ଜଣ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ୩୭୬(ଘ) ଦଫାରେ ମାମଲା (ନଂ.୧୬୩/୧୮)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଭିନ୍ନକ୍ଷମ ପୀଡ଼ିତା ପରିବାର ନ୍ୟାୟ ନ ପାଇଲେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ୧୩ରେ ଜଙ୍କିଆ ଥାନା ସମ୍ମୁଖରେ ଧାରଣା ଦେବ। ଅଭିଯୋଗ ଅନୁସାରେ ଯୁବତୀଙ୍କୁ ନ୍ୟାୟ ଯୋଗାଇ ଦେବା, ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି ରହିଛି। ସେହିପରି ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ, ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବାର ଦାବିରହିଛି। ୧୧ ତାରିଖ ସୁଦ୍ଧା ଦାବିପୂରଣ ନ ହେଲେ ମହିଳା ସମିତି ଆନ୍ଦୋଳନ କରିବବୋଲି ଗୁରୁବାର ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ ହୋଇଛି।

### ଡା. ଚୂଡ଼ାମଣି ମେହେରଙ୍କ ପରଲୋକ

**କଟକ ଅଫିସ, ୮।୧୧**

ଜଣାଶୁଣା ରେଡିଓଲୋଜିଷ୍ଟ ଡା. ଚୂଡ଼ାମଣି ମେହେରଙ୍କ ୬୬ବର୍ଷ ବୟସରେ ଗୁରୁବାର କଟକରେ ପରଲୋକ ଘଟିଛି। ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡା. ମେହେରଙ୍କ ଘର ବରଗଡ଼ ଜିଲା ଭେଡେନ ଅଞ୍ଚଳରେ। ସେ ଦୀର୍ଘଦିନ ହେବ କଟକର ସିଡିଏ ଅଞ୍ଚଳରେ ରହି ଘରୋଇ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଚଳାଉଥିଲେ। ୧୯୮୬ରେ ସେ ପ୍ରଥମେ ରାଜ୍ୟରେ ଘରୋଇ ଭାବେ ଅଲଟ୍ରାସାଉଣ୍ଡ୍ ଚିକିତ୍ସା ବ୍ୟବସ୍ଥା ଆରମ୍ଭ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଡାକ୍ତରଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମନୁଷ୍ୟ ହୁଏତ ଉଡ଼ି ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।

- ଜର୍ଜ ବର୍ଣ୍ଣାଡ ଶ



# ମାପ ଓଜନରେ ଚାଲିଛି ବ୍ୟାପକ ଠକେଇ

**ସାଲେପୁର, ୮।୧୧ (ଡି.ଏନ୍.ଏ.)**

**ସାଲେପୁର ବ୍ଲକ**
- ଠକାମିର ଶିକାର ହେଉଛନ୍ତି ଗ୍ରାହକ
- ପ୍ରଶାସନ ପକ୍ଷରୁ ନିଆଯାଉ ନାହିଁ କାର୍ଯ୍ୟାନୁଷ୍ଠାନ
- ବ୍ୟାଗ କଣାକରି ଲୁଟି ନେଉଛନ୍ତି ସିମେଣ୍ଟ
- ବଟକରାର ତଳଅଂଶ କାଟି କରୁଛନ୍ତି ଠକେଇ

ସାଲେପୁର ବ୍ଲକର ବିଭିନ୍ନ ମାପ ଓଜନରେ ଚାଲିଛି ବ୍ୟାପକ ଠକେଇ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ପ୍ରାୟ ୩ ହଜାରରୁ ଅଧିକ ବ୍ୟବସାୟୀ ଥିବାବେଳେ ଅଧିକ ଲାଭ ଆଶାରେ ବହୁ ବ୍ୟବସାୟୀ ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି। ପ୍ରଶାସନ ପକ୍ଷରୁ କେବଳ ମାର୍ଚ୍ଚମାସରେ ଧାର୍ଯ୍ୟ ଲକ୍ଷ୍ୟପୂରଣ ପାଇଁ କେତେକ ଦୋକାନୀଙ୍କଠାରୁ ପ୍ରାପ୍ୟ ଆଦାୟ କରାଯାଇ ରାଜସ୍ୱ ପଇଠ କରାଯାଉଛି। ମାତ୍ର ଆଖିଦୃଶିଆ ଚଢ଼ାଉ କରାଯାଉ ନାହିଁ । ବହୁ ସ୍ଥାନରେ ମାପ ଓଜନ ଯନ୍ତ୍ରରେ କମ୍ପ୍ୟୁଟର କଣ୍ଟା ଅଚଳ ହୋଇପଡ଼ିଥିବା ବେଳେ ଏଗୁଡ଼ିକ ସଜଡା ଯାଉନାହିଁ। ସୁନାଦୋକାନୀଙ୍କୁ ହଲ୍‌ମାର୍କା ବ୍ୟବହାର ପାଇଁ ବାରମ୍ବାର କୁହାଯାଉଥିବା ବେଳେ ତାହା ମଧ କେତେକ ସ୍ଥାନରେ କାର୍ଯ୍ୟକାରୀ ହେଉ ନ ଥିବା ଜଣାପଡିଛି। କେତେକ ସୁନାଗହଣା ଦୋକାନୀ କମ୍ପ୍ୟୁଟର କଣ୍ଟାରେ ଠକେଇ କରୁଥିବା ଅଭିଯୋଗ ହୋଇଛି। ସେହିପରି ବିଭିନ୍ନ ପ୍ୟାକେଟ୍ ଏବଂ ଅଖା ବ୍ୟାଗ୍‌ରେ ଆସୁଥିବା କେତେକ ସାମଗ୍ରୀରେ ଉଲ୍ଲେଖ ଥିବା ଓଜନ ଅନୁସାରେ ସାମଗ୍ରୀ ରହୁ ନ ଥିବା ଅଭିଯୋଗ ହେଉଛି। ଏପରିକି ସିମେଣ୍ଟ ବ୍ୟାଗ୍‌ରେ ମଧ ଆବଶ୍ୟକୀୟ ଓଜନଠାରୁ କମ୍ ସିମେଣ୍ଟ ରହୁଥିବା ଜଣାପଡିଛି। କେତେକ ବ୍ୟବସାୟୀ ସିମେଣ୍ଟ ଅଖାକୁ କଣାକରି ସିମେଣ୍ଟଗୁଡ଼ିକୁ ବାହାର କରି ଦେଉଛନ୍ତି। ଏ ସମ୍ପର୍କରେ ସେମାନଙ୍କ ପାଖରେ ଗ୍ରାହକ ଅଭିଯୋଗ କଲେ ସେମାନେ କମ୍ପାନୀର ଦୋଷ ଦେଇ ଖସିଯିବାକୁ ଉଦ୍ୟମ କରୁଛନ୍ତି। କମ୍ପାନୀରୁ ମାଲ ଆସିବା ବେଳେ ଏଭଳି କଣା,ଫଟା ବ୍ୟାଗ୍ ଆସିଛି ବୋଲି ସମ୍ପୃକ୍ତ ଦୋକାନୀମାନେ କହୁଛନ୍ତି। ସେହିପରି ବିଭିନ୍ନ ଆଳୁ ଓ ପିଆଜ ଗୋଦାମରେ ଓଜନରେ ବ୍ୟାପକ ଠକେଇ ହେଉଥିବା ଅଭିଯୋଗ ହୋଇଛି। କେତେକ ବ୍ୟବସାୟୀ ରୀତିମତ୍ ଠକେଇ କରିବା ପାଇଁ ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି। ସେମାନେ ବଟକରାର ତଳଅଂଶ କାଟିଦେଇ ତାହାକୁ ବ୍ୟବହାର କରୁଥିବା ଜଣାପଡିଛି। ସେହିପରି ଲୁହା ଲକଡି ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଲୋକମାନଙ୍କୁ ପୁରୁଣା ଦଣ୍ଡିପାଲିରେ ଠକିଚାଲିଛନ୍ତି। ମାତ୍ର ଏମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏବେବି ବିଭିନ୍ନ ଗ୍ରାମ ବୁଲି କେତେକ ବ୍ୟବସାୟୀ ରଦ୍ଦି କାଗଜ, ପୁରୁଣା ଲୁହା ଲୋକଙ୍କଠାରୁ କିଣୁଥିବା ବେଳେ ପୁରୁଣାକାଳିଆ ଲୁହାଦଣ୍ଡି ଓ କଣ୍ଟା ବ୍ୟବହାର କରି ଗ୍ରାହକଙ୍କୁ ଠକି ଚାଲିଛନ୍ତି । କେତେକ ଲୁହାରଡ୍ ବ୍ୟବସାୟ କରିଥିବା ସଂସ୍ଥାମାନେ ମଧ ଲୋକଙ୍କୁ ଠକି ଚାଲିଛନ୍ତି। ଏହି ଘଟଣାରେ ମାପ ଓଜନ ବିଭାଗର କର୍ମଚାରୀମାନେ ନୀରବ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମାପ ଓଜନ ବିଭାଗର ନିର୍ଦ୍ଦେଶକ ଏହି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାହକମାନଙ୍କ ପକ୍ଷରୁ ଦାବି ହୋଇଛି।

# ଯୌତୁକଜନିତ ବଧୂ ହତ୍ୟା ଅଭିଯୋଗ

**ଲଳିତଗିରି/ମାହାଙ୍ଗା, ୮।୧୧(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅନ୍ତର୍ଗତ ଚମ୍ପତିପୁର ଗ୍ରାମରେ ଯୌତୁକ ପାଇଁ ବଧୂ ହତ୍ୟା ହୋଇଛି। ମୃତକ ଜଣକ ହେଲେ ମଉଦା ପଞ୍ଚାୟତସ୍ଥିତ ମଉଦା ଗ୍ରାମର ସସ୍ମିତା ରାଉତ (୨୪)। ଏନେଇ ତାଙ୍କ ବାପା ବଟକୃଷ୍ଣ ବେହେରା ମାହାଙ୍ଗା ଥାନାରେ ବୁଧବାର ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଗତ ୨୦୧୬ଜୁଲାଇରେ ଚମ୍ପତିପୁର ଗ୍ରାମର ସୋମନାଥ ରାଉତଙ୍କ ବଡପୁଅ ମାନସଙ୍କୁ ସସ୍ମିତା ବୈଦିକ ରିତିରେ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଲକ୍ଷେ ୧୦ ହଜାର ଟଙ୍କା ,ସୁନା ଚେନ,ମୁଦି ଆଦି ଯୌତୁକ ଆକାରରେ ଦିଆଯାଇଥିଲା । ମାତ୍ର ବିବାହର ୫ ମାସ ପରେ ଶ୍ୱଶୁର ଘର ଲୋକେ ଅଧିକ ୫୦ ହଜାର ଟଙ୍କା ଦାବି କରି ସସ୍ମିତାଙ୍କୁ ମାନସିକ ନିର୍ଯାତନା ଦେବାସହ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ସେ ୭ ମାସର ଗର୍ଭବତୀ ଥିବାବେଳେ ଶ୍ୱଶୁରଘର ଲୋକେ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରି କିରୋସିନ ଢ଼ାଳି ମାରି ଦେବାକୁ ଉଦ୍ୟମ କରିଥିଲେ। ଖବରପାଇ ବଟକୃଷ୍ଣ ଝିଅ ଘରେ ପହଞ୍ଚି ଶ୍ୱଶୁର ଘର ଲୋକଙ୍କୁ ବୁଝାଶୁଝା କରିବା ସହ ୧୦ ହଜାର ଟଙ୍କା ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏବେ ସସ୍ମିତାଙ୍କ ଏକ ୭ ମାସର ଶିଶୁପୁତ୍ର ରହିଥିବାବେଳେ ଗୁରୁବାର ଶ୍ୱଶୁର ଘରଲୋକେ ତାଙ୍କ ହତ୍ୟା କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ରଖି ଚାଲିଯାଇଥିଲେ ବୋଲି ବଟକୃଷ୍ଣ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ (କେସ ନଂ– ୨୧୭/୧୮)ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି। ଗୁରୁବାର ପୋଲିସ ଶ୍ୱଶୁରଙ୍କ ଘରକୁ ଯାଇ ଯୌତୁକ ସାମଗ୍ରୀ ଓ ସସ୍ମିତାଙ୍କ ଏକ କାଦୁଅ ଭିଜା ଶାଢ଼ି ଜବତ କରିଛି। ଏହି ଘଟଣାରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ବଡ଼ମ୍ବା,୮।୧୧ (ଡି.ଏନ୍.ଏ.):** ବଡ଼ମ୍ବା ଥାନା ଅନ୍ତର୍ଗତ ବେଲିଆପାଳ ଗ୍ରାମର ସରୋଜକାନ୍ତ ପଣ୍ଡା(୩୯)ଙ୍କ ବୁଧବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସରୋଜ ବାଇକରେ ଘରକୁ ଫେରୁଥିବାବେଳେ ଡମଣଗାଡ଼ିଆ ହାଇସ୍କୁଲ ପାଖରେ ଏକ ଅଜଣା କାର ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବଡମ୍ବା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।ଏହି ଘଟଣାର ତଦନ୍ତ ଜାରି ରହିଛି।

## ବିଦ୍ୟୁତ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ଆଠଗଡ,୮।୧୧(ସ୍ୱ.ପ୍ର.):** ଆଠଗଡ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣେ ଶ୍ରମକଙ୍କ ବିଦ୍ୟୁତ୍ ଆଘାତରେ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡ ଥାନା ଅନ୍ତର୍ଗତ ନଡୁଆପଡା ଗ୍ରାମର ପ୍ରକାଶ ବାରିକ (୨୪) । ଆଠଗଡ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟର ଉପର ମହଲାରେ ଏକ ଝରକା ରେଲିଂକୁ ବୈଦୁତିକ ଲୁହା କଟା ଯନ୍ତ୍ର ସାହାଯ୍ୟରେ କାଟୁଥିବାବେଳେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସେଠାରେ କାର୍ଯ୍ୟ କରୁଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ନେଇ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରକାଶଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସମ୍ପୃକ୍ତ ଠିକା କାମ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବରପାଇ ଆଠଗଡ ପୋଲିସ ଚିକିତ୍ସାଳୟରେ ପହଞ୍ଚି(ନଂ-୪୮/୧୮)ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ମୃତକଙ୍କ ପରିବାରବର୍ଗକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## କଳା ବୁଢିଆଣି କାମୁଡାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

**ଆଠଗଡ,୮।୧୧ (ସ୍ୱ.ପ୍ର.):** ବିଷାକ୍ତ କଳା ବୁଢ଼ିଆଣୀ କାମୁଡାରେ ଆହତ ହୋଇଥିବା ଆଠଗଡ ଥାନା ଅନ୍ତର୍ଗତ ରାଜନଗର ପଞ୍ଚାୟତର ପୂର୍ବତନ ମହିଳା ସରପଞ୍ଚ ବୈଦେହୀ ଦେହୁରୀ(୫୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ୨୦୦୭ରେ ଏହି ପଞ୍ଚାୟତରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଗତ ୪ ଦିନ ତଳେ ଏକ କଳା ବୁଢ଼ୀଆଣି ତାଙ୍କୁ କାମୁଡି ଦେଇଥିଲା। ଫଳରେ ସେ ଆହତ ହୋଇଥିଲେ ମଧ କୌଣସି ଚିକିତ୍ସା କରି ନ ଥିଲେ। ବୁଧବାର ତାଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ପରିବାର ଲୋକେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ଆଠଗଡ ପୋଲିସ ପକ୍ଷରୁ ଥାନାରେ (ନଂ-୪୭/୧୮)ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।





ଜାତୀୟ ଗ୍ରାମୀଣ ଜୀବିକା ମିଶନ ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଜାତୀୟ ଗ୍ରାମୀଣ ଜୀବିକା ମିଶନ ବୈଠକ

**ରଘୁନାଥପୁର,୮।୧୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ସଭାକକ୍ଷରେ ଗୁରୁବାର ଏସ୍ଏଚ୍‌ଜିମହିଳା ଗୋଷ୍ଠିଙ୍କୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ(ଏନଆରଏଲଏମ) ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାଣୀ ସମ୍ପଦ, ମତ୍ସ୍ୟ ପାଳନ ଓ ବିଭିନ୍ନ ବିଭାଗ ପକ୍ଷରୁ ବ୍ୟାଙ୍କ ଋଣ ନେଇ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବିଡିଓ ପଞ୍ଚାନନ ପଟ୍ଟାୟତ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଏପିଡି ଜୀବିକା ମିଶନ ସୌମ୍ୟରଞ୍ଜନ ବିଶ୍ୱାଳ, ପିଏ ଦେବାଶ୍ରୀତା ପରିଡା ପ୍ରମୁଖ ଉପସ୍ଥିତ ଥିବାବେଳେ ବିପିଏମ କଳ୍ପନା ଦଳେଇ ପରିଚାଳନା କରିଥିଲେ। ପଶୁ ସମ୍ପଦ ବିଭାଗର ଏଭିଏସ ସୌମ୍ୟରଞ୍ଜନ ମହାନ୍ତି ତାଙ୍କ ବିଭାଗ ପକ୍ଷରୁ ଛେଳି, ମେଣ୍ଢା ଓ କୁକୁଡା ପାଳନ ପାଇଁ ସରକାରଙ୍କ ଗାଇଡଲାଇନର ସୁବିଧା ସବୁ ମହିଳା ଗୋଷ୍ଠିଙ୍କୁ ବୁଝାଇଥିଲେ। ସେହିପରି ମତ୍ସ୍ୟ ବିଭାଗ ପକ୍ଷରୁ ଅଭୟ ଦାସ ଏକ ଏକର ପୋଖରୀରେ ମତ୍ସ୍ୟ ପାଳନ ପାଇଁ ୬୦ହଜାର ଟଙ୍କା ଋଣ ଦିଆଯିବା ସହ ଏଥିରେ ୩୬ହଜାର ସବସିଡି ପାଇପାରିବେ ବୋଲି ପ୍ରକାଶ କରିଥିଲେ। ୨୦୧୮–୧୯ବର୍ଷରେ ବ୍ଲକର ୪୫୦ଏସଏଚଜି ଗୋଷ୍ଠି ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୨୧୫ ଗୋଷ୍ଠି ବ୍ୟାଙ୍କ ଲିଙ୍କେଜ ଥିବାର ବିପିଏମ ଦଳେଇ କହିଥିଲେ। ଆଗକୁ ଅଧିକ ମହିଳା ଗୋଷ୍ଠି ଯେପରି ବ୍ୟାଙ୍କ ଋଣ ନେବେ ସେଥିପ୍ରତି ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ୟୁବିଆଇ ମ୍ୟାନେଜର ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ତରିକୁନ୍ଦ ଓ ତାରପୁର ଗ୍ରାମ୍ୟ ବ୍ୟାଙ୍କର ଅଧିକାରୀଗଣ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ବିଭିନ୍ନ ସ୍ଥାନରେ ମହାକାଳୀଙ୍କ ପୂଜା

**ନରସିଂହପୁର ୮।୧୧ (ଡି.ଏନ୍.ଏ.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପୁରପଲ୍ଲୀରେ ମହାକାଳୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଢେଇଗୁଣ୍ଡି ଗ୍ରାମରେ ମା'ଶ୍ୟାମାକାଳୀଙ୍କ ପୂଜା ଆୟୋଜନ କରାଯାଇଛି। ଗ୍ରାମବାସୀ ଏବଂ ଜଗନ୍ନାଥ କ୍ଲବ ପକ୍ଷରୁ ଆୟୋଜିତ ଏହି ପୂଜାରେ ୬ ତାରିଖରୁ ସପ୍ତମୀ, ଚଣ୍ଡିପାଠ, ଦୀପାବଳି, ବାଦିପାଲା, ସଂକୀର୍ତ୍ତନ ଓ ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମକୁ ଜଗନ୍ନାଥ କ୍ଲବର ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ । ସେହିପରି ବରମ୍ପୁରା ଓ ପଦ୍ମପୁର ଛକ ନିକଟରେ ମା' ମହାକାଳୀଙ୍କ ପୂଜାର୍ଚ୍ଚନା ଚାଲିଛି।

## ନୂତନ ଏନ୍‌ସିସି କ୍ୟାଡେଟ୍‌ଙ୍କ ଶପଥ ଗ୍ରହଣ ଉତ୍ସବ

**ବାଙ୍କୀ,୮।୧୧(ସ୍ୱ.ପ୍ର)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି( ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ)ରେ ନୂତନ ଭାବେ ଯୋଗଦେଇଥିବା କ୍ୟାଡେଟମାନଙ୍କ ପାଇଁ ଏକ ଶପଥ ଗ୍ରହଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ନୂତନ ଭାବେ ଏନ୍‌ସିସିରେ ଯୋଗଦେଇଥିବା ୨୦ଜଣ ଛାତ୍ରୀ ଓ ୨୫ ଜଣ ଛାତ୍ରଙ୍କୁ ଲ୍ୟୁଟନାଣ୍ଟ ସନ୍ଧ୍ୟାରାଣୀ ମହାନ୍ତି ଶପଥପାଠ କରାଇଥିଲେ। ଉତ୍ସବରେ କ୍ୟାଡେଟଙ୍କ ସହ ସେମାନଙ୍କର ଅଭିଭାବକ ଯୋଗଦେଇଥିଲେ। ଏଥିରେ ଭାରପ୍ରାପ୍ତ ଅଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ଲ୍ୟୁଟନାଣ୍ଟ ଗୁରୁବାରୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅଭିଭାବକ ବିଜୟ ଗୋଛି, ବାସନ୍ତୀ ରାଉତ୍, ଦୀପକ ମହାପାତ୍ର ଓ ବନମାଳି ରଥ ପ୍ରମୁଖ ଯୋଗଦେଇଥିଲେ। ସିନିୟର ଅଣ୍ଡର୍ ଅଫିସର୍ ସରୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଯୁକ୍ତି ଭିତ୍ତିକ ମାଗଣା ତାଲିମ ପାଇଁ ବ୍ଲକସ୍ତରୀୟ ମନୋନୟନ ଶିବିର

**ନିଶ୍ଚିନ୍ତକୋଇଲି,୮।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)**

ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ନିଯୁକ୍ତି ଭିତ୍ତିକ ମାଗଣା ତାଲିମ ପାଇଁ ବ୍ଲକସ୍ତରୀୟ ମନୋନୟନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ଆୟୋଜିତ ଏହି ଶିବିର ବେକାର ଯୁବତୀ ଓ ଯୁବକମାନଙ୍କ ପାଇଁ କରାଯାଇଥିଲା। ଶିବିରରେ ୫୧୫ ଜଣ ଯୁବତୀ ଯୁବକ ତାଲିମ ପାଇଁ ଆବେଦନ କରିଥିଲେ। ସେଥିରୁ ୧୬ଟି କମ୍ପାନୀ ୩୧୭ ଜଣଙ୍କୁ ପ୍ରଶିକ୍ଷଣ ଓ ନିଯୁକ୍ତି ଦେବା ନିମନ୍ତେ ମନୋନୀତ କରିଛନ୍ତି। ଶିବିରକୁ ବ୍ଲକ ଅଧକ୍ଷା ସବିତା ଓଝା ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଏବିଡିଓ ସୁଶାନ୍ତ ରଣା, ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ, ଏସସିଓ ସର୍ବେଶ୍ୱର ସିଂ ଓ କୌଶିକ ବିକାଶ ଜିଲା ସଂଯୋଜକ ବିଭୂତି ଭୂଷଣ ସାଠୋଇ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଗତି ସହାୟକ ଅଦ୍ୱୈତ୍ୟ ଚରଣ ଭୋଳ,ଜୀବନ ଜୀବିକା ସଂଯୋଜିକା ମୋନାଲିସା ପଣ୍ଡା, ସମିତି ସଭ୍ୟ ସଙ୍ଘର ଉପଦେଷ୍ଟା ଅଶୋକ ଓଝା, ଜିଲାପରିଷଦ ସଭ୍ୟା ସବିତା ସାମଲ, ଓ ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ୩ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ



ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

**ନିଶ୍ଚିନ୍ତକୋଇଲି, ୮।୧୧ (ସ୍ୱ.ପ୍ର/ଡି.ଏନ୍.ଏ.)**

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପକ୍ଷରୁ ୨ ପଞ୍ଚାୟତର ୩ ଜଣ ଦିବ୍ୟାଙ୍ଗଙ୍କୁ ଗୁରୁବାର ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ରାମକୃଷ୍ଣପୁର ପଞ୍ଚାୟତର ବିଜୟ କୁମାର ମଲିକ, ବନ୍ଧକାଟିଆ ପଞ୍ଚାୟତର ମନୋଜ ପାତ୍ର ଓ ଦିନବନ୍ଧୁ ଦାସ ଦୀର୍ଘଦିନ ହେବ ଚଳପ୍ରଚଳ କରିପାରୁ ନ ଥିଲେ। ଏନେଇ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଏହି ଟ୍ରାଇ ସାଇକେଲ ପ୍ରଦାନ ବେଳେ ଅଶୋକ ଓଝା, ରାମକୃଷ୍ଣପୁର ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ଜ୍ୟୋତି ପ୍ରକାଶ ସ୍ୱାଇଁ ଓ ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ମ୍ବା ଭାଜପାର ବ୍ଲକ୍ ଘେରାଉ

**ବଡ଼ମ୍ବା, ୮ । ୧୧ (ଡ଼ି.ଏନ୍.ଏ.)**

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗୁରୁବାର ବଡ଼ମ୍ବା ଭାଜପା ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅଭିମାନପୁରରୁ ଏକ ବାଇକ ଶୋଭାଯାତ୍ରା ବାହାରି ବଡ଼ମ୍ବା ହାଟ ନିକଟ ଆଡ଼ିଆମହାଦେବ ପୀଠରେ ପହଞ୍ଚିଥିଲା । ପରେ ସେଠାରୁ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଯାଇ ବଡ଼ମ୍ବା ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଜପାର ରାଜ୍ୟ, ଜିଲା ଓ ବଡ଼ମ୍ବା ବ୍ଲକ୍‌ର କର୍ମକର୍ତ୍ତା ଓ ନେତୃମଣ୍ଡଳୀମାନେ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ରାଜ୍ୟରୁ ଭ୍ରଷ୍ଟାଚାର ଓ ଦୁର୍ନୀତି ହଟାଇବା ପାଇଁ ନେତା ଓ କର୍ମୀମାନେ ଆହ୍ୱାନ ଦେଇଥିଲେ । ସେହିପରି ବ୍ଲକ୍‌ରେ ଚାଲିଥିବା ବିଭିନ୍ନ ଯୋଜନାରେ ଦୁର୍ନୀତି ହେଉଥିବା ଅଭିଯୋଗ କରି ଏହାକୁ ବନ୍ଦ କରିବା ପାଇଁ ସେମାନେ ଦାବି କରିଥିଲେ। ଏହି ବ୍ଲକ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ମୁଖପାତ୍ର ଆଇନ୍‌ଜୀବୀ ପିତାମ୍ବର ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ସମୀର ଦେ, ଜିଲା ସଭାପତି ହେମନ୍ତ ଚୌଧୁରୀ, କାର୍ଯ୍ୟକାରିଣୀ ସଦସ୍ୟ ଶାରଦା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ଭାଜପା କର୍ମକର୍ତ୍ତା ବିଭୁଦତ୍ତ ପଟ୍ଟନାୟକ, ସୂର୍ଯ୍ୟକିଶୋର ମହାନ୍ତି, ବିଜୟ କୁମାର ଦଳବେହେରା, ସରୋଜ ରଣା ଓ ନୀଳାମ୍ବର ବାରିକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ସେଠାରେ ବ୍ୟାପକ ପୋଲିସ୍ ମୁତୟନ କରାଯାଇଥିଲା ।

## ଦୀପାବଳି ଉପଲକ୍ଷେ ରାବଣ ପୋଡ଼ି ଉତ୍ସବ



**ଲଳିତଗିରି: ୮।୧୧(ସ୍ୱ.ପ୍ର):** ମାହାଙ୍ଗା ବ୍ଲକ୍‌ର ଗୋତରା ଅସୁଲପୁରଠାରେ ଗାଦିବାରୀ ଉନ୍ନୟନ ପରିଷଦ ପକ୍ଷରୁ ଦୀପାବଳି ଅବସରରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ରାବଣ ପ୍ରତିମୂର୍ତ୍ତି ନିର୍ମାଣ କରି ପୂଜାର୍ଚ୍ଚନା କରାଯାଇଥିଲା। ପରେ ସେଥିରେ ଅଗ୍ନି ସଂଯୋଗ କରାଯାଇଥିଲା । ଏଥିସହ ସେଠାରେ ଏକ ଆତସବାଜି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ୍ତ ସ୍ୱାଇଁ, ରାକେଶ ପଣ୍ଡା, ସରୋଜ ସ୍ୱାଇଁ, ପ୍ରହଲ୍ଲାଦ ବାରିକ, ପ୍ରିୟବ୍ରତ ବାରିକ, ଶାଶ୍ୱତ ବାରିକ ଓ ଜଗନ୍ନାଥ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ । ରାବଣ ପୋଡି ଦେଖିବାକୁ ବହୁ ଜନସମାଗମ ହୋଇଥିଲା ।

# ସ୍ୱାମୀଙ୍କ ମୃତ୍ୟୁର ୧୮ବର୍ଷ ପରେବି ମିଳୁନି ବିଧବା ଭତ୍ତା

**ସାଲେପୁର, ୮।୧୧ (ଡି.ଏନ୍.ଏ)**



ଶାନ୍ତିଲତା ବେହେରା

ଗରିବ, ଅବହେଳିତ, ନିଷ୍ପେଷିତ ଓ ବିଧବାମାନଙ୍କ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ଏସବୁ ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁ ସମୟରେ ପ୍ରଶାସନର ଅବହେଳା ଯୋଗୁ ହିତାଧିକାରୀମାନେ ଏସବୁ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ଏକ ଦୃଷ୍ଟାନ୍ତ ସାଲେପୁର ବ୍ଲକ୍ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତ ଲୁଣାହାର ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ଶାନ୍ତିଲତା ବେହେରାଙ୍କ ସ୍ୱାମୀ ପ୍ରାଣକୃଷ୍ଣ ବେହେରା ମୃତ୍ୟୁକୁ ୧୮ବର୍ଷ ବିତିଯାଇଛି। ମାତ୍ର ଅଦ୍ୟାବଧି ପ୍ରଶାସନ ପକ୍ଷରୁ ଶାନ୍ତିଲତାଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଉ ନାହିଁ। ଶାନ୍ତିଲତା ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ଅନ୍ୟ ଘରେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରନ୍ତି। ଅନ୍ୟର କାମ ନ କଲେ ଦୁଇ ଓଳି ଖାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଥାଏ। ଏନେଇ ସେ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ ମଧ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି ବୋଲି ଶାନ୍ତିଲତା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚନ୍ଦ୍ରାଦେଇପୁର ସରପଞ୍ଚ ଅନୀଲ୍ କୁମାର ଦାସ କହିଛନ୍ତ ଶାନ୍ତିଲତାଙ୍କ ଭତ୍ତା ସମ୍ପର୍କରେ ବ୍ଲକ୍ ପ୍ରଶାସନକୁ ଅବଗତ କରାଯାଇଛି। ଏଥିସହ ତାଙ୍କୁ ବିଧବା ଭତ୍ତା ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନ ନିକଟରେ ମଧ ଦାବି କରାଯାଇଛି।

■ କାନପୁର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚରେ ଭୁବନେଶ୍ୱର ବିଜୟୀ

**ନରସିଂହପୁର, ୮।୧୧ (ଡି.ଏନ୍.ଏ.)**



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ମିନିଷ୍ଟାଡିୟମରେ ଗୁରୁବାର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । କାନପୁର ଆଞ୍ଚଳିକ ଆଥଲେଟିକ ଆସୋସିଏଶନ ଦ୍ୱାରା ପରିଚାଳିତ ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ବୌଦ୍ଧ କ୍ଲବ ଓ ଭୁବନେଶ୍ୱର ଘାଟିକିଆ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ୪–୧ ଗୋଲ ସ୍କୋର କରି ଘାଟିକିଆ ଭୁବନେଶ୍ୱର ଦଳ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଘାଟିକିଆ ଫୁଟବଲ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର ହୋଇଥିଲା । ପରେ ବୌଦ୍ଧ ଦଳ ପକ୍ଷରୁ ଏକ ଗୋଲ ସ୍କୋର କରାଯାଇ ମ୍ୟାଚକୁ ସମାନ ସ୍ଥିତିରେ ଅଣାଯାଇଥିଲା। ଏହାପରେ ଘାଟିକିଆ ଦଳ ପକ୍ଷରୁ ଅନ୍ୟ ଏକ ଗୋଲ କରାଯାଇ ଥିବାବେଳେ ୨ୟାର୍ଦ୍ଧରେ ପୁନର୍ବାର ୨ଟି ଗୋଲ ସ୍କୋର କରି ବିଜୟୀ ହୋଇଥିଲା। ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥିଭାବେ କୋରେଇ ବିଧାୟକ ତଥା ଚଳଚ୍ଚିତ୍ର ଅଭିନେତା ଆକାଶଦାଶ ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ, ଉପାଧକ୍ଷା ସୁନିତା ସ୍ୱାଇଁ, ଯୋଗଦେଇଥିଲେ । ଆଥଲେଟିକ୍ ଆସୋସିଏଶନର ସଭାପତି ସଞ୍ଜୟ କୁମାର ପଣ୍ଡା ଏଥିରେ ଅଧକ୍ଷତା କରିଥିବା ବେଳେ, ସମ୍ପାଦକ ସତିଶ ଚନ୍ଦ୍ର ସାହୁ, ଉପସଭାପତି କୃପାସିନ୍ଧୁ ଦାସ, ସହ ସମ୍ପାଦକ ସନାତନ ପ୍ରଧାନ, ଫକୀର ସାହୁ, ଅଲେଖ ପ୍ରସାଦ ସାହୁ ଓ ସୁଜ୍ଞାନ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମ୍ୟାଚକୁ ଅବିନାଶ ପଟ୍ଟନାୟକ ରେଫରିଭାବେ ପରିଚାଳନା କରିଥିବାବେଳେ ଏସ୍‌କେ ଖାନ ଓ ପିକେ ବେହେରା ଏଥିରେ ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର ୯ ନଭେମ୍ବର, ୨୦୧୮



"ଶିକ୍ଷାର ଅର୍ଥ ଅକ୍ଷର ଜ୍ଞାନ ନୁହେଁ ଏବଂ ପୋଥିଗତ ବିଦ୍ୟା ନୁହେଁ। ଏହାର ଅର୍ଥ ଚରିତ୍ର ଗଠନ ଏବଂ ଧର୍ମ ଭାବରେ ଜ୍ଞାନ ଅର୍ଜନ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଖୁଣ୍ଟୁଣୀ, ୮।୧୧(ଡି.ଏନ୍.ଏ.):** ଜିଆର୍‌ପି ଥାନା ଅଧୀନ ରାଜାଆଠଗଡ଼ ମତ୍ସ୍ୟପୁର ଷ୍ଟେଶନ ମଧ୍ୟବର୍ତ୍ତୀ ଅପ୍‌ଲାଇନରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କ ପରିଚୟ ମିଳିପାରିନାହିଁ। ସେ ଏକ ଲୁଙ୍ଗି, ଶାର୍ଟ ଓ ଚପଲ ପିନ୍ଧିଥିବାବେଳେ ତାଙ୍କ ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡାକ୍ତରଖାନା ପଠାଇ ଏକ ଅପମୃତ୍ୟୁ ମାମଲା(ନଂ. ୭/୧୮) ରୁଜୁ କରିଛି।

### ଦୋକାନ ଜଳିଗଲା

**କଣ୍ଟାପଡ଼ା, ୮।୧୧(ଡି.ଏନ୍.ଏ.):** ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁର ବଜାରରେ ଥିବା ଏକ ଭେରାଇଟି ଷ୍ଟୋରରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଶର୍ଟ୍‌ସର୍କିଟ ଯୋଗୁ ଏପରି ଘଟିଥିବା ଅନୁମାନ କରାଯାଉଛି। ବାଲିପାଟଣା ଥାନା ଅଧୀନ ବନମାଳିପୁରର ନିବାସ ଚନ୍ଦ୍ର ଗିରିଙ୍କର ଅଡଶପୁର ବଜାରରେ ଭେରାଇଟି ଷ୍ଟୋର ରହିଛି। ବୁଧବାର ଦୀପାବଳି ଥିବାରୁ ସେ ଦୋକାନ ବନ୍ଦକରି ଗାଁକୁ ଯାଇଥିଲେ। ରାତି ପ୍ରାୟ ୧ଟାରେ ଦୋକାନ ଭିତରୁ ଧୂଆଁ ବାହାରୁଥିବା ପାଟ୍ରୋଲିଂ ବେଳେ ପୋଲିସ ଦେଖିବାକୁ ପାଇଥିଲା। ସେମାନେ ଅଡଶପୁର ଅଗ୍ନିଶମ ବିଭାଗକୁ ଖବରଦେବାରୁ ବିଭାଗୀୟ କର୍ମଚାରମାନେ ଦମକଳ ଗାଡିରେ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ମାଲିକ ନ ଥିବାରୁ ସେମାନେ ଦୋକାନ କବାଟ ଭାଙ୍ଗିବାକୁ ସାହସ କରି ନ ଥିଲେ। ଖବରପାଇ ଦୋକାନୀ ବହୁ ସମୟ ପରେ ପହଞ୍ଚି କବାଟ ଖୋଲିବାରୁ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଜିନିଷ ପୋଡ଼ି ନଷ୍ଟ ହୋଇଯାଇଥିଲା।

### ଧକ୍କା ଖାଇ ଜଣେ ମୃତ

**କଟକ ଅଫିସ, ୮।୧୧:** ପୁରୀଘାଟ ଥାନା ଅନ୍ତର୍ଗତ ପିଠାପୁର ମଝିସାହି ଅଞ୍ଚଳର ମହାବାହୁ ଦଳେଇ ଓରଫ ଟିକି(୪୭)ଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ମହାବାହୁ ପିଠାପୁର ଖୁଣ୍ଟିଆ ଲେନ୍‌ରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ନିଶାସକ୍ତ ଅବସ୍ଥାରେ ପାଟି କରୁଥିଲେ। ଏଥିରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ବିରକ୍ତ ହୋଇ ମହାବାହୁଙ୍କୁ ପାଟି କରିବା ସହ ଏଠାରୁ ଚାଲିଯିବାକୁ କହିଥିଲେ ମଧ ସେ ଶୁଣି ନ ଥିଲେ। ମହାବାହୁ ଅତ୍ୟଧିକ ପାଟି କରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଧକ୍କା ମାରିଦେଇଥିଲେ। ଫଳରେ ମହାବାହୁ ତଳେ ପଡିଯିବାରୁ ଏକ ପଥରରେ ତାଙ୍କର ମୁଣ୍ଡ ମାଡ ହୋଇଯାଇଥିଲା। ସେ ଚେତାଶୂନ୍ୟ ହୋଇଯିବାରୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଥାନା ନିକଟରେ ଚାଲିଛି ନିଶା କାରବାର

**କଟକ ଅଫିସ,୮।୧୧**

- ଗଛମୂଳେ ଜମୁଛି ବେପାର
- ପୁଡିଆରେ ମିଳୁଛି ଗଞ୍ଜେଇ, ବ୍ରାଉନ୍‌ସୁଗାର
- ଜାଣି ଅଜଣା ରହୁଛନ୍ତି ପୋଲିସ ଅଫିସର

ଲିଙ୍କରୋଡ୍‌ଠାରୁ ବାଦାମବାଡି ଯିବା ରାସ୍ତାରେ ନିଶାମଣି ସିନେମା ହଲ ରାସ୍ତାପାଖରେ ଗଛମୂଳେ ବିକ୍ରି ଚାଲିଛି ଗଞ୍ଜେଇ, ଭାଙ୍ଗ ଓ ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟ। ସନ୍ଧ୍ୟା ହେବାମାତ୍ରେ ସେଠାରେ ଦେଖିବାକୁ ମିଳେ ମିଞ୍ଜିମିଞ୍ଜି ଆଲୁଅ।। ରାତି ୭ଟାରୁ ୧୨ଟା ପର୍ଯ୍ୟନ୍ତ ଚାଲେ ବେଧଡ଼କ ନିଶା ବେପାର। ଏଠାରେ କଲେଜ ପଢୁଆ ପୁଅଙ୍କଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ଭିଡ଼ ଜମୁଥିବାବେଳେ କୋଡ୍ ୱାର୍ଡରେ ହେଉଛି କାରବାର। ଚିହ୍ନାମୁହଁ ଦେଖିବାମାତ୍ରେ ବିକ୍ରେତା ତାଙ୍କ ହାତକୁ ବଢ଼ାଇ ଦିଅନ୍ତି ପୁଡ଼ିଆ। ଅଚିହ୍ନା ଦେଖିଲେ ସମ୍ପର୍କ ଯୋଡ଼ି ଗ୍ରାହକ ବଢ଼ାନ୍ତି। ମଧୁପାଟଣା ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଏହି ବେଆଇନ କାରବାର ଚାଲୁଛି। ଥାନା ନାକତଳେ ୮ମାସରୁ ଊର୍ଦ୍ଧ୍ୱ ହେବ ଏହି ବେଆଇନ ନିଶା ବେପାର ଚାଲିଥିଲେ ମଧ ପୋଲିସ ପକ୍ଷରୁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଏ ନେଇ ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିବା ସହ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସବୁଠାରୁ ସମ୍ବେଦନଶୀଳ ଘଟଣା ହେଲା ନିଶା ବେପାର ଚାଲୁଥିବା ଉକ୍ତ ସ୍ଥାନ ନିକଟରେ ରହିଛି ଦୁଇଟି ଘରୋଇ ହସ୍ପିଟାଲ ସମେତ ମନ୍ଦିର, ସ୍କୁଲ ଓ କଲେଜ। ସବୁଦିନ ପିସିଆର୍ ଭ୍ୟାନ୍‌ରେ ପୋଲିସ ଅଧିକାରୀ ସେହିବାଟ ଦେଇ ଯିବାଆସିବା କରୁଛନ୍ତି। ହେଲେ ଜାଣି ନ ଜାଣିଲା ପରି ମୁହଁ ଆଡେଇ ଚାଲି ଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅଶୋକ ଦଳେଇଙ୍କ ଭଳି ବହୁ ଲୋକ ଅଭିଯୋଗ କରିଛନ୍ତି ଯେ, ପୋଲିସ କାହିଁକି ସବୁବେଳେ ଅଭିଯୋଗକୁ ଗୁରୁତ୍ୱ ଦେଉଛି। ନିଜଆଡୁ କାହିଁକି ପଦକ୍ଷେପ ଗ୍ରହଣ କରୁନି। ଏ ସମ୍ପର୍କରେ ମଧୁପାଟଣା ଥାନା ଅଧିକାରୀ ତେରେସ୍କୋଭା ମହାପାତ୍ର କହିଛନ୍ତି, ପିସିଆର ଭ୍ୟାନ ପଇଁତରା ମାରିବା ସମୟରେ ଡ୍ୟୁଟି କରୁଥିବା କର୍ମଚାରୀଙ୍କ ନଜରରେ ଆସିଲେ ତୁରନ୍ତ ଏ ସମ୍ପର୍କରେ ମୋତେ ଜଣାଇବା ଦରକାର। ମୁଁ ଦାୟିତ୍ୱ ନେବା ପରଠାରୁ ମୋତେ ସେମିତି କେବେ କେହି ଏ ନେଇ ଜଣାଇ ନାହାନ୍ତି। ଅନ୍ୟପଟେ ଏସବୁ ରୋକିବାରେ ଅବକାରୀ ବିଭାଗର ମଧ ଦାୟିତ୍ୱ ରହିଛି ବୋଲି ତେରେସ୍କୋଭା କହିଛନ୍ତି। କଟକ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅଶୋକ ଶତପଥୀ କହିଛନ୍ତି, କେବଳ ଗୋଇନ୍ଦା ନୁହେଁ, ପୋଲିସ ଖବର ଦେବା ଦରକାର। ତଥାପି ଘଟଣାକୁ ଆମେ ଗୁରୁତ୍ୱ ସହ ନେଉଛୁ। ନିଶ୍ଚିତ ସେ ଚଢ଼ାଉ କରିବା ସହ ନିଶା ବେପାରି ଓ ସମ୍ପୃକ୍ତ ନିଶାଡିଙ୍କୁ ଧରିବୁ। ଏଥିସହ ଏଭଳି କାରବାର ଉପରେ ନଜର ରଖିବୁ ବୋଲି ସେ କହିଛନ୍ତି।



କଟକ ଖାନ୍‌ନଗର ଦକ୍ଷିଣକାଳୀ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।



ଦୀପାବଳି ଅବସରରେ କଟକ ବାଲୁବଜାର ରାସ୍ତାରେ ବାଣ ଫୁଟା ଯାଉଛି।

## କଟକ ମହାବିଦ୍ୟାଳୟରେ କର୍ମନିଯୁକ୍ତି ମେଳା

**କଟକ ଅଫିସ, ୮।୧୧**

କଟକ ମହାବିଦ୍ୟାଳୟ ପରିସରରେ ଏକ କର୍ମନିଯୁକ୍ତି ମେଳା ଅଧକ୍ଷ ଡକ୍ଟର ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଛି। ପିନାକ୍‌ଲି ହ୍ୟୁମାନ ରିସୋର୍ସ ପ୍ରାଇଭେଟ ଲିମିଟେଡ୍ ଆନୁକୂଲ୍ୟରେ ଆୟୋଜିତ ଏହି ମେଳାରେ ଯୁକ୍ତ୩ ଶେଷ ବର୍ଷର କଳା ଓ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏନ୍‌ସିସି ଅଫିସର ମେଜର ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରି ଛାତ୍ରୀଛାତ୍ରଙ୍କୁ ଚାକିରି ସଂକ୍ରାନ୍ତରେ ସୂଚନା ଦେଇ ଉତ୍ସାହିତ କରିଥିଲେ। କମ୍ପାନୀର ଆସିଷ୍ଟାଣ୍ଟ ହ୍ୟୁମାନ ରିସୋର୍ସ ମ୍ୟାନେଜର ବିଜୟ ମହାନ୍ତି ଓ ଆସିଷ୍ଟାଣ୍ଟ ମ୍ୟାନେଜର ରଘୁନାଥ ପଣ୍ଡା ଛାତ୍ରୀଛାତ୍ରଙ୍କୁ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ ସହ ଲିଖିତ ଓ ମୌଖିକ ପରୀକ୍ଷା କରାଇଥିଲେ। ଏହି ଉତ୍ସବରେ କ୍ୟାରିୟର କାଉନ୍‌ସେଲିଂ ଅଫିସର ସ୍ମିତା ମିଶ୍ର ଓ ଡ. ବିଦ୍ୟାଭୂଷଣ ମହାନ୍ତି ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରୀକ୍ଷା କରାଇଥିଲେ। ପ୍ରଶାସନିକ ଅଧିକାରୀ ଡକ୍ଟର ଅମିୟ କୁମାର ପଟ୍ଟନାୟକ, ଶୁଭ୍ରଜିତ୍ ଜେନା, ଅଜୟ ମହାରଣା, ନାରାୟଣ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଫଳାଫଳ ସଂକ୍ରାନ୍ତରେ କଲେଜକୁ ଜଣାଇ ଦିଆଯିବା ସହ ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କର ବ୍ୟକ୍ତିଗତ ସାକ୍ଷାତ୍‌କାର ନିଆଯିବ ବୋଲି ସୂଚନା ଦିଆଯାଇଛି।

## ବିନା କର୍ମଚାରୀରେ ଚାଲିଛି ଏସ୍‌ସିବି ଡେଷ୍ଟିଚ୍ୟୁଟ୍ ୱାର୍ଡ

**କଟକ ଅଫିସ, ୮।୧୧**

ଏସ୍‌ସିବିରେ ଅସହାୟ ଓ ଅପରିଚିତ ରୋଗୀମାନଙ୍କ ପାଇଁ ଖୋଲିଛି ସ୍ୱତନ୍ତ୍ର ୱାର୍ଡ। ମେଡିକାଲର ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଅସ୍ଥିଶଲ୍ୟ, ଶିଶୁ ରୋଗ ବିଭାଗ ଓ ମେଡିସିନ ବିଭାଗରେ ଏହି ୱାର୍ଡ ଖୋଲାଯାଇଛି। ହେଲେ ରୋଗୀମାନଙ୍କ ପାଇଁ ପ୍ରାଥମିକ ବ୍ୟବସ୍ଥା କରାଯାଇ ନାହିଁ। ଏପରିକି ରୋଗୀଙ୍କ ସେବା ଯତ୍ନ ନିମନ୍ତେ ଆଟେଣ୍ଡାଣ୍ଟ ଯୋଗାଇ ଦିଆଯାଇ ନ ଥିବା ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମୟକ୍ରମେ ସମସ୍ୟାର ସମାଧାନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି। ସୂଚନାଥାଉକି, ଏସ୍‌ସିବିରେ ଅସହାୟ ଓ ଅପରିଚିତ ରୋଗୀଙ୍କ କ୍ଷେତ୍ରରେ ଅତୀତରେ ଅନେକ ଅଘଟଣ ଘଟିଛି। ନିକଟରେ ମେଡିକାଲ ପରିସରରେ ଜଣେ ଅସହାୟ ରୋଗୀ ଚିକିତ୍ସା ନ ପାଇ ମୃତ୍ୟୁବରଣ କରିବାକୁ ନେଇ ମେଡିକାଲ ପ୍ରଶାସନ ବଦନାମ ହୋଇଥିଲା। ଫଳରେ ଯୁଦ୍ଧକାଳୀନ ଭିତ୍ତିରେ ମେଡିକାଲର ୫ଟି ବିଭାଗରେ ଏହି ସ୍ୱତନ୍ତ୍ର ୱାର୍ଡ ଖୋଲିବା ପାଇଁ ମେଡିକାଲ ପ୍ରଶାସନ ନିଷ୍ପତ୍ତି ନେଇଥିଲା।

## ମାଲଗୋଦାମ ଅଞ୍ଚଳରୁ ୫ଲକ୍ଷ ଲୁଟ

**କଟକ ଅଫିସ, ୮।୧୧**

ମାଲଗୋଦାମ ଥାନା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ୫ଲକ୍ଷ ୧୫ ହଜାର ଟଙ୍କା ଲୁଟ ହୋଇଛି। ଏ ନେଇ ଚାଉଳ ବ୍ୟବସାୟୀ ନବକିଶୋର ସାହୁ ଓ ରମାକାନ୍ତ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ରମାକାନ୍ତ ବ୍ୟବସାୟ ବାବଦ ୫ଲକ୍ଷ ୧୫ ହଜାର ଟଙ୍କା ଏକ ବ୍ୟାଗ୍‌ରେ ରଖି ମୋଟର ସାଇକେଲରେ ଝୁଲାଇ ଦୋକାନ ବନ୍ଦ କରୁଥିଲେ। ଶଟର ତଳକୁ ଟାଣି ତାଲା ପକାଉଥିବାବେଳେ କେତେଜଣ ଦୁର୍ବୃତ୍ତ ଆସି ଗାଡିରେ ଟଙ୍କା ଥିବା ଉକ୍ତ ବ୍ୟାଗକୁ ଝାମ୍ପି ନେଇ ଆଖି ପିଛୁଳାକେ ପଳାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଷ୍ଟେଟ୍‌ବ୍ୟାଙ୍କ ଡିଜିଏମ୍‌ଙ୍କ ଡ୍ରିମ୍‌ସ ପରିଦର୍ଶନ

**ଟକ ଅଫିସ, ୮।୧୧**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଡିଜିଏମ୍ ରଜୟ ସିହ୍ନା ଗୁରୁବାର ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହକୁ ପରିଦର୍ଶନରେ ଆସିଥିଲେ। ସିହ୍ନା ଡ୍ରିମ୍‌ସ ଅତିଥି ଭବନଠାରେ ପହଞ୍ଚିବା ପରେ ତାଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେଠାରୁ ସେ ମୁଖ୍ୟ ଏକାଡେମିକ୍ ଭବନକୁ ଯାଇ ସ୍ୱର୍ଗତ ଧନେଶ୍ୱର ରଥ ଓ ପଦ୍ମିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶିକ୍ଷାନୁଷ୍ଠାନ ସମୂହର ବିଭିନ୍ନ ୱିଙ୍ଗ, ସ୍ପୋର୍ଟସ୍ କମ୍ପ୍ଲେକ୍ସ, କେନ୍ଦ୍ରୀୟ ପାଠାଗାର, ଅଡିଟୋରିୟମ୍, ନୂତନ ପ୍ରଶାସନିକ ଭବନ ପରିଦର୍ଶନ କରିବା ସହ ସେ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ ଶିକ୍ଷାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାମାଞ୍ଚଳର ପ୍ରାକୃତିକ ପରିବେଶରେ ଗଢି ଉଠିଥିବା ଏହି ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନକୁ ୟୁଜିସି ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରିଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ। 'ଡ୍ରିମ୍‌ସ'ର ପ୍ରତିଷ୍ଠାତା ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ତାଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ସିହ୍ନାଙ୍କ ସହିତ ଷ୍ଟେଟ୍ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ସୁରଜିତ ତ୍ରିପାଠୀ, ବରିଷ୍ଠ ଅଧିକାରୀ ବିରୁପାକ୍ଷ ପାତ୍ର, ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡିଗ୍ରୀ ଇଞ୍ଜିନିୟରିଂ ବିଭାଗର ଅଧକ୍ଷ ଡ. ରାଜେନ୍ଦ୍ର କୁମାର ଦାସ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରମେଶ ପ୍ରତାପ, ପ୍ରସନ୍ନ କୁମାର ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଅତିଥିମାନଙ୍କୁ ଅଭ୍ୟର୍ଥନା ଜଣାଇଥିଲେ।



ଡ୍ରିମସ୍‌କୁ ଆସିଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଡିଜିଏମ୍ ରଜୟ ସିହ୍ନା ଓ ଅନ୍ୟମାନେ।

## ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀଙ୍କ ବିକ୍ଷୋଭ

**କଟକ ଅଫିସ, ୮।୧୧**

ରାଜ୍ୟରେ ଖଣି, ଚିଟ୍‌ଫଣ୍ଡ ଓ ଜମି ମାଫିଆଙ୍କୁ ସୁରକ୍ଷା ମିଳୁଛି। କିନ୍ତୁ ଅବହେଳିତ ଓ ସରକାରୀ ସୁବିଧାରୁ ବଞ୍ଚିତ ଆଦିବାସୀଙ୍କ ପାଇଁ ସରକାର ଆଦୌ ଯତ୍ନବାନ୍ ନୁହନ୍ତି। ଏଭଳି ଅଭିଯୋଗ କରିଛି ଆଦିବାସୀ ଅଧିକାର ରାଷ୍ଟ୍ରୀୟ ମଞ୍ଚ। ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି, ୨୦୦୮ ମସିହାରୁ ଆଦିବାସୀ ଓ ପାରମ୍ପରିକ ଜଙ୍ଗଲବାସୀଙ୍କ ପାଇଁ ଜଙ୍ଗଲ ଅଧିକାର ଆଇନ ଦେଶରେ କାର୍ଯ୍ୟକାରୀ କରାଯାଇଛି। ମାତ୍ର ଆଜିପର୍ଯ୍ୟନ୍ତ ଆଦିବାସୀମାନଙ୍କୁ ଏହି ଆଇନ ଅନୁଯାୟୀ ସୁରକ୍ଷା ଦେବା ପାଇଁ ସରକାର ଆଦୌ ତତ୍ପରତା ଦେଖାଉନାହାନ୍ତି। ଅନ୍ୟପକ୍ଷରେ ବିଭିନ୍ନ ଚକ୍ରାନ୍ତପୂର୍ଣ୍ଣ ଉପାୟରେ ପଟ୍ଟା ହାସଲ କରି ସରକାରୀ ଅନାବାଦୀ, ଗୋଚର, ଜଙ୍ଗଲ କିସମ ଜମିକୁ ମାଫିଆମାନେ ଦଖଲକୁ ନେଇଯାଉଛନ୍ତି। ଏଭଳି ବହୁ ଅଭିଯୋଗ ଥିଲେ ମଧ ଅସାଧୁ ଅଫିସର, ରାଜନେତା ଓ ମାଫିଆମାନଙ୍କର ମେଣ୍ଟ କୌଣସି ପ୍ରକାର ବିଧିବଦ୍ଧ ତଦନ୍ତ କରୁନାହାନ୍ତି। ଏଭଳି ଅଭିଯୋଗ କରିଛନ୍ତି କନ୍ହେଇପୁର ପଞ୍ଚାୟତ ବଡ଼ପୋଖରୀ ମୌଜା ଗାଣ୍ଡିଆବନ୍ଧ-ମାଛମହ୍ଲା ପଡ଼ା ଗ୍ରାମର ଆଦିବାସୀମାନେ। ଚନ୍ଦ୍ରମୋହନ ମାଝି, ଗଙ୍ଗାରାମ ତିରିଆଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଆଦିବାସୀ ଟାଙ୍ଗୀ ତହସିଲ ଅଫିସ ସମ୍ମୁଖରେ ଗୁରୁବାର ବିକ୍ଷୋଭ କରି ତହସିଲଦାରଙ୍କ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ଏହି ବିକ୍ଷୋଭକୁ ସମର୍ଥନ କରି ସିପିଆଇ(ଏମ୍) ଜିଲା ସମ୍ପାଦକ ବଦ୍ରିନାରାୟଣ ଦାସ ବକ୍ତବ୍ୟ ରଖିବା ସହିତ ତୁରନ୍ତ ଜମି ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଆଦିବାସୀଙ୍କ ସ୍ୱାର୍ଥର ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ତହସିଲଦାର ଓ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ସଭ୍ୟ ରମେଶ ବେହେରା, ଆଦିବାସୀ ନେତ୍ରୀ ସଞ୍ଜୁ ବାଲମୁଚୁ, ସାବିତ୍ରୀ ପିଙ୍ଗୁଆ, ୱାର୍ଡସଭ୍ୟ ଲାଲକୃଷ୍ଣ ପିଙ୍ଗୁଆ, ବୁଦ୍ଧିଆ ସୋରେନ, ବାବୁଲି ବାଲମୁଚୁ, ବିଜୟ ପିଙ୍ଗୁଆ, ଶଙ୍କର ଦେରେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ୨ ବଖରା ଜଳିଗଲା

**ନିଆଳି, ୮।୧୧(ଡି.ଏନ୍.ଏ.)**

ଗୁରୁବାର ପୂର୍ବାହ୍ନରେ ବିଦ୍ୟୁତ୍ ଶର୍ଟ୍‌ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟି ନିଆଳି ବ୍ଲକ ଅଧୀନ ବାଘମରା ଗ୍ରାମର ରମେଶ ସାହୁଙ୍କ ୨ ବଖରା ଜଳିଯାଇଛି। ଖବରପାଇ ନିଆଳି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଆର୍‌ଆଇ ଘଟଣାସ୍ଥଳରେ ଘଟଣାର ତଦନ୍ତ କରିଛନ୍ତି।





ଦିବ୍ୟାଙ୍ଗମାନେ ଦୀପାବଳି ପର୍ବ ପାଳନ କରୁଛନ୍ତି।

## ଦିବ୍ୟାଙ୍ଗ ପାଳିଲେ ଦୀପାବଳି ପର୍ବ

**କଣ୍ଟାପଡା, ୮।୧୧(ଡି.ଏନ୍.ଏ.):**

କଟକ ଜିଲାର ଓଲଟପୁରଠାରେ ଥିବା ଦିବ୍ୟାଙ୍ଗ ଚିକିତ୍ସା ଓ ଗବେଷଣା କେନ୍ଦ୍ର ପରିସରରେ ଚିକିତ୍ସାଧୀନ ଦିବ୍ୟାଙ୍ଗମାନେ ବୁଧବାର ଦୀପାବଳି ପର୍ବ ପାଳନ କରିଥିଲେ। ଏହାକୁ ଏସ୍‌ଭି ନିର୍‌ତାର ୨୯ତମ ବ୍ୟାଚ୍‌ର ଛାତ୍ରୀଛାତ୍ରମାନେ ଆୟୋଜନ କରିଥିଲେ। ଛାତ୍ରୀଛାତ୍ରମାନେ ସମସ୍ତ ଦିବ୍ୟାଙ୍ଗଙ୍କୁ ନିର୍‌ତାର ବହି ବିଭାଗ ସମ୍ମୁଖରେ ସହାୟତା କରି ମୁରୁଜ ପକାଇବା ଓ ଦୀପ ସଜାଇବା କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଛାତ୍ରୀ ପଲ୍ଲବୀ, ପିଙ୍କି କୁମାରୀ, ସମ୍ଭାବୀ, ଆଦ୍ୟାଶା, କୁଇନଶ୍ରୀ, ଛାତ୍ର ରଧାନନ୍ଦ, ଅନନ୍ତ, ଅଂଶୁମାନ, ଦେବାଶିଷ ଓ ସତ୍ୟଜିତ ପ୍ରମୁଖ ପରିଚାଳନା କରିଥିଲେ।

# ମୋଦି ହଟାଇ ଦେଶ ବଞ୍ଚାଇବାକୁ ଆହ୍ୱାନ

**କଟକ ଅଫିସ, ୮।୧୧**

**ଜିଲାସ୍ତରୀୟ ସିପିଏମ୍ ସମାବେଶ**

ବିମୁଦ୍ରୀକରଣକୁ ଦୁଇବର୍ଷ ପୂରିଛି। ବ୍ୟାଙ୍କକୁ ଶହେ ଭାଗ ପୁରୁଣା ନୋଟ୍ ଫେରିଛି। କିନ୍ତୁ ଏଥିଯୋଗୁ ୧୫ଲକ୍ଷ ଲୋକ ଜୀବିକା ହରାଇଥିଲେ ମଧ କଳା ଟଙ୍କା ଜବତ ନ ହୋଇ ଧଳା ଟଙ୍କାରେ ପରିଣତ ହୋଇଛି। ସନ୍ତ୍ରାସବାଦ ବଢିଚାଲିଛି। ଜାଲ୍ ନୋଟ୍ କାରବାର ପୂର୍ବଭଳି ଜାରି ରହିଛି। ମୁଷ୍ଟିମେୟଙ୍କ ନିକଟରେ ସେମିତି କଳାଧନ ଜମା ହୋଇଚାଲିଛି ବୋଲି ଜିଲାସ୍ତରୀୟ ସିପିଆଇ (ଏମ୍) ସମାବେଶରେ ଉପସ୍ଥିତ ନେତାମାନେ ଏହା କହିବା ସହ ମୋଦି ସରକାରଙ୍କୁ ହଟାଇ ଦେଶ ଓ ଦେଶବାସୀଙ୍କୁ ବଞ୍ଚାଇବା ପାଇଁ ଆହ୍ୱାନ ଦେଇଛନ୍ତି। ଗୁରୁବାର କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳ ନିକଟରେ ପାର୍ଟିର ଜିଲା ସମ୍ପାଦକ ବଦ୍ରିନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ନଗର ସମ୍ପାଦକ ପ୍ରତାପ ମହାପାତ୍ର, ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, ଇଂ. ମନମୋହନ ପତି, ଶ୍ରମିକ ନେତା ଅଭୟ ସ୍ୱାଇଁ, ପି.କେ. ସିହ୍ନା, ମୋହିନୀ ସାମଲ ଓ ରବୀନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେମାନେ କହିଲେ, ବିମୁଦ୍ରୀକରଣ ଦ୍ୱାରା କଳା ଟଙ୍କା, ଜାଲ୍ ନୋଟ୍ ଜବତ ହେବ ଓ ସନ୍ତ୍ରାସବାଦୀଙ୍କ ଅଣ୍ଟା ଭାଙ୍ଗିବ ବୋଲି ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଗତ ଦୁଇ ବର୍ଷ ମଧ୍ୟରେ ବିପରୀତ ଫଳ କିନ୍ତୁ ମିଳିଛି। ସେହିଭଳି ମୋଦି ସରକାରରେ ସମ୍ପ୍ରତି ରାଫେଲ ବିମାନ କିଣା ଦୁର୍ନୀତିରେ ଦେଶର ପ୍ରତିରକ୍ଷା ସ୍ୱାର୍ଥକୁ ବଳି ଦେଇ ଏକ ଘରୋଇ କମ୍ପାନୀକୁ ୩୦ହଜାର କୋଟି ଟଙ୍କାର ଭେଟି ଦିଆଯାଇଛି। ଖୋଦ୍ ପ୍ରଧାନମନ୍ତ୍ରୀ ସଂସଦୀୟ ରୀତିନୀତିକୁ ଭାଙ୍ଗିଦେଇଛନ୍ତି। ଚାଷୀଙ୍କୁ ଫସଲର ଉଚିତ ମୂଲ୍ୟ ନ ଦେଇ ଚାଷ ଛାଡ଼ି ବହୁରାଷ୍ଟ୍ରୀୟ କୃଷି କମ୍ପାନୀର ଗୋଲାମ କରିବାକୁ ବାଧ୍ୟ କରାଯାଉଛି। ବେକାର ଯୁବତୀଯୁବକଙ୍କୁ ଚାକିରି ନ ଦେଇ ପକୁଡ଼ି ବିକିବା ପାଇଁ କହି ତାଚ୍ଛଲ୍ୟ କରାଯାଉଛି। ପେଟ୍ରୋଲ ଡିଜେଲ୍‌ର ଦର ବଢାଇ ଲୋକଙ୍କୁ ଶୋଷଣ କରାଯାଉଛି। ସାମ୍ପ୍ରଦାୟିକ ବିଦ୍ୱେଷ ଓ ହିଂସାକୁ ପ୍ରୋତ୍ସାହନ ଦିଆଯାଉଥିବା ସମାବେଶରେ ଉପସ୍ଥିତ ନେତୃବୃନ୍ଦ କହିଥିଲେ।





ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ଜିଲାସ୍ତରୀୟ ସମାବେଶ।



ମନୁଷ୍ୟ ହୁଏତ ଉଡ଼ି ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।

- ଜର୍ଜ ବର୍ଣ୍ଣାଡ ଶ



# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୧୫ ଗିରଫ

**କଟକ ଅଫିସ, ୮।୧୧**

ଜୁଆ ଖେଳ ରୋକିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚାଉଳିଆଗଞ୍ଜ ଥାନା ପୋଲିସ ୧୨ଜଣଙ୍କୁ ଓ ମଙ୍ଗଳାବାଗ ପୋଲିସ ୩ ଜଣଙ୍କୁ ଗିରଫ କରିଛି।

ସୂଚନା ମୁତାବକ, ଶିଖରପୁର ମହାନଦୀବିହାର ରାସ୍ତାର ମହାବୀର ଟ୍ରେଡର୍ସରେ ଜୁଆ ଖେଳ ଚାଲିଥିବା ନେଇ ଚାଉଳିଆଗଞ୍ଜ ଥାନାଧିକାରୀ ଖବର ପାଇଥିଲେ। ଏସ୍‌ଆଇ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଏକ ୧୪ ଜଣିଆ ଟିମ୍ ତୁରନ୍ତ ସେଠାରେ ଚଢାଉ କରିଥିଲା। ପୋଲିସକୁ ଦେଖି ଜୁଆଡିମାନେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ତେବେ ପୋଲିସ୍ ସେମାନଙ୍କୁ ଘେରିଯାଇ କାବୁ କରିଥିଲା। ସେମାନଙ୍କ ନିକଟରୁ ୮୧ ହଜାର ଟଙ୍କା, ୧୧ଟି ମୋବାଇଲ ଫୋନ, ୯ଟି ଦାମୀ ବାଇକ, ଗୋଟିଏ ମୁଠା ତାସ୍ ଓ ଜୁଆ ପାଲି ଜବତ କରିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମାମଲା ନଂ.୨୮୦/୧୮ ରୁଜୁ କରି ସେମାନଙ୍କୁ କୋର୍ଟଚାଲାଣ କରିଛି। ପ୍ରାଥମିକ ତଦନ୍ତରୁ ଏମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟବସାୟୀ ବୋଲି ଜଣାପଡିଛି। ଏଥିସହ ସେମାନଙ୍କ ଆପରାଧିକ କାର୍ଯ୍ୟକଳାପର ଖୋଳତାଡ଼ କରୁଛି ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ଭାଦୋଇ ଜିଲା ଗୋପିଗଞ୍ଜ ଥାନା ଲାଲନଗରର ମୂଳବାସିନ୍ଦା ତଥା ଜଗତପୁର ଥାନା ଅନ୍ତର୍ଗତ ନୂଆ ତରୋଳରେ ରହୁଥିବା ସଞ୍ଜୟ ଗୁପ୍ତା(୪୫), ଉତ୍ତରପ୍ରଦେଶ ମିର୍ଜାପୁର ଜିଲା ଚିଲ ଥାନା ଅନ୍ତର୍ଗତ ଚେତଗଞ୍ଜର ମୂଳବାସିନ୍ଦା ତଥା ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଉପରସାହିରେ ରହୁଥିବା ସଞ୍ଜୟ ସ(୩୭), ସହରପୁଟୱାଲି ଥାନା ଅନ୍ତର୍ଗତ ସିବିଲାଇନ୍ ଫତାର ମୂଳବାସିନ୍ଦା ତଥା ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଗଣ୍ଡରପୁର ଶବରସାହିରେ ରହୁଥିବା ବିନୋଦ ସ(୪୬), ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡାରେ ରହୁଥିବା ଟିଙ୍କୁ ଗୁପ୍ତା(୨୪), ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ପୋତାପୋଖରୀରେ ରହୁଥିବା ଦୀନେଶ ଗୁପ୍ତା(୨୫), ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ନୂଆସାହିରେ ରହୁଥିବା ଶୀତଳ ସ(୪୬), ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଉପରସାହିରେ ରହୁଥିବା ବାବୁଲ ଗୁପ୍ତା(୩୧), ଗାନ୍ଧିପଲ୍ଲୀରେ ରହୁଥିବା ବିଜୟ ଶଙ୍କର ଗୁପ୍ତା(୪୫), ଗୋଲେଇ ବିଦା(୪୫), ନଙ୍କୁ ଗୁପ୍ତା(୪୦), କାଳିଆବୁଦାରେ ରହୁଥିବା ବିଭୂତି ବେହେରା(୪୫) ଓ ବିଡାନାସୀ ଥାନା ଅନ୍ତର୍ଗତ ବସୁନ୍ଧରା ଗଳିର ଓମପ୍ରକାଶ ସ(୫୨)।

ସେହିଭଳି ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାତାମଠ ଛକ ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୫ହଜାର ୨ଶହ ଟଙ୍କା ଓ ଜୁଆ ଖେଳ ସାମଗ୍ରୀ ଜବତ କରିଛି। ଗିରଫମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଅଞ୍ଚଳର ଦେବବ୍ରତ ଜେନା ଓରଫ ମୁନା, କିଶନନଗର ଅଞ୍ଚଳର ବାଇଧର ସେନାପତି ଓରଫ ବାୟା ଓ ରାଣୀହାଟ ତେଲିସାହିରେ ରହୁଥିବା ନୟାଗଡ଼ର ଅକ୍ରୁର ବେହେରା। ସେମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।





ଚାଉଳିଆଗଞ୍ଜ ପୋଲିସ ଗିରଫ କରିଥିବା ଅଭିଯୁକ୍ତ(ଉପର), ଜବତ ଟଙ୍କା, ମୋବାଇଲ୍ ଓ ବାଇକ୍।

- ସେମାନଙ୍କ ମଧ୍ୟରେ ଅଧିକାଂଶ ବ୍ୟବସାୟୀ
- ଟଙ୍କା, ତାସ୍ ଓ ଜୁଆଖେଳ ସାମଗ୍ରୀ ଜବତ

## ନିଖୋଜ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତଦେହ ଉଦ୍ଧାର

**ଖୁଣ୍ଟୁଣୀ, ୮।୧୧(ଡି.ଏନ୍.ଏ.)**

ଗୁରୁଡ଼ିଝାଟିଆ ଥାନା ଅଧୀନ ବ୍ରାହ୍ମଣବସ୍ତ ଜଙ୍ଗଲ ମଧ୍ୟରୁ ପୋଲିସ ସ୍ଥାନୀୟ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରମଣି ମହାନ୍ତି(୬୫)ଙ୍କ ମୃତଦେହ ଜବତ କରିଛି। ସେ କିଛିଦିନ ହେବ ଘରୁ ନିଖୋଜ ଥିବା ନେଇ ତାଙ୍କ ପୁଅ ଦୋଳଗୋବିନ୍ଦ ମହାନ୍ତି ଗତ ୨୮ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା(ନଂ.୬/୧୮) ରୁଜୁକରି ତଦନ୍ତ ଚଳାଇଥିଲା। ବୁଧବାର ସନ୍ଧ୍ୟାରେ ବ୍ରାହ୍ମଣବସ୍ତ ଜଙ୍ଗଲ ମଧ୍ୟରେ ଚନ୍ଦ୍ରମଣିଙ୍କ ମୃତଦେହ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ପଡ଼ିଥିବା ତାଙ୍କ ପରିବାର ଲୋକେ ଜାଣିବା ପରେ ଦୋଳଗୋବିନ୍ଦ ଥାନାରେ ଆଉ ଏକ ଏତଲା ଦେଇଥିଲେ। ଗୁରୁବାର ଥାନା ଏଏସ୍‌ଆଇ ସୁଧାକର ମହାନ୍ତି, ଜିଲା ସାଇଣ୍ଟିଫିକ୍ ଟିମ୍‌ର ଅଧିକାରୀ ସନ୍ଧ୍ୟାରାଣୀ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ତେବେ ପୋଲିସ ଘଟଣାସ୍ଥଳରୁ ଏକ ବିଷ ବୋତଲ ଓ କିଛି ନିଦବଟିକା ପାଇଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ମାରି ଆତ୍ମହତ୍ୟାର ରୂପ ଦେବା ପାଇଁ ପାଖରେ ବିଷ ବୋତଲ ଓ ନିଦବଟିକା ପକାଇଛନ୍ତି ତାହା ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଜଣାପଡିବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୧୮) ରୁଜୁ ହୋଇଛି।

## ସଂକ୍ଷେପରେ

### କାଳୀପୂଜା ପାଳିତ

**କଟକ ଅଫିସ, ୮।୧୧:** କଟକ ସଦର ଅଞ୍ଚଳର କନ୍ହେଇପୁର ରାଧାଗୋବିନ୍ଦଜୀଉ ପୂଜା କମିଟି ପକ୍ଷରୁ ଧୁମଧାମରେ କାଳୀପୂଜା ପାଳନ କରାଯାଇଛି। ବିଦ୍ୟାଧରପୁର କାଳୀ ଭସାଣି ମେଳଣରେ ଭାଗ ନେଉଥିବା ୨୯ଟି ମେଢ ମଧ୍ୟରୁ ଏହା ହେଉଛି ଅନ୍ୟତମ। ଚଳିତବର୍ଷ କନ୍ହେଇପୁର କାଳୀପୂଜାରେ ପୂଜା କମିଟି ପଞ୍ଚମ ବର୍ଷ ପୂର୍ତ୍ତି ପାଳନ କରିଛି। ଭାଇଚାରା ବଜାୟ ରଖିବା ସହ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବା ସାହି କମିଟିର ମୁଖ୍ୟ ଲକ୍ଷ୍ୟ ବୋଲି ସଭାପତି ସନାତନ ପଣ୍ଡା କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବେଣୁଧର ପଣ୍ଡା, କର୍ପୋରେଟର ବୈଦେଶ୍ୱର ପଣ୍ଡା, ସୂର୍ଯ୍ୟମଣି ପଣ୍ଡା, କେଦାରେଶ୍ୱର ପଣ୍ଡା, ଗଗନ ବିହାରୀ ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ରଞ୍ଜନ ପଣ୍ଡା, ଶରତ ପଣ୍ଡା, ସିଦ୍ଧାର୍ଥ ପାଣି, ଗିରିଜା ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବସ୍ତିର କୁନି ପିଲାଙ୍କ ସହ ଦୀପାବଳି ପାଳନ

**କଟକ ଅଫିସ,୮।୧୧:** ଆଲୋକର ପର୍ବ ଦୀପାବଳିକୁ ଭିନ୍ନ ଢଙ୍ଗରେ ପାଳିଛନ୍ତି ସହରର କିଛି ଯୁବଗୋଷ୍ଠୀ। ନିଜ ଆୟର କିଛି ଅର୍ଥକୁ ସଞ୍ଚୟ କରି ଗରିବ ପିଲାମାନଙ୍କୁ ପାଠ୍ୟୋପକରଣ ଦେବା ହେଉ ବା ଛୁଟିଦିନଗୁଡିକରେ ବିଭିନ୍ନ ବସ୍ତି ଅଞ୍ଚଳରେ ବୁଲି ପିଲାମାନଙ୍କୁ ପାଠ ପଢାଇବାକୁ ହେଉ ଏଭଳି କିଛି ଭିନ୍ନ ଧରଣର ପ୍ରୟାସ ସବୁବେଳେ ଜାରି ରଖିଥାନ୍ତି। 'କିପ୍ ସ୍ମାଇଲିଂ ଚାରିଟେବୁଲ ଟ୍ରଷ୍ଟ' ନାମରେ ଏକ ସଙ୍ଗଠନ କରି ସାମାଜିକ କାର୍ଯ୍ୟ କରିବାକୁ ଆଗେଇ ଆସିଛନ୍ତି ଏହି ଯୁବଗୋଷ୍ଠୀ। ଚଳିତବର୍ଷ ଦୀପାବଳି ଉତ୍ସବକୁ ବାଲିଯାତ୍ରା ପଡିଆ ନିକଟସ୍ଥ ହାଡିଆପଠାରେ ଥିବା ଏକ ବସ୍ତିର କୁନି ପିଲାମାନଙ୍କ ମଧ୍ୟରେ ପାଳନ କରି ଖୁସି ବାଣ୍ଟିଛନ୍ତି। ଟ୍ରଷ୍ଟ ପକ୍ଷରୁ ବସ୍ତିରେ ଥିବା ପ୍ରାୟ ୮୦ ଜଣ ପିଲାମାନଙ୍କୁ ନୂଆ ବସ୍ତ୍ର, ଖାଦ୍ୟ ପୁଡିଆ, ଫଳ, ଚକୋଲେଟ ସହ କିଛି ବାଣ ବାଣ୍ଟିବା ସହ ସେମାନଙ୍କ ସହ ପୂରା ଦିନ କଟାଇଥିଲେ।

### ସମବାୟ ସପ୍ତାହ ପାଳନ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୮।୧୧:** ଆସନ୍ତା ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ୬୫ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କରାଯିବ। ଏହି ଉପଲକ୍ଷେ ଓଡ଼ିଶା ସମବାୟ ସୁରକ୍ଷା ସଂଘ ପକ୍ଷରୁ ସ୍ଥାନୀୟ ବାଲୁବଜାର କାର୍ଯ୍ୟାଳୟରେ ସଂଘ ସଭାପତି ରଘୁନାଥ ମହାପାତ୍ରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଦୀର୍ଘ ବାରବର୍ଷ ଧରି ସମବାୟ ଜନସଚେତନତା ଓ ସମ୍ବର୍ଦ୍ଧନା ସଭାର କାର୍ଯ୍ୟକ୍ରମକୁ ଅଧିକ ଜନାଦୃତ କରିବା ପାଇଁ ଚେଷ୍ଟା କରାଯିବ। ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ୬୫ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ବାଙ୍କୀ ଉପଖଣ୍ଡ ଡମପଡା ବ୍ଲକ ସଭାଗୃହରେ ଆସନ୍ତା ୧୮ ତାରିଖରେ ପାଳନ କରାଯିବ ବୋଲି ଜଣାପଡିଛି।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ଫୁଲନଖରା, ୮।୧୧(ଡି.ଏନ୍.ଏ.):** କଟକ-ଭୁବନେଶ୍ୱର ଜାତୀୟ ରାଜପଥର ବାଲିକୁଦା ଟ୍ରାଫିକ ଛକଠାରେ ଗୁରୁବାର ଅପରାହ୍ନ ପ୍ରାୟ ସାଢେ ୨ଟାରେ ଏକ ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଛି। ଏଥିରେ ବାଇକ ଚାଳକ କଟକ ସଦର ଥାନା ପ୍ରତାପନଗରୀ ଗ୍ରାମର ସାଗର ସେନାପତି ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କଟକ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ସାଗର ବାଇକ୍‌ରେ କଟକରୁ ପ୍ରତାପନଗରୀ ଗ୍ରାମକୁ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହାପରେ ଚାଳକ ଟ୍ରକ୍ ନେଇ ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ଥାନାକୁ ନେଇଛି।

### ବାଣ ଫୁଟି ଗଣମାଧ୍ୟମ ପ୍ରତିନିଧି ଆହତ

**ଚୌଦ୍ୱାର, ୮।୧୧(ଡି.ଏନ୍.ଏ.):** ଦୀପାବଳି ରାତିରେ ବାଣ ଫୁଟି ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଆହତ ହୋଇଛନ୍ତି। ସେ ହେଲେ ଚୌଦ୍ୱାର ଥାନା କୁମ୍ଭେଇ ଗ୍ରାମର ସୁରେନ୍ଦ୍ରନାଥ ସାହୁ। ଚିକିତ୍ସା ଲାଗି ତାଙ୍କୁ ଏକ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ତାଙ୍କ ବାସଭବନରେ ପରିବାର ଲୋକଙ୍କ ଗହଣରେ ବଡ଼ବଡୁଆ ଡାକୁଥିବାବେଳେ ନିକଟରେ ପିଲାମାନେ ବାଣ ଫୁଟାଉଥିଲେ। ସେଥିରୁ ଗୋଟିଏ ବାଣ ଛିଟିକି ଆସି ସୁରେନ୍ଦ୍ରଙ୍କ ମୁହଁରେ ବାଜିବାରୁ ସେ ଆହତ ହୋଇଥିଲେ। ସୂଚନାଯୋଗ୍ୟ, ସେ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରତିନିଧିଭାବେ କାର୍ଯ୍ୟରତ।



ପୁରୀଘାଟ ଦେବୀଗଡା କାଠଯୋଡୀ ନଦୀତଟ ପାର୍ଶ୍ୱରେ ଦୀପାବଳି ପାଇଁ ଅସ୍ଥାୟୀ ଭାବେ ଖୋଲିଥିବା ବାଣ ଦୋକାନ ଉଠିଯିବା ପରେ ବିକ୍ଷିପ୍ତ ଭାବେ ପଡି ରହିଥିବା କୁଢ କୁଢ ପଲିଥିନ୍।

## କାଇଜଙ୍ଗ ଜଙ୍ଗଲରୁ ଶାଗୁଆନ ଗଛ ଚୋରି

**କଟକ ସଦର,୮।୧୧(ଡି.ଏନ୍.ଏ.)**

ଦୀପାବଳି ରାତିରେ ଲୋକମାନେ ବାଣ ଫୁଟାଇବାରେ ବ୍ୟସ୍ତ ଥିବାବେଳେ ଭୁବନେଶ୍ୱର ଜଙ୍ଗଲ ଡିଜିଜନ ଅନ୍ତର୍ଗତ କାଇଜଙ୍ଗ ଜଙ୍ଗଲରୁ ଶାଗୁଆନ ଗଛ କାଟି ଚୋରି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଖବରପାଇ ଫରେଷ୍ଟଗାର୍ଡ ଜଣକ ଘଟଣାସ୍ଥଳରେ ପହଞ୍ଚିବା ପରେ ଦୁର୍ବୃତ୍ତମାନେ ଖସି ପଳାଇଥିଲେ । ଏହି ଚୋରି ଘଟଣାଟି ଛୋଟ ଉଦାହରଣ ଅଟେ । କଣ୍ଟିବାଉଁଶ ଓ ବେତ ଚୋରି ହୋଇ କୋଲକାତାକୁ ଚାଲାଣ ପରେ ମୂଲ୍ୟବାନ କାଠ ଗଛ ଉପରେ ଦୁର୍ବୃତ୍ତମାନଙ୍କର ଆଖି ପଡିଛି । ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଜଙ୍ଗଲଟି ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିବାରୁ ଜଙ୍ଗଲ ବିଭାଗ ତ୍ୱରିତ ପଦକ୍ଷେପ ନେବାରେ ସମସ୍ୟା ସୃଷ୍ଟି ହୋଇଛି। କାରଣ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନରେ ଗ୍ରାମ୍ୟ ଜଙ୍ଗଲ ଉପରେ କେବଳ ସ୍ଥାନୀୟ ଅଞ୍ଚଳବାସୀଙ୍କର ଅଧିକାର ରହିଛି । ଗତ ମହାବାତ୍ୟା ପରଠାରୁ ଆଜି ପର୍ଯ୍ୟନ୍ତ ଜଙ୍ଗଲବିଭାଗ ନିରବଚ୍ଛିନ୍ନ ଭାବେ ବୃକ୍ଷରୋପଣ କରି ଚାଲିଛି। ଏହାଛଡା ଗ୍ରାମ୍ୟ ଜଙ୍ଗଲଟିକୁ ହସ୍ତାନ୍ତର କରି ଜଙ୍ଗଲ ବିଭାଗକୁ ଦେବା ପାଇଁ ରାଜସ୍ୱ ବିଭାଗ ନିକଟରେ ବାରମ୍ବାର ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ଫଳରେ କାଠ ଚୋରି ହେଲେ କିଶୋର ନଗର ଥାନାରେ କିଏ ଏତଲା ଦେବ ତାହା ସ୍ଥିର ମଧ୍ୟ ହୋଇପାରୁନାହିଁ। ଦ୍ୱନ୍ଦ୍ୱ ଯୋଗୁ ଭବିଷ୍ୟତରେ ନ୍ୟାୟାଳୟରେ ଚୋରି ମାମଲାଟି ଦୁର୍ବଳ ହୋଇପଡ଼ିବ । ଚୋରି ସମ୍ପର୍କରେ ରାଜସ୍ୱ ବିଭାଗ ଅଥବା ଗ୍ରାମବାସୀ କିଏ ଏତଲା ଦେବ ତାହା ଉଚ୍ଚସ୍ତରରେ ନିଷ୍ପତ୍ତି ଲାଗି ଦାବି ହେଉଛି । ଏ ସମ୍ପର୍କରେ ଫରେଷ୍ଟ ଗାର୍ଡ ଠାରୁ ଆରମ୍ଭ କରି କିଶୋର ନଗର ରାଜସ୍ୱ ନୀରିକ୍ଷକଙ୍କ କେହି ମତାମତ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

## ୧୦ରେ କାଳୀ ଭସାଣି, ବ୍ୟାପକ ସୁରକ୍ଷା ବ୍ୟବସ୍ଥା

**କଟକ ଅଫିସ ,୮।୧୧:** କଟକ ସହରର ୭୨ଟି ମଣ୍ଡପରେ ମା' କାଳୀଙ୍କର ପୂଜାର୍ଚ୍ଚନା ଶେଷ ହୋଇଯାଇଥିବାବେଳେ ଆସନ୍ତା ୧୦ ତାରିଖରେ ଭସାଣ ଉତ୍ସବ ହେବ। ଏଥିପାଇଁ କମିଶନରେଟ ପୋଲିସ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି। ସହରରେ କାଳୀ ଭସାଣି ସମୟରେ ୪୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯିବ। ଏଥିସହ ୬ ଜଣ ଅତିରିକ୍ତ ଏସ୍‌ପି, ୩୭ ଡିଏସ୍‌ପି, ୫୪ ଇନ୍ସପେକ୍ଟର, ୨୮୩ ଜଣ ଏସ୍‌ଆଇ ଏବଂ ଏଏସଆଇ, ୬୬ ହାବିଲଦାର, ୩୮୧ ଜଣ କନେଷ୍ଟବଳ ଓ ୨୨୦ ଜଣ ହୋମଗାର୍ଡ ନିୟୋଜିତ ହେବେ ବୋଲି ଡିସିପି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

## ଘରକୁ ଫେରିଲେ ମିତା

**କଟକ ଅଫିସ, ୮।୧୧**

**୨ ମାସ ପରେ ଆସିବେ**

ଘରକୁ ଫେରିଛନ୍ତି ମିତା। ରାୟଗଡା ଜିଲା ପେରୁପାଙ୍ଗ ଗ୍ରାମର ଯୁବତୀ ମିତା ଶବରଙ୍କ ହାତରେ ୨୦ ଦିନ ତଳେ ଦ୍ୱିତୀୟ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ସଫଳ ହେବା ପରେ ମିତାଙ୍କୁ ଗୁରୁବାର ମେଡିକାଲରୁ ଡିସଚାର୍ଜ କରାଯାଇଛି। ମାତ୍ର ଫଲୋଅପ୍ ଚିକିତ୍ସା ପାଇଁ ତାଙ୍କୁ ୨ ମାସ ପରେ ଏସ୍‌ସିବି ଆସିବାକୁ ପଡିବ ବୋଲି ପ୍ଲାଷ୍ଟିକ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ଅନ୍ନଦା ପଟ୍ଟନାୟକ କହିଛନ୍ତି। ଏହା ପରେ ମିତାଙ୍କ ନକଲି ହାତ ନିମନ୍ତେ ତାଙ୍କୁ ଓଲଟପୁର ପଠାଯିବ ବୋଲି ପଟ୍ଟନାୟକ ଅଧିକ ସୂଚନା ଦେଇଛନ୍ତି।

ସୂଚନାଥାଉକି, ରାୟଗଡା ଅଞ୍ଚଳର ୧୮ବର୍ଷ ବୟସର ଏହି ଆଦିବାସୀ ଯୁବତୀଙ୍କ ଡାହାଣ ହାତ ଭୀଷଣଭାବେ ବଢୁଥିଲା। ହାତରେ ମାଂସ ଜମାହୋଇ କଦାକାର ରୂପ ଧାରଣ କରିଥିଲା। ଏଥିଯୋଗୁ ସେ ଅସୁସ୍ଥ ହୋଇପଡିଥିଲେ। ଚଳପ୍ରଚଳ କରିବାରେ ସେ ଅସୁବିଧା ଭୋଗ କରୁଥିଲେ। ଅଢେଇ ମାସ ତଳେ ମିତା ଏସ୍‌ସିବି ମେଡିକାଲକୁ ଆସି ପ୍ଲାଷ୍ଟିକସର୍ଜରୀ ବିଭାଗରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ପରୀକ୍ଷା ନିରୀକ୍ଷା ପରେ ମିତାଙ୍କ ରୋଗ ଚିହ୍ନଟ ହୋଇଥିଲା। ଏହି ରୋଗକୁ ପ୍ଲେକ୍ସିଫର୍ମ ନ୍ୟୁରୋଫିବୋର୍ମା କୁହାଯାଏ। ମିତାଙ୍କ ହାତରେ ପାଖାପାଖି ୧୫କେଜି ଓଜନର ମାଂସ ବଢିଥିବା ଦେଖାଯାଇଥିଲା। ତେଣୁ ଏହାକୁ ଦୁଇଟି ପର୍ଯ୍ୟାୟରେ ଅପରେଶନ କରିବାକୁ ଡାକ୍ତର ସ୍ଥିର କରିଥିଲେ। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଓ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସଟିଏଫ)ରୁ ମିତାଙ୍କ ପାଇଁ ସମସ୍ତ ସହାୟତା ବ୍ୟବସ୍ଥା କରାଯାଇଥିଲା।

## ଉତ୍କଳ ବାଳାଶ୍ରମରେ ଦୀପାବଳି

**କଟକ ଅଫିସ, ୮।୧୧**

ନୂଆପଡ଼ାସ୍ଥିତ ଉତ୍କଳ ବାଳାଶ୍ରମରେ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବୁଧବାର ଦୀପାବଳି ଏକ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଆଶ୍ରମରେ ଥିବା ୧୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଫଳବଣ୍ଟନ, ଦୀପଦାନ ଏବଂ ବାଣ ଇତ୍ୟାଦି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟରେ ଅଭିନେତା ଶ୍ରୀତମ ଦାସ ଓ ପରିବାର ଏବଂ ଟ୍ରଷ୍ଟର ସଭାପତି ବିମଳ ଦାସ, ସମ୍ପାଦକ ସତ୍ୟବ୍ରତ ମିଶ୍ର, ବିସ୍ମିତ ବାରିକ, ନିଶିକାନ୍ତ ଛାଟୋଇ, ବିମଳ ରାଉତ, ପଞ୍ଚସଖାର ସମସ୍ତ କର୍ମକର୍ତ୍ତା, ଗୌତମ ସାହୁ, ସେବକ ଶ୍ରୀକାନ୍ତ ପ୍ରମୁଖ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହି ଚିନ୍ତା ଚେତନା ସମସ୍ତଙ୍କ ମନରେ ଉଦ୍ରେକ ହେଉ ଯାହାର ସମାଜରେ କେହି ନାହାନ୍ତି ତାଙ୍କ ଖୁସିରେ ଆମେ ଖୁସି ହେବା ଏତିକି ପ୍ରାର୍ଥନା। ଏହିଭଳି ଅନେକ ପର୍ବପର୍ବାଣି ଆମେ ବାଳାଶ୍ରମରେ ପାଳନ କରିବୁ ବୋଲି କର୍ମକର୍ତ୍ତା ଓ ଅତିଥିମାନେ କହିଛନ୍ତି।

## ବିଭିନ୍ନ ସ୍ଥାନରେ କାଳୀପୂଜା ପାଳିତ

**ନିଆଳି, ୮।୧୧(ଡି.ଏନ୍.ଏ.)**

ନିଆଳିର ବିଭିନ୍ନ ସ୍ଥାନରେ କାଳୀପୂଜା ପାଳିତ ହୋଇଯାଇଛି। ବିଶେଷକରି ରତନପୁର ପଞ୍ଚାୟତର ପୋଡ଼ପୋଡ଼ା ଗ୍ରାମରେ ଥିବା କାଳୀମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ଅନ୍ୟପକ୍ଷରେ ମା'ଙ୍କ ପାଖରେ ମାନସିକ କରିଥିବା ଭକ୍ତମାନେ ମେଣ୍ଢା, ଛେଳି ଓ ବୋଦା ଆଦି ପୂଜାର୍ଚ୍ଚନା କରି ନିଜ ସାଙ୍ଗରେ ନେଇଯାଇଥିଲେ। ଏଥିସହ ରାତିରେ ଅନୁଷ୍ଠିତ ମା'ଙ୍କ ଭସାଣି ଉତ୍ସବରେ ବହୁସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅନ୍ୟପକ୍ଷରେ କାଳିଆଘାଇଠାରେ ଥିବା ମା' ଦକ୍ଷିଣକାଳୀ ମନ୍ଦିର ଓ ବଙ୍ଗାଳିସାହି ସ୍ଥିତ ମା' ଶ୍ୟାମାକାଳୀଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜା କରାଯାଇଥିଲା।

## ବାଣ ଜବତ, ଜରିମାନା ଆଦାୟ

**କଟକ ଅଫିସ, ୮।୧୧**

ଦୀପାବଳିରେ ବେଆଇନ ଭାବରେ ବାଣ ଫୁଟାଇବା ଅଭିଯୋଗରେ କମିଶନରେଟ ପୋଲିସ ସହରର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ରାତି ୧୦ଟା ପରେ ବାଣ ଫୁଟାଯାଉଥିବାବେଳେ ୧୦୭ ଜଣଙ୍କୁ ଧରିଥିଲା। ସେମାନଙ୍କଠାରୁ ବାଣ ଜବତ କରିବା ସହିତ ୫୩ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ପୋଲିସ ସୂଚନା ଦେଇଛି।

## ପଲିଥିନ ବର୍ଜନ ପାଇଁ ସଚେତନତା

**କଟକ ଅଫିସ,୮।୧୧**

ବିଜୁ ଯୁବବାହିନୀ ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜୋବ୍ରା ସମେତ ୪୦ ନଂ. ୱାର୍ଡକୁ ପଲିଥିନମୁକ୍ତ କରିବା ପାଇଁ କର୍ପୋରେଟର ଜୟଦେବ ଜେନା, ସାମାଜିକ କର୍ମୀ ଆର୍ତ୍ତରଞ୍ଜନ ବିଶ୍ୱାଳଙ୍କ ସମେତ ବିଜୁ ଯୁବବାହିନୀର ଶତାଧିକ କର୍ମକର୍ତ୍ତା ପଲିଥିନ ବର୍ଜନ ପାଇଁ ସ୍ଲୋଗାନ ଦେବା ସହ ଲିଫଲେଟ ବାଣ୍ଟିଥିଲେ। ପଲିଥିନ ଆମ ପରିବେଶକୁ ବିଷାକ୍ତ କରୁଛି। ତେଣୁ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ମଣିଷ ସଚେତନ ହେଲେ ଆମେ ଆମ ପରିବେଶକୁ ପଲିଥିନମୁକ୍ତ କରି ଏକ ସୁସ୍ଥ ସତେଜ କଟକ ସହର ତିଆରି କରିପାରିବା ବୋଲି ବିଜୁ ଯୁବ ବାହିନୀ ସଭାପତି ହୃଦାନନ୍ଦ ବାରିକ କହିଥିଲେ।

## ଗିରିଗୋବର୍ଦ୍ଧନ ପୂଜା

**ଚୌଦ୍ୱାର, ୮।୧୧(ଡି.ଏନ.ଏ.)**

ଗିରିଗୋବର୍ଦ୍ଧନଙ୍କ ପୂଜା ଓ ବାର୍ଷିକୋତ୍ସବ ଚୌଦ୍ୱାର ପୌରପାଳିକା ବ୍ୟାଘ୍ରବାହିନୀ ମନ୍ଦିର ନିକଟରେ ସ୍ଥାନୀୟ ବୁଣାକାର ସମ୍ପ୍ରଦାୟର ଲୋକଙ୍କ ପକ୍ଷରୁ ପାଳନ କରାଯାଇଛି। ଏହି ଅବସରରେ ଗୁରୁବାର ପ୍ରଭାତରୁ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବାଣଫୁଟାକୁ ନେଇ ଗଣ୍ଡଗୋଳ, ୧୫ ଗିରଫ

**କଟକ ଅଫିସ,୮।୧୧**

ବାଣ ଫୁଟାଇବାକୁ କେନ୍ଦ୍ର କରି ଦୁଇ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ଉଭୟ ପକ୍ଷରୁ ୧୫ଜଣଙ୍କୁ ଗିରଫ କରିଛି ମାଲଗୋଦାମ ଥାନା ପୋଲିସ। ମିଳିଥିବା ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ଷ୍ଟେଶନବଜାର ଅଞ୍ଚଳର ଅସୀତ ଦାସ ନାମକ ଜଣେ ଯୁବକ ବାଣ ଫୁଟାଉଥିବାବେଳେ ଗୋଟିଏ ବାଣ ତାଙ୍କ ପଡୋଶୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଘର ଛାତ ଉପରେ ପଡିଥିଲା। ବାଣରୁ ନିଆଁ ଲାଗି ଛାତ ଉପରେ ଥିବା ଗୋଟିଏ ଜରିପାଲ ଜଳିଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଏଥିରେ ରାଗିଯାଇ ଅସୀତକୁ ଗାଳିଗୁଲଜ କରିଥିଲେ। ଅସୀତ ମଧ୍ୟ ପାଲଟା ଗାଳିଗୁଲଜ କରିଥିଲେ। ପରେ ଏନେଇ ଉଭୟ ପରିବାର ଲୋକଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏନେଇ ଥାନାରେ ଦୁଇ ପରିବାର ପକ୍ଷରୁ ପୃଥକ ଅଭିଯୋଗ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ କେସ ନଂ ୨୩୪/୧୮, ଆଇପିସି ୧୪୩, ୪୩୫, ୩୪୧, ୩୩୭, ୧୪୯, ୩(ଏ) ଦଫାରେ ଚିଣ୍ଟୁ ଓରଫ ଅସୀତ ଦାସ, ପିଣ୍ଟୁ ଓରଫ ପ୍ରତାପ ଦାସ, ପପୁ ଦାସ, ସରସ୍ୱତୀ ଦାସ, ଅନା ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, କୁନ୍ତି ଦାସଙ୍କୁ ଗିରଫ କରିଛି। ସେହିଭଳି ଅସୀତଙ୍କ ଏତଲାକ୍ରମେ ପୋଲିସ କେସ ନଂ ୨୩୫/୧୮, ଆଇପିସି ୧୪୩, ୩୪୧, ୩୨୩, ୩୫୪, ୧୪୯ ଦଫାରେ ପୂର୍ଣ୍ଣଚନ୍ଦ୍ର ଦାସ ଓରଫ ବୁଢା, ଗୁଡୁ, ନରେଶ ଦାସ, ସୁକାନ୍ତ ଓରଫ ପ୍ରଫୁଲ୍ଲ ଦାସ, ଧୋବେଇ ଓରଫ ବିଣାପାଣୀ ଦାସ, ଲଳିତା ଦାସ, କମଳା ଦାସ, ଭାଲୁ ଓରଫ ସୁରେନ୍ଦ୍ର ଦାସ, ସୁବାଷିନୀ ଦାସ, ଅହଲ୍ୟା ଦାସଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି।



ବାଲିଯାତ୍ରା ପ୍ରସ୍ତୁତି ନେଇ ବାଲିଯାତ୍ରା ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମ୍ ହରିଶ ଚନ୍ଦ୍ର ନାୟକଙ୍କ ସହ ଆଲୋଚନା କରୁଛନ୍ତି।



ବାଲିଯାତ୍ରା ତଳ ପଡିଆରେ ଷ୍ଟଲ ପାଇଁ ପ୍ଲଟିଂ ନିର୍ଦ୍ଧାରଣ କରାଯାଉଛି।



ଶିକ୍ଷାର ଅର୍ଥ ଅକ୍ଷର ଜ୍ଞାନ ନୁହେଁ ଏବଂ ପୋଥିଗତ ବିଦ୍ୟା ନୁହେଁ। ଏହାର ଅର୍ଥ ଚରିତ୍ର ଗଠନ ଏବଂ ଧର୍ମ ଭାବରେ ଜ୍ଞାନ ଅର୍ଜନ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବିହାରରୁ ଅପହୃତା ନାବାଳିକା ଉଦ୍ଧାର

**ପୁରୀ ଅଫିସ, ୮।୧୧:** ବିହାରରୁ ଅପହୃତା ଜଣେ ନାବାଳିକାଙ୍କୁ ଚନ୍ଦନପୁର ପୋଲିସ ଉଦ୍ଧାର କରିଛି। ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ନାବାଳିକାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲା। ସିଡବ୍ଲୁସିର ନିର୍ଦ୍ଦେଶକ୍ରମେ ତାଙ୍କୁ ଓପନ ସେଲ୍ଟରରେ ରଖାଯାଇଛି। ସତ୍ୟବାଦୀ ଅଞ୍ଚଳର ଜଣେ ଯୁବକ ବିହାର ପାଟଣାରେ ମିସ୍ତ୍ରି କାମ କରୁଥିଲେ। ଜଣେ ନାବାଳିକାଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯୁବକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ସେଠାରୁ ଆଣି ଚନ୍ଦନପୁର ନିକଟରେ ଜଣେ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅପହରଣ ଅଭିଯୋଗ କରିଥିଲେ। ଉକ୍ତ ଥାନା ଠାରୁ ଖବରପାଇ ଚନ୍ଦନପୁର ପୋଲିସ ସ୍ଥାନୀୟ ଅଞ୍ଚଳରେ ତଦନ୍ତ କରି ନାବାଳିକାଙ୍କୁ ଉଦ୍ଧାର କରିଛି।

### ଭିକ୍ଷାବୃତ୍ତି କରୁଥିବା ୫ ନାବାଳକ ଉଦ୍ଧାର

**ପୁରୀ ଅଫିସ,୮।୧୧:** ପୁରୀ ମେଡିକାଲ ଛକରେ ଭିକ୍ଷାବୃତ୍ତି କରୁଥିବା ୫ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ପୁରୀ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ (ସିଡବ୍ଲୁସି) ରମାଶଙ୍କର ପାତ୍ର ସେମାନଙ୍କୁ ଉଦ୍ଧାର କରି ସିଡବ୍ଲୁସିରେ ହାଜର କରିଥିଲେ। ସିଡବ୍ଲୁସିର ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଓପନ ସେଲ୍ଟରରେ ରଖାଯାଇଛି। ଗତ ମଙ୍ଗଳବାର ସନ୍ଧ୍ୟାରେ ମେଡିକାଲ ଛକ ରାସ୍ତା ଦେଇ ସିଡବ୍ଲୁସି ସଦସ୍ୟ ପାତ୍ର ଯିବାବେଳେ ଉକ୍ତ ନାବାଳକମାନେ ଭିକ୍ଷାବୃତ୍ତି କରୁଥିବା ଦେଖିଥିଲେ। ପାତ୍ର ସେମାନଙ୍କୁ ପଚରାଉଚୁରା କରିଥିଲେ। କୁମ୍ଭାରପଡା ପୋଲିସ ସହାୟତାରେ ସେମାନଙ୍କୁ ଉଦ୍ଧାର କରିଥିଲେ।

### ସଂସ୍କୃତି ଭବନ ଆଗରୁ ଦମ୍ପତିଙ୍କ ଠାରୁ ଲୁଟ୍

**ପୁରୀ ଅଫିସ, ୮।୧୧:** ପୁରୀ ସହରରେ ଦିନକୁ ଦିନ କଳା ପଲ୍ସର ଗ୍ୟାଙ୍ଗଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ଗୁରୁବାର ସଂସ୍କୃତି ଭବନ ଆଗରେ ଏକ ଦମ୍ପତି ଏମାନଙ୍କ ଦ୍ୱାରା ଲୁଟ୍‌ର ଶିକାର ହୋଇଛନ୍ତି। ଦମ୍ପତି ସଂସ୍କୃତି ଭବନରୁ ବାଇକ୍‌ରେ ଭିଆଇପି ରୋଡ୍ ଯିବାଲାଗି ବାହାରି ରାସ୍ତା ଉପରେ ଠିଆହୋଇଥିଲେ। ଏହି ସମୟରେ ସିଟି ରୋଡ ପଟୁ ଦ୍ରୁତ ଗତିରେ ଏକ କଳା ପଲ୍ସରରେ ଦୁଇ ଯୁବକ ତାଙ୍କ ନିକଟକୁ ଆସି ମହିଳାଙ୍କ ବେକରୁ ସୁନାଚେନ ଏବଂ ଭ୍ୟାନିଟି ବ୍ୟାଗ ଝାମ୍ପି ନେଇଥିଲେ। ଖବରଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ପ୍ରକାଶ ଯେ, ନିକଟରେ ଜିଲା ସ୍କୁଲ ନିକଟରେ ସରକାରୀ ମହିଳା ମହାବିଦ୍ୟାଳୟର ଜଣେ କର୍ମଚାରୀଙ୍କ ଠାରୁ କଳା ପଲ୍‌ସରରେ ଆସି ଲୁଟେରାମାନେ ୨ଲକ୍ଷ ଟଙ୍କା ଲୁଟି ନେଇଥିଲେ।

### ଦୁଇ ବାଇକ୍ ମୁହାଁମୁହିଁ, ୨ଗୁରୁତର

**ପୁରୀ ଅଫିସ, ୮।୧୧:** ପୁରୀ-ସାତପଡ଼ା ଜାତୀୟ ରାଜପଥ ଖଡିପଦା ଛକରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି। ଦୁଇ ବାଇକ ମୁହାଁମୁହିଁ ହେବାରୁ ଦୁଇଜଣ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି। ପୋଲିସ ଆହତ ଦ୍ୱୟଙ୍କୁ ଉଦ୍ଧାରକରି ମେଡିକାଲରେ ଭର୍ତ୍ତି କରିଛି। ଆହତଙ୍କ ପରିଚୟ ମିଳିପାରିନାହିଁ। ସୂଚନାନୁଯାୟୀ, ଖଡିପଦା ଛକରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଦୁଇ ଆରୋହୀ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକ୍ ଆରୋହୀ ରାସ୍ତା ଉପରରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ।

### ଆନନ୍ଦ ଉଲ୍ଲାସରେ ଦୀପାବଳି ପାଳିତ

**କଣାସ, ୮।୧୧(ସ୍ୱ.ପ୍ର.):** କଣାସ ବ୍ଲକର ପ୍ରତ୍ୟେକ ପୁରପଲ୍ଲୀ ସହ ମଠମନ୍ଦିରରେ ଦୀପାବଳି ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ପ୍ରତ୍ୟେକ ମଠମନ୍ଦିର ବ୍ୟବସାୟୀ ପ୍ରତିଷ୍ଠାନ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠୁଥିବାବେଳେ ବଜାରଘାଟ ଓ ଗାଁ ଗହଳିରେ ଲୋକମାନେ ଆତସବାଜି ଫୁଟାଇଥିଲେ। କଣାସ ବ୍ଲକରେ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଥିବା ଅନ୍ତେବାସୀମାନେ ମହମବତି ଲଗାଇ ଆଶ୍ରମ ପରିସରକୁ ଆଲୋକିତ କରିବା ସହିତ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦୀପାବଳିକୁ କଳା ଦିବସ ଭାବେ ପାଳନ

**ପୁରୀ ଅଫିସ, ୮।୧୧**

- ଶ୍ରୀକ୍ଷେତ୍ରର ବିକାଶ ସରକାରୀ କାଗଜ କଲମରେ ସୀମିତ
- ଶ୍ରୀମନ୍ଦିର ବିଶୃଙ୍ଖଳା ପଛରେ ସମନ୍ୱୟର ଅଭାବ ଦାୟୀ
- ୪ ଯୋଜନାର ସରିନି ଏକ ତୃତୀୟାଂଶ କାର୍ଯ୍ୟ

ବିଭିନ୍ନ ପ୍ରସଙ୍ଗକୁ ନେଇ ଦୀପାବଳିକୁ କଳା ଦିବସ ଭାବେ ପାଳନ କରିଛି ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ। ବୁଧବାର ସ୍ଥାନୀୟ ଗାନ୍ଧୀଘାଟ ପରିସରରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ମୁଣ୍ଡ ଓ ହାତରେ କଳା ପଟି ବାନ୍ଧି ନୀରବ ପ୍ରତିବାଦ କରିଥିଲେ।

ବାହିନୀର ଆବାହକ ସ୍ୱାଧୀନ ପଣ୍ଡା କହିଲେ ଯେ, ରାଜ୍ୟ ସରକାର ବିକାଶ ଆଳରେ ରାଜ୍ୟବାସୀଙ୍କୁ ପ୍ରତାରଣା କରୁଛନ୍ତି। ଧାର୍ମିକ ଓ ଆଧାତ୍ମିକ ସ୍ଥାନ ଭାବେ ପରିଚିତ ଶ୍ରୀକ୍ଷେତ୍ର ମାଟି ଆଜି ଅଶାନ୍ତ ହୋଇପଡିଛି। ଭକ୍ତ ଓ ପର୍ଯ୍ୟଟକ ଅସୁରକ୍ଷିତ। ପୁରୀରେ ଅବଢ଼ା, ହୃଦୟ, ପ୍ରସାଦ ଓ ଅମୃତ ଯୋଜନା କାର୍ଯ୍ୟକାରୀ ହେଉଛି। ସମସ୍ତ ଯୋଜନା ଅଧାପନ୍ତରିଆ ଭାବେ ପଡିରହିଛି। ଏକ ତୃତୀୟାଂଶ କାମ ବର୍ତ୍ତମାନ ସୁଦ୍ଧା ସମାପ୍ତ ହୋଇନାହିଁ। ନବକଳେବର ସମୟର ମହାଦୁର୍ନୀତି ପ୍ରଶ୍ନବାଚୀ ହୋଇ ରହିଛି। ସହରରେ ପରିମଳ ଓ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ବଡ଼ଦାଣ୍ଡରେ କୃତ୍ରିମ ହ୍ରଦ ସୃଷ୍ଟି ହେଉଛି। ମୃଷାନଈର ପୁନରୁଦ୍ଧାର ଯୋଜନା ପଛରେ ପଡିଛି। ପାନୀୟଜଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି।

ଅନ୍ୟତମ ସଦସ୍ୟ ବିଶ୍ୱନାଥ ଦାଶ କହିଲେ, ସିଦ୍ଧ ମହାବୀର ରେଳ ଫାଟକରେ ଫ୍ଲାଇ ଓଭର ବ୍ରିଜ ନିର୍ମାଣ ପ୍ରତି ଗୁରୁତ୍ୱ ଦିଆଯାଉନି। ପୁରୀ-କୋଣାର୍କ ଜାତୀୟ ରାଜପଥ ଦେଇ ଦୈନିକ ଶହଶହ ଯାତ୍ରୀବାହୀ ବସ ଯାତାୟାତ କରୁଛି। ସ୍କୁଲ କଲେଜ ଛାତ୍ରୀଛାତ୍ର ସେହି ରାସ୍ତା ଦେଇ ଯାଉଛନ୍ତି। ଅନେକ ସମୟରେ ରେଳ ଫାଟକ ବନ୍ଦ ରହୁଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଆମ୍ବୁଲାନ୍ସ ମଧ୍ୟ ଦୀର୍ଘ ସମୟ ଧରି ଅଟକି ରହୁଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଶ୍ରୀକ୍ଷେତ୍ରର ବିକାଶ ପଛେଇ ଯାଇଛି। ଯୋଜନା ପରେ ଯୋଜନା ହେଉଛି। ବିକାଶ କେବଳ କାଗଜ କଲମରେ ସୀମିତ ବୋଲି ସେ କହିଥିଲେ। ଶ୍ରୀମନ୍ଦିର ପରିଚାଳନା ଏକ ପ୍ରୟୋଗଶାଳାରେ ପରିଣତ ହୋଇଛି। ଧାଡ଼ିଦର୍ଶନକୁ କେନ୍ଦ୍ର କରି ଗତ ଅକ୍ଟୋବର ୩ତାରିଖରେ ପୁରୀରେ ହିଂସାକାଣ୍ଡ ଘଟିଲା। ତଥାପି ଏହି ବିବାଦର ସମାଧାନ ହୋଇପାରୁନାହିଁ। ଶ୍ରୀମନ୍ଦିର ପରିଚାଳନାରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ବିଫଳ ହୋଇଛନ୍ତି। ସମନ୍ୱୟ ଅଭାବରୁ ଶ୍ରୀମନ୍ଦିରରେ ବାତାବରଣ ଅଶାନ୍ତ ରହୁଛି ବୋଲି ଦାଶ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୁରୀ ବାର୍ ଆସୋସିଏଶନ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ବିଷ୍ଣୁ ପ୍ରସାଦ ମିଶ୍ର, ସୁଜିତ ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ସ୍ମୃତିରଞ୍ଜନ ପତି, ଦିଗମ୍ବର ବେହେରାଙ୍କ ସମେତ ଶତାଧିକ କର୍ମୀ ଯୋଗଦାନ କରିଥିଲେ।



ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ କର୍ମକର୍ତ୍ତାମାନେ ଗାନ୍ଧୀ ସ୍ମୃତି ପୀଠରେ ଧାରଣାରେ ବସିଛନ୍ତି।


ଉତ୍ତର ପାର୍ଶ୍ୱ ମଠରେ ହବିଷିଆଳିମାନେ ଗିରି ଗୋବର୍ଦ୍ଧନ ପୂଜା କରୁଛନ୍ତି।

## ଗିରି ଗୋବର୍ଦ୍ଧନ ପୂଜା କଲେ ବ୍ରତଧାରୀ

**ପୁରୀ ଅଫିସ,୮।୧୧**

ଚାଲିଛି କାର୍ତ୍ତିକ ମାସ। ପୁରୀରେ ରହି ବ୍ରତ ପାଳୁଛନ୍ତି ହଜାର ହଜାର ହବିଷିଆଳି। ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ସହ ସରକାରଙ୍କ ପକ୍ଷରୁ ବି ଖୋଲିଛି ୪ଟି ଆଶ୍ରୟସ୍ଥଳ। ଏହି ଆଶ୍ରୟସ୍ଥଳରେ ପ୍ରାୟ ଅଢେଇ ହଜାରରୁ ଊର୍ଦ୍ଧ୍ୱ ହବିଷିଆଳି ରହିଛନ୍ତି। କାର୍ତ୍ତିକ ବ୍ରତ ସହ ବିଭିନ୍ନ ପର୍ବପର୍ବାଣି ଏବଂ ଓଷା ବ୍ରତ ମଧ୍ୟ ପାଳନ କରୁଛନ୍ତି। ବିଭିନ୍ନ ମଠ, ମନ୍ଦିର ଏବଂ ଆଶ୍ରୟସ୍ଥଳରେ ରହୁଥିବା ହବିଷିଆଳି ଗୁରୁବାର ଗିରି ଗୋବର୍ଦ୍ଧନ ପୂଜା କରିଛନ୍ତି। ବ୍ରତଧାରୀମାନେ ଏକାଠି ହୋଇ ଏହି ପୂଜା କରୁଥିବା ଦେଖିବାକୁ ମିଳିଛି।

ଉତ୍ତର ପାର୍ଶ୍ୱ ମଠରେ ରହୁଥିବା ଜଣେ ହବିଷିଆଳି କହିଛନ୍ତି, ଶ୍ରୀମନ୍ଦିର ନିକଟରେ ରହି କାର୍ତ୍ତିକ ବ୍ରତ ପାଳନ କରିବାର ଅପୂର୍ବ ସୁଯୋଗ ପାଇଛି। ପ୍ରତିଦିନ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରୁଛି। ଗୁରୁବାର ଗିରି ଗୋବର୍ଦ୍ଧନ ପୂଜା ଥିବାରୁ ଆମେ ଏକାଠି ହୋଇ ମଠ ପରିସରରେ ଏହି ପୂଜା କରିଛୁ।


କାଳୀପୂଜା ଅବସରରେ ବୀରଗୋବିନ୍ଦପୁରର ମା’ ଦକ୍ଷିଣ କାଳୀ, ସମଯାଜପୁରର ମା’ ଉଗ୍ରତାରା ଓ ବୀରପ୍ରତାପପୁରର ମା’ କାମରୂପା।

## ହସ୍ପିଟାଲରେ ୬ ହବିଷିଆଳି

**ପୁରୀ ଅଫିସ, ୮।୧୧**

ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ଆଶ୍ରୟସ୍ଥଳରେ ରହୁଥିବା ବ୍ରତଧାରୀଙ୍କ ମଧ୍ୟରୁ ୬ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବୁଧବାର ୨ଜଣ ଏବଂ ଗୁରୁବାର ୪ଜଣ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସଂକ୍ରାମକ ରୋଗ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଜଗନ୍ନାଥ ବଲ୍ଲଭ ପରିସର ଆଶ୍ରୟସ୍ଥଳରେ ରହୁଥିବା ଗଞ୍ଜାମ ଜିଲାର ଧୋବୀ ପଲେଇ(୬୮) ଏବଂ ପ୍ରିୟବ୍ରତୀ ନାୟକ(୬୨) ଜ୍ୱରରେ ଆକ୍ରାନ୍ତ ହୋଇ ବୁଧବାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେହିପରି ଜଗନ୍ନାଥ ବଲ୍ଲଭ ପରିସର ଆଶ୍ରୟସ୍ଥଳରେ ଗଞ୍ଜାମ ଜିଲାର ଶଶୀ ପ୍ରଧାନ (୬୫) ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଏବଂ ଗୌରୀ ପାତ୍ର(୪୮) ଜ୍ୱରରେ ପୀଡିତ ଥିବାରୁ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ରହୁଥିବା ବ୍ରହ୍ମଗିରି କୁଶୁବେଣ୍ଟିର କନକ ତରେଇ (୭୧) ଏବଂ ନିମା ପ୍ରଧାନ (୭୩) ପତଳା ଝାଡ଼ା ଯୋଗୁ ଗୁରୁବାର ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହାବ୍ୟତୀତ ବହୁ ସଂଖ୍ୟାରେ ହବିଷିଆଳି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆବଶ୍ୟକ ଡାକ୍ତରୀ ପରାମର୍ଶ ନେଇ ଔଷଧପତ୍ର ଆଣି ଆଶ୍ରୟସ୍ଥଳକୁ ଫେରିଥିବା ଜଣାପଡିଛି।


ଜିଲା ଯୁବ ଉତ୍ସବ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି।

## ଜିଲା ଯୁବ ଉତ୍ସବ ଉଦ୍‌ଘାଟିତ

**ପୁରୀ ଅଫିସ, ୮।୧୧**

ପୁରୀ ଜିଲା ଯୁବ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଏହି ଉତ୍ସବରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଯୋଗଦେଇ ଉଦ୍‌ଘାଟନ କହିଥିଲେ। ଯୁବକମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ ଯୁବ ଉତ୍ସବ ହେଉଛି ପ୍ରକୃଷ୍ଟ କ୍ଷେତ୍ର। ଯୁବତୀଯୁବକମାନେ ଏକାଠି ହୋଇ ସାଂସ୍କୃତିକ ଭାବ ବିନିମୟ କରିପାରିବେ। ଯୁବକମାନେ ସମୟର ସଦୁପଯୋଗ କରିବା ସହ ସକାରାତ୍ମକ ଦିଗରେ ନିୟୋଜିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ଉପଜିଲାପାଳ ଭବତାରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ନାରାୟଣ ବେହେରା ସ୍ୱାଗତ ଭାଷଣ ଓ ଯୁବ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଉତ୍ସବରେ ଜିଲାର ୧୩ ବର୍ଷରୁ ୩୫ ବର୍ଷ ପର୍ଯ୍ୟନ୍ତ ଯୁବତୀଯୁବକମାନେ ଲୋକଗୀତ, ନୃତ୍ୟ, ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ, ବଂଶୀ, ହାରମୋନିୟମ, ମୃଦଙ୍ଗ, ବୀଣା, ଗିଟାର, ସିତାର, ନାଟକ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଶ୍ୟାମପ୍ରକାଶ ସେନାପତି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ଏହି ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ରାଜ୍ୟସ୍ତରୀୟ ଯୁବ ଉତ୍ସବ ପାଇଁ ମନୋନୀତ କରାଯିବ।

# ଦକ୍ଷିଣକାଳୀଙ୍କୁ ଦର୍ଶନକଲେ ଶ୍ରଦ୍ଧାଳୁ

**ସାକ୍ଷୀଗୋପାଳ, ୮।୧୧(ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଗ୍ରାମରେ ମା’ ଦକ୍ଷିଣକାଳୀଙ୍କ ମହାଭୈରବୀ ବେଶ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବୁଧବାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମନ୍ଦିରରେ ଭକ୍ତମାନେ ଲମ୍ବରଧାଡି ବାନ୍ଧି ଦିନତମାମ ମା’ଙ୍କର ଦର୍ଶନ କରିଥିଲେ। ପରମ୍ପରାକ୍ରମେ ମଙ୍ଗଳବାର ସନ୍ଧ୍ୟାରେ ଦେବୀଙ୍କ ପୂଜା ନିମନ୍ତେ ଜଳ କଳସ ସଂଗ୍ରହ, ଘଟ ସ୍ଥାପନ, ପଞ୍ଚଦେବତା ଆବାହନ, ନିଶାର୍ଦ୍ଧରେ କାଳୀପୂଜା, ହୋମ, ମୃଣ୍ମୟୀ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା, ଜପ, ନ୍ୟାଶ, ବଳି, ଆଳତି, ଖେଚୁଡିଭୋଗ, ପଣାଭୋଗ ଓ ମହାପ୍ରସାଦ ସମର୍ପଣ କରାଯାଇଥିଲା। ସକାଳୁ ଦେବୀଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିଥିଲା। ଶାନ୍ତିଶୃଙ୍ଖଳାରେ ଯାତ୍ରା ନିୟନ୍ତ୍ରଣ ନିମନ୍ତେ ପୁରୀ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୪ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର, ୨୫ଜଣ ପୋଲିସ ଅଧିକାରୀ, ୮ଜଣ ଟ୍ରାଫିକ୍ କନଷ୍ଟେବଲ, ୨ହାବିଲଦାର, ୮୦ଜଣ ଗୃହରକ୍ଷୀଙ୍କ ସମେତ ୫ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଦମକଳ, ଆମ୍ବୁଲାନ୍ସ, ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ ସମାରୋହକୁ ପୂର୍ବତନ ପୁରୀ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଗ୍ରାମର ଗୋପାଳକୃଷ୍ଣ ଯୁବକ ସଂଘ ଓ ମହାଜନ କୋଠ ପକ୍ଷରୁ ଦେବୀଙ୍କ ପୂଜାନୀତି ସମ୍ପାଦନ ସହିତ ବିସର୍ଜନ ଶୋଭାଯାତ୍ରା ସମାରୋହରେ ଚନ୍ଦନପୁର ଯାଇଥିଲା। ସେଠାରେ ବୀରଗୋବିନ୍ଦପୁର ଦକ୍ଷିଣକାଳୀ, ସମଯାଜପୁରର ଉଗ୍ରତାରା ଓ ବୀରପ୍ରତାପପୁରର କାମରୂପା ତିନି ଭଉଣୀଙ୍କ ମିଳନ ପରେ ଭାର୍ଗବୀ ନଦୀର କାଳୀଘାଟରେ ଦେବୀମାନଙ୍କୁ ବିସର୍ଜନ କରାଯାଇଥିଲା।

## ୩ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ନିମାପଡ଼ା,୮।୧୧(ଡି.ଏନ୍.ଏ.)**

ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ ସଡ଼କ ଯୋଜନାରେ ୨କୋଟି ୪୪ ଲକ୍ଷ ଟଙ୍କା ବ୍ୟୟରେ ବଡ଼ମାଛପୁର ପଞ୍ଚାୟତର ବଡ଼ମାଛପୁର-କେରାଣ୍ଡିଆ ବିନ୍ଧା ରାସ୍ତାର ଶିଳାନ୍ୟାସ ହୋଇଯାଇଛି। ସେହିପରି ସିଲଙ୍ଗ ପଞ୍ଚାୟତର ଛବାଟିଆ ଗ୍ରାମଠାରେ ୫ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ କୋଠଘରର ଉଦ୍‌ଘାଟନ ଓ ୨ ଲକ୍ଷ ଟଙ୍କା ବ୍ୟୟରେ ଗାଦିମଣ୍ଡପର ଶିଳାନ୍ୟାସ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ ଏହି ନୂତନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପାଢୀ, ବଡ଼ମାଛପୁର ପଞ୍ଚାୟତର ସରପଞ୍ଚ ସସ୍ମିତା ନାୟକ, ସମିତିସଭ୍ୟ ପ୍ରିତିରେଖା ବେହେରା, ଅନଦାପ୍ରସାଦ ସାହୁ, ସଲଙ୍ଗ ପଞ୍ଚାୟତର ସମିତିସଭ୍ୟା ସୁଷମା ପରିଡା, ସାଂସଦଙ୍କ ପ୍ରତିନିଧି ବିଜୟ ପଟ୍ଟନାୟକ, ନାଏବ ସରପଞ୍ଚ ସୁକାନ୍ତ ରାଉତ, ବିଜେଡି ନେତା ଦିପ୍ତୀରଞ୍ଜନ ସାମନ୍ତରାୟ, ପ୍ରଭାକର ମିଶ୍ର, ଯୁବ ସଭାପତି ଜନ୍ମେଜୟ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଲଙ୍ଗ ପଞ୍ଚାୟତର ୧୫ଟି ୱାର୍ଡ ଓ ବଡ଼ମାଛପୁର ପଞ୍ଚାୟତର ୧୨ଟି ୱାର୍ଡରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଓ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଗ୍ରାମର ସମସ୍ତ ଲୋକମାନଙ୍କ ପାକରେ ପହଞ୍ଚାଇବାକୁ ବିଧାୟକ ଦାଶ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସଲଙ୍ଗ ଓ ବଡ଼ମାଛପୁର ପଞ୍ଚାୟତରେ ପ୍ରାୟ ୩ଶହ କର୍ମୀଙ୍କ ବାଇକ୍ ଶୋଭାଯାତ୍ରା ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା। ଉଭୟଠାରେ ଆୟୋଜିତ ଯୁବ ସମାବେଶରେ ପ୍ରାୟ ୨ ହାଜର କର୍ମୀ ଯୋଗଦେଇଥିଲେ।


ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

## ଜଳିଗଲା କ୍ୟାବିନ୍

**ପୁରୀ ଅଫିସ, ୮।୧୧**

ଦୀପାବଳି ଦିନ ବିଳମ୍ବିତ ରାତିରେ ବଡ଼ଶଙ୍ଖସ୍ଥିତ ଏକ କ୍ୟାବିନ ଜଳିଯାଇଥିବା ଜଣାପଡିଛି। ଏଥିରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଛି। ପୁରୀ ଅଗ୍ନିଶମ ସେବା କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶ ଯେ, ବୁଧବାର ରାତିରେ ବଡଶଙ୍ଖରେ ଥିବା ଏକ କ୍ୟାବିନରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

### ■ ବିଶ୍ୱ ଟଙ୍ଗ୍-ଇଲ୍-ମୁ-ଦୋ ବିଶ୍ୱକପ୍

## ସାକ୍ଷୀଗୋପାଳ ଖେଳାଳିଙ୍କ ସଫଳତା

**ସାକ୍ଷୀଗୋପାଳ,୮।୧୧(ଡି.ଏନ୍.ଏ.)**

ନୂଆଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ଦଶମ ବିଶ୍ୱ ଟଙ୍ଗ୍-ଇଲ୍-ମୁ-ଦୋ ପ୍ରତିଯୋଗିତାରେ ସାକ୍ଷୀଗୋପାଳ ଖେଳାଳି ସଫଳତା ହାସଲ କରିଛନ୍ତି। ଭାରତୀୟ ଟଙ୍ଗ୍-ଇଲ୍-ମୁ-ଦୋ ଫେଡେରେଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ମୁକ୍ତିକାନ୍ତ ବରାଳ ରୌପ୍ୟପଦକ ହାସଲ କରିଛନ୍ତି। କୋଚ ଲଳିତ କୁମାର ପରିଡ଼ା ଓ ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ସେ ଏହି ସଫଳତା ହାସଲ କରିଥିବା କହିଛନ୍ତି।



କୋଚ ନିରଞ୍ଜନ ସାହୁଙ୍କ ସହ ପଦକ ବିଜେତା ମୁକ୍ତିକାନ୍ତ ବରାଳ।

# ପୁରୀ ହିଂସା: ସଙ୍ଗିନ ଦଫାକୁ ଭାଜପାର ବିରୋଧ

**ପୁରୀ ଅଫିସ, ୮।୧୧**

ଶ୍ରୀମନ୍ଦିର ଧାଡ଼ିଦର୍ଶନକୁ ବିରୋଧ କରି ଗତ ୩ ତାରିଖ ପୁରୀ ବନ୍ଦ ବେଳେ ହିଂସା ଉପୁଜିଥିଲା। ଏହି ଘଟଣାରେ ପୋଲିସ ୧୧୫ଜଣଙ୍କୁ ଗିରଫ କରି ସାରିଲାଣି। ଗିରଫଦାରି ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। କିନ୍ତୁ ପୋଲିସ ସମସ୍ତଙ୍କ ବିରୋଧରେ ୩୯୫(ଡକାୟତି) ଏବଂ ୩୦୭(ହତ୍ୟା ଉଦ୍ୟମ) ଭଳି ସଙ୍ଗିନ ଦଫା ଲଗାଇଛି। ଏହାକୁ ପୁରୀ ଜିଲା ଭାଜପା ବିରୋଧ କରିଛି। ଏଭଳି ଗିରଫଦାରି ଅସାମ୍ବିଧାନିକ ଏବଂ ଭାରତୀୟ ପିଙ୍ଗଳ କୋଡର ଅପବ୍ୟବହାର ବୋଲି ଭାଜପା ଅଭିଯୋଗ କରିଛି। ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ପୁରୀ ଏସ୍‌ପିଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି। ଭାଜପା ପକ୍ଷରୁ ଦାବିପତ୍ରରେ ଦର୍ଶାଯାଇଛି ଯେ, ଆଇନଜୀବୀଙ୍କ ଆନ୍ଦୋଳନ ଚାଲିଥିବାରୁ ଏହି ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତି ଜାମିନ ନ ପାଇ କଷ୍ଟ ପାଉଥିବା ବେଳେ ସେମାନଙ୍କ ପରିବାର ଆର୍ଥିକ ଓ ମାନସିକ ଯନ୍ତ୍ରଣା ଭୋଗ କରୁଛନ୍ତି। ତେଣୁ ପ୍ରତ୍ୟେକ କେସର ତର୍ଜମା କରି ଦୋଷ ଅନୁଯାୟୀ ଉପଯୁକ୍ତ ଦଫା ଲଗାଯାଉ। ଯେଉଁ ଦଫା ଲଗାଯାଇଛି ତା’ର ସମୀକ୍ଷା କରି ୩୯୫ ଓ ୩୦୭କୁ ବାଦ ଦିଆଯାଉ। ଏପରି କି କେତେଜଣ ନିରୀହ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନଙ୍କୁ ମକଦ୍ଦମାରୁ ମୁକ୍ତ କରିବା ଲାଗି ଭାଜପା ଦାବି କରିଛି। ଯଦି ଲଗାଯାଇଥିବା ଦଫାର ସମୀକ୍ଷା କରା ନ ଯାଏ ତେବେ ଭାଜପା ପୁରୀ ବନ୍ଦ କରିବାକୁ ବାଧ୍ୟ ହେବ ବୋଲି ଦାବି ପତ୍ରରେ ଦର୍ଶାଯାଇଛି। ଭାଜପା ପ୍ରତିନିଧିଦଳରେ ଜୟକୃଷ୍ଣ ଶତପଥୀ, ଦେବପ୍ରସାଦ ସ୍ୱାଇଁ, ବିନାୟକ ମିଶ୍ର, ବିଭୂତି ମିଶ୍ର, ବିଶ୍ୱଜିତ ଦାସ ପ୍ରମୁଖ ସାମିଲ ଥିଲେ।



ପୁରୀ ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଭାଜପା ପ୍ରତିନିଧି ଦଳ।



ମନୁଷ୍ୟ ହୁଏତ ଉଡ଼ି ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।

– ଜର୍ଜ ବର୍ଣ୍ଣାଡ ଶ



## ସଂକ୍ଷେପରେ



### ମନ୍ଦିରରେ ଚାଲୁଥିବା ଶଙ୍ଖ ଦେଖିବାକୁ ଭିଡ଼

**କଣାସ,୮।୧୧(ସ୍ୱ.ପ୍ର.):** ପୁରୀ ଜିଲା କଣାସ ବ୍ଲକର ଯାମଳଗୋଦା ଗ୍ରାମସ୍ଥିତ ବହୁ ପୁରାତନ ଗୋପୀନାଥ ଦେବଙ୍କ ମନ୍ଦିର ଭିତରେ ଏକ ଶଙ୍ଖ ଚାଲୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଦୁଇଦିନ ହେବ ମନ୍ଦିରରେ ଶହଶହ ଲୋକଙ୍କ ଭିଡ଼ ଜମୁଛି। ପ୍ରକାଶ ଯେ, ଗ୍ରାମର ମାନସରଞ୍ଜନ ଜେନା ୨୦୧୧ରେ ଗୋଟିଏ ଶଙ୍ଖ ମନ୍ଦିରର ପୂଜାରୀ କାଳୁଚରଣ ତ୍ରିପାଠୀଙ୍କୁ ପୂଜାକରିବା ପାଇଁ ପ୍ରଦାନ କରିଥିଲେ। ମନ୍ଦିରରେ ପୂଜା ପଉଥିବା ଶଙ୍ଖଟି ହଠାତ୍ ଦୁଇଦିନ ତଳେ କେଉଁଆଡ଼େ ଚାଲିଯାଇଥିଲା। ବୁଧବାର ଦୀପାବଳି ଉପଲକ୍ଷେ ପୂଜାରୀ ତ୍ରିପାଠୀ ପ୍ରଭାତରେ ମନ୍ଦିରର ଦ୍ୱାର ଖୋଲିବା ପରେ ଏକ ଶଙ୍ଖ ମନ୍ଦିର ଭିତରେ ଚାଲୁଥିବ ଦେଖିବାକୁ ପାଇଥିଲେ। ଚାଲୁଥିବା ଶଙ୍ଖଟି ପୂର୍ବରୁ ହଜିଥିବା ଶଙ୍ଖ ଭଳି ଦେଖାଯାଉଥିବା ପୂଜାରୀ ଜାଣିବାକୁ ପାଇଥିଲେ। ପରେ ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇବାରୁ ଗ୍ରାମ ଓ ଆଖପାଖର ଲୋକମାନେ ଶଙ୍ଖଟିକୁ ଦେଖିବା ପାଇଁ ପହଞ୍ଚିଥିଲେ।

### ବ୍ରହ୍ମଗିରିର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ

**ବ୍ରହ୍ମଗିରି,୮।୧୧(ଡି.ଏନ୍.ଏ.):** ଦୀପାବଳି ସବୁ ସ୍ଥାନରେ ଧୁମଧାମରେ ପାଳିତ ହୋଇଥିବାବେଳେ ବ୍ରହ୍ମଗିରି ବ୍ଲକର ଅନେକ ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ବୁଧବାର ରାତି ୧୦ଟା ସମୟରେ ବ୍ରହ୍ମଗିରି ମଝିସାହିର ଯୋଗୀ ନାୟକଙ୍କ ଘରେ ଅଗ୍ନିକାଣ୍ଡ ଘଟି ଅନେକ ସାମଗ୍ରୀ ପୋଡ଼ିଯାଇଥିବା ବେଳେ ଲୋକମାନେ ସହଯୋଗ କରିବାରୁ ନିଆଁ ଲିଭାଯାଇଥିଲା। ସେହିଭଳି ବିଳମ୍ବିତ ରାତିରେ ବ୍ରହ୍ମଗିରି ବଜାରରେ ଥିବା ଗୌଡସାହି କାଳୁ ଦାସଙ୍କ ତେଜରାତି ଓ ଷ୍ଟେଶନାରି ଦୋକାନରେ ଅଗ୍ନିକାଣ୍ଡ ଘଟିଥିବାରୁ ଲୋକମାନେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଫଳରେ ବ୍ରହ୍ମଗିରି ବଜାର ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଥିଲା। ବ୍ରହ୍ମଗିରି ଅଞ୍ଚଳରେ ପ୍ରାୟ ୫ଟି ସ୍ଥାନରେ ଦୀପାବଳି ରାତିରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

### ଘରେ ପଶି ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ):** ନୟାପଲ୍ଲୀ ଥାନା ସାଲିଆସାହିର ତାରିଣୀ ନଗର ଅଞ୍ଚଳରେ ବୁଧବାର ରାତିରେ ଜଣେ ଯୁବତୀଙ୍କ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଛି। ପରିବାର ଲୋକେ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ତାରିଣୀ ନଗର ଅଞ୍ଚଳରେ ଯୁବତୀ ପରିବାର ଲୋକଙ୍କ ସହ ରୁହନ୍ତି। ବୁଧବାର ରାତି ପ୍ରାୟ ୮ଟାରେ ଯୁବତୀ ଜଣ ଘରେ ଏକା ଥିବା ସମୟରେ ପରିବାର ଲୋକେ ବାହାରେ ବାଣ ଫୁଟାଇ, ଦୀପ ଜାଳି ଖୁସି ମନାଉଥିଲେ। ଏହି ସମୟରେ ଜଣେ ଯୁବକ ଯୁବତୀଙ୍କ ରୁମ୍‌ରେ ପଶି ଭିତରପଟୁ କବାଟ ବନ୍ଦ କରି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଯୁବତୀ ଜଣକ ଜୋରରେ ପାଟି କରିବାରୁ ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**କଣାସ,୮।୧୧(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ(୮୧)ଙ୍କର ଗତ ୬ତାରିଖରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ବଡ଼ଭାଇ, ଦୁଇପୁତ୍ର, ତିନି ଝିଅ ଜ୍ୱାଇଁ ଉପସ୍ଥିତ ରହିଥିଲେ। ବଡ଼ପୁଅ ପ୍ରଶାନ୍ତ କୁମାର ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

■ ଖାକି ବାବୁଙ୍କ କାରନାମା

# ବାକିରେ ଖାଇଲେ, ଟଙ୍କା ଦେଉନାହାନ୍ତି

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

■ ଥାନା ନାଁରେ ପଡ଼ିଛି ୧୦ ହଜାର ବାକି

■ ମାଗିଲେ ନାଲିଆଖି ଦେଖାଉଛନ୍ତି

ଥାନା କର୍ମଚାରୀ ଯିଏ ପାଇଲେ ଦୋକାନକୁ ଗଲେ। ଥାନାକୁ ଏସିପି ବାବୁ ଆସିଛନ୍ତି ଚା, ଥଣ୍ଡା ଓ ଅନ୍ୟ ସାମଗ୍ରୀ ଦିଅ। ଯାହା ଟଙ୍କା ହେଲା ବାକି ଖାତାରେ ପକାଅ। କେବଳ ଏତିକି ନୁହେଁ, ସକାଳୁ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାର ଅନେକ କର୍ମଚାରୀ ନିକଟ ଦୋକାନକୁ ଯାଇ ମନଇଚ୍ଛା ଖାଇବା ସହ ଘରକୁ କିଛି ସାମଗ୍ରୀ ନେଇଥାନ୍ତି। କିନ୍ତୁ କେହି ଟଙ୍କା ଦିଅନ୍ତି ନାହିଁ। ସବୁ ଟଙ୍କା ଥାନା ନାଁରେ ଲେଖିଦିଅ। ନୟାପଲ୍ଲୀ ଥାନାର କେତେଜଣ କର୍ମଚାରୀ ଏଭଳି ଢଙ୍ଗରେ ନିକଟରେ ଥିବା କେତେକ ଦୋକାନରୁ ପ୍ରାୟ ୧୦ ହଜାର ଟଙ୍କାର ବାକି ଖାଇଛନ୍ତି। କିନ୍ତୁ ସବୁ ଟଙ୍କା ଥାନା ନାମରେ ବାକି ଖାତାରେ ଗଡୁଛି। ଏବେ ସମ୍ପୃକ୍ତ ଦୋକାନୀମାନେ ଉକ୍ତ କର୍ମଚାରୀମାନଙ୍କୁ ଟଙ୍କା ମାଗିଲେ ସେମାନେ ନାଲିଆଖି ଦେଖାଉଛନ୍ତି। ଥାନା ନିକଟରେ ଦୋକାନ କରିଥିବାରୁ କାହାକୁ ଅଭିଯୋଗ କରିବେ ବୋଲି କହିଛନ୍ତି ଉକ୍ତ ଦୋକାନୀମାନେ।

ଜଣେ ଦୋକାନୀ ନାମ ଗୋପନ ରଖି କହିଛନ୍ତି, ଗତ ୬ ମାସ ହେବ ଥାନାରୁ କେତେଜଣ କର୍ମଚାରୀ ଏଠାକୁ ନିୟମିତ ଆସି ଥାନା ଅଧିକାରୀ ଓ ଅନ୍ୟ ଅଫିସରଙ୍କ ନାମରେ ବିଭିନ୍ନ ସାମଗ୍ରୀ ନେଉଛନ୍ତି। ନିଜେ ମଧ୍ୟ ଖାଉଛନ୍ତି। ଟଙ୍କା ମାଗିଲେ ସେମାନେ ଥାନା ନାଁରେ ବାକି ପକାଇ ଦେବାକୁ କହୁଛନ୍ତି। ଏହିଭଳି ତାଙ୍କ ଦୋକାନରେ ପ୍ରାୟ ୫ ହଜାର ଟଙ୍କା ବାକି ପଡ଼ିଛି। ଟଙ୍କା ମାଗିଲେ ପୋଲିସ ବାବୁମାନେ ଧମକ ଦେଉଛନ୍ତି। ଏପରି କି ମିଛ ମାମଲାରେ ଫସାଇଦେବାକୁ ଡରାଉଛନ୍ତି। ତେଣୁ ଚୁପ୍ ରହୁଛି। ସେହିଭଳି ଅନ୍ୟ କେତେକ ଦୋକାନରେ ବି ହଜାର ହଜାର ଟଙ୍କା ବାକି ପଡ଼ିଛି। ଭୟରେ କେହି ମୁହଁ ଖୋଲୁ ନାହାନ୍ତି। ଥାନା ଅଧିକାରୀ ଉମାକାନ୍ତ ପ୍ରଧାନଙ୍କୁ ପଚାରିବାରେ ସେ କହିଲେ, ଏ ନେଇ ମୋ ନିକଟରେ କିଛି ଖବର ନାହିଁ। ଦୋକାନୀଙ୍କୁ ଡକାଇ ଯେଉଁମାନେ ବାକି ଖାଇଛନ୍ତି ସେମାନଙ୍କୁ ମୁଁ ଚିହ୍ନଟ କରିବି। ଖୁବ୍‌ଶୀଘ୍ର ଟଙ୍କା ଫେରାଇଦେବା ପାଇଁ କହିବି। ସୂଚନାଯୋଗ୍ୟ, ଖାକି ବାବୁମାନେ ଅନେକ ସମୟରେ କ୍ଷମତାର ଦୁରୁପଯୋଗ କରି ଏଭଳି କରୁଥିବା ଅଭିଯୋଗ ହେଉଛି। ନିକଟରେ ଦଶହରା ପୂଜା ପୂର୍ବରୁ ପୋଲିସ ଚାନ୍ଦା ମାଗୁଥିବା ନେଇ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ହେଲେ ପୋଲିସ ଦାଦା ବଟି ନେଉଥିବା ପୋଲିସ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଗଣମାଧ୍ୟମକୁ ଜଣାଇଥିବା ବ୍ୟକ୍ତିଙ୍କୁ ବୁଲି ବୁଲି ଖୋଜିଥିଲା।



କୋଣାର୍କସ୍ଥିତ ଶ୍ୟାମାକାଳୀଙ୍କ ପୀଠରେ ଅନୁଷ୍ଠିତ ଭଜନ ସମାରୋହ।

## କୋଣାର୍କରେ ଶ୍ୟାମାକାଳୀଙ୍କ ପୂଜା

**କୋଣାର୍କ, ୮।୧୧(ଡି.ଏନ୍.ଏ.)**

ସ୍ଥାନୀୟ ମେଡିକାଲ ଛକସ୍ଥିତ ମା' ଶ୍ୟାମାକାଳୀଙ୍କ ପୀଠରେ ପବିତ୍ର କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ନିଶାର୍ଦ୍ଧରୁ ମା' ଶ୍ୟାମାକାଳୀଙ୍କ ଷୋଡ଼ଶୋପଚାର ପୂଜା ଓ ଯଜ୍ଞ ଆରମ୍ଭ ହୋଇ ବୁଧବାର ଅପରାହ୍ନରେ ପୂର୍ଣ୍ଣାହୂତି ସମ୍ପନ୍ନ ହୋଇଥିଲା। ମା'ଙ୍କ ପୀଠରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। କୋଣାର୍କ ତଥା ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଶ୍ୟାମାକାଳୀ ମନ୍ଦିର ପୂଜା କମିଟିର କର୍ମକର୍ତ୍ତା ଈଶ୍ୱର ଚନ୍ଦ୍ର ନାୟକ, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସୁଶାନ୍ତ ବେଉରାଙ୍କ ସମେତ ଅନ୍ୟମାନେ ଉତ୍ସବର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।



ପୁରୀ ଉତ୍କଳ ବାଳାଶ୍ରମ ଅନ୍ତେବାସୀମାନେ ଦୀପାବଳି ପାଳନ କରୁଛନ୍ତି।

## ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍ ନିର୍ମାଣକୁ ବିରୋଧ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

**ଥାନାରେ ଅଭିଯୋଗ କଲେ ଲୋକେ**

ନୟାପଲ୍ଲୀ ଥାନା ଆଇଡି ମାର୍କେଟ ନିକଟରେ ଏକ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍ ନିର୍ମାଣ କରାଯାଉଛି। ଠିକା ସଂସ୍ଥା ଶ୍ରମିକମାନଙ୍କୁ ଆଣି ଏହାର କିଛି ଅଂଶ ନିର୍ମାଣ କରିଛି। ହେଲେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଲୋକମାନେ କାମ ବନ୍ଦ କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ଅଭିଯୋଗ ହେବା ପରେ ଉକ୍ତ ଠିକା ସଂସ୍ଥାର ଠିକାଦାର ଥାନାକୁ ଯାଇ ପୋଲିସକୁ କାର୍ଯ୍ୟାଦେଶ ଦେଖାଇଥିବା ଜଣାପଡିଛି। ସେଠାରେ ଡ୍ରେନ୍ ନିର୍ମାଣ କରିବାକୁ ଠିକା ସଂସ୍ଥାକୁ ବିଏମ୍‌ସି ଚିହ୍ନଟ କରିଥିବା ଠିକାଦାର କହିଛନ୍ତି। ଅନ୍ୟପଟେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି, ସେଠାରେ ଡଷ୍ଟବିନ୍ ନିର୍ମାଣ ହେଲେ ଲୋକମାନେ ଅଳିଆ, ଆବର୍ଜନା ପକାଇବେ। ଆବର୍ଜନା ଡଷ୍ଟବିନ୍ ଚାରିପଟେ ପଡିବ, ଯାହା ଫଳରେ ଦୁର୍ଗନ୍ଧ ବ୍ୟାପିବ। ତେଣୁ ଉକ୍ତ ସ୍ଥାନରେ ଡଷ୍ଟବିନ୍ ନିର୍ମାଣକୁ ବନ୍ଦ କରିବା ସହ ଖୋଲା ସ୍ଥାନକୁ ଉଠାଇ ନେବାକୁ ଲୋକେ ଦାବି କରିଛନ୍ତି। ଠିକା ସଂସ୍ଥା କର୍ତ୍ତୃପକ୍ଷ କହିଛନ୍ତି, ଆମେ ବ୍ରହ୍ମପୁର ଓ ରାଜଧାନୀର ଅନେକ ସ୍ଥାନରେ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍ ନିର୍ମାଣ କରିଛୁ। କେଉଁଠି ଅଳିଆ ବାହାରେ ପଡୁନି। ଲୋକମାନେ ଅଳିଆ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ୍‌ରେ ପକାଇବେ। ଏହାସହ ଉକ୍ତ ଡଷ୍ଟବିନ୍‌ରେ ଏକ ସେନ୍‌ସର ଲାଗିବ। ଅଳିଆ ଭର୍ତ୍ତି ହୋଇଗଲେ ବିଏମ୍‌ସି ଅଫିସରେ ଆଲାର୍ମ ବାଜିବ। କର୍ମଚାରୀ ତୁରନ୍ତ ଆସି ଅଳିଆ କାଢିନେବେ। କୌଣସି ଦୁର୍ଗନ୍ଧ ହେବ ନାହିଁ। କିନ୍ତୁ ଠିକା ସଂସ୍ଥାର ଏଭଳି କଥାକୁ ସ୍ଥାନୀୟ ଲୋକେ ମାନିବାକୁ ନାରାଜ।

## ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀଙ୍କ ବିକ୍ଷୋଭ

**କଟକ ଅଫିସ, ୮।୧୧**

ରାଜ୍ୟରେ ଖଣି, ଚିଟ୍‌ଫଣ୍ଡ ଓ ଜମି ମାଫିଆଙ୍କୁ ସୁରକ୍ଷା ମିଳୁଛି। କିନ୍ତୁ ଅବହେଳିତ ଓ ସରକାରୀ ସୁବିଧାରୁ ବଞ୍ଚିତ ଆଦିବାସୀଙ୍କ ପାଇଁ ସରକାର ଆଦୌ ଯତ୍ନବାନ୍ ନୁହନ୍ତି। ଏଭଳି ଅଭିଯୋଗ କରିଛି ଆଦିବାସୀ ଅଧିକାର ରାଷ୍ଟ୍ରୀୟ ମଞ୍ଚ। ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି, ୨୦୦୮ ମସିହାରୁ ଆଦିବାସୀ ଓ ପାରମ୍ପରିକ ଜଙ୍ଗଲବାସୀଙ୍କ ପାଇଁ ଜଙ୍ଗଲ ଅଧିକାର ଆଇନ ଦେଶରେ କାର୍ଯ୍ୟକାରୀ କରାଯାଇଛି। ମାତ୍ର ଆଜିପର୍ଯ୍ୟନ୍ତ ଆଦିବାସୀମାନଙ୍କୁ ଏହି ଆଇନ ଅନୁଯାୟୀ ସୁରକ୍ଷା ଦେବା ପାଇଁ ସରକାର ଆଦୌ ତତ୍ପରତା ଦେଖାଉନାହାନ୍ତି। ଅନ୍ୟପକ୍ଷରେ ବିଭିନ୍ନ ଚଞ୍ଚକତାପୂର୍ଣ୍ଣ ଉପାୟରେ ପଟ୍ଟା ହାସଲ କରି ସରକାରୀ ଅନାବାଦୀ, ଗୋଚର, ଜଙ୍ଗଲ କିସମ ଜମିକୁ ମାଫିଆମାନେ ଦଖଲକୁ ନେଇଯାଉଛନ୍ତି। ଏଭଳି ବହୁ ଅଭିଯୋଗ ଥିଲେ ମଧ୍ୟ ଅସାଧୁ ଅଫିସର, ରାଜନେତା ଓ ମାଫିଆମାନଙ୍କର ମେଣ୍ଟ କୌଣସି ପ୍ରକାର ବିଧିବଦ୍ଧ ତଦନ୍ତ କରୁନାହାନ୍ତି। ଏଭଳି ଅଭିଯୋଗ କରିଛନ୍ତି କନ୍ହେଇପୁର ପଞ୍ଚାୟତ ବଡ଼ପୋଖରୀ ମୌଜା ଗାଣ୍ଡିଆବନ୍ଧ-ମାଛମହ୍ଲା ପଡ଼ା ଗ୍ରାମର ଆଦିବାସୀମାନେ। ଚନ୍ଦ୍ରମୋହନ ମାଝି, ଗଙ୍ଗାରାମ ତିରିଆଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଆଦିବାସୀ ଟାଙ୍ଗୀ ତହସିଲ ଅଫିସ ସମ୍ମୁଖରେ ଗୁରୁବାର ବିକ୍ଷୋଭ କରି ତହସିଲଦାରଙ୍କ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ଏହି ବିକ୍ଷୋଭକୁ ସମର୍ଥନ କରି ସିପିଆଇ(ଏମ୍) ଜିଲା ସମ୍ପାଦକ ବଦ୍ରିନାରାୟଣ ଦାସ ବକ୍ତବ୍ୟ ରଖିବା ସହିତ ତୁରନ୍ତ ଜମି ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଆଦିବାସୀଙ୍କ ସ୍ୱାର୍ଥର ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ତହସିଲଦାର ଓ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ସଭ୍ୟ ରମେଶ ବେହେରା, ଆଦିବାସୀ ନେତ୍ରୀ ସଞ୍ଜୁ ବାଲମୁଚୁ, ସାବିତ୍ରୀ ପିଙ୍ଗୁଆ, ୱାର୍ଡସଭ୍ୟ ଲାଲକୃଷ୍ଣ ପିଙ୍ଗୁଆ, ବୁଦ୍ଧିଆ ସୋରେନ୍, ବାବୁଲି ବାଲମୁଚୁ, ବିଜୟ ପିଙ୍ଗୁଆ, ଶଙ୍କର ଦେରେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବିନା କର୍ମଚାରୀରେ ଚାଲିଛି ଏସ୍‌ସିବି ଡେଷ୍ଟିଚ୍ୟୁଟ୍ ୱାର୍ଡ

**କଟକ ଅଫିସ, ୮।୧୧**

ଏସ୍‌ସିବିରେ ଅସହାୟ ଓ ଅପରିଚିତ ରୋଗୀମାନଙ୍କ ପାଇଁ ଖୋଲିଛି ସ୍ୱତନ୍ତ୍ର ୱାର୍ଡ। ମେଡିକାଲର ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଅସ୍ଥିଶଲ୍ୟ, ଶିଶୁ ରୋଗ ବିଭାଗ ଓ ମେଡିସିନ ବିଭାଗରେ ଏହି ୱାର୍ଡ ଖୋଲାଯାଇଛି। ହେଲେ ରୋଗୀମାନଙ୍କ ପାଇଁ ପ୍ରାଥମିକ ବ୍ୟବସ୍ଥା କରାଯାଇ ନାହିଁ। ଏପରିକି ରୋଗୀଙ୍କ ସେବା ଯତ୍ନ ନିମନ୍ତେ ଆଟେଣ୍ଡାଣ୍ଟ ଯୋଗାଇ ଦିଆଯାଇ ନ ଥିବା ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମୟକ୍ରମେ ସମସ୍ୟାର ସମାଧାନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି। ସୂଚନାଥାଉକି, ଏସ୍‌ସିବିରେ ଅସହାୟ ଓ ଅପରିଚିତ ରୋଗୀଙ୍କ କ୍ଷେତ୍ରରେ ଅତୀତରେ ଅନେକ ଅଘଟଣ ଘଟିଛି। ନିକଟରେ ମେଡିକାଲ ପରିସରରେ ଜଣେ ଅସହାୟ ରୋଗୀ ଚିକିତ୍ସା ନ ପାଇ ମୃତ୍ୟୁବରଣ କରିବାକୁ ନେଇ ମେଡିକାଲ ପ୍ରଶାସନ ବଦନାମ ହୋଇଥିଲା। ଫଳରେ ଯୁଦ୍ଧକାଳୀନ ଭିତ୍ତିରେ ମେଡିକାଲର ୫ଟି ବିଭାଗରେ ଏହି ସ୍ୱତନ୍ତ୍ର ୱାର୍ଡ ଖୋଲିବା ପାଇଁ ମେଡିକାଲ ପ୍ରଶାସନ ନିଷ୍ପତ୍ତି ନେଇଥିଲା।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**କାକଟପୁର, ୮।୧୧(ଡି.ଏନ୍.ଏ.)**

କାକଟପୁର ବ୍ଲକର ବାଙ୍ଗୁରିଙ୍ଗାସ୍ଥିତ ବୀରଭଦ୍ର ବିଦ୍ୟାପୀଠ ପରିସରରେ ଗୁରୁବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ୨ଦିନ ଧରି ଚାଲିବ। ଆୟୋଜିତ ଉତ୍ସବରେ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ ପରିଡ଼ା, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାଶ, ସରପଞ୍ଚ କାଞ୍ଚନ ଦେଇ, ସମିତିସଭ୍ୟ ଅଭୟ ମଲ୍ଲ, ସହକାରୀ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ଜେନା ଏବଂ ସର୍ବେଶ୍ୱର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ଉପକାରିତା ସମ୍ପର୍କରେ ବୁଝାଇବା ସହିତ ପ୍ରତିଦ୍ୱନ୍ଦ୍ୱିତାମୂଳକ ନ ହୋଇ ଖେଳୁଆଡ଼ ମନୋବୃତ୍ତି ରଖି ଖେଳିଲେ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ ବୋଲି କହିଥିଲେ। ଆୟୋଜକ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ଏହି କ୍ରୀଡ଼ା ପ୍ରତିଯୋଗିତାରେ ବ୍ଲକ ଅଞ୍ଚଳର ୨୫ଟି ବିଦ୍ୟାଳୟର ୧୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜ୍ଞାନରଞ୍ଜନ ମିଶ୍ର ଖେଳ ପରିଚାଳନା କରିଥିଲେ।

## ଭାରତ ଗ୍ୟାସ୍‌ର ନୂତନ ବିତରକ କେନ୍ଦ୍ର ଉଦ୍‌ଘାଟିତ

**ନିମାପଡ଼ା,୮।୧୧(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଦର ଚାରିଛକଠାରେ ଭାରତ ଗ୍ୟାସ୍‌ର ଏକ ନୂତନ ବିତରକ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥିଭାବେ କାକଟପୁର ମଙ୍ଗଳା କଲେଜର ଅଧ୍ୟକ୍ଷ ସନ୍ତୋଷ ମିତ୍ର, ଚାରିଛକ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ କର, ଜିଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ବୀଣାପାଣି ସ୍ୱାଇଁ, ଭଗବାନ ମିଶ୍ର, ସିପିଆଇ ନେତା ସନାତନ ପାତ୍ର, ଭାଜପା ନେତା କୃଷ୍ଣଚନ୍ଦ୍ର ସ୍ୱାଇଁ, ଗ୍ରାମୀଣ ବିତରକ ସଂସ୍ଥାର ପ୍ରୋପ୍ରାଇଟର ସନ୍ତୋଷ କୁମାର ଭାରତୀ, ଚନ୍ଦ୍ରକାନ୍ତ ଦଳେଇ ପ୍ରମୁଖ ଯୋଗଦେଇ ଏହି ବିତରକ ସଂସ୍ଥାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅଞ୍ଚଳର ଗ୍ରାହକ ଓ ଜନସାଧାରଣଙ୍କୁ ସମସ୍ତ ସେବା ଯୋଗାଇ ଦିଆଯିବ ବୋଲି ବିତରକ ସଂସ୍ଥାର ପ୍ରୋପ୍ରାଇଟର ଭାରତୀ କହିଛନ୍ତି।

## ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ବିଦ୍ୟାଳୟ ପରିଦର୍ଶନ

**କଣାସ, ୮।୧୧(ସ୍ୱ.ପ୍ର.)**

ପୁରୀ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ଗୁରୁବାର କଣାସ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହା ସହିତ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଯୋଗାଇ ଦିଆଯାଉଥିବା ଅର୍ଥ ଖର୍ଚ୍ଚ ନେଇ ତଦାରଖ କରିଥିଲେ। ଖବରନେବାରେ ଜଣାପଡ଼ିଛି ଜିଲା ପରିଷଦ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଧ୍ରୁବଚରଣ ଦାସଙ୍କ ନେତୃତ୍ୱରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପ୍ତିରାଣୀ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ମିନତୀ ସେଠୀ, ଜିଲା ପରିଷଦ ସଭ୍ୟ ନୀଳମଣି ବେହେରା, ପୂର୍ଣ୍ଣଚନ୍ଦ୍ର ଓଝା, କାମିନୀ ବିଶ୍ୱାଳ ପ୍ରମୁଖ ଏହା ତଦାରଖ କରିଥିଲେ। କଣାସ ବ୍ଲକର ତ୍ରିଲୋଚନପୁର ନୋଡାଲ ବିଦ୍ୟାଳୟ, ଚାନ୍ଦପଡ଼ା ପ୍ରାଥମିକ ବିଦ୍ୟାଳୟ, ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ, ବଡାସ ନୋଡାଲ, ହଟ୍ଟକେଶ୍ୱର ନୋଡାଲ ଗଡ଼ିଶାଗୋଦା, କାର୍ତ୍ତିକେଶ୍ୱର ନୋଡାଲ, କଉଡିଖେଣି ବିଦ୍ୟାଳୟ ପରିଦର୍ଶନ କରିବା ସହିତ ୨୦୧୫-୧୬, ୨୦୧୬-୧୭, ୨୦୧୭-୧୮ ବର୍ଷରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଅର୍ଥ କିପରି ଖର୍ଚ୍ଚ କରାଯାଇଛି ତନଖି କରିଥିଲେ। ଏହି ସମୟରେ କଣାସ ଅତିରିକ୍ତ ଶିକ୍ଷାଧିକାରୀ ବୀରବର ପ୍ରଧାନ ଉପସ୍ଥିତ ରହିଥିଲେ।



ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

## ନିଆରା ଢଙ୍ଗରେ ଦୀପାବଳି ପାଳିଲେ ଯୁବପିଢ଼ି

**ପୁରୀ ଅଫିସ, ୮।୧୧**



ମା' ବସନ୍ତେଇ ୟୁନିୟନ କ୍ଲବର କର୍ମକର୍ତ୍ତାମାନେ ଅଠରନଳାରେ ଦୀପ ଜାଳୁଛନ୍ତି।

ଦୀପାବଳିକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଯୁବପିଢ଼ି ଓ ସ୍ୱେଚ୍ଛାସେବୀ। ସାମାଜିକ ଅନୁଷ୍ଠାନ ଜନ ଜାଗରଣ ମଞ୍ଚ ଆଖଣ୍ଡଳମଣି ମନ୍ଦିର ନିକଟସ୍ଥ ଜରାଶ୍ରମରେ ଅନ୍ତେବାସୀଙ୍କ ସହ ଦୀପାବଳି ପାଳିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଗୁଣ୍ଡିଚା ମନ୍ଦିର ନିକଟ ଲକ୍ଷ୍ମୀ ନୃସିଂହ ମନ୍ଦିର ଆଗରେ ବସୁଥିବା ଭିକ୍ଷୁକ ମାନଙ୍କୁ ମଧ୍ୟ ଫଳ ବଣ୍ଟନ କରିଥିଲେ। ମଞ୍ଚର ଆବାହକ ଜ୍ୟୋତିପ୍ରକାଶ ନାୟକ, ତପନ ମହାନ୍ତି, ମନୋଜ ମହାରଣା, ଭବାନୀ ପଣ୍ଡାଙ୍କ ସମେତ ଅନେକ ସଦସ୍ୟ ସାମିଲ ହୋଇଥିଲେ।

ସେହିପରି ହୋପ ଇଜ୍ ଲାଇଫ ପକ୍ଷରୁ ତାଳବଣିଆସ୍ଥିତ ସୁରକ୍ଷା ବୃଦ୍ଧାଶ୍ରମରେ ଦୀପାବଳି ପାଳନ କରାଯାଇଥିଲା। ଅନ୍ତେବାସୀଙ୍କ ସହ ମିଶି ଦୀପାବଳି ପାଳନ କରିବା ସହ ସେମାନଙ୍କୁ ମିଷ୍ଟାନ୍ନ, ଫଳ, ମହାପ୍ରସାଦ ଏବଂ ବସ୍ତ୍ର ପ୍ରଦାନ କରିଥିଲେ। ସମ୍ପାଦକ ସୁରେଶ ନନ୍ଦ, ଦୀନଭଞ୍ଜନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ରାମଚଣ୍ଡୀ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଉତ୍କଳ ବାଳାଶ୍ରମରେ ଦୀପାବଳି ପାଳନ କରାଯାଇଥିଲା। ବାଳାଶ୍ରମର ଅନ୍ତେବାସୀଙ୍କ ଗହଣରେ ଦୀର୍ଘ ସମୟ ଧରି ଦୀପାବଳିର ମଜା ଉଠାଇଥିଲେ। ଅନୁଷ୍ଠାନର ସମ୍ପାଦକ ସମୀର ଶତପଥୀଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ଯୋଗଦାନ କରିଥିଲେ। ସାହିଭାଇ ଅନୁଷ୍ଠାନର କର୍ମକର୍ତ୍ତାମାନେ ସଦର ବ୍ଲକ ଅନ୍ତର୍ଗତ ଉତ୍ତରହଣାସ୍ଥିତ ଓମ୍‌ସାଇ ବାଳାଶ୍ରମରେ ପିଲାଙ୍କ ସହ ଦୀପାବଳି ପାଳନ କରିଥିଲେ। ସୂର୍ଯ୍ୟ ନାରାୟଣ ପ୍ରଧାନ, ସତ୍ୟକାମ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିଭଳି ସାଂସ୍କୃତିକ ଅନୁଷ୍ଠାନ ନୀଳାଚଳ ସାଂସ୍କୃତିକ ପରିଷଦ ଗ୍ରୀନ ଦୀପାବଳିର ବାର୍ତ୍ତା ଦେଇଥିଲେ। ପରିବେଶ ଅନୁକୂଳ ଦୀପାବଳି ପାଳନ ଲାଗି ସଚେତନ କରିଥିଲେ। ମା' ବସନ୍ତେଇ ୟୁନିୟନ କ୍ଲବର କର୍ମକର୍ତ୍ତାମାନେ ଅଠରନଳାର ଉଭୟ ପାର୍ଶ୍ୱରେ ଦୀପଜାଳି ଐତିହ୍ୟ ସ୍ଥାନର ସୁରକ୍ଷା ଲାଗି ବାର୍ତ୍ତା ଦେଇଥିଲେ। ଅଠରନଳାର ସୌନ୍ଦର୍ଯ୍ୟକୁ ବଜାଏ ରଖିବା ଲାଗି ସଚେତନ କରିଥିଲେ।